Volume : 1 • Issue : 8 • October 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୮ • ଅକ୍ଟୋବର ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



Vol-1 • Issue-8 • October 2022 • Monthly • Rs.30 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

**www.sahityacharcha.com**

ଭାଗ-୧ • ସଂଖ୍ୟା-୮ • ଅକ୍ଟୋବର ୨୦୨୨ • ମାସିକ • ଟ.୩୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ବିକାଶ ମହାପାତ୍ର**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଅଙ୍କନ
**ବଳଦେବ ମହାରଥୀ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail : info@sahityacharcha.com**

**RNI Regd. No. : ODIODI/2022/81590**

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ : | ୦୨ |
| ସାହିତ୍ୟର ଷଡ଼ରିପୁ (ସଂପାଦକୀୟ) : | ୦୩ |
| ଓଡ଼ିଶାର ସପ୍ତମାତୃକା ଉପାସନା (ପ୍ରବନ୍ଧ): ଅନ୍ତର୍ଯ୍ୟାମୀ ମିଶ୍ର | ୦୫ |
| ସୃଷ୍ଟି ସଂଳାପ (ଗଳ୍ପ): ଜୟନ୍ତୀ ସାହୁ | ୧୨ |
| ଦୁଇଟି ସନେଟ୍ (କବିତା): କୁଳମଣି ଓଝା | ୧୪ |
| ଶକ୍ତିବାଦର ଗହନକଥା (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ | ୧୫ |
| ପୂଜାପତ୍ରିକା ପ୍ରସ୍ତୁତିର ଉପାୟ (ବ୍ୟଙ୍ଗ): ଡ. କୁଳାଙ୍ଗାର | ୧୯ |
| କାଳିଝିଅ (ଗଳ୍ପ): ଦେବବ୍ରତ ଧଳ | ୨୩ |
| ଲେଖକ, ପ୍ରକାଶକ ବନାମ୍ ପାଠକ (ପ୍ରତିକ୍ରିୟା): ଭୂପେନ୍ ମହାପାତ୍ର | ୨୭ |
| ପ୍ରେମ ପ୍ରଜ୍ଞାର କାବ୍ୟ ଗୀତଗୋବିନ୍ଦ (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ସାହୁ | ୩୦ |
| ପ୍ରବୀଣ ସାରସ୍ୱତ ସ୍ରଷ୍ଟା ରମାକାନ୍ତ ରଥଙ୍କ ସହ ଆଳାପ (ସାକ୍ଷାତକାର) | ୩୫ |
| ସାହିତ୍ୟରେ ପ୍ରଭାବବାଦ (ପ୍ରବନ୍ଧ): ବସନ୍ତ କୁମାର ପଣ୍ଡା | ୩୯ |
| ବିଶ୍ୱ ଗାଳି ଦିବସ (ରମ୍ୟରଚନା): ଅଜୟ କୁମାର ମିଶ୍ର | ୪୨ |
| ସେହି ଝିଅଟି (ଅନୁବାଦ ଗଳ୍ପ): ଶରତ କୁମାର ରାଉତ | ୪୫ |
| ଚାଙ୍ଗୁଡିଏ ଓଡିକୁ (କବିତା): ସୁଷମା ନାୟକ | ୫୦ |
| ବୃନ୍ଦାବନ ଦାସଙ୍କ 'ରସବାରିଧି'ର କାବ୍ୟିକତା(ପ୍ରବନ୍ଧ): ଅଶୋକ ପଣ୍ଡା | ୫୧ |
| ଉତ୍ତରାଧିକାରୀ (ଅନୁବାଦ ଗଳ୍ପ): କନକ ମଂଜରୀ ସାହୁ | ୫୫ |
| କିସାନ ଭାଷା ଓ ଏହାର ନବୀନ ଲିପି (ପ୍ରବନ୍ଧ): ଗୋପୀନାଥ କିସାନ | ୫୮ |
| ଅନୁଭୂତିର ଅନ୍ତରାଳେ (ଅନୁଭୂତି): ଭାବଗ୍ରାହୀ ବଳ | ୬୧ |
| ଓଃ କି ଆରାମ (ଶିଶୁ ଗଳ୍ପ): ସଂଗ୍ରାମ କେଶରୀ ପୃଷ୍ଟି | ୬୪ |
| ବନ୍ଦୀ ପ୍ରେମିକ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଅଜହଲ୍ଲିଙ୍ଗ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

ସେପ୍ଟେମ୍ବର ମାସର 'ସାହିତ୍ୟ ଚର୍ଚ୍ଚା' ଆଜି ମିଳିଲା। ସବୁଥର ପରି ସାଙ୍ଗେ ସାଙ୍ଗେ ପଢ଼ିବା ଆରମ୍ଭ କରିଦେଲି। ଡ଼. ନିଖିଳାନନ୍ଦ ପାଣିଗ୍ରାହୀଙ୍କର ପ୍ରବନ୍ଧ 'ସାହିତ୍ୟ ଓ ବିଜ୍ଞାନର ମିଥ୍'ଏକ ଉଚ୍ଚକୋଟୀର ତଥା ପ୍ରଣିଧାନଯୋଗ୍ୟ ପ୍ରବନ୍ଧ। ମନକୁ ଛୁଇଁ ଗଲା ଭଳି ଗଳ୍ପଟେ ଗାଳ୍ପିକ ରବିପଣ୍ଡାଙ୍କ ଗଳ୍ପ 'ଧୂସର ଦିଗନ୍ତ'। ଅଳ୍ପରେ ଅନେକ ଅଣୁଗଳ୍ପ 'ଖଦଡ଼'। ଆନନ୍ଦ ଚନ୍ଦ୍ର ପାଢ଼ୀଙ୍କ ଗଳ୍ପ 'ଈଶ୍ୱରଙ୍କୁ ଇ-ମେଲ୍' ଏବଂ ଭଗବାନ ମିଶ୍ରଙ୍କ ଅନୁବାଦ ଗଳ୍ପ 'ଚକ୍ରବର୍ତ୍ତୀଙ୍କ ସ୍ୱପ୍ନ, ସୁଶୀଲ କୁମାର ନନ୍ଦଙ୍କ ଗଳ୍ପ 'ଯୁଦ୍ଧ' ଭାବମୁଗ୍ଧ କରିଛି।

ଏଥର କେବଳ ପ୍ରବନ୍ଧ, ଗଳ୍ପରେ କଳେବର ସଜାଇ ଦେଲା ପରି ଲାଗିଲେ ମଧ୍ୟ ଉଦୟନାଥ ସାହୁଙ୍କର 'କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ', ରମାକାନ୍ତ ନାୟକଙ୍କର 'ପ୍ରଥମ ଓଡ଼ିଆ ପ୍ରବନ୍ଧ-ଏକ ଦୃଷ୍ଟି ପାତ', 'ଗୀତିକବିତାର ଗହନ କଥା', 'ରହସ୍ୟମଞ୍ଜରୀ' ସବୁତକ ଏକ ଆରେକ ଚମତ୍କାର ବିଶ୍ଳେଷଣାତ୍ମକ ଢଙ୍ଗରେ ପରିବେଷଣ କରିଛନ୍ତି।

ଅଜୟ ମହାଲାଙ୍କର ଓଡ଼ିଆ ସାହିତ୍ୟର ଅନଲାଇନ ପ୍ଲାଟଫର୍ମ ଆମୁଳଚୁଳ ପାଠ କରିଛି ଯାହା ସାମ୍ପ୍ରତିକ ସାହିତ୍ୟକୁ ସମୟୋପଯୋଗୀ ନୂତନ ଏକ ଦିଗକୁ ଆଗେଇ ନେଉଛି। ଅଭୟ ଦାଶଙ୍କ ରମ୍ୟ ରଚନା 'ଲେଖିକା ସଂଘ' ଏବଂ ଡ.ଧର୍ମିଛଡାଙ୍କର 'ଘରକୁ ସୁନ୍ଦର ଘରଣୀ' କିଛି ସମୟ ପାଇଁ ହସର ଖୋରାକ ଯୋଗାଉଥିଲା ବେଳେ କୁଞ୍ଜ ବିହାରୀ ସାହୁଙ୍କ ଶିଶୁ ଗଳ୍ପ 'ଡାମରାକାଉ'ଟି ମଧ୍ୟ ବେଶ୍ ମନଜିଣା। ଶେଷ ପୃଷ୍ଠାରେ ଯାଜପୁରର ସ୍ଥାନୀୟ ଭାଷା 'ଧଅପ ଚିକଣ' ମାଧ୍ୟମରେ ସାହିତ୍ୟ ସମ୍ପର୍କିତ ଆଲୋଚନା ଆଉ ପାଠକଙ୍କ ପାଇଁ ବହିଟେ ଲେଖିବାର ଆହ୍ୱାନ 'ସାହିତ୍ୟ ଚର୍ଚ୍ଚା'କୁ ଆହୁରି ଚର୍ଚ୍ଚିତ କରିଛି।

**ପୁଷ୍ପାଞ୍ଜଳି ପଣ୍ଡା**
pandapuspanjali233613@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ପ୍ରକାଶିତ ମାସିକ ପତ୍ରିକା 'ସାହିତ୍ୟ ଚର୍ଚ୍ଚା' ରେ ଚର୍ଚ୍ଚିତ ବିଷୟବସ୍ତୁ ସବୁ ଓଡ଼ିଆ ସାହିତ୍ୟର ଅତୀତ ଓ ସାମ୍ପ୍ରତିକ ଉତ୍କର୍ଷକୁ ଭବିଷ୍ୟତରେ ସମୃଦ୍ଧ ଓ ସୁରକ୍ଷିତ କରିବ ବୋଲି ବୋଧ ହୁଏ। ଏଥିରେ ପ୍ରକାଶିତ ଅନେକ ପ୍ରବନ୍ଧ ଶିକ୍ଷଣୀୟ ଓ ସ୍ମରଣୀୟ। ଉଦାହରଣ ସ୍ୱରୂପ, ସେପ୍ଟେମ୍ବର ୨୦୨୨ ସଂଖ୍ୟାରେ ସ୍ଥାନିତ ଡ. ରମାକାନ୍ତ ନାୟକଙ୍କ 'ପ୍ରଥମ ଓଡ଼ିଆ ପ୍ରବନ୍ଧ : ଏକ ଦୃଷ୍ଟିପାତ'। କେତେକ ନିର୍ବାଚିତ ପ୍ରବନ୍ଧର ନିଷ୍କର୍ଷକୁ ସମ୍ପାଦକ ମହାଶୟ ସଂକ୍ଷିପ୍ତରେ କିନ୍ତୁ ବଡ ଅକ୍ଷରରେ ଲେଖି ସେଥିପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରାଇବା ଏକ ମହତ ପ୍ରୟାସ।

କହିବାକୁ ଗଲେ ଏହି ପତ୍ରିକାଟି ଓଡ଼ିଆ ଭାଷାର ଶୁଦ୍ଧତା, ଓଡ଼ିଆ ସାହିତ୍ୟର ସମୃଦ୍ଧି, ଶିକ୍ଷାର ବିକାଶ, ସଂସ୍କୃତିର ପ୍ରକାଶ ଓ ସମାଜରେ ସଂସ୍କାର ସାଧନ କରିବାରେ ସହାୟକ ହେଉଛି, ଶ୍ରୀଜଗନ୍ନାଥଙ୍କ କୃପାରୁ 'ସାହିତ୍ୟ ଚର୍ଚ୍ଚା' ଦୀର୍ଘଜୀବୀ ହେଉ ଓ ତାହାର ମହତ ଉଦ୍ଦେଶ୍ୟ ସାଧିତ ହେଉ।

**ମନ୍ଦାକ୍ରାନ୍ତା ପାଢ଼ୀ**
mandakrantaparhi@gmail.com

ନିକଟ ଅତୀତରେ ମୋର ଜଣେ ବାନ୍ଧବୀଙ୍କ ଠାରୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକା ଅଗଷ୍ଟ ସଂଖ୍ୟାର କପିଟିଏ ମୁଁ ଦେଖିବାକୁ ପାଇଲି। ପତ୍ରିକାଟି ନେଇ ଆସିଥିଲି ସାଙ୍ଗରେ ଏବଂ ସେହିଦିନ ହିଁ ପୂରା ପତ୍ରିକାଟି ପଢ଼ିନେଲି। ସଂପ୍ରତି ଓଡ଼ିଆ ସାହିତ୍ୟର ସ୍ଥିତି ଯାହା ଥାଉନା କାହିଁକି, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, 'ସାହିତ୍ୟ ଚର୍ଚ୍ଚା' ଓଡ଼ିଆ ସାହିତ୍ୟ ଆକାଶରେ ଏକ ନବଦିଗନ୍ତ। ଭଲ ଲାଗିଲା ସମ୍ପାଦକୀୟ ପୃଷ୍ଠା ସହିତ ସନ୍ନିବେଶିତ ସମସ୍ତ ଗଳ୍ପ, କବିତା, ପ୍ରବନ୍ଧ, ସହିତ ଅନ୍ୟ ସମସ୍ତ ବିଭାଗ, ଯାହା ପତ୍ରିକାର ଗାମ୍ଭୀର୍ଯ୍ୟ ବୃଦ୍ଧି କରିଅଛି।

**ଡ. ଯୋଗମାୟା ଧଳ**
saiyogamaya@gmail.com

ସଂପାଦକୀୟ

# ସାହିତ୍ୟର ଷଡ଼ରିପୁ

ଶାରଦୀୟ ପାର୍ବଣର ଅବକାଶରେ ଶକ୍ତିସ୍ୱରୂପା ଦେବୀ ମହିଷମର୍ଦ୍ଦିନୀଙ୍କୁ ଆବାହନ କରିବାର ଶୁଭ ଲଗ୍ନ ଇଏ। କେବଳ ପୁରାଣବର୍ଣ୍ଣିତ ଅସୁର ନୁହେଁ, ଏବେ ଆମ ମନ ଓ ସମାଜକୁ କଳୁଷିତ କରୁଥିବା ସମସ୍ତ ଆସୁରୀ ପ୍ରବୃତ୍ତିମାନଙ୍କର ସଂହାର ପାଇଁ ମଧ୍ୟ ମାଆଙ୍କର ଏହି ଅବତାର। ସେଇଥିପାଇଁ ବୈଦିକ ଯୁଗରେ ସୃଜିତ ଶ୍ରୀଦୂର୍ଗା ସ୍ତୋତ୍ରରେ କୁହାଯାଇଛି,

ରିପବଃ ସଂକ୍ଷୟଂ ଯାନ୍ତି କଲ୍ୟାଣଂ ଚୋପପଦ୍ୟତେ ।
ନନ୍ଦତେ ଚ କୁଳଂ ପୁଂସାଂ ମାହତ୍ମ୍ୟଂ ମମ ଶୃଣ୍ୱତାମ୍ ॥

ଅର୍ଥାତ୍, ଆମକୁ ଶତ୍ରୁମାନଙ୍କ କବଳରୁ ରକ୍ଷା କର, ଆମ ମନଭିତରର ନକାରାତ୍ମକତାକୁ ସଂହାର କର, ଏବଂ ଆମ ଜୀବନରେ ଭରିଦିଅ ସୁଖ ଓ ସମୃଦ୍ଧି।




ତେବେ କିଏ ଏହି ଶତ୍ରୁ, ଯେଉଁମାନଙ୍କର କବଳରୁ ମୁକ୍ତି ପାଇଁ ଆମେ ମାଆଙ୍କର ଶରଣାପନ୍ନ ହେଉ ? ସାହିତ୍ୟ ପତ୍ରିକାଟିଏ ଭାବରେ ଏହି ସନ୍ଦର୍ଭରେ ଯେତେବେଳେ ଏକଥା ଆମେ ମନକୁ ଆଣୁ ସେତେବେଳେ ସ୍ୱାଭାବିକ ଭାବରେ ଆମର ସମ୍ମୁଖରେ ଉଦ୍‌ଭାସିତ ହୁଏ ଆମ ସାହିତ୍ୟ ଜଗତକୁ କବଳିତ କରିରଖିଥିବା କେତେକ ଶତ୍ରୁ ପ୍ରତିମ ପ୍ରବୃତ୍ତି।

ଶାସ୍ତ୍ରୋକ୍ତ ମତରେ ଆମ ଜୀବନଧାରା ଷଡରିପୁ, ଅର୍ଥାତ୍ ଛଅଟି ଶତ୍ରୁଙ୍କ ଦ୍ୱାରା ପରିବେଷ୍ଟିତ। ସେମାନେ ହେଲେ, (୧) କାମ, (୨) କ୍ରୋଧ, (୩) ଲୋଭ, (୪) ମୋହ, (୫) ମଦ ଏବଂ (୬) ମାତ୍ସର୍ଯ୍ୟ। ସାହିତ୍ୟ ତ ଏକ ସାରସ୍ୱତ ସାଧନା, ଯାହା ମଣିଷର ମନକୁ ଲୌକିକରୁ ଏକ ଅଲୌକିକ ଦିଗକୁ ଘେନିଯାଏ। ତଥାପି ଏହା ଷଡରିପୁଙ୍କ ଦ୍ୱାରା କବଳିତ।

**କାମ:** ସାହିତ୍ୟ ବାସନା ରହିତ ସ୍ୱର୍ଗୀୟ ଚେତନାର କଥା କହେ। ତା ସତ୍ତ୍ୱେ ନିଜର ବାସ୍ତବ ଜୀବନରେ କାମନା ଓ ବାସନା ପରିହାର କରିଥିବା ସ୍ରଷ୍ଟାଟିଏ ଆଜି ଦୁର୍ଲଭ। ପୁରସ୍କାର ପ୍ରତି ଲାଳସା, ପଦପଦବୀର ଆକାଂକ୍ଷା ଓ ଆତ୍ମପ୍ରଚାର - ଏହି ମନୋଭାବ ଗୁଡ଼ିକ କଳୁଷିତ କରିଥାନ୍ତି ତାହାର ସୃଜନଧର୍ମୀତାକୁ।

**କ୍ରୋଧ:** କ୍ରୋଧ ବା ଅସହିଷ୍ଣୁତା ତ ଆମର ଅନେକ ସାହିତ୍ୟସେବୀଙ୍କର ଏକ ସହଜାତ ପ୍ରବୃତ୍ତି। ଅଳ୍ପ କେତେକଙ୍କୁ ଛାଡିଦେଲେ ଅନେକ ସାହିତ୍ୟ ସାଧକ ଆଜି ବିଭିନ୍ନ ଗୋଷ୍ଠୀ ଓ ମତବାଦରେ ବିଭକ୍ତ। କେହି ଅନ୍ୟ କାହାକୁ ସହ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି।

**ଲୋଭ:** ସମସ୍ତେ ନ ହେଲେ ବି, କତିପୟ ସାହିତ୍ୟସ୍ରଷ୍ଟାଙ୍କର ସରସ୍ୱତୀଙ୍କ ଅପେକ୍ଷା ଲକ୍ଷ୍ମୀଦେବୀଙ୍କ କୃପା ଉପରେ ନଜର ଅଧିକ। ନିଜର ଲୋଭ ଚରିତାର୍ଥ କରିବା ପାଇଁ ସେମାନେ ସାହିତ୍ୟକୁ ବ୍ୟବସାୟର ମାଧ୍ୟମ କରିବାକୁ ପଛାଇ ନ ଥାନ୍ତି।

**ମୋହ:** ସାହିତ୍ୟ ଜଗତର ମୋହ ପ୍ରତିଭାତ ହୁଏ ପ୍ରିୟାପ୍ରୀତି ତୋଷଣ ରୂପରେ। ନିଜର ବନ୍ଧୁ ବା ପରିଜନଙ୍କ ଲେଖା ନିମ୍ନମାନର ହୋଇଥିବା ସତ୍ତ୍ୱେ ତାହାର ବାହାବା କରିବା କିମ୍ବା ତାହାକୁ କୌଣସି ପୁରସ୍କାର ପାଇଁ ସୁପାରିଶ କରିବା ଏହାର ଏକ ଲକ୍ଷଣ।

**ମଦ:** ସଂସ୍କୃତର 'ମଦର୍ଥେ'ରୁ ଜାତ ଏହି ଶବ୍ଦ। ଅର୍ଥାତ୍, 'କେବଳ ମୋ' ପାଇଁ'। ମୁଁ ହିଁ ଶ୍ରେଷ୍ଠ। ମୁଁ ଲେଖିଥିବା ସାହିତ୍ୟ ହିଁ ସଂସାରର ଶେଷ କଥା। ଏହିଭଳି ଅହଂକୁ ନେଇ ବଂଚୁଥିବା ସାହିତ୍ୟିକମାନେ ଆମ ସାରସ୍ୱତ ଜଗତରେ ବିରଳ ନୁହଁନ୍ତି।

**ମାତ୍ସର୍ଯ୍ୟ:** ଏହା ଈର୍ଷାକୁ ବୁଝାଏ। ସେ ଲେଖକ ହୁଅନ୍ତୁ ଅବା କବି - ସେମାନଙ୍କ ମଧ୍ୟରୁ କେତେକଙ୍କର ଯେ ଅପର ସମଗୋତ୍ରୀୟ ସ୍ରଷ୍ଟାମାନଙ୍କ ପ୍ରତି ଈର୍ଷା ବା ପ୍ରତିଯୋଗିତାର ମନୋଭାବ ଅଛି, ଏହା ଅଛପା ନୁହେଁ।

ହେ ଦୁର୍ଗତିନାଶିନୀ ମାଆ ! ଏହି ଷଡ଼ରିପୁଙ୍କ କବଳରୁ ରକ୍ଷା କର ଆମ ସାହିତ୍ୟର ସଂସାରକୁ।

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାହିତ୍ୟାନୁରାଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏନାହିଁ।

୭. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୮. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୯. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ (୧୨ଟି ସଂଖ୍ୟାର ମୂଲ୍ୟ ଟ.୩୬୦ + ଡାକ ଖର୍ଚ୍ଚ ଟ.୧୨୦) ଟ. ୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* :
CNRB0018007

*Account No.* :
120000048648

*Account Name* :
Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କରେ ମଧ୍ୟ ଉପଲବ୍ଧ ଅଛି।

**www.sahityacharcha.com/subscription**

**ପ୍ରବନ୍ଧ**

# ଓଡ଼ିଶାର ସପ୍ତମାତୃକା ଉପାସନା



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଭାରତରେ ସିନ୍ଧୁ ସଭ୍ୟତାରୁ ମାତୃକା ଉପାସନାର ନିଦର୍ଶନ ମିଳିଥିଲେ ହେଁ ଶାକ୍ତ ସଂସ୍କୃତିର ଉତ୍ତରଣରେ ସପ୍ତମାତୃକା, ଅଷ୍ଟମାତୃକା, ନବମାତୃକା, ଷୋଡ଼ଶ ମାତୃକା, ଅଷ୍ଟାଦଶ ମାତୃଗଣ ଓ ଚଉଷଠି ମାତୃକା ଉପାସନାର ବ୍ୟାପକ ପ୍ରସାର ଘଟିଥିଲା। ଓଡ଼ିଶାରେ ସପ୍ତମ ଶତାବ୍ଦୀ ଠାରୁ ଦଶମ ଶତାବ୍ଦୀ ମଧ୍ୟରେ ମାତୃକା ଉପାସନାର ଦ୍ରୁତ ପ୍ରସାର ଘଟିଥିଲା। ଓଡ଼ିଶାରେ ବିରଜା ପୀଠରୁ ମାତୃକା ଉପାସନାର ଅୟମାରମ୍ଭ ହୋଇଥିଲା ବୋଲି ଗବେଷକମାନଙ୍କର ମତ। ଏହି ମାତୃକାଗଣ ଚଣ୍ଡୀ, ଚାମୁଣ୍ଡା, ଯୋଗିନୀ ପ୍ରଭୃତି ରୂପରେ ଭିନ୍ନ ଭିନ୍ନ ନାମରେ ପୂଜା ପାଇଲେ। ତନ୍ମଧ୍ୟରେ ସପ୍ତମାତୃକା ଉପାସନା ବିଶେଷ ଲୋକାଦୃତ ଲାଭ କରି ସମଗ୍ର ଓଡ଼ିଶାରେ ସତେଇଶିଟି ସପ୍ତମାତୃକା ପୀଠ ସୃଷ୍ଟି ହୋଇଥିଲା। କାଳର କରାଳଗତିରେ ଅନେକ ପୀଠ ଧ୍ୱଂସ ପାଇ ଯାଇଥିଲେ ହେଁ ସଂପ୍ରତି ଯାଜପୁର, ଭୁବନେଶ୍ୱର, ପୁରୀ, ଭଦ୍ରକ, କୁଣ୍ଢେଶ୍ୱର, ବାଲେଶ୍ୱର, ଶେରଗଡ, ଖିଚିଂ, ବେଲଖଣ୍ଡି ଓ ଘୋଡାଲା ପ୍ରଭୃତି ସ୍ଥାନରେ କେତୋଟି ସପ୍ତାମାତୃକା ପୀଠ ଏବେ ବି ବିଦ୍ୟମାନ।



## ସପ୍ତ ସଂଖ୍ୟାର ମହତ୍ତ୍ୱ

ସନାତନ ସଂସ୍କୃତିରେ ସପ୍ତର୍ଷି, ସପ୍ତପଦୀ, ସପ୍ତଲୋକ, ସପ୍ତମାପାତା, ସପ୍ତବୈଦିକି ଯଜ୍ଞ, ସପ୍ତଛନ୍ଦ, ସପ୍ତଜିହ୍ୱା ପ୍ରଭୃତିରେ ଯେପରି ସପ୍ତ ସଂଖ୍ୟାର ମହତ୍ତ୍ୱ ରହିଛି, ସେହିପରି ଶାକ୍ତ ସାଧକଗଣ ସପ୍ତମାତୃକା ଉପାସନା ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ ଏହାକୁ ଶାସ୍ତ୍ରାନୁମୋଦିତ ପାରମ୍ପରିକ ମର୍ଯ୍ୟାଦା ପ୍ରଦାନ କରିଥିଲେ। ସିଦ୍ଧସାଧକଙ୍କ ମତରେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଓ ଅସୂୟା ପ୍ରଭୃତି ସପ୍ତଦୁର୍ଗୁଣ ବିନାଶ କାମନାରେ ସପ୍ତମାତୃକା ଉପାସନା ଆରମ୍ଭ ହୋଇଥିଲା। କାମ ବିନାଶ ନିମିତ୍ତ ଯୋଗେଶ୍ୱରୀ, କ୍ରୋଧ ବିନାଶ ନିମିତ୍ତ ମାହେଶ୍ୱରୀ, ଲୋଭ ବିନାଶ ନିମିତ୍ତ ବୈଷ୍ଣବୀ, ମଦ ବିନାଶ ନିମିତ୍ତ ବ୍ରାହ୍ମଣୀ, ମୋହ ବିନାଶ ନିମିତ୍ତ କୌମାରୀ, ମାତ୍ସର୍ଯ୍ୟ ବିନାଶ ନିମିତ୍ତ ଇନ୍ଦ୍ରାଣୀ ଏବଂ ଅସୂୟା ବିନାଶ ନିମିତ୍ତ ବରାହୀଙ୍କ ଉପାସନା ସପ୍ତମାତୃକା ଉପାସନା ନାମରେ ଖ୍ୟାତି ଲାଭ କଲା। ଏହି ସାତଗୋଟି ଦୁର୍ଗୁଣ ନାଶ ନିମିତ୍ତ ଜଗଜ୍ଜନନୀ ସପ୍ତମାତୃକା

ରୂପରେ ଆବିର୍ଭାବ ହୋଇଥିଲେ। କିନ୍ତୁ ଅମରକୋଷରେ ସେମାନଙ୍କ ନାମରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ।

ବ୍ରାହ୍ମୀ ଚ ବୈଷ୍ଣବୀ ଐନ୍ଦ୍ରୀ ରୌଦ୍ରୀ ବରାହିକୀ ତଥା।
କୌବେରୀ ଚୈବ କୌମାରୀ ମାତରଃ ସପ୍ତକୀର୍ତ୍ତିତାଃ।

ଅନ୍ୟ ମତରେ ମାତୃକା ଆଠପ୍ରକାର। ସେମାନେ ହେଉଛନ୍ତି ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବୈଷ୍ଣବୀ, ବରାହୀ, କୌମାରୀ, ଚାମୁଣ୍ଡା ଓ ଚର୍ଚ୍ଚିତା। କେତେକଙ୍କ ମତରେ ନବମାତୃକା ଉପାସନା ସିଦ୍ଧିପ୍ରଦ। ଏହି ନବ ମାତୃକା ହେଉଛନ୍ତି ବ୍ରାହ୍ମଣୀ, ବୈଷ୍ଣବୀ, ରୌଦ୍ରୀ, ବରାହୀ, ନରସିଂହୀ, କୌମାରୀ, ମାହେନ୍ଦ୍ରୀ, ଚାମୁଣ୍ଡା ଓ ଚଣ୍ଡିକା। ବୈଦିକ କର୍ମକର୍ମାଣିରେ ଅଷ୍ଟାଦଶ ମାତୃଗଣଙ୍କ ପୂଜା କରାଯାଏ। ସେହି ଅଷ୍ଟାଦଶ ମାତୃଗଣ ହେଉଛନ୍ତି ଗୌରୀ, ପଦ୍ମା, ସଚୀ, ମେଧା, ସାବିତ୍ରୀ, ଜୟା, ବିଜୟା, ଦେବସେନା, ସ୍ୱାହା, ସ୍ୱଧା, ମାତର, ଲୋକମାତର, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, ଆତ୍ମଦେବତା ଓ କୁଳଦେବତା। ବୈଷ୍ଣବ ତନ୍ତ୍ରରେ ଭଗବତୀ, ପୌର୍ଣ୍ଣମାସୀ, ପଦ୍ମା, ତରଙ୍ଗିକା, ଗଙ୍ଗା, କଳିନ୍ଦ ତନୟା, ଗୋପୀ, ବୃନ୍ଦାବତୀ, ଗାୟତ୍ରୀ, ତୁଳସୀ, ଗୋମାତା, ବୈଷ୍ଣବୀ, ଶ୍ରୀଯଶୋଦା, ଦେବଦୂତି, ରୋହିଣୀ, ଶ୍ରୀସତୀ, ଦ୍ରୌପଦୀ, କୁନ୍ତୀ, ଦେବିକା, ଲଳିତା, ରୁକ୍ମିଣୀ ପ୍ରଭୃତି ଏକୋଇଶି ମାତୃକା ପୂଜା କରାଯାଏ। କିନ୍ତୁ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ଶାକ୍ତତନ୍ତ୍ର ମତାନୁଯାୟୀ ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବରାହୀ, ବୈଷ୍ଣବୀ, କୌମାରୀ ଓ ଚାମୁଣ୍ଡାଙ୍କୁ ସପ୍ତମାତୃକା ଭାବରେ ପୂଜା କରାଯାଏ। ଏହି ସପ୍ତ ମାତୃକାଙ୍କ ସହିତ ଗଣେଶ ଓ ବୀରଭଦ୍ରଙ୍କ ପୂଜା ଶାକ୍ତତନ୍ତ୍ର ଉପାସନାର ଏକ ବିଶେଷ ପୂଜା ପ୍ରକ୍ରିୟା। ଭାରତର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ସପ୍ତମାତୃକା ଉପାସନାର ପ୍ରାବଲ୍ୟ ପରିଲକ୍ଷିତ ହୋଇଥାଏ।

**ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ଶାକ୍ତତନ୍ତ୍ର ମତାନୁଯାୟୀ ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବରାହୀ, ବୈଷ୍ଣବୀ, କୌମାରୀ ଓ ଚାମୁଣ୍ଡାଙ୍କୁ ସପ୍ତମାତୃକା ଭାବରେ ପୂଜା କରାଯାଏ।**

ବରାହ ପୁରାଣ ବର୍ଣ୍ଣନାନୁଯାୟୀ ରୁଦ୍ରଦେବଙ୍କ ସହିତ ଅନ୍ଧକାସୁରର ଯୁଦ୍ଧ ହୋଇଥିଲା। ଶିବ ଅନ୍ଧକାସୁରକୁ ତ୍ରିଶୂଳରେ ବଧ କଲେ ମଧ୍ୟ ତାହାର ମୃତ୍ୟୁ ହେଲା ନାହିଁ। ଅଧିକନ୍ତୁ ଅନ୍ଧକାସୁରର ଶରୀରର କ୍ଷତ ସ୍ଥାନରୁ ରକ୍ତ କ୍ଷରିତ ହୋଇ ପ୍ରତ୍ୟେକ ରକ୍ତବିନ୍ଦୁରୁ ଗୋଟିଏ ଲେଖାଏଁ ଅନ୍ଧକାସୁର ସୃଷ୍ଟି ହେଲେ। ଶିବଙ୍କ ସମେତ ବ୍ରହ୍ମା ବିଷ୍ଣୁ କାର୍ତ୍ତିକେୟ ପ୍ରଭୃତି ମିଳିତ ହୋଇ ଜାତ ହୋଇଥିବା ସହସ୍ର ସହସ୍ର ଅନ୍ଧକାସୁରଙ୍କୁ ବିନାଶ କରିପାରିଲେ ନାହିଁ। ଏହାପରେ ଶିବ ରୁଦ୍ରରୂପ ଧାରଣ କଲେ ଏବଂ ତାଙ୍କ ଶରୀରରୁ ଦେଦୀପ୍ୟମାନ ଅଗ୍ନିଶିଖା ନିର୍ଗତ ହେଲା। ସେହି ଅଗ୍ନିଶିଖା ମଧ୍ୟରୁ ତେଜୋମୟୀ ଦେବୀ ଯୋଗେଶ୍ୱରୀ ଆବିର୍ଭୂତା ହେଲେ। ତଦନୁରୂପ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, କୁବେର, ନରସିଂହ, କାର୍ତ୍ତିକେୟ, ନାମ, ବରାହରୂପୀ ବିଷ୍ଣୁ ପ୍ରଭୃତି ପ୍ରତ୍ୟେକ ଦେବତାଙ୍କ ତେଜରୁ ଜଣେ ଜଣେ ଦେବୀ ଆବିର୍ଭୂତା ହେଲେ। ଏହି ସବୁ ମାତୃକାଗଣ ଅନ୍ଧକାସୁରର ରକ୍ତ ଭୂପତିତ ହେବା ପୂର୍ବରୁ ପାନ କଲେ। ଫଳରେ ନୂତନ ଅନ୍ଧକାସୁର ସୃଷ୍ଟି ହୋଇପାରିଲେ ନାହିଁ ତଥା ଶିବ ତ୍ରିଶୂଳରେ ଅନ୍ଧକାସୁରକୁ ବଧ କରି ଅନ୍ଧକାରୀ ନାମରେ ପ୍ରସିଦ୍ଧ ଲାଭ କଲେ। ଏହି ଉପାଖ୍ୟାନ ଅନ୍ୟାନ୍ୟ ପୁରାଣ ଶାସ୍ତ୍ରରେ ଭିନ୍ନ ଭାବରେ ବର୍ଣ୍ଣିତ ହୋଇଥିଲେ ହେଁ ଆବିର୍ଭାବ ହୋଇଥିବା ସପ୍ତମାତୃକାଙ୍କ ଉପାସନା ସେହିଦିନଠାରୁ ତ୍ରିଲୋକରେ ଖ୍ୟାତି ଲାଭ କରିଅଛି। ତନ୍ତ୍ରାଚାର୍ଯ୍ୟବୃନ୍ଦ ଶାସ୍ତ୍ରୀୟ ବିଧିରେ ସପ୍ତମାତୃକା ଉପାସନାକୁ ଭବ୍ୟରୂପ ପ୍ରଦାନ କଲେ।

**ବ୍ରାହ୍ମୀ**

ସପ୍ତମାତୃକାଙ୍କ ମଧ୍ୟରେ ବ୍ରାହ୍ମୀ ହେଉଛନ୍ତି ପ୍ରଥମା। ମାର୍କଣ୍ଡେୟ ପୁରାଣ ବର୍ଣ୍ଣନାନୁସାରେ ସେ ହେଉଛନ୍ତି ହଂସରୂଢ଼ା ବା ହଂସଯୁକ୍ତ ବିମାନାରୂଢ଼ା ତଥା କମଣ୍ଡଳୁ, ଅକ୍ଷସୂତ୍ର ଓ ଅକ୍ଷମାଳା ଧାରିଣୀ।

ହଂସଯୁକ୍ତ ବିମାନାଗ୍ରେ ଚାକ୍ଷସୂତ୍ର କମଣ୍ଡଳୁଃ,
ଆୟତା ବ୍ରହ୍ମଣଃ ଶକ୍ତିଃ ବ୍ରହ୍ମାଣୀ ଚାଭିଧୀୟତେ।

"ଅଂଶୁମଦ୍‌ଭେଦାଗମ" ତନ୍ତ୍ରଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣୀଙ୍କର ଚତୁର୍ବାହୁ, ଚତୁର୍ମୁଖ ତଥା ସେ ରକ୍ତ ପଦ୍ମାସୀନା। ସେ ପୀତାମ୍ବର ପରିଧାନପୂର୍ବକ ଜଟାମୁକୁଟ ଧାରଣ କରି ହଂସବାହନରେ ଭ୍ରମଣ କରିଥାନ୍ତି। ଚତୁର୍ବାହୁରେ ସେ ଶୂଳ, ଅଭୟମୁଦ୍ରା, ଅକ୍ଷୟମାଳା ଓ ବରଦମୁଦ୍ରା ଧାରଣ କରନ୍ତି। ଏହି ଶାସ୍ତ୍ରରେ ସ୍ଥଳ ବିଶେଷରେ ତାଙ୍କୁ ଷଡ଼ଭୂଜା ମଧ୍ୟ କୁହାଯାଇଛି।

ଚତୁର୍ବକ୍ତ୍ରା ଚତୁର୍ବାହୁ ସଂଯୁକ୍ତାହେମସନ୍ନିଭା,

ଦକ୍ଷିଣେଽଭୟଶୂଳଂ ଚ ବରଦଂ ଃକ୍ଷମାଳିକା।
ରକ୍ତପଦ୍ମାସନାସୀନା ହଂସବାହନ କେତୁକାମ୍,
ଜଟାମୁକୁଟ ସଂଯୁକ୍ତାଂ ପୀତାମ୍ବରଧରାଂ ବରାମ୍।
ବ୍ରହ୍ମାଣୀ ହ୍ୟେବମାଖ୍ୟାଣଂ ବ୍ରହ୍ମବୃକ୍ଷସମାଶ୍ରିତାମ୍।

ବିଭିନ୍ନ ଗ୍ରନ୍ଥରେ ବ୍ରହ୍ମାଣୀଙ୍କ ମୂର୍ତ୍ତିତତ୍ତ୍ୱରେ ଭେଦ ପରିଲକ୍ଷିତ ହେଲେ ହେଁ ପୂଜାପଦ୍ଧତି ପ୍ରାୟ ସମାନ। ପୂଜାରେ ସେ ସନ୍ତୁଷ୍ଟା ହେଲେ ମଦ ନାଶ କରନ୍ତି।

**ମାହେଶ୍ୱରୀ**

ଦ୍ୱିତୀୟ ମାତୃକା ହେଉଛନ୍ତି ମାହେଶ୍ୱରୀ, ଅଂଶୁମଦ୍‌ଭେଦାଗମ ଅନୁସାରେ ସେ ତ୍ରିନେତ୍ରା, ଚତୁର୍ଭୁଜା ତଥା ଶୂଳ, ଜପମାଳା, ବରଦ ଓ ଅଭୟହସ୍ତା।

ଚତୁର୍ଭୁଜା ତ୍ରିନେତ୍ରା ଚ ଅତିରିକ୍ତ ସମପ୍ରଭା,
ଶୂଳାଭୟକରା ସବ୍ୟେ ବାମେ ବରଦ ସଂଯୁତା।
ଜପମାଳା ସମାଯୁକ୍ତା ଜଟାମୁକୁଟ ସଂଯୁତା,
ଈଶ୍ୱରେଣୋପମା ହ୍ୟେଷା ଶିବା ମାହେଶ୍ୱରୀ ସ୍ମୃତା।



"ବିଷ୍ଣୁଧର୍ମୋତ୍ତର" ଶାସ୍ତ୍ରରେ ମାହେଶ୍ୱରୀ ବୃଷଭବାହନା, ପଞ୍ଚବକ୍ତ୍ରା, ତ୍ରିଲୋଚନା, ଶୁକ୍ଳବର୍ଣ୍ଣା ଓ ଷଡ଼ଭୁଜା ତଥା ବରଦ, ଅକ୍ଷମାଳା, ଡମ୍ବରୁ, ତ୍ରିଶୁଳ, ଘଣ୍ଟା ଓ ଅଭୟାମୁଦ୍ରା ହସ୍ତା ବୋଲି ବର୍ଣ୍ଣନା ରହିଛି।

ମାହେଶ୍ୱରୀ ବୃଷାରୁଢ଼ା ପଞ୍ଚବକ୍ତ୍ରା ତ୍ରିଲୋଚନା,
ଶୁକ୍ଳେନ୍ଦୁଭୂଜଟାଜୁଟା ଶୁକ୍ଳା ସର୍ବସୁଖପ୍ରଦା।
ଷଡ଼ଭୂଜା ବରଦା ଦକ୍ଷେ ସୂତ୍ରଂ ଡମରୁକଂ ତଥା
ଶୂଳ ଘଣ୍ଟାଭୟଂ ବାମେ ସୈବ ଧତ୍ତେ ମହାଭୁଜା।

ଏ ଭିନ୍ନ ଅନ୍ୟାନ୍ୟ ଶାସ୍ତ୍ରରେ ମାହେଶ୍ୱରୀଙ୍କର ଭିନ୍ନ ରୂପର ବର୍ଣ୍ଣନା ରହିଛି। ଶାକ୍ତତନ୍ତ୍ର ବିଧିରେ ଏହି ମାତୃକାଙ୍କୁ ନିଷ୍ଠାର ସହିତ ପୂଜାକଲେ କ୍ରୋଧନାଶ ହୁଏ।

**କୌମାରୀ**

ତୃତୀୟ ମାତୃକା ହେଉଛନ୍ତି କୌମାରୀ। ସେ ଚତୁର୍ହସ୍ତା, ତ୍ରିନେତ୍ରା ଓ ଆଭରଣ ସଂଯୁକ୍ତା ଶକ୍ତି, କୁକ୍କୁଟ, ଅଭୟ ଓ ବରଦମୁଦ୍ରା ହସ୍ତରେ ଧାରଣ କରି ସେ ଉଦୁମ୍ବର ବୃକ୍ଷମୂଳରେ ମୟୂରବାହନରେ ଆସୀନା। ବିଷ୍ଣୁଧର୍ମୋତ୍ତର ଶାସ୍ତ୍ର ମତରେ ତାଙ୍କର ଛଅଗୋଟି ମସ୍ତକ, ବାରଟି ହସ୍ତ ତଥା ସେ ଶକ୍ତି, ପତାକା, ଦଣ୍ଡ, ପାତ୍ର, ବାଣ, ବରଦ ଚାପ, ଘଣ୍ଟା, କମଳ, କୁକ୍‌କୁଟ, ପରଶୁ ଓ ଅଭୟ ଧାରଣ ପୂର୍ବକ ମୟୂରାରୁଢ଼ା। ତାଙ୍କ ବର୍ଣ୍ଣ ରକ୍ତ।

କୌମାରୀ ରକ୍ତବର୍ଣ୍ଣାସ୍ୟାତ୍ ଷଡ୍‌ବକ୍ତ୍ରା ସାର୍କଲୋଚନା,
ରବିର୍ବାହୁ ମୟୂରସ୍ଥା ବରଦା ଶକ୍ତିଧାରିଣୀ।
ପତାକାଂ ବିଭ୍ରତୀ ଦଣ୍ଡଂ ପାତ୍ରଂ ବାଣଂ ଚ ଦକ୍ଷିଣେ,
ବାମେ ଚାପମଥୋ ଘଣ୍ଟାଂ କମଳଂ କୁକ୍‌କୁଟଂ ତ୍ରଧଃ
ପରଶୁଂ ବିଭ୍ରତୀ ତୀକ୍ଷ୍‌ଣଂ ତଦଭୟସ୍ତ୍ୱୟାନ୍ୱିତା।

**ବୈଷ୍ଣବୀ**

କୌମାରୀ ହେଉଛନ୍ତି କୁମାର ବା କାର୍ତ୍ତିକେୟଙ୍କର ଶକ୍ତି। ପୂଜାରେ ସେ ସନ୍ତୁଷ୍ଟା ହେଲେ ମୋହ ନାଶ ହୁଏ।

ଚତୁର୍ଥ ମାତୃକା ବୈଷ୍ଣବୀ ହେଉଛନ୍ତି ବିଷ୍ଣୁଙ୍କର ଶକ୍ତି। ସେ ଚତୁର୍ହସ୍ତା, ଚାରୁବଦନା, ସୁଲୋଚନା, ପୀତାମ୍ବରୀ, କିରୀଟ ମୁକୁଟଯୁକ୍ତା ଓ ଗରୁଡ଼ବାହନା। ସେ ଚତୁର୍ହସ୍ତାରେ ଶଙ୍ଖ, ଚକ୍ର, ଅଭୟ ଓ ବରଦ ଧାରଣ କରିଛନ୍ତି।

ଶଙ୍ଖଚକ୍ରଧରା ଦେବୀ ବରଦା ଭୟପାଣିନୀ
ସୁସ୍ତନା ଚାରୁବଦନା ଶ୍ୟାମଭା ଚ ସୁଲୋଚନା
ପୀତାମ୍ବରଧରାଦେବୀ କିରୀଟମୁକୁଟାନ୍ୱିତା
ରାଜବୃକ୍ଷ ସମାଶ୍ରିତ୍ୟ ଗରୁଡ଼ଧ୍ୱଜବାହିନୀ
ବୈଷ୍ଣବୀ ପୀଠଗା ଦେବୀ ବିଷ୍ଣୁଭୂଷଣ ଭୂଷିତା।

ଅନ୍ୟ ଶାସ୍ତ୍ର ମତରେ ବୈଷ୍ଣବୀ ଷଡ଼ଭୁଜା, ବନମାଳା ବିଭୂଷିତା ତଥା ଶଙ୍ଖ, ଚକ୍ର, ଗଦା ଓ ପଦ୍ମମାଳା ଧାରିଣୀ, ଶାକ୍ତତନ୍ତ୍ର ବିଧିରେ ଏକାଗ୍ରତାର ସହିତ ବୈଷ୍ଣବୀଙ୍କର ପୂଜା କଲେ ଲୋଭ ନାଶ ହୁଏ।

**ଇନ୍ଦ୍ରାଣୀ**

ଦେବରାଜ ଇନ୍ଦ୍ରଙ୍କ ଶକ୍ତି ଐନ୍ଦ୍ରୀ ବା ଇନ୍ଦ୍ରାଣୀ ପଞ୍ଚମ ମାତୃକା ଭାବରେ ପ୍ରସିଦ୍ଧ। ଅଂଶୁମଦ୍‌ଭେଦାଗମ ବର୍ଣ୍ଣନା ଅନୁସାରେ

ଐନ୍ଦ୍ରୀ ଗଜାରୁଢ଼ା, ଚତୁର୍ହସ୍ତା ଓ ତ୍ରିନେତ୍ରା ତଥା ଶକ୍ତି, ବଜ୍ର, ବରଦ ଓ ଅଭୟଧାରିଣୀ। କଳ୍ପବୃକ୍ଷ ମୂଳରେ ଆସୀନା ଇନ୍ଦ୍ରାଣୀ ରକ୍ତବର୍ଣ୍ଣା ଓ ନାନାଦି ଭୂଷଣ ଭୂଷିତା।

ଚତୁର୍ଭୁଜା ତ୍ରିନେତ୍ରା ଚ ରକ୍ତବର୍ଣ୍ଣା କିରୀଟିନୀ,
ଶକ୍ତିବଜ୍ରଧରା ଚୈବ ବରଦାଭୟପାଣିନୀ।
ସର୍ବଭରଣ ସଂଯୁକ୍ତା ଗଜଧ୍ୱଜା ସବାସିନୀ,
ଇନ୍ଦ୍ରାଣୀ ଚୈବ ବିଖ୍ୟାତା କଳ୍ପଦ୍ରୁମ୍‌ସମାଶ୍ରିତା।

ବିଷ୍ଣୁଧର୍ମୋତ୍ତରରେ ଇନ୍ଦ୍ରାଣୀଙ୍କ ବର୍ଣ୍ଣନା ଭିନ୍ନ ପ୍ରକାରର। ସେଥିରେ ସେ ମହାସ୍ରାକ୍ଷ ଇନ୍ଦ୍ରଙ୍କ ସଦୃଶ ସହସ୍ର ନୟନା, ସୁବର୍ଣ୍ଣବର୍ଣ୍ଣା ତଥା ରାଜବାହନ ଆସୀନା। ଛଅଗୋଟି ଭୁଜରେ ସେ ଅକ୍ଷସୂତ୍ର, ବଜ୍ର, କଳସ, ପାତ୍ର, ଅଭୟ ଓ ବରଦ ମୁଦ୍ରା ବିମଣ୍ଡିତା।

ଐନ୍ଦ୍ରୀ ସହସ୍ରଦୃକ୍ ସୌମ୍ୟା ହେମାଭା ଗଜସଂସ୍ଥିତା,
ବରଦାସୂତ୍ରିଣୀ ବଜ୍ରଂ ବିଭ୍ରତ୍ୟୁର୍ଦ୍ଧ୍ୱଂ ତୁ ଦକ୍ଷିଣେ।
ବାମେ ତୁ କଳସଂ ପାତ୍ରଂ ତ୍ୱଭୟଂ ତଦଧଃକରେ

ଅନ୍ୟ ଗ୍ରନ୍ଥରେ ଐନ୍ଦ୍ରୀ ଦ୍ୱିଭୁଜା, ତ୍ରିନେତ୍ରା ରୂପେ ବର୍ଣ୍ଣିତା। ଇନ୍ଦ୍ରାଣୀଙ୍କୁ ସର୍ବଧି ନିଷ୍ଠାର ସହିତ ପୂଜା କଲେ ମାତ୍ସର୍ଯ୍ୟ ଲୋପ ହୁଏ।

**ବାରାହୀ**

ଷଷ୍ଠ ମାତୃକା ବାରାହୀ ପ୍ରଳୟକାଳୀନ ମେଘସଦୃଶ ଅତ୍ୟନ୍ତ ଭୟଙ୍କରୀ। ତାଙ୍କ ମୁଖବରାହ ସଦୃଶ ତଥା ବରାହବିଷ୍ଣୁଙ୍କ ଶକ୍ତି ରୂପେ ସେ ପୂଜିତା। ତାଙ୍କ ମସ୍ତକରେ ଶୈବାଳର ମୁକୁଟ ଓ ଶରୀରରେ ପୋହଳା ମାଳ ସୁଶୋଭିତ। ସେ ଚତୁର୍ହସ୍ତରେ ହଳଲଙ୍ଗଳ ଓ ଶକ୍ତି ଆୟୁଧରୂପେ ଧାରଣ କରିଥାନ୍ତି ତଥା ବରଦା ଓ ଅଭୟମୁଦ୍ରା ଭୂଷିତା।

ବରାହ ବକ୍ତ୍ରସଦୃଶା ପ୍ରଳୟାମ୍ବୁଦ ସନ୍ନିଭା,
କରଣ୍ଡ ମୁକୁଟୋପେତା ବିଦ୍ରୁମାଭରଣାନ୍ୱିତା।
ହଳଂ ଚ ବରଦଂସବ୍ୟେ ବାମେ ଅଭୟଶକ୍ତିକେ,
କଳ୍ପଦ୍ରୁମଂ ସମାଶ୍ରିତ୍ୟ ଗଜଧ୍ୱଜ ସବାହିନୀମ୍ ॥
ବାରାହୀ ଚେତି ବିଖ୍ୟାତା ନାମ୍ନାସର୍ବଫଳପ୍ରଦା।

"ରୂପମଣ୍ଡନ" ଶାସ୍ତ୍ରାନୁସାରେ ବରାହୀଙ୍କ ଚତୁର୍ଭୁଜରେ ଘଣ୍ଟା, ଚାମର, ଗଦା ଓ ଚକ୍ର ଆୟୁଧ ରୂପେ ଶୋଭିତ ଏବଂ ସେ ଦାନବ ସଂହାରିଣୀ ଅତ୍ୟନ୍ତ ଭୀଷଣ ସ୍ୱରୂପା ଅଟନ୍ତି। ସେ ବରାହମୁଖୀ ଓ ମହିଷାରୂଢ଼ା।

ବରାହୀ ତୁ ପ୍ରବକ୍ଷ୍ୟାମି ମହିଷୋପରି ସଂସ୍ଥିତା,
ବରାହ ସଦୃଶୀ ଦେବୀ ଘଣ୍ଟାଚାମର ଧାରିଣୀ।
ଗଦାଚକ୍ରଧରା ତଦ୍‌ବଦ୍ ଦାନବେନ୍ଦ୍ର ବିଘାତିନୀ,
ଲୋକାନାଂ ଚ ହିତାର୍ଥାୟ ସର୍ବବ୍ୟାଧି ବିନାଶିନୀ।

କିନ୍ତୁ ବିଷ୍ଣୁ ଧର୍ମୋତ୍ତର ବର୍ଣ୍ଣନାରେ ବାରାହୀ ଷଡ଼ଭୁଜା ତଥା ତାଙ୍କ ଭୁଜସମୂହ ଦଣ୍ଡ, ଖଡ୍‌ଗ, ଖେଟକ, ପାଶ, ଆୟୁଧ ମଣ୍ଡିତ ଏବଂ ବରଦ ଓ ଅଭୟମୁଦ୍ରା ଶୋଭିତ।

କୃଷ୍ଣବର୍ଣ୍ଣା ତୁ ବାରାହୀ ଶୂକରାସ୍ୟା ମହୋଦରୀ,
ବରଦାଦଣ୍ଡିନୀ ଖଡ୍ଗ ବିଭ୍ରତୀ ଦକ୍ଷିଣେ ସଦା
ଖେଟପାଶାଭୟାନ୍‌ବାମେ ସୈବ ଚାପି ଲସଦ୍‌ଭୂଜା

ଦେବୀ ପୁରାଣ ବର୍ଣ୍ଣନାନୁସାରେ ବରାହୀ ଗୋଟିଏ ଭୁଜରେ ଦଣ୍ଡ ଓ ଅନ୍ୟ ଭୁଜରେ ନରକପାଳ ଧାରଣ କରି ରୁଧିର ପାନ କରୁଥାନ୍ତି। ଅନ୍ୟ ତନ୍ତ୍ରଶାସ୍ତ୍ରରେ ସେ ପାଦରେ ନୂପୁର ଏବଂ ବକ୍ଷଦେଶରେ ଦୁର୍ଲଭ ଅଳଙ୍କାର ଧାରଣ କରିଥାନ୍ତି। ବାରାହୀଙ୍କ ତାନ୍ତ୍ରିକ ଉପାସନା ସର୍ବସିଦ୍ଧିପ୍ରଦ ଓ ଅସୂୟାନାଶକ।

**ଶାସ୍ତ୍ରାନୁସାରେ ବରାହୀଙ୍କ ଚତୁର୍ଭୁଜରେ ଘଣ୍ଟା, ଚାମର, ଗଦା ଓ ଚକ୍ର ଆୟୁଧ ରୂପେ ଶୋଭିତ ଏବଂ ସେ ଦାନବ ସଂହାରିଣୀ ଅତ୍ୟନ୍ତ ଭୀଷଣ ସ୍ୱରୂପା ଅଟନ୍ତି।**

**ଚାମୁଣ୍ଡା**

ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡା ଅତି ଭୀଷଣାକୃତି ଦେବୀ। ସେ ଚତୁର୍ଭୁଜା, ତ୍ରିନେତ୍ରା, ରକ୍ତବର୍ଣ୍ଣା, ଉର୍ଦ୍ଧ୍ୱକେଶା ତଥା ନରକପାଳ ଓ ଶୂଳହସ୍ତା ଏବଂ ବରଦ ଓ ଅଭୟମୁଦ୍ରା ଧାରିଣୀ। ସେ ମୁଣ୍ଡମାଳାକୁ ଯଜ୍ଞୋପବୀତସଦୃଶ ଧାରଣ କରିଥାନ୍ତି। ବଟବୃକ୍ଷ ମୂଳରେ ତାଙ୍କ ବାମପାଦ ପଦ୍ମାସନରେ ଓ ଦକ୍ଷିଣପାଦ ତଳକୁ ଲମ୍ବିଥାଏ। ସେ ବ୍ୟାଘ୍ରଚର୍ମ ପରିଧାନ କରିଥାନ୍ତି।

ଚତୁର୍ଭୁଜା ତ୍ରିନେତ୍ରା ଚ ରକ୍ତୋବର୍ଣ୍ଣୋର୍ଦ୍ଧ୍ୱକେଶିକା,
କପାଳଶୂଳହସ୍ତା ଚ ବରଦାଭୟ ପାଣିନୀ।
ଶିରୋମାଳା ଉପବୀତା ଚ ପଦ୍ମପୀଠୋପରିସ୍ଥିତା,
ବ୍ୟାଘ୍ର ଚର୍ମାମ୍ବରଧରା ବଟବୃକ୍ଷ ସମାଶ୍ରିତା।
ବାମପାଦସ୍ଥିତା ସର୍ବା ସବ୍ୟପାଦ ପ୍ରଲମ୍ବିତା।

ଚାମୁଣ୍ଡାଙ୍କର ଉପରୋକ୍ତ ରୂପବର୍ଣ୍ଣନା ଅଂଶୁମଦ୍‌ଭେଦାଗମରେ ଉଲ୍ଲିଖିତ ଥିଲେ ହେଁ ବିଷ୍ଣୁଧର୍ମୋତ୍ତରରେ ସେ ଦଶଭୁଜା, ପ୍ରେତାସନା, ଉଗ୍ରଦଂଷ୍ଟ୍ରା ତଥା ମୂଷଳ, କବଚ, ଶର, ଅଙ୍କୁଶ,

ଖଡ୍ଗ ଆଦି ଆୟୁଧ ଧାରିଣୀ।

ଚାମୁଣ୍ଡା ପ୍ରେତଗା ରକ୍ତା ବିକୃତାସ୍ୟାହିଭୂଷଣା,
ଦଂଷ୍ଟ୍ରୋଗ୍ରା କ୍ଷୀଣଦେହା ଚ ଗର୍ତ୍ତାକ୍ଷୀ ଭୀମରୂପିଣୀ।
ଦିଗ୍‌ବାହୁ କ୍ଷାମ କୁକ୍ଷିଶ୍ଚ ମୁଷଳଂ କବଚଂ ଶରଂ,
ଅଙ୍କୁଶଂ ବିଭ୍ରତୀଂ ଖଡ୍ଗଂ ଦକ୍ଷିଣେ ତ୍ୱଥ ବାମତଃ।
ଖେଟଂ ପାଶଂ ଧନୁର୍ଦ୍ଦଣ୍ଡଂ କୁଠାରଂ ଚେତିବିଭ୍ରତୀ।

ସପ୍ତମାତୃକାଙ୍କ ମଧ୍ୟରୁ ବିଭିନ୍ନ ସ୍ଥାନରେ ଚାମୁଣ୍ଡା ମୂର୍ତ୍ତି ବହୁଳ ପରିଦୃଷ୍ଟ। ଓଡ଼ିଶାରେ ବହୁ ସ୍ଥାନରେ ଚାମୁଣ୍ଡା ପୂଜା ପାଉଥିଲେ ହେଁ ସେମାନଙ୍କର ମୂର୍ତ୍ତି ଶାସ୍ତ୍ର ବର୍ଣ୍ଣନାନୁସାରେ ନିର୍ମିତ ହୋଇନାହିଁ। ଓଡ଼ିଶାର "ଚାମୁଣ୍ଡା ତନ୍ତ୍ର" ଅନୁଯାୟୀ ଚାମୁଣ୍ଡା ଉପାସନା କରାଯାଏ, ଯାହା ଓଡ଼ିଶାର ନିଜସ୍ୱ। ଓଡ଼ିଶାର ଖିଚିଂର ପୀଠାଧୀଶ୍ୱରୀ କୀଚକେଶ୍ୱରୀ ଓ ବାଙ୍କୀର ଚର୍ଚ୍ଚିକା ଚାମୁଣ୍ଡା ମୂର୍ତ୍ତି। ଚାମୁଣ୍ଡାଙ୍କ ଯୋଗମାୟା ରୂପରେ ପୂଜା କଲେ କାମ ବିନାଶ ହୁଏ।

**ବିରଜା କ୍ଷେତ୍ର**

ଓଡ଼ିଶାରେ ସପ୍ତମାତୃକା ଉପାସନା ବିରଜା କ୍ଷେତ୍ରରୁ ଆରମ୍ଭ ହୋଇଥିଲା। ବିରଜା କ୍ଷେତ୍ରରେ ସାତଗୋଟି ସପ୍ତମାତୃକା ପୀଠ ରହିଥିଲା ବୋଲି କୁହାଯାଇଥିଲେ ହେଁ ଦୁଇଟି ପୀଠର ପ୍ରମାଣ ଉପଲବ୍ଧ। ଗୋଟିଏ ବୈତରଣୀ ତଟସ୍ଥ ଦଶାଶ୍ୱମେଧ ଘାଟରେ ଓ ଅନ୍ୟଟି ପ୍ରାଚୀନ ମୁକ୍ତିମଣ୍ଡପ ନିକଟରେ। ମୁସଲମାନମାନେ ମୁକ୍ତି ମଣ୍ଡପ, ବେଦପାଠଶାଳ ଓ ଅଗ୍ନିହୋତ୍ରୀଙ୍କ ବାସଭବନ ଭାଙ୍ଗିଦେଇ ସେଠାରେ ମସ୍‌ଜିଦ୍ ନିର୍ମାଣ କଲେ ତଥା ଆରାଧିତା ସପ୍ତମାତୃକାଙ୍କୁ ଇତସ୍ତତଃ ନିକ୍ଷେପ କଲେ। ବହୁବର୍ଷ ପରେ ୧୮୬୬ ଖ୍ରୀଷ୍ଟାବ୍ଦରେ ଯାଜପୁରର ଏସ୍.ଡି.ଓ. ଥିବା ଆର୍ମିଷ୍ଟଙ୍ଗ ସାହେବ ସପ୍ତମାତୃକା ମୂର୍ତ୍ତି ମଧ୍ୟରୁ ଚାରିଗୋଟି ମୂର୍ତ୍ତି ଉଦ୍ଧାର କରି ନିଜ ବାସଭବନ ପରିସରରେ ରଖିଥିଲେ। ଅଦ୍ୟାବଧି ସେହି ଚାରିମୂର୍ତ୍ତି ଉପଜିଲ୍ଲାପାଳଙ୍କ ବାସଭବନ ପରିସରରେ ରହିଛନ୍ତି। ସେହି ଚାରିଗୋଟି ମୂର୍ତ୍ତି ହେଉଛନ୍ତି ବରାହୀ, ଚାମୁଣ୍ଡା, ଇନ୍ଦ୍ରାଣୀ ଏବଂ ଅନ୍ୟଟି ସଂପୂର୍ଣ୍ଣ ଭଗ୍ନ ମୂର୍ତ୍ତି। ଯାଜପୁରର ଅନ୍ୟତମ ସପ୍ତମାତୃକା ପୀଠ ବୈତରଣୀ ଦକ୍ଷିଣ ତୀରସ୍ଥ ଦଶାଶ୍ୱମେଧ ଘାଟରେ ଅବସ୍ଥିତ। ଏହି ମୂର୍ତ୍ତିଗୁଡ଼ିକୁ ମଧ୍ୟ ମୁସଲମାନମାନେ ନଦୀଗର୍ଭକୁ ଫିଙ୍ଗି ଦେଇଥିଲେ। ଷ୍ଟର୍ଲିଂ ସାହେବଙ୍କ ବିବରଣୀରୁ ଜଣାଯାଏ କଟକର ଜଣେ ବ୍ୟବସାୟୀ ନଦୀଗର୍ଭରୁ ସେହି ମୂର୍ତ୍ତିଗୁଡ଼ିକୁ ଉଦ୍ଧାର କରି ପୁନଃ ପ୍ରତିଷ୍ଠିତ କରିଛନ୍ତି। ଦଶାଶ୍ୱମେଧ ଘାଟରେ ପୂଜିତା ସପ୍ତମାତୃକା ହେଉଛନ୍ତି ଚାମୁଣ୍ଡା, ବରାହୀ, ଇନ୍ଦ୍ରାଣୀ, ବୈଷ୍ଣବୀ, କୌମାରୀ, ମାହେଶ୍ୱରୀ ଓ ଶିବଦୂତୀ। ମୁଗୁନି ପଥରରେ ନିର୍ମିତ ଏହି ମୂର୍ତ୍ତିଗୁଡ଼ିକ ଛଅଫୁଟ ଉଚ୍ଚତା ବିଶିଷ୍ଟ ଓ ଭୀମକାୟ। ଏଠାରେ ମାତୃକାଙ୍କ ସହିତ ଗଣପତି ମଧ୍ୟ ପୂଜିତ। ଏହି ମୂର୍ତ୍ତିଗୁଡ଼ିକ ଦର୍ଶନ କଲେ ଭୟ ସଞ୍ଚାର ହୁଏ। ସ୍ଥାନୀୟ ଲୋକେ ଏହାକୁ "ଯମ ମାଆ ସାତଭଉଣୀ" କହିଥାନ୍ତି।



**ଲାଙ୍ଗୁଡ଼ି**

ଭଦ୍ରକ ଜିଲ୍ଲା ଅନ୍ନପାଳ ସନ୍ନିକଟ ଲାଙ୍ଗୁଡ଼ି ଗ୍ରାମର ଏକ ପୋଖରୀ ହୁଡ଼ାରେ ପ୍ରାଚୀନ ସପ୍ତମାତୃକା ପୀଠ ରହିଛି। ଏହାଙ୍କୁ ମଧ୍ୟ "ଯମ ମାଆ ସାତଭଉଣୀ" କୁହାଯାଏ। ପ୍ରତିବର୍ଷ ମକର ସଂକ୍ରାନ୍ତି ଠାରୁ ଏଠାରେ ଏକ ସପ୍ତାହବ୍ୟାପୀ ସାତଭଉଣୀ ଯାତ୍ରା ଅନୁଷ୍ଠିତ ହୁଏ। ଧର୍ମଶାଳା ନିକଟରେ ଗୋଟିଏ ସପ୍ତମାତୃକା ପୀଠ ରହିଥିଲା। ମୁସଲମାନଙ୍କ ସେଠାରୁ ଇନ୍ଦ୍ରାଣୀ, ବରାହୀ, କୌମାରୀ ଓ ଚାମୁଣ୍ଡା ମୂର୍ତ୍ତି ଉଦ୍ଧାର କରାଯାଇ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ। ଅନ୍ୟ ତିନିମୂର୍ତ୍ତି ସ୍ଥାନୀୟ ଗ୍ରାମବାସୀ ଗ୍ରାମଦେବତୀ ଭାବରେ ପୂଜା କରୁଛନ୍ତି। ଜଗତ୍‌ସିଂହପୁର ସନ୍ନିକଟ ସଠଲପୁର (କୁଣ୍ଡେଶ୍ୱର) ଗ୍ରାମରେ ଗୋଟିଏ ପ୍ରାଚୀନ ସପ୍ତମାତୃକା ପୀଠ ନଦୀ ପଠାରେ ରହିଛି। ନବମ ଶତାବ୍ଦୀରେ ନଦୀପଠାରେ ନିର୍ମିତ ଏକ ପୀଠଟି ସମ୍ପ୍ରତି ଦଶଫୁଟ ତଳକୁ ଦବିଯାଇଛି। ବନ୍ୟା ସମୟରେ ପଠା ଓ ପୀଠ ଜଳପ୍ଲାବିତ ହୋଇଯାଉଥିବା ଯୋଗୁ ମାତୃକାଗଣ ସେହି ସମୟରେ ପୂଜା ପାଆନ୍ତି ନାହିଁ। ପୀଠର ପରିବେଶ ଦର୍ଶନ କଲେ ଏହା ଗୁପ୍ତତନ୍ତ୍ରପୀଠ ବୋଲି ହୃଦ୍‌ବୋଧ ହୁଏ। ଶ୍ରୀକ୍ଷେତ୍ର ପୁରୀର ମାର୍କଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ବେଢ଼ାରେ ଏକ କ୍ଷୁଦ୍ରପୀଠରେ ସପ୍ତମାତୃକା ପୂଜିତା। ଏହି ମୂର୍ତ୍ତିଗୁଡ଼ିକ ସପ୍ତମ-ଅଷ୍ଟମ ଶତାବ୍ଦୀରେ ନିର୍ମିତ। ଏଠାରେ ମାତୃକାଗଣଙ୍କ ସହିତ ଗଣେଶ ଓ ବୀରଭଦ୍ର ପୂଜା ପାଉଛନ୍ତି। ଶ୍ରୀକ୍ଷେତ୍ର ସଦୃଶ ଏକାମ୍ର

କ୍ଷେତ୍ରରେ ମଧ୍ୟ ଭୌମକର ରାଜତ୍ୱ କାଳରେ ଅର୍ଥାତ୍ ସପ୍ତମ-ଅଷ୍ଟମ ଶତାବ୍ଦୀରେ ବହୁତ ପୀଠରେ ସପ୍ତମାତୃକା ପୂଜା ପାଉଥିଲେ। ସପ୍ତମ ଶତାବ୍ଦୀରେ ନିର୍ମିତ ପରଶୁରାମେଶ୍ୱର ମନ୍ଦିର ଉତ୍ତରପାର୍ଶ୍ୱରେ ମନ୍ଦିର କାନ୍ଥରେ ସପ୍ତମାତୃକା ଖୋଦିତ। ସେମାନଙ୍କ ମଧ୍ୟରେ ଆଦ୍ୟାରେ ବୀରଭଦ୍ର, ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ଇନ୍ଦ୍ରାଣୀ, ବାରସିଂହୀ ବା ବରାହୀ, ଚାମୁଣ୍ଡା ଓ ଶେଷରେ ଗଣପତି ଅବସ୍ଥାନ କରୁଛନ୍ତି। ଏଠାରେ କୌଣସି ମାତୃକାଙ୍କ କୋଳରେ ଶିଶୁନାହାନ୍ତି। ସେହି ସପ୍ତମ ଶତାବ୍ଦୀରେ ନିର୍ମିତ ଭୁବନେଶ୍ୱର କପାଳିନୀ ମନ୍ଦିର କାନ୍ଥରେ ଭୀଷଣାକୃତି, ଅଷ୍ଟଭୁଜାକୋଟରାକ୍ଷୀ, ମୁଣ୍ଡମାଳିନୀ, କ୍ଷୀଣୋଦରା, ଶବାରୂଢ଼ା ଚାମୁଣ୍ଡା ପ୍ରଭୃତି ମାତୃକାମୂର୍ତ୍ତି ଖୋଦିତ। ପାଦଦେଶରେ ଦକ୍ଷିଣରେ ପେଚା ଓ ବାମରେ ଶିବ ଦଣ୍ଡାୟମାନ। ମନ୍ଦିର କାନ୍ଥରେ ଛଅଫୁଟ ଉଚ୍ଚରେ କ୍ରମାନ୍ୱୟରେ କ୍ଷୁଦ୍ରାକୃତି ବୀରଭଦ୍ର, ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବରାହୀ ଓ ଇନ୍ଦ୍ରାଣୀ ତଥା ଅପରପାର୍ଶ୍ୱରେ ଗଣେଶ ବିଗ୍ରହ ଖୋଦିତ। ପ୍ରତ୍ୟେକ ମୂର୍ତ୍ତିର ଶିର ଉପରେ ପ୍ରଭା ବିଦ୍ୟମାନ ଏବଂ କୌଣସି ମାତୃକା ସନ୍ତାନଧାରିଣୀ ନୁହନ୍ତି। ଏତଦ୍‌ଭିନ୍ନ ଭୁବନେଶ୍ୱରର ଗୌରୀମନ୍ଦିର, ଭୁବାସିନୀ ମନ୍ଦିର, ମୋହିନୀ ମନ୍ଦିର ପ୍ରଭୃତିରେ ସପ୍ତମାତୃକା ମୂର୍ତ୍ତି ଖୋଦିତ। ଏଥିରୁ ପ୍ରମାଣିତ ହୁଏ, ଭୌମକର ରାଜତ୍ୱ କାଳରେ ତନ୍ତ୍ର ଉପାସନାର ଉତ୍ତରଣରେ ଏକାମ୍ର କ୍ଷେତ୍ରରେ ଅନେକ ସପ୍ତମାତୃକାପୀଠ ପ୍ରତିଷ୍ଠିତ ହୋଇଥିଲା।

**ଟିଟିଲାଗଡ଼ର ପ୍ରାଚୀନ ନାମ ହେଉଛି ତ୍ରିତଲଗଡ଼ ଏବଂ ଏହି ସ୍ଥାନ ପଶ୍ଚିମ ଓଡ଼ିଶାର ପ୍ରଥମ ରାଜଧାନୀ।**

### ଘୋଡ଼ାଲଖଣ୍ଡ

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଘୋଡ଼ାଲଖଣ୍ଡ ଗ୍ରାମରେ ଏକ ପ୍ରାଚୀନ ସପ୍ତମାତୃକା ପୀଠ ରହିଛି। ସେଠାରେ ଗୋଟିଏ ଶିଳାଖଣ୍ଡରେ ନଅଗୋଟି ବିଗ୍ରହ ଖୋଦିତ। ପୀଠଟି ଧ୍ୱଂସବିଧ୍ୱଂସ୍ତ ହୋଇଯାଇଥିଲା। ୧୮୭୪ ଖ୍ରୀଷ୍ଟାବ୍ଦରେ ଶିଳାଖଣ୍ଡ ଆବିଷ୍କାର ହେବା ପରେ ପ୍ରତ୍ନତତ୍ତ୍ୱବିଦ୍ ବେଲାର ସାହେବ ନଅଟି ମୂର୍ତ୍ତି ଦେଖି ଏଗୁଡ଼ିକୁ ନବଗ୍ରହ ମୂର୍ତ୍ତି ବୋଲି ବିବେଚନା କରିଥିଲେ। କିନ୍ତୁ ସପ୍ତମ-ଅଷ୍ଟମ ଶତାବ୍ଦୀରେ ନବଗ୍ରହ ପରିବର୍ତ୍ତେ ଅଷ୍ଟଗ୍ରହ ପୂଜା ହେଉଥିବାରୁ ବେଲାର ସାହେବଙ୍କ ମତକୁ କେହି ଗ୍ରହଣ କରି ନ ଥିଲେ। ୧୯୫୩ ମସିହାରେ ସ୍ୱର୍ଗୀୟ କେଦାରନାଥ ମହାପାତ୍ର ମୂର୍ତ୍ତିଗୁଡ଼ିକୁ ଉତ୍ତମ ରୂପେ ପରୀକ୍ଷା କରି ଜାଣିଲେ ଯେ ଏହା ସପ୍ତମାତୃକାଙ୍କ ସହିତ ବୀରଭଦ୍ର ଓ ଗଣେଶଙ୍କ ମୂର୍ତ୍ତି। ସମଗ୍ର ଭାରତରେ ଏତାଦୃଶ ପ୍ରତ୍ନବିଭବ ବିରଳ। ସୂଚନାଯୋଗ୍ୟ ଯେ, ଟିଟିଲାଗଡ଼ର ପ୍ରାଚୀନ ନାମ ହେଉଛି ତ୍ରିତଲଗଡ଼ ଏବଂ ଏହି ସ୍ଥାନ ପଶ୍ଚିମ ଓଡ଼ିଶାର ପ୍ରଥମ ରାଜଧାନୀ। ପରେ ରାଜଧାନୀ ପାଟଣାଗଡ଼ ଓ ବଲାଙ୍ଗୀରକୁ ପରିବର୍ତ୍ତିତ ହେଲା। ଟିଟିଲାଗଡ଼ ନିକଟସ୍ଥ ରାଣୀପୁରଝରିଆଲ ପୁରାଣରେ ସୋମତୀର୍ଥ ନାମରେ ପରିଚିତ ଥିଲା ଏବଂ ସେଠାରେ ଶାକ୍ତ ତନ୍ତ୍ରର ଉତ୍ତରଣରେ ଚଉଷଠି ଯୋଗିନୀ ପୀଠ ନିର୍ମିତ, ଯାହା ଅଦ୍ୟାବଧି ରହିଛି। ନିକଟସ୍ଥ ଘୋଡ଼ାଲଖଣ୍ଡ ଗ୍ରାମରେ ସପ୍ତମାତୃକା ପୀଠ ସେହି ସମୟରେ ପ୍ରତିଷ୍ଠିତ ହୋଇଥିଲା। ପୀଠଟି ଧ୍ୱଂସ ପାଇଯାଇଥିଲେ ହେଁ ତହିଁର ନିଦର୍ଶନ ସ୍ୱରୂପ ଗୋଟିଏ ଶିଳାଖଣ୍ଡରେ ସପ୍ତମାତୃକା ସହିତ ବୀରଭଦ୍ର ଓ ଗଣେଶଙ୍କ ମୂର୍ତ୍ତି ପୀଠର ମହିମା ଉଦ୍‌ଘୋଷଣା କରୁଛି। ଏହି ଅଞ୍ଚଳର ଭୂଖନନ ଓ ପ୍ରତ୍ନସର୍ବେକ୍ଷଣ ହୋଇପାରିଲେ ଅନେକ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ଆସିପାରିବ। ବଲାଙ୍ଗୀର ଜିଲ୍ଲାର ଅନ୍ୟ ସ୍ଥାନରେ ସପ୍ତମାତୃକା ପୀଠର ସନ୍ଧାନ ମିଳି ନ ଥିଲେ ହେଁ ସୋନପୁରଠାରେ ଗୋଟିଏ ପୀଠ ଥିଲା, ଯାହାର ବର୍ତ୍ତମାନ ଅସ୍ତିତ୍ୱ ନାହିଁ।


### ବେଲଖଣ୍ଡି

କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ଗ୍ରାମରେ ତେଲନଦୀ କୂଳରେ ଗୋଟିଏ ସପ୍ତମାତୃକା ପୀଠ ୧୯୪୬ ମସିହାରେ ଆବିଷ୍କୃତ ହୋଇଛି। ଏହି ବେଲଖଣ୍ଡି ଗ୍ରାମଟି ତେଲ ଓ ଉତେଇ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ। ଏହି ଗ୍ରାମଟି ପ୍ରାଚୀନ ଧବଳେଶ୍ୱର ମନ୍ଦିର ନିମିତ୍ତ ପ୍ରସିଦ୍ଧ। ନଦୀର ସଙ୍ଗମ ସ୍ଥଳରେ ମନ୍ଦିରଟି ଥିବାରୁ ଏହା ତୀର୍ଥର ମାନ୍ୟତା ଲାଭ କରିଅଛି। ଏହି ସ୍ଥାନରୁ ବହୁ ପ୍ରତ୍ନବିଭବ ମିଳିଛି, ଯାହାକି ଗୋଟିଏ ସଂଗ୍ରହାଳୟରେ ସଂରକ୍ଷିତ। ପ୍ରତ୍ନବିଶେଷଜ୍ଞଙ୍କ ମତରେ ଏହି ସବୁ ପ୍ରତ୍ନବିଭବ ସପ୍ତମ-ଅଷ୍ଟମ ଶତାବ୍ଦୀର। ସେଠାରେ ମାଟିଭିତରୁ ସପ୍ତମାତୃକା ମନ୍ଦିର, ବୀରଭଦ୍ର, କୌମାରୀ, ମାହେଶ୍ୱରୀ, ବ୍ରାହ୍ମଣୀ, ବୈଷ୍ଣବୀ, ବରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡାଙ୍କ ବିଗ୍ରହଙ୍କର ନିମ୍ନାଂଶ ମିଳିଥିଲା। ପରେ ସ୍ୱର୍ଗୀୟ କେଦାରନାଥ ମହାପାତ୍ରଙ୍କ ପ୍ରଚେଷ୍ଟାରେ ବାରାହୀ, ଚାମୁଣ୍ଡା, ବ୍ରାହ୍ମଣୀ ଓ କୌମାରୀଙ୍କ ଭଗ୍ନ ଅଂଶ ସଂଗୃହୀତ

ହୋଇଥିଲା । ଏହି ସବୁ ମାତୃକା ମୂର୍ତ୍ତି ସନ୍ତାନ ଧାରିଣୀ । ଏତାଦୃଶ ସନ୍ତାନବତ୍ସଳା ମାତୃକା ମୂର୍ତ୍ତି ସମଗ୍ର ଭାରତରେ ବିରଳ । ଗବେଷକଙ୍କ ମତରେ ସପ୍ତମ ଶତାବ୍ଦୀରେ ଏହି ନିକାଞ୍ଚନ ନଦୀ ସଙ୍ଗମସ୍ଥଳରେ ସନ୍ତାନବତ୍ସଳା ସପ୍ତମାତୃକା ପୀଠ ପ୍ରତିଷ୍ଠିତ ହୋଇ ଗୁପ୍ତରେ ତନ୍ତ୍ର ଉପାସନା କରାଯାଉଥିଲା । ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ସମ୍ଭବତଃ ପୀଠଟି ଧ୍ୱଂସ ପାଇ ମାତୃକା ମୂର୍ତ୍ତିଗୁଡିକ ମାଟିତଳେ ପୋତି ହୋଇଯାଇଥିଲା, ଯେଉଁଗୁଡିକ ବର୍ତ୍ତମାନ ଉଦ୍ଧାର କରାଯାଇଛି । ଏହି ପ୍ରାଚୀନ ସପ୍ତମାତୃକା ପୀଠ ଓ ଧବଳେଶ୍ୱର ମନ୍ଦିର ଶୈବ-ଶାକ୍ତ ସଂସ୍କୃତିର ଚରମ ନିଦର୍ଶନ ।

**ହାବଳେଶ୍ୱର**

ଓଡ଼ିଶାର ଅନ୍ୟତମ ସପ୍ତମାତୃକା ପୀଠ କେନ୍ଦୁଝର ଜିଲ୍ଲା ହାଟଡିହୀ ନିକଟସ୍ଥ ବୈତରଣୀ ନଦୀର ଉତ୍ତରପାର୍ଶ୍ୱ ହାବଳେଶ୍ୱରଠାରେ ରହିଥିଲା । ଏହି ହାବଳେଶ୍ୱର ବୈତରଣୀତଟସ୍ଥ ଏକ କ୍ରୋଶଲିଙ୍ଗ ତଥା ବୈତରଣୀର ଗତିପଥରେ ପ୍ରତିଷ୍ଠିତ ଅନେକ କ୍ରୋଶଲିଙ୍ଗ ମଧ୍ୟରୁ ଅନ୍ୟତମ । ଏହି ହାବଳେଶ୍ୱର ମନ୍ଦିର ଯାଜପୁର ଜିଲ୍ଲା କୋରାଇ ଥାନାନ୍ତର୍ଗତ ମକୁନ୍ଦପୁର ଗ୍ରାମର ଅପରପାର୍ଶ୍ୱରେ ଅବସ୍ଥିତ । ବୈତରଣୀର ଉତ୍ତର ପାର୍ଶ୍ୱରେ ହାବଳେଶ୍ୱର ଓ ଦକ୍ଷିଣ ପାର୍ଶ୍ୱରେ ମୁକୁନ୍ଦେଶ୍ୱର ଉଭୟ ହେଉଛନ୍ତି କ୍ରୋଶଲିଙ୍ଗ । ଉତ୍ତର ପାର୍ଶ୍ୱସ୍ଥ ହାବଳେଶ୍ୱର ମନ୍ଦିର ସନ୍ନିକଟରେ ପ୍ରାଚୀନ ସପ୍ତମାତୃକା ପୀଠ ଅବସ୍ଥିତ । ସ୍ଥାନୀୟ ଲୋକେ ଏହାକୁ ସାତଭଉଣୀ ମନ୍ଦିର ମଧ୍ୟ କହନ୍ତି । ଏଠାରେ ସପ୍ତମ-ଅଷ୍ଟମ ଶତାବ୍ଦୀରେ ନିର୍ମିତ ପ୍ରାଚୀନ ସପ୍ତମାତୃକା ମନ୍ଦିର ଭାଙ୍ଗିଯାଇଥିବାରୁ ନୂତନ ମନ୍ଦିର ନିର୍ମାଣ କରାଯାଇଛି । ଏହି ନବନିର୍ମିତ ମନ୍ଦିରରେ ପ୍ରାଚୀନ ମନ୍ଦିରର କେତେ କଳାତ୍ମକ ଅଂଶ ଯୋଡ଼ାଯାଇଛି । ବିଶେଷତ୍ୱ ହେଉଛି, ଏହି ସପ୍ତମାତୃକା ପୀଠରେ ଶିବ ହେଉଛନ୍ତି ଦ୍ୱାରପାଳ । ଅନ୍ୟ କୌଣସି ସପ୍ତମାତୃକା ପୀଠରେ ଶିବ ଦ୍ୱାରପାଳ ନାହାନ୍ତି । ଗବେଷକଙ୍କ ମତନ୍ତ୍ର ତନ୍ତ୍ରଯୁଗରେ ଅର୍ଥାତ୍ ଭୌମକର ଯୁଗରେ ଏହା ଗୁପ୍ତତନ୍ତ୍ର ପୀଠ ଥିଲା ତଥା ସପ୍ତମାତୃକା ମନ୍ଦିର ଶିବ ଭୈରବ ରୂପରେ ଦ୍ୱାରପାଳ ଥିଲେ । ମନ୍ଦିରଟି ସପ୍ତମାତୃକାପୀଠ ହେଲେ ହେଁ ବର୍ତ୍ତମାନ ଏଠାରେ ଚାରିଗୋଟି ମାତୃକା ପୂଜା ପାଉଛନ୍ତି । ଅନ୍ୟ ଗୋଟିଏ ମୂର୍ତ୍ତିର କେବଳ ମସ୍ତକ ରହିଛି । ପ୍ରାପ୍ତ ମୂର୍ତ୍ତିଗୁଡିକର ହସ୍ତ ଓ ଆୟୁଧ ନାହିଁ । ମନେ ହୁଏ, ମନ୍ଦିରଟି ବିଧର୍ମୀମାନଙ୍କ ଆକ୍ରମଣରେ କ୍ଷତ ହୋଇଛି ତଥା ଆକ୍ରମଣକାରୀମାନେ ମୂର୍ତ୍ତିକୁ ଖଣ୍ଡିଆ କରିଛନ୍ତି ଓ କେତେକ ମୂର୍ତ୍ତି ନଦୀଗର୍ଭକୁ ଫିଙ୍ଗି ଦେଇଛନ୍ତି । ପରେ ଲୋକମାନେ ଖଣ୍ଡିତ ମୂର୍ତ୍ତିରୁ ଯାହା ପାଇଲେ ଉଦ୍ଧାର କରି ମନ୍ଦିରରେ ରଖିଛନ୍ତି । ମିଳିଥିବା ମୂର୍ତ୍ତି ଚାରିଗୋଟି ମଧ୍ୟରୁ ଗୋଟିଏ ଚାମୁଣ୍ଡା ମୂର୍ତ୍ତି ଓ ଅନ୍ୟ ତିନୋଟି ଭ୍ରୁକୁଟି, ବଜ୍ରତାରା ଓ ବରୁଣାନୀ । ଏହା ବୌଦ୍ଧ ସପ୍ତମାତୃକା ପୀଠ ଥିଲା ବୋଲି ହୃଦ୍‌ବୋଧ ହୁଏ । ଯାହା ଓଡ଼ିଶାରେ ବିରଳ ପୀଠ । ବାଲେଶ୍ୱର ସଂଗ୍ରହାଳୟରେ ନୃତ୍ୟରତା ସପ୍ତମାତୃକା ରହିଛନ୍ତି । ପ୍ରମାଣିତ ହୁଏ, ବାଲେଶ୍ୱରଠାରେ ଗୋଟିଏ ସପ୍ତମାତୃକା ପୀଠ ରହିଥିଲା । ପ୍ରାଚୀନ ତନ୍ତ୍ରପୀଠ ଖିଚିଂ ଓ ଜଳେଶ୍ୱରଠାରେ ସପ୍ତମାତୃକା ପୀଠ ଥିଲା ବୋଲି କୁହାଯାଉଥିଲେ ହେଁ ସେହି ଦୁଇସ୍ଥାନରୁ କୌଣସି ମୂର୍ତ୍ତି ବା ପ୍ରତ୍ନବିଭବ ମିଳିନାହିଁ ।



ସମଗ୍ର ଭାରତବର୍ଷ ଯେତିକି ସପ୍ତମାତୃକାପୀଠ ରହିଛି ତନ୍ମଧ୍ୟରୁ ଅଧାରୁ ଅଧିକ ଓଡ଼ିଶାରେ ରହିଛି । ଓଡ଼ିଶା ତନ୍ତ୍ରସାଧକବୃନ୍ଦ ପରମ୍ପରାର ପରିଧି ଭିତରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ସପ୍ତମାତୃକା ଉପାସନା କରିଥିଲେ । ମହନୀୟତା ହେଉଛି, ଓଡ଼ିଶାର ସିଦ୍ଧତନ୍ତ୍ରାଚାର୍ଯ୍ୟବୃନ୍ଦ ସପ୍ତମାତୃକା ଉପାସନାର ନୂତନ ସଂବୋଧି ଲାଭପୂର୍ବକ ନୂତନ ବିଧି ପ୍ରଣୟନ କରିଥିଲେ । ଅଧିକନ୍ତୁ, ବିଭିନ୍ନ ସ୍ଥାନରେ ସପ୍ତମାତୃକା ପୀଠ ପ୍ରତିଷ୍ଠା କରି ଏହି ଉପାସନାକୁ ଭବ୍ୟରୂପ ପ୍ରଦାନ କରିଥିଲେ । ପରିଣାମ ସ୍ୱରୂପ, ଭାରତର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ସଂଖ୍ୟାଧିକ ସପ୍ତମାତୃକାପୀଠ ଦୃଷ୍ଟିଗୋଚର ହୋଇଥାଏ । କାଳର କରାଳଗତିରେ ବହୁ ସପ୍ତମାତୃକାପୀଠ ଧ୍ୱଂସ ପାଇଥିଲେ ହେଁ ଯେଉଁ କେତୋଟି ତିଷ୍ଠି ରହିଛି ସେ ସଂପର୍କରେ ଇତିହାସ ଓ ଅଧିକରୁ ଅଧିକ ଗବେଷଣା ହେବା ସମୀଚୀନ ।

□□

ଲେଖକଙ୍କ ଇ-ମେଲ ଠିକଣା:
antaryamimisra@gmail.com

ଗଳ୍ପ

# ସୃଷ୍ଟି ସଂଳାପ



ଜୟନ୍ତୀ ସାହୁ

ଠନ୍‌ଠନ୍ କରି କାନ୍ଥଘଣ୍ଟାରେ ରାତି ଦୁଇଟା ବାଜିଲା। ଏଥର କଡ଼ମୋଡ଼ି ନିଦରେ ଶୋଇବାର ପ୍ରଚେଷ୍ଟା କଲା ଉତ୍ତରା। କିନ୍ତୁ ଆଜି ଯେତେ ଚେଷ୍ଟା କଲେ ବି ଉତ୍ତରାର ଆଖିକୁ ନିଦ ଆସୁନି କି ତା' ମନରୁ ଏ ଗହନ ଚିନ୍ତା ଯାଉନି। ଭରା ଆଶାର ହୃଦୟରେ ସେ ଆଜି ଧାଇଁଯାଇଥିଲା ଡାକ୍ତର ଚତୁର୍ବେଦୀଙ୍କ ନର୍ସିଂହୋମ୍‌କୁ। ଯିବା ପୂର୍ବରୁ ଖାଲି ସେଇ ଆକାଙ୍‌କ୍ଷିତ ମହାର୍ଘ ଶବ୍ଦଟି ଶୁଣିବା ପାଇଁ କେତେ ଠାକୁରଙ୍କ ପାଖେ ମାନସିକ କରିଛି। ଘରେ ଥିବା ପଥର ଦିଅଁ ପାଖରେ କେତେ ନାହିଁ କେତେ ଆକୁଳ ବିନତି କରିଛି। କାରଣ ମାତ୍ର ଗୋଟିଏ ଝିଅର ମା' ହୋଇ ସେ ଏ ଘରେ ଯେତିକି ନିର୍ଯ୍ୟାତନା ସହିଲାଣି, ତା' ପାଇଁ ଢେର ହୋଇ ଗଲାଣି। ତେଣୁ ଏ ଗର୍ଭରେ ସେ କେବଳ ଲୋକଦେଖା ଯୌତୁକଲୋଭୀ ଦୁନିଆର ସେଇ ମହାର୍ଘ ଲୋଭନୀୟ ଚିଜ ପୁଅଟିଏ ହିଁ ଚାହୁଁଥିଲା। ସେଥିପାଇଁ ଶଙ୍କାକୁଳ ମନ ଆଉ ଅସ୍ଥିର ହୃଦୟରେ ଆଜି ଡାକ୍ତର ଚତୁର୍ବେଦୀଙ୍କ ସ୍କାନିଂ ସେଣ୍ଟରରେ ପହଞ୍ଚିଥିଲା। ସ୍ୱାମୀଙ୍କର କଡ଼ା ହୁକୁମ ଯେ ଦ୍ୱିତୀୟ ଗର୍ଭରେ ଝିଅ ହେଲେ ତା'ର ଏ ଘରେ ଆଉ ସ୍ଥାନ ନାହିଁ। କେବଳ ପୁଅ ହେଲେ ହିଁ ପୂର୍ବବତ୍ ପତ୍ନୀତ୍ୱର ମର୍ଯ୍ୟାଦା ପାଇବ ଉତ୍ତରା। ଏକଥା ପୁନଃ ମନେ ପଡ଼ିଗଲା ବେଳକୁ ଦେହ ଭୟରେ ଶିହରି ଉଠୁଛି। ଯୁଗେ ଯୁଗେ ନାରୀ ଜାତି ଏମିତି ହିଁ ନିର୍ଯ୍ୟାତିତା। ଯାହାର ଲୁହରେ ସସାଗରା ପୃଥିବୀ ଭିଜିଯାଏ, ଯାହାର ଉଦ୍‌ଗତ କୋହରେ ବିଶ୍ୱ ବ୍ରହ୍ମାଣ୍ଡ ଥରି ଉଠେ, ତା' ଅନ୍ତରର ନିଭୃତ ଗୋପନ ବ୍ୟଥାକୁ କିଏ ବା ଜାଣିପାରେ? ଯିଏ ନିଜର ଲୁହର ବନ୍ୟାରେ ନିତି ନିତି ନିଜକୁ ଭସାଇଦିଏ, ଯିଏ ନିଜ ହୃଦୟର ଦୀର୍ଘଶ୍ୱାସରେ ନିଜକୁ ଜାଳିପୋଡ଼ି ଛାରଖାର କରିଦିଏ, ତା'ର ନିର୍ଯ୍ୟାତନାର ଟେର୍ ସତରେ କେହି ବି ପାଆନ୍ତି ନାହିଁ। ସତକୁ ସତ ନିଷ୍ଠୁର ଭଗବାନ ଏଥର ବି ତା' ନିଭୃତ ଗର୍ଭ ଗହ୍ୱରେ ଝିଅଟିଏର ଚିତ୍ର ଆଙ୍କି ଦେଇଛନ୍ତି ବୋଲି ଡାକ୍ତର ଚତୁର୍ବେଦୀଙ୍କ କମ୍ପ୍ୟୁଟର ଘୋଷଣା କରିଥିଲା। କମ୍ପ୍ୟୁଟର ଫଳାଫଳ ଶୁଣି ଉତ୍ତରାକୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶୁଥିଲା।

ସେ ଭାବୁଥିଲା ଝିଅ ଜନ୍ମ କରିବାର ବିରାଟ ପାପବୋଝକୁ ମୁଣ୍ଡେଇ ସ୍ୱାମୀ ପରିତ୍ୟକ୍ତା ହୋଇ ଏ ପିଚ୍ଛିଳ ସଂସାର ପଥରେ ସେ ଏକୁଟିଆ ଚାଲିପାରିବ ତ? ଦୁଇଟି ଝିଅର ଗୁରୁଦାୟିତ୍ୱକୁ ନିଜେ ବାପା ହୋଇ ଅନିମେଷ ଯଦି ମୁଣ୍ଡକୁ ନ ନେବେ, ତେବେ ଅନ୍ୟ କିଏ କାହିଁକି ବା ଏଥିପାଇଁ ସାମର୍ଥ୍ୟର ହାତ ବଢ଼େଇବ? ତେବେ ତା' ଗର୍ଭରେ ଝିଅ ଭ୍ରୁଣଟିର ସଞ୍ଚାର ସମୟରେ ଅନିମେଷ ତ କାହିଁ ଅନୁପସ୍ଥିତ ନ ଥିଲେ କିମ୍ବା ତା' ଜରାୟୁରେ ଝିଅ ଭ୍ରୁଣଟିର ପ୍ରଥମ ଅଙ୍କୁରୋଦ୍‌ଗମ ବେଳେ ଅନିମେଷଙ୍କ ଅବଦାନ ତ କିଛି କମ୍ ନ ଥିଲା। ଝିଅଟିଏ ପେଟରେ ଗଢ଼ିବା ପାଇଁ ମା' ଯଦି ଏକା ଏକା ସମର୍ଥ ନୁହେଁ, ଦଶ ମାସ ଗର୍ଭ ଯନ୍ତ୍ରଣା ସହି ପୃଥିବୀର ଆଲୁଅ ଦେଖାଉଥିବା ମା' କାହିଁକି ଝିଅ ଜନ୍ମ ଅପରାଧରେ ଦୋଷୀ ହେବ ଅବା ଏକୁଟିଆ ଦଣ୍ଡ ପାଇବ? ଏ ପୁରୁଷ ଅତ୍ୟାଚାରିତ ସମାଜରେ ନାରୀର ସ୍ଥିତି ସତରେ କେତେ ନଗଣ୍ୟ। କେତେ ନଗଣ୍ୟ ଏଇ ଉନ୍ନତ ପୁରୁଷାକାରର ମିଛଖୋଳପା ପିନ୍ଧା ନିଛକ କାପୁରୁଷ ମଣିଷମାନେ?

**ଝିଅ ଜନ୍ମ କରିବାର ବିରାଟ ପାପବୋଝକୁ ମୁଣ୍ଡେଇ ସ୍ୱାମୀ ପରିତ୍ୟକ୍ତା ହୋଇ ଏ ପିଚ୍ଛିଳ ସଂସାର ପଥରେ ସେ ଏକୁଟିଆ ଚାଲିପାରିବ ତ?**

ଆଜି ସକାଳେ ପଡ଼ିଶା ଘରର ସ୍ୱାତୀ ଅପାଙ୍କ ସହ କଥାବାର୍ତ୍ତା ଆଳରେ ନିଜର ଝିଅ ଜନ୍ମଜନିତ ଦୁଃଖକୁ ଖୁବ୍ ଦୟନୀୟ ଭାବେ ବଖାଣି ବସିଥିଲା ଉତ୍ତରା। କିନ୍ତୁ ଅଭିଜ୍ଞ ସ୍ୱାତୀ ଅପା ଉତ୍ତରାର ଦୁଃଖରେ କ୍ଷଣେ ମାତ୍ର ବିଚଳିତ ନ ହୋଇ ବରଂ କହିଲେ, ତୁ ଏଇ କଥା ପାଇଁ କାହିଁକି ଏତେ

ବ୍ୟସ୍ତ ହୋଇ ପଡୁଛୁ? ସ୍କାନିଂ କରି ଆସିଲୁ ଭଲ ହେଲା, କାଲି ସକାଳୁ ଯାଇ ଡାକ୍ତରଙ୍କ ପାଖରେ ସେ ଝିଅ ଭ୍ରୂଣଟିକୁ ନଷ୍ଟ କରିଦେଇଆସ। ନିଜେ ମା' ହୋଇ ନିଜ ଗର୍ଭର ପିଲାକୁ ଜାଣି ଜାଣି ମାରି ଦେବା କଥା ଶୁଣି ଉତ୍ତରା ବଡ ବିଷର୍ଣ୍ଣ ହୋଇ ପଡ଼ିଥିଲା। କିନ୍ତୁ ସ୍ୱାତୀ ଅପା ପୁଣି କହିଲେ, ଏଥିରେ ବିବ୍ରତ ହେବାର ବା ମନ ଦୁଃଖ କରିବାର କ'ଣ ଅଛି ! ତୋ ଭଳି ହଜାର ହଜାର ସ୍ତ୍ରୀ ଲୋକ ପରା ସବୁଦିନ ଏମିତି କମ୍ପ୍ୟୁଟର ପାଖରୁ ଫେରି ଝିଅ ଭ୍ରୂଣଗୁଡ଼ିକୁ ନଷ୍ଟ କରି ଦେଉଛନ୍ତି। ଆଧୁନିକ କମ୍ପ୍ୟୁଟର ଯୁଗରେ ଗର୍ଭରେ ଥିବା ପିଲାକୁ ଚିହ୍ନି ସାରିଲା ପରେ କିଏ କାହିଁକି ଝିଅ ଜନ୍ମ କରି ଏତେ ଯୌତୁକ ଦେଇ ଦେଇ ହନ୍ତସନ୍ତ ହେବ କହିଲୁ? ବରଂ ଏଇ ଗର୍ଭକୁ ନଷ୍ଟ କରିଦେଲେ କିଛି କଷ୍ଟ ଲାଗିବ ନାହିଁ। ସ୍ୱାତୀ ଅପାଙ୍କ କଥାରେ ଏକମତ ହୋଇ ଉତ୍ତରା ଘରକୁ ଆସିଲା ସିନା, ହେଲେ କ'ଣ କରିବ କିଛି ସ୍ଥିର ନିଷ୍ପତ୍ତିରେ ପହଞ୍ଚିପାରୁ ନାହିଁ। ତେବେ ନିଜ ଜୀବନକୁ ଆଉ ଜଣକର ବଳିଷ୍ଠ ବାହୁର ଛତ୍ରଛାୟା ତଳେ ସୁରକ୍ଷିତ ରଖିବା ପାଇଁ ଉତ୍ତରା ଠିକ୍ କଲା। ଆଜି ରାତି ପାହିଲେ କାଲି ସକାଳୁ ସ୍ୱାତୀ ଅପାଙ୍କ ସଂଗେ ଡାକ୍ତରଖାନାକୁ ଯାଇ ତାଙ୍କ କଥା ମୁତାବକ ବ୍ୟବସ୍ଥା କରି ଫେରିବ।



ଏମିତି ଦୃଢ଼ ନିଷ୍ପତ୍ତି ନେବା ସମୟରେ ଉତ୍ତରାକୁ ଶୁଭିଲା ଯେମିତି ଗର୍ଭରେ ଥାଇ ତା'ର ସେଇ ଅବାଞ୍ଛିତ ଝିଅ ଭ୍ରୂଣଟି କାତର କଣ୍ଠରେ କହୁଛି, ମତେ ଏମିତି ଅବେଳରେ ନଷ୍ଟ କରି ଦିଅନି ମା'। ପ୍ରତ୍ୟେକ ବୀଜର ମହାଦ୍ରୁମ ହେବାର ଅଧିକାର ଅଛି। ମତେ ସେଇ ମହାଦ୍ରୁମ କରିବାର ଶପଥ ନେଇ ସ୍ୱୀକୃତି ଟିକିଏ ଦିଅ ମା'। ମତେ ଏ ଦୁନିଆର ଆଲୁଅ ଟିକିଏ ଦେଖାଅ। ଦେଖିବ, ମୁଁ ବି ଦିନେ ଏ ପୃଥିବୀରେ ଆଉ ଜଣେ ଲକ୍ଷ୍ମୀବାଈ କିମ୍ବା ମୀରାବାଈ ଭାବେ ପ୍ରତିଷ୍ଠିତ ହେବି। ଆଉ ଜଣେ ମଦର ଟେରେସା ହୋଇ ଲକ୍ଷ ଲକ୍ଷ ପୀଡ଼ିତ ପ୍ରାଣରେ ହସ ସିଞ୍ଚିଦେବି। ତମ ଭଳି ଜଣେ ସୃଷ୍ଟିକାରିଣୀ ହୋଇ ଏ ଧରାରେ ଅମୃତ ପରଷି ଦେବି। ଅସଂପୂର୍ଣ୍ଣା ଓ ସଂପୂର୍ଣ୍ଣା, ପରିପୂର୍ଣ୍ଣା ପାଲଟିଯିବି। ଦିନେ ଭବିଷ୍ୟତର ଆକାଶକୁ ସୁଗୁଣର ଜ୍ୟୋତିରେ ଜ୍ୟୋତିର୍ମୟ କରିଦେବି। ମୁଁ ସିନା ତମ ପାଇଁ, ମୋ ବାପାଙ୍କ ପାଇଁ ଅଲୋଡ଼ା, ହେଲେ ଏ ସଚରାଚର ବିଶ୍ୱ ପାଇଁ ଅଲୋଡ଼ା ନୁହେଁ ମା'। ନାରୀ ବ୍ୟତିରେକେ ସୃଷ୍ଟି କେବେ ବି ତିଷ୍ଠି ପାରିବ ନାହିଁ। ନାରୀ ହିଁ ମହାମାୟୀ, ଯୋଗମାୟା, ଯଜ୍ଞାରୂଢ଼ା, ଆଦ୍ୟାଶକ୍ତି, ମହାଶକ୍ତି ଜାଗୃତି। ସମଗ୍ର ଦାନବ କୁଳକୁ, ଅଧର୍ମର କୌରବ କୁଳକୁ ଧ୍ୱଂସ କରିବା ପାଇଁ କେବଳ ନାରୀ ଶକ୍ତି ହିଁ ଲୋଡ଼ା, ଯେତେବେଳେ ମହାକାଳ ମହାଦେବ ଗାଢ଼ ନିଦ୍ରାସକ୍ତ, ସେତେବେଳେ ସୃଷ୍ଟି ସର୍ଜନା ପାଇଁ, ମାତୃଶକ୍ତି ହିଁ ସୁପ୍ତଶିବଙ୍କୁ ପଦାଘାତ କରି ଜାଗ୍ରତ ତଥା ସଚେତନ କରାଇ ଥାଆନ୍ତି। ଗୃହର ଅନ୍ଧକାରକୁ ଦୂର କରିବା ପାଇଁ କେବଳ ନାରୀଟିଏ ହିଁ ପ୍ରଦୀପ ପ୍ରଜ୍ୱଳିତ କରି ଅନ୍ଧକାରର ବିନାଶ କରିଥାଏ। ଜାତିର, ଗୋଷ୍ଠୀର, ସଂସ୍କୃତିର ଏବଂ ପରିବାରର ପ୍ରଗତି ନାରୀଟିଏ ଉପରେ ହିଁ ନିର୍ଭର କରିଥାଏ। ତେଣୁ ହେ ସର୍ଜନାକାରିଣୀ ! ମତେ ବିନାଶ କର ନାହିଁ। ବରଂ ଆଶୀର୍ବାଦ ଦେଇ ଏ ଧରା ବୁକୁରେ ଜନ୍ମ ଦିଅ। ତମରି ଆଶୀର୍ବାଦ ନେଇ ମୁଁ ଦିନେ ଜଗତଜିତା ହୋଇ ଦେଶର ହିତରେ ଜୀବନ ବିତରି ଦେବି।

ଉତ୍ତରା ସତରେ ବିଚଳିତ ହୋଇପଡ଼ିଲା। କିଂକର୍ତ୍ତବ୍ୟବିମୂଢ଼ ହୋଇ ସିଧା ରାଧାମାଧବଙ୍କ ବିଗ୍ରହ ଆଡ଼କୁ ଦୌଡ଼ିଲା। ଅଶ୍ରୁଳ ନୟନରେ ପ୍ରଭୁ ରାଧାମାଧବଙ୍କୁ ପଚାରିଲା, ତମେ କାହିଁକି ଏ କମ୍ପ୍ୟୁଟର ଯୁଗ ସୃଷ୍ଟି କଲ ପ୍ରଭୁ? କାହିଁକି ଅବା ଖଞ୍ଜିଦେଲ ମଣିଷ ମୁଣ୍ଡରେ ଏ ବିଜ୍ଞାନର କାରିଗରି, ବରଂ ଭଲ ଥିଲା ସେମିତି ଅଜଣା ଗୁମ୍ଫା ମଧ୍ୟରେ ଝିଅଟିଏ ଅବା ପୁଅଟିଏର ଆବିର୍ଭାବ । ଏମିତି କମ୍ପ୍ୟୁଟରର ଉତ୍କର୍ଷତା ବଳରେ ଯଦି ଆଜି ସମସ୍ତ ଝିଅ ଭ୍ରୂଣର ବିନାଶ ଘଟୁଛି, ତେବେ ଆଉ କିଛିଦିନ ପରେ ଏ ପୃଥିବୀ ନାରୀଶୂନ୍ୟ ହୋଇପଡିବ। ସ୍କାନିଂ ପ୍ରକ୍ରିୟାରେ ପ୍ରଭାବିତ ହୋଇ ପେଟର ଭ୍ରୂଣକୁ ହତ୍ୟା କରି ନାରୀ ଆଉ କୋମଳପ୍ରାଣା ଜନନୀ ନ ହୋଇ ଦାନବୀ ପାଲଟିଯିବ ପ୍ରଭୁ। ଏ କମ୍ପ୍ୟୁଟରର ପ୍ରଭାବରେ ନାରୀକୁ ବନ୍ଧ୍ୟା କରିଦିଅ ପଛକେ, କିନ୍ତୁ ଏମିତି ସ୍ତ୍ରୀ ଭ୍ରୂଣ ହତ୍ୟାକାରୀ ଘାତକ କରନା। ଏ ସୃଷ୍ଟି ସମ୍ଭବା ବିଶ୍ୱରୁ ନାରୀ ସତ୍ତାକୁ କ୍ରମେ ଲୋପ କରିଦିଅନା।

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

କବିତା



# ଦୁଇଟି ସନେଟ୍

ଡ. କୁଳମଣି ଓଝା

## ସ୍ମୃତିଫୁଲ

ଅଶିଣ ଆକାଶୁ ସ୍ମୃତି ରେଣୁ ରେଣୁ ଝରେ
କିଏ ଆଙ୍କିଦେଲା ସ୍ୱପ୍ନର ସୂରୁଜମୁଖୀ
ଠୋ-ଠା ଜହ୍ନିଫୁଲ : ସ୍ମୃତିଫୁଲ ଫୁଟେ ଧୀରେ
କାକୁଡ଼ି ଫୁଲରେ ମଉନ-ମୁଦ୍ରିତ ଆଖି।

ଗାଆଁଦାଣ୍ଡ ଧୂଳି ଦେହେ ମୋ ଚନ୍ଦନ ବୋଳା
ଝୋଟି ମୁରୁଜରେ ଗାଆଁଦାଣ୍ଡ ଦିଶେ ତୋରା
ଚଉରା ମୂଳରେ କୁଆଁର ପୂନେଇଁ ମେଳା
ଜୋଛନା ଜୁଆରେ ବଉଳବେଣୀର ଝରା।

ସାରା ରାତି ଜହ୍ନ : ସାରା ରାତି ପୁଚିଖେଳ
ଲଳିତ ଲହରେ ମିଳିତ ଗୀତର ସୁର
'ଗଜଲକ୍ଷ୍ମୀ ପୂଜା' ପବିତ୍ର ପୁଲକ ବେଳ
ଘରେ ଘରେ ଖୁସି : ସରାଗେ ସରଗପୁର।

କୁଆଁର ପୂନେଇଁ ସ୍ମୃତିଫୁଲ ହୋଇ ଫୁଟେ
ସ୍ମୃତିରେ ସ୍ମୃତିରେ ଅମୁହାଁ ଦେଉଳ ଫିଟେ।

## ଛାଇଛାଇକା

କୈଶୋର ସ୍ମୃତିରେ କମନୀୟ କେତେ ଛବି
ଭୟ-ଖୁସି ଭରା ଟ୍ରାଜିକ୍-କମିକ୍ ପୃଷ୍ଠା
ସ୍ୱପ୍ନ ଥିଲା ଶବ୍ଦ ସଜେଇ ହେବି ମୁଁ କବି
ଗାଆଁ ପାଠଶାଳା ମନେ ଭରିଥିଲା ନିଷ୍ଠା।

'ପ୍ରାତଃ ସ୍ନାନ ବକ ଧ୍ୟାନ' ବିଦ୍ୟାର୍ଥୀର ବ୍ରତ
ରାତି ଦି' ପହରେ ବିଦ୍ୟାପୀଠେ ସାଥୀ ମେଳେ
ପାଠପଢ଼ା ସାରି ଶୋଇପଡୁ ପାଞ୍ଚ ମିତ
ଶୟନ ମାତ୍ରକେ ଭୂତପ୍ରେତ ମନେ ଖେଳେ।

ପୂନେଇଁ ରାତିରେ ଆମ୍ବ ତୋଳିବାରେ ମନ
ରାତି ବାରଟାରେ ବାହାରିଲୁ ପାଞ୍ଚ ସାଙ୍ଗ
ଗହୀର ବିଲରେ ଏ କି ବିକରାଳ ସ୍ୱନ
ତାଳଗଛ-ଭୂତ ଦେଖି ଦେଲୁ ଛତ୍ରଭଙ୍ଗ।

ଛାଇ ଛାଇ ନିଦେ କିଏ ସେ ଚାଲଇ ଆଗେ
ଭୂତ ଭୟ ଘାରେ ନିଦରେ ଦଉଡୁ ବେଗେ।



□□

କବିଙ୍କ ଇ-ମେଲ୍ ଠିକଣା:
ojhakulamani1966@gmail.com

**ପ୍ରବନ୍ଧ**

# ଶକ୍ତିବାଦର ଗହନକଥା



ଡ. ଦୋଳଗୋବିନ୍ଦ ବିଶୀ

ଭାରତୀୟ ଦର୍ଶନର ସିଦ୍ଧାନ୍ତ ଅନୁସାରେ ଆଦିଶକ୍ତି ବା ମହାଶକ୍ତିଙ୍କର ସ୍ୱରୂପ ଦିବ୍ୟ ଓ ଉଦାର । ଶକ୍ତି ହିଁ ବିଶ୍ୱକୁ ସୃଜନ କରନ୍ତି, ଶକ୍ତି ହିଁ ସେହି ବିଶ୍ୱ ବା ସୃଷ୍ଟିକୁ ସଂଚାଳନ କରନ୍ତି ଓ ପୁନଶ୍ଚ ଶକ୍ତି ହିଁ କାଳାନ୍ତରେ ତାକୁ ସଂହାର କରନ୍ତି । ଆଦିଶକ୍ତି ହିଁ ସୃଷ୍ଟିର ଆଦିକାରଣ । ଶକ୍ତି ସେହି ପରମତତ୍ତ୍ୱ ଯହିଁରୁ ଏହି ମିଥ୍ୟା ଜଗତର ଉତ୍ପତ୍ତି ହୋଇଛି । ଜଡ଼ପ୍ରକୃତି ପୂର୍ବରୁ ମଧ୍ୟ ଶକ୍ତି ବିଦ୍ୟମାନ ଥିଲେ ଏବଂ ତାଙ୍କ ଇଚ୍ଛାରୁ ଭୌତିକ ଜଗତର ସୃଷ୍ଟି ହେଲା । ଏଥିପାଇଁ ବିଶୁଦ୍ଧ ଶାକ୍ତବାଦ ବା ଶାକ୍ତଦର୍ଶନରେ ଈଶ୍ୱରବାଦ ନାହିଁ କିମ୍ବା ଦେବୀଦେବତା ମଧ୍ୟ ନାହାନ୍ତି । ଏଥିରେ ମଧ୍ୟ ପଞ୍ଚମକାରର ଆବଶ୍ୟକତା ନାହିଁ । ଶାକ୍ତ ଦର୍ଶନ ହେଉଛି ବିଶୁଦ୍ଧ ଅଦ୍ୱୈତବାଦ, ଯହିଁରେ ଆତ୍ମାକୁ ପ୍ରକୃତିପୂରକ ଭାବରେ ସ୍ୱୀକାର କରାଯାଏ । ବେଦରେ ସୂର୍ଯ୍ୟଙ୍କୁ ପରମତତ୍ତ୍ୱ ଏବଂ ସୃଷ୍ଟିର ମୂଳକାରଣ ଭାବେ ଗ୍ରହଣ କରାଯାଇଛି । ଶାକ୍ତସିଦ୍ଧାନ୍ତ ଏହାର ଠିକ ବିପରୀତ । ଶାକ୍ତାଗମର ସିଦ୍ଧାନ୍ତକୁ ମାନୁଥିବା ବ୍ୟକ୍ତିଙ୍କୁ 'ବିଶୁଦ୍ଧ-ଦେବଦେବୀ-ଆସ୍ତିକ'ମାନେ ଏହି କାରଣରୁ ନାସ୍ତିକ ବୋଲି କହନ୍ତି ।

**ବେଦରେ ସୂର୍ଯ୍ୟଙ୍କୁ ପରମତତ୍ତ୍ୱ ଏବଂ ସୃଷ୍ଟିର ମୂଳକାରଣ ଭାବେ ଗ୍ରହଣ କରାଯାଇଛି । ଶାକ୍ତସିଦ୍ଧାନ୍ତ ଏହାର ଠିକ ବିପରୀତ ।**

ଏକ ତାନ୍ତ୍ରିକଗ୍ରନ୍ଥରେ ସାଧକ ଉମାନନ୍ଦ ନାଥ 'ପରାଶକ୍ତି'ଙ୍କର ଚମତ୍କାର ବର୍ଣ୍ଣନା ଭାବପୂର୍ଣ୍ଣ ଶବ୍ଦରେ କରିଛନ୍ତି, ଯଥା:-

ଯସ୍ୟାଦୃଷ୍ଟୋ ନୈବ ଭୂମଣ୍ଡଳାଂଶୋ
ଯସ୍ୟାଦାସୋ ବିଦ୍ୟତେ ନ କ୍ଷୀତିଶଃ ।
ଯସ୍ୟାଜ୍ଞାତଂ ନୈବ ଶାସ୍ତ୍ରଂ କିମନ୍ୟୈଃ
ଯସ୍ୟାକାରଃ ସା ପରାଶକ୍ତିରେବ ॥

'ପରାଶକ୍ତି' ହେଉଛନ୍ତି ସେହି ଶକ୍ତି, ଯାହାଙ୍କ ଯୋଗୁ ସଂସାରର ସମସ୍ତ ଭାଗ ଦୃଶ୍ୟମାନ (ଦୃଷ୍ଟ) ହୋଇଥାଏ । ଏମିତି କୌଣସି ରାଜା ନାହାନ୍ତି, ଯିଏ ତାଙ୍କର ଦାସ ନୁହନ୍ତି । ଏମିତି କୌଣସି ଶାସ୍ତ୍ର ନାହିଁ ଯିଏ ତାଙ୍କୁ ନ ଜାଣିଛି ।

## ସର୍ବତ୍ର ବ୍ୟାପ୍ତ


ସୃଷ୍ଟିର ପ୍ରତ୍ୟେକ ଅଣୁ ପରମାଣୁରେ ଶକ୍ତି ବ୍ୟାପ୍ତହୋଇ ରହିଛନ୍ତି । ସେ ହିଁ ପରମେଶ୍ୱରୀ ଓ ଅସୀମ ପ୍ରଭୁତ୍ୱର ଅଧିକାରିଣୀ । ସେ ସମସ୍ତ ଜ୍ଞାନ ଓ ବିଜ୍ଞାନର ଆଦିସ୍ରୋତ । ଶକ୍ତିବାଦ ସାଂଖ୍ୟଦର୍ଶନର ଦ୍ୱୈତବାଦଠାରୁ ଗୋଟିଏ ପାଦ ଆଗରେ ରହିଛି ଏବଂ ଏହା ମଧ୍ୟ ବେଦାନ୍ତର ଅଦ୍ୱୈତବାଦକୁ ଜାଣିବା ପାଇଁ ଶ୍ରେଷ୍ଠ ମାଧ୍ୟମ । ଶକ୍ତିବାଦର ତାତ୍ତ୍ୱିକ ଦୃଷ୍ଟିରେ ଈଶ୍ୱର ଜଗତୋପରି ଏବଂ ଜଗତ ହିଁ ଈଶ୍ୱର । ଏହି ଦୁଇ ସିଦ୍ଧାନ୍ତକୁ ଶାକ୍ତବୀଜ ଭାବରେ ଗ୍ରହଣ କରାଯାଏ ।

ଶକ୍ତିବାଦର ଏହି ସିଦ୍ଧାନ୍ତ ହିଁ ଆଗମ ସମ୍ପ୍ରଦାୟର ମୂଳ ଆଧାର । କେତେକ ବିଦ୍ୱାନଙ୍କ ମତରେ ଶିବ ଓ ଶକ୍ତିଙ୍କର ଦ୍ୱୈତ ସ୍ଥିତି ହିଁ ତନ୍ତ୍ରବାଦର ଆଧାର ଏବଂ ଏହି ଦୃଷ୍ଟିରୁ ଏହା ସାଂଖ୍ୟଦର୍ଶନର ପୁରୁଷ ଓ ପ୍ରକୃତି ତତ୍ତ୍ୱ ଠାରୁ ଭିନ୍ନ ନୁହେଁ । ଆଉ କେତେକ ବିଦ୍ୱାନ ଏହି ମତକୁ ଗ୍ରହଣ କରି ନ ଥାନ୍ତି । ଶକ୍ତିସଙ୍ଗମ ତନ୍ତ୍ର ନାମକ ଏକ ପ୍ରସିଦ୍ଧ ତନ୍ତ୍ରଗ୍ରନ୍ଥରେ ଅନ୍ୟାନ୍ୟ ତନ୍ତ୍ର ଅପେକ୍ଷା ଏକ ବିଲକ୍ଷଣ ଦୃଷ୍ଟିରେ ଶକ୍ତିଙ୍କର ସ୍ୱରୂପ ନିର୍ଣ୍ଣୟ କରାଯାଇଛି । ଏଥିରେ ଶକ୍ତିଙ୍କୁ ଶିବଙ୍କଠାରୁ ଉପରେ ରଖାଯାଇଛି ଏବଂ ପରୋକ୍ଷରେ ଶକ୍ତିଙ୍କୁ ଶିବଙ୍କ ଜନନୀ ବୋଲି କୁହାଯାଇଛି । ଯଥା:-

ତଂ ବିଲୋକ୍ୟ ମହେଶାନୀ ସୃଷ୍ଟ୍ୟୁତ୍ପାଦନ କାରଣାତ୍ ।
ଆଦିନାଥଂ ମାନସିକଂ ସ୍ୱଭର୍ତ୍ତାରଂ ପ୍ରକଳ୍ପୟେତ ॥

ଭାରତୀୟ ତନ୍ତ୍ରଦର୍ଶନ ଅନୁସାରେ ଅନନ୍ତ ସୃଷ୍ଟିରେ ବିଦ୍ୟମାନ ଶକ୍ତି ସର୍ବଭୂତରେ ମଧ୍ୟ ରହିଛନ୍ତି (ଯା ଦେବୀ ସର୍ବଭୂତେଷୁଃ ଶକ୍ତି ରୂପେଣ ସଂସ୍ଥିତା) ଏବଂ ସେ ସମସ୍ତ

ଭୂତଶକ୍ତିର ସ୍ୱରୂପ ମଧ୍ୟ ଅଟନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି, ପ୍ରତ୍ୟେକ ଜୀବର ଅନ୍ତରରେ ଈଶ୍ୱରୀୟ ତେଜର ସ୍ଫୁଲିଙ୍ଗ ରହିଛି। ସମସ୍ତ ଶାକ୍ତ ସମ୍ପ୍ରଦାୟ ଏହି ତତ୍ତ୍ୱକୁ ମାନନ୍ତି। ଜୀବକୁ ଏହି ପରମଶକ୍ତି ଦ୍ୱାରା ଦିଆଯାଇଥିବା ବଳ ପ୍ରାପ୍ତ ହୋଇଥାଏ, ଏଥିପାଇଁ ସେ 'ଜୀବାତ୍ମା' ବୋଲାଏ ଏବଂ ପରମଶକ୍ତି ଯିଏ ସମସ୍ତ ଶକ୍ତିର ମୂଳସ୍ରୋତ ଅଟନ୍ତି-ପରମାତ୍ମା ବୋଲାଇଥାନ୍ତି। ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ତେଣୁ ଜାତିର ଅନ୍ତର ନାହିଁ। କେବଳ ଅନ୍ତର ହେଉଛି- ଜୀବାତ୍ମା ପରିଚ୍ଛିନ୍ନ ହୋଇଥିବା ବେଳେ ପରମାତ୍ମା ବା ପରାଶକ୍ତି ଅପରିଚ୍ଛିନ୍ନ ଅଟନ୍ତି। ତନ୍ତ୍ରର ସିଦ୍ଧାନ୍ତ ଅନୁସାରେ ଜୀବାତ୍ମା କ୍ରମୋନ୍ନିତ ସୋପାନରେ ଗତିକରି ଅନନ୍ତତାକୁ ଲାଭ କରିଥାଏ। ଯେତେବେଳେ ସେ ପରାଶକ୍ତି ସହିତ ସଂଯୁକ୍ତ ହୋଇ ତହିଁରେ ଲୀନ ହୋଇଯାଏ, ତାହାକୁ ହିଁ ପରମଗତି ବା ମୋକ୍ଷ ବୋଲି କୁହାଯାଏ। ଭାରତୀୟ ତନ୍ତ୍ର ଅନୁସାରେ ଏହି ସ୍ଥିତିକୁ ପ୍ରାପ୍ତ ହେବା ପାଇଁ କେତେକ ସାଧନା ଏବଂ ବିଧି-ବିଧାନଜଡ଼ିତ ଅନୁଷ୍ଠାନର ଆବଶ୍ୟକ ହୋଇଥାଏ। ଏହି ସମ୍ପର୍କିତ ଜ୍ଞାନ ତନ୍ତ୍ରଶାସ୍ତ୍ରୀ ବା ବିଶିଷ୍ଟ ମର୍ମଜ୍ଞ ତାନ୍ତ୍ରିକ ଉପାସକ ବା ଗୁରୁମାନଙ୍କ ପାଖରେ ଥାଏ।



**ବ୍ରାହ୍ମଣ୍ୟତନ୍ତ୍ର**

ଉପରେ ଯେଉଁ ଭାରତୀୟ ତନ୍ତ୍ର ବୋଲି ଉଲ୍ଲେଖ କରାଯାଇଛି ତାହା ବ୍ରାହ୍ମଣ୍ୟତନ୍ତ୍ରର ବିଷୟ। ଏହା ଛଡ଼ା ବୌଦ୍ଧତନ୍ତ୍ରରେ ମଧ୍ୟ ସେହି ସମାନ ସିଦ୍ଧାନ୍ତ ହିଁ ରହିଛି। କେବଳ ପାରିଭାଷିକ ଶବ୍ଦମାନ ଭିନ୍ନ। ବ୍ରାହ୍ମଣ୍ୟ ତନ୍ତ୍ରର 'ଶକ୍ତି'ଙ୍କୁ ବୌଦ୍ଧତନ୍ତ୍ରରେ 'ଶୂନ୍ୟ' ବୋଲି ପରିଭାଷିତ କରାଯାଇଛି। ଏହି ଶୂନ୍ୟ ହେଉଛି 'ଶୂନ୍ୟ ବିଜ୍ଞାନ' ଓ ମହାସୁଖର ସାକାର ରୂପ। ଏଥିରୁ ସମସ୍ତ ଉତ୍ପତ୍ତି ହୋଇଥାଏ ଏବଂ ଶେଷରେ ଏଥିରେ ହିଁ ବିଲୟ ହୋଇଯାଏ। ବୌଦ୍ଧତନ୍ତ୍ରରେ ଜୀବାତ୍ମାକୁ ବୌଧିସତ୍ତ୍ୱ ନାମରେ ନିର୍ଦ୍ଦିଷ୍ଟ କରାଯାଇଛି। ବୌଧିସତ୍ତ୍ୱର ଅର୍ଥ ହେଉଛି- ଯାହାର ସତ୍ତ୍ୱ ଅର୍ଥାତ ମନ ବୋଧି ଅର୍ଥାତ 'ନିଃଶ୍ରେୟସ'କୁ ପ୍ରାପ୍ତ କରିବା ନିମନ୍ତେ ତତ୍ପର ହୋଇଥାଏ। ମୋକ୍ଷପ୍ରାପ୍ତି କରିବା ପାଇଁ ବୋଧିସତ୍ତ୍ୱକୁ କଠୋର ସଂଯମ ଏବଂ ବହୁବିଧ ମାନସିକ ସାଧନ କରିବାକୁ ପଡ଼ିଥାଏ-ଯାହାଦ୍ୱାରା ସେ କ୍ରମଶଃ ଚରମମୁକ୍ତି ବା ମୋକ୍ଷପଥରେ ଅଗ୍ରସର ହୋଇଥାଏ। ବୌଦ୍ଧତନ୍ତ୍ରରେ ମଧ୍ୟ 'ପରମଶୂନ୍ୟ'ର ଭାବନା 'ନୈରାତ୍ମା' ନାମକ ଦେବତା ରୂପରେ କରାଯାଇଛି। ନୈରାତ୍ମାକୁ ଆଲିଙ୍ଗନ କରିବା ପାଇଁ ବୋଧିସତ୍ତ୍ୱ ସାଧନାମାର୍ଗରେ ଗତିକରେ। ପରିଶେଷରେ ଜଳରେ ଲବଣ ଦ୍ରବିଭୂତ ହେବାପରି 'ନୈରାତ୍ମା' ଓ ବୋଧିସତ୍ତ୍ୱଙ୍କର ମିଳନ ଘଟେ - ଦୁହେଁ ଏକୀଭୂତ ହୋଇଯାନ୍ତି ଓ ପରମଶୂନ୍ୟର ଅଙ୍ଗରେ ରୂପାନ୍ତରିତ ହୋଇରହନ୍ତି। ଏଥିରୁ ସ୍ପଷ୍ଟ ବୋଧହେଉଛି ଯେ, 'ବୋଧିସତ୍ତ୍ୱ' ଓ 'ନୈରାତ୍ମା'ର ଦ୍ୱୈତ କେବଳ ବାହ୍ୟଦର୍ଶନ ପାଇଁ, ଯାହା ବାସ୍ତବିକ ନୁହେଁ। ବାସ୍ତବରେ ଶୂନ୍ୟର ସର୍ବୋଚ୍ଚ ଜ୍ଞାନ ହେବାପରେ ଏହି ଦ୍ୱୈତ ଲୋପ ପାଇଯାଏ। ତନ୍ତ୍ର ହେଉଛି ସେହି ବିଜ୍ଞାନ, ଯାହା ଏ ପ୍ରକାର ସାଧନା ଓ ଯୋଗମାର୍ଗର ନିର୍ଦ୍ଦେଶ କରିଥାଏ। ଏହାଦ୍ୱାରା ମନର ଏକାଗ୍ରତା ଓ ବଳ ବଢ଼ିଥାଏ। ପୁନଶ୍ଚ ଏହି ସାଧନାର ଅନ୍ତିମ ଲକ୍ଷ୍ୟ ହେଉଛି ମୋକ୍ଷପ୍ରାପ୍ତି। ଏହି ମୋକ୍ଷକୁ କୌଣସି ସାଧକ ଅତିସହଜରେ ଗୋଟିଏ ଜନ୍ମରେ ପ୍ରାପ୍ତ କରିପାରନ୍ତି ନାହିଁ। ଯୋଗର ଅଭ୍ୟାସ ଓ ସାଧନା ଫଳରେ ଗୋଟିଏ ଜନ୍ମରେ ଶରୀର ମଧ୍ୟରେ କେତେକ ବିଶିଷ୍ଟ ଶକ୍ତିର ଜାଗରଣ ଘଟିଥାଏ। ଯାହାକୁ ତାନ୍ତ୍ରିକ ଓ ଯୌଗିକ ଭାଷାରେ 'ସିଦ୍ଧି' କୁହାଯାଏ। ସିଦ୍ଧି ଅନେକ ପ୍ରକାର। ସିଦ୍ଧି ସକଳ ସାଧାରଣତଃ ଅଲୌକିକ ଶକ୍ତି ଅଟନ୍ତି। ଯାହାକୁ କେବଳ ସଂପୃକ୍ତ ସାଧକ ହିଁ ପ୍ରୟୋଗ କରିବାକୁ ସମର୍ଥ ହୋଇଥାଏ। ଅନ୍ୟ କୌଣସି ବ୍ୟକ୍ତି ଏହାକୁ ପ୍ରୟୋଗ କରିପାରନ୍ତି ନାହିଁ। ପାତଞ୍ଜଳି ଯୋଗସୂତ୍ରରେ ଅଣିମା, ଗରିମା ଲଘିମା ଆଦି ଅଷ୍ଟବିଧ 'ସିଦ୍ଧି' ସମ୍ପର୍କରେ କୁହାଯାଇଛି। ପରବର୍ତ୍ତୀ କାଳର ଯୋଗସୂତ୍ରମାନଙ୍କରେ ଚତୁର୍ବିଂଶତି ସିଦ୍ଧି ରହିଥିବାର ସୂଚନା ଦିଆଯାଇଛି। ଉଭୟ ବ୍ରାହ୍ମଣ୍ୟ ଓ ବୌଦ୍ଧ ତନ୍ତ୍ର ଅନ୍ତର୍ଭୁକ୍ତ ଭିନ୍ନ ଭିନ୍ନ ଆଗମ ଦ୍ୱାରା ନିର୍ଦ୍ଦେଶିତ ବିଧି ଓ ସାଧନା ମାର୍ଗର

ଅନୁସରଣ କଲେ ଅନେକ ସିଦ୍ଧିର ଅଧିକାରୀ ହେବା ସମ୍ଭବ ହୋଇଥାଏ ।

**ତନ୍ତ୍ରର ଉଦ୍‌ଘୋଷଣା**

ତନ୍ତ୍ରର ଉଦ୍‌ଘୋଷଣା ହେଉଛି, ଜଗତର ଭୌତିକ ସାଧନଗୁଡ଼ିକର ଭିନ୍ନତା ଦ୍ୱାରା ଯାହା କିଛି ସମ୍ଭବ ହୋଇପାରେ, ସେସବୁକୁ କୌଣସି ଏକ ବ୍ୟକ୍ତି ଆପଣା ମାନସିକ ଶକ୍ତିର ବିକାଶ ଦ୍ୱାରା ସିଦ୍ଧି କରିପାରେ । ଉଦାହରଣ ସ୍ୱରୂପ- ଆମେ ଔଷଧି ସେବନକରି ରୋଗ ମୁକ୍ତ ହୋଇଥାଉଁ, କିନ୍ତୁ ଜଣେ ସିଦ୍ଧ ପୁରୁଷ କେବଳ ଦୃଷ୍ଟି ନିକ୍ଷେପ କରି ବା ସ୍ପର୍ଶ କରି ଅଥବା ଦୂରରୁ ମନ୍ତ୍ରପାଠ କରି କିମ୍ବା ସେପରି କିଛି ସରଳ ଉପାୟ ପ୍ରୟୋଗକରି ସେହି ରୋଗକୁ ଦୂରେଇ ଦେଇପାରନ୍ତି । କେବଳ ସେତିକି ନୁହେଁ, ସେ ଏକ ନିମ୍ନଶ୍ରେଣୀର ଜୀବକୁ ଯେ କୌଣସି ଅନ୍ୟ ମୃତଦେହ ମଧ୍ୟରେ ପ୍ରବେଶ କରାଇ ପାରନ୍ତି । ସାଧାରଣ ମଣିଷର ଦୃଷ୍ଟି ଯେଉଁ ପର୍ଯ୍ୟନ୍ତ ସୀମିତ ସେଠାରୁ ବହୁଦୂର ପର୍ଯ୍ୟନ୍ତ ସିଦ୍ଧିପୁରୁଷ (ସିଦ୍ଧ) ଦେଖିପାରନ୍ତି । ଆମ ପାଇଁ ଯାହା ଅଦୃଶ୍ୟ ସେହିବସ୍ତୁ ବା ପଦାର୍ଥକୁ ସେ ଅବିକଳ ବର୍ଣ୍ଣନାକରି ଦେଇପାରନ୍ତି । ସେ ନିଜ ଚିତ୍ତକୁ ପ୍ରସାରିତ କରି ସଂସାରର ଦୂରଦୂରାନ୍ତର ଭାଗରେ ଘଟୁଥିବା ଘଟଣା ଓ କଥାବାର୍ତ୍ତାକୁ ନିଖିନିଖି ଜାଣିପାରନ୍ତି ଓ ଶୁଣିପାରନ୍ତି । ମାନସିକସିଦ୍ଧି ବିନା ଜଣେ ସିଦ୍ଧପୁରୁଷ ହୋଇପାରନ୍ତି ନାହିଁ ଏବଂ ଏହି ସିଦ୍ଧିପରେ ସେ ସୋପାନକ୍ରମରେ ଅନ୍ୟାନ୍ୟ ସିଦ୍ଧିଗୁଡ଼ିକର ଅଧିକାରୀ ହୋଇଥାନ୍ତି ।


ତାନ୍ତ୍ରିକ ସିଦ୍ଧପୁରୁଷର ଦୃଷ୍ଟିରେ ମାନବର ପିଣ୍ଡ-ଶରୀର ବ୍ରହ୍ମାଣ୍ଡର ହିଁ ସୂକ୍ଷ୍ମରୂପ । ଯାହା କିଛି ବ୍ରହ୍ମାଣ୍ଡରେ ବିଦ୍ୟମାନ ସେସବୁ ପିଣ୍ଡମଧ୍ୟରେ ବି ରହିଛି । ମାନସିକ ଶକ୍ତିର ବିକାଶ ଘଟିବା ସାଥେସାଥେ ବ୍ରହ୍ମାଣ୍ଡ ଓ ପିଣ୍ଡ ମଧ୍ୟରେ ଥିବା ବ୍ୟବଧାନ ଆସ୍ତେଆସ୍ତେ କମିଆସେ । ସାଧନାର ଶେଷପର୍ଯ୍ୟାୟ ବେଳକୁ ଏ ଦୁହେଁ ସଂପୂର୍ଣ୍ଣ ଏକାକାର ହୋଇଯାଆନ୍ତି । ଯେଉଁ ଶକ୍ତିପୁଞ୍ଜ ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ସେହିଶକ୍ତି ହିଁ ପ୍ରଚ୍ଛନ୍ନ ଅଥବା ଅବିକଶିତ ରୂପରେ ଏହି ସୂକ୍ଷ୍ମଜଗତ(ପିଣ୍ଡ)ରେ ମଧ୍ୟ ବିଦ୍ୟମାନ । ପ୍ରାଚୀନ ଯୁଗର ଯୋଗୀ ଓ ସାଧକମାନେ ମାନବଶରୀର ମଧ୍ୟରେ ଲୁକ୍କାୟିତ ଥିବା ଏହି ପ୍ରଚ୍ଛନ୍ନଶକ୍ତିକୁ ଜାଗ୍ରତ କରିବା ନିମନ୍ତେ ସାଧନ ଓ ପ୍ରୟୋଗ କୌଶଳକୁ ଖୋଜି ବାହାର କରିଥିଲେ ଏବଂ ସେମାନେ ସେହି ଶକ୍ତ୍ୟାଦିର ବିକାଶ ପାଇଁ ଏପରି ପ୍ରକ୍ରିୟା ସୃଷ୍ଟିକରି ପାରିଥିଲେ-ଯାହା ଦେଖି ସାରା ଜଗତ ଆଶ୍ଚର୍ଯ୍ୟାଭିଭୂତ ହୋଇ ପଡ଼ିଥିଲା ।

**ହଠଯୋଗ**

ମାନସିକ ଶକ୍ତିର ବିକାଶର ଶ୍ରେଷ୍ଠମାଧ୍ୟମ ହେଉଛି ଯୋଗ ଏବଂ ହଠଯୋଗ । ହଠଯୋଗ ଦ୍ୱାରା କାୟା ବା ଶରୀର ଶୁଦ୍ଧ ହୋଇଥାଏ ଏବଂ ସାଧକକୁ କୁଣ୍ଡଳିନୀ ଶକ୍ତି ଜାଗ୍ରତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ଅଷ୍ଟାଙ୍ଗଯୋଗ ସାଧନା ମାଧ୍ୟମରେ ସିଦ୍ଧିପ୍ରାପ୍ତ ହୋଇ ଅନ୍ତିମ ପର୍ଯ୍ୟାୟରେ ମୋକ୍ଷ ମଧ୍ୟ ସୁଲଭ ହୁଏ । ଯୋଗସାଧନାର ଚରମ ଅବସ୍ଥାରେ ସାଧକ ଗାଢ଼ନିଦ୍ରା ଅଥବା ସୁଷୁପ୍ତି ପରି ଦଶା ପ୍ରାପ୍ତହୁଅନ୍ତି ଏବଂ ସେହିସ୍ଥିତିରେ ଜୀବାତ୍ମା ଏବଂ ପରାଶକ୍ତିଙ୍କର ମିଳନ ହୋଇଥାଏ । ଏହି ମିଳନ ଦ୍ୱାରା ଜୀବାତ୍ମା ଶକ୍ତିପୁଞ୍ଜର ଅନନ୍ତ ଭଣ୍ଡାରରୁ 'ଶକ୍ତିସ୍ଫୁର୍ତ୍ତି' ସଞ୍ଚୟ କରେ ଏବଂ ସ୍ୱୟଂ ଶକ୍ତିମାନ ହୋଇଯାଏ । ପରାଶକ୍ତି ହିଁ ସମସ୍ତ ଶକ୍ତିର କେନ୍ଦ୍ର ଓ ଆଦିସ୍ରୋତ । ଫଳରେ ତହିଁରୁ ଜୀବାତ୍ମା ସର୍ବୋତ୍ତମ ଭାବେ ଆବଶ୍ୟକ ଶକ୍ତି ଗ୍ରହଣ କରିପାରେ- ଏହି ଗ୍ରହଣ ପ୍ରକ୍ରିୟା ପାଇଁ ସାଧକକୁ ଆବଶ୍ୟକ ପ୍ରାକୃତିକ ନିୟମ ଜାଣିବାକୁ ହୁଏ । ଅନନ୍ତ ଅକ୍ଷୟ ଶକ୍ତି ଭଣ୍ଡାର (ପରାଶକ୍ତି)ଠାରୁ ବିକିରିତ ହେଉଥିବା ଶକ୍ତି କୁ ଶୁଦ୍ଧ ଶରୀର, ସିଦ୍ଧି ଏବଂ ଚୈତନ୍ୟସମ୍ପନ୍ନ ସିଦ୍ଧ ପୁରୁଷ ହିଁ ଆହରଣ କରିବାକୁ ସମର୍ଥ ହୋଇପାରନ୍ତି । ଯୋଗସମ୍ଭୁତ ଶକ୍ତିକୁ ଗ୍ରହଣ କରିବା କୌଶଳ ସର୍ବଦା ପ୍ରାକୃତିକ ନିୟମର ହିଁ ଅନୁକୂଳ ହୋଇଥାଏ । ପ୍ରକୃତି ଏବଂ ଆତ୍ମା ମଧ୍ୟରେ ଆତ୍ମା ହିଁ ସଦାବେଳେ ଗରୀୟାନ ହୋଇ ରହେ । ମୃତବ୍ୟକ୍ତିର ଶରୀର,ଏହାର ଇନ୍ଦ୍ରିୟ, ମାଂସପେଶୀ ଏବଂ ଅସ୍ଥିମାନଙ୍କ ସହିତ ଯଥାବତ ରହିଥାଏ, କିନ୍ତୁ ଶରୀରରେ ଥିବା ଏପରି ଏକ ବସ୍ତୁ, ଯାହାକୁ ଆମେ ଦେଖିବାକୁ ଆଦୌ ସକ୍ଷମ ନୋହୁଁ, ସେ ଶରୀରକୁ ଛାଡ଼ି ଚାଲିଥାଏ । ସେହିବସ୍ତୁକୁ ନା ଆମେ ଦେଖିପାରୁ, ନା ଛୁଇଁପାରୁ । ତା'ର ଦୈର୍ଘ୍ୟ ପ୍ରସ୍ଥ ମଧ୍ୟ ମାପିହୁଏ ନାହିଁ । ଅଧିକନ୍ତୁ ଏହା ସତ ଯେ, ଯେତେବେଳ ପର୍ଯ୍ୟନ୍ତ ସେହିବସ୍ତୁ ଶରୀର ମଧ୍ୟରେ ରହିଥାଏ, ସେତେବେଳ

**ଯୋଗସାଧନାର ଚରମ ଅବସ୍ଥାରେ ସାଧକ ଗାଢ଼ନିଦ୍ରା ଅଥବା ସୁଷୁପ୍ତି ପରି ଦଶା ପ୍ରାପ୍ତହୁଅନ୍ତି ।**

ଯାଏଁ ଶରୀର ସଚେଷ୍ଟ ଓ ଜୀବନ୍ତ ହୋଇଥାଏ ଏବଂ କାର୍ଯ୍ୟକ୍ଷମ ହେଉଥାଏ। ଏହି ବସ୍ତୁର ନାମ 'ଆତ୍ମା'। ଏହାକୁ 'ଜୀବନୀଶକ୍ତି' ବା ସେପରି କିଛି ନାମ ମଧ୍ୟ ଦିଆଯାଇପାରେ। ଯେଉଁ ଜଡ଼ ପଦାର୍ଥମାନଙ୍କ ଦ୍ୱାରା ଶରୀରର ସଂରଚନା ହୋଇଥାଏ, ସେ ସମସ୍ତଙ୍କ ଠାରୁ 'ଆତ୍ମା' ମହତ୍ତର ବସ୍ତୁ। ଏହି ଆତ୍ମାର ବିଶେଷତାକୁ ଇତିହାସ ସୃଷ୍ଟିର ବହୁପୂର୍ବରୁ ଭାରତୀୟମାନେ ଜାଣି ସ୍ୱୀକାରକରି ଆସିଛନ୍ତି। ଭାରତୀୟମାନଙ୍କର ବୌଦ୍ଧିକ ଚେତନା ସର୍ବଦା ସତ୍ୟର ଅନ୍ୱେଷଣ ପାଇଁ ପ୍ରୟାସ କରିଛି। ସେ ସେହି ବସ୍ତୁ ସମ୍ପର୍କରେ ସବୁବେଳେ ଜିଜ୍ଞାସୁ ହୋଇଛି ଯାହା ମଧ୍ୟରେ କିଛି ନା କିଛି ବିଶିଷ୍ଟ ଗୁଣ ବା ସ୍ୱାଭାବିକ ବିଶେଷତା ଦେଖିପାରିଛି। ଏହି ହେତୁରୁ ପ୍ରାଚୀନକାଳରୁ ଆମ ଋଷିମୁନିମାନେ ଜଡ଼ ପ୍ରକୃତି ଅପେକ୍ଷା ଆତ୍ମା ଉପରେ ଅଧିକ ଗୁରୁତ୍ୱ ଆରୋପ କରି ଆସିଛନ୍ତି ଏବଂ ଆତ୍ମାକୁ ପରମ ବଳଶାଳୀ ଭାବରେ ସାକ୍ଷାତ୍ କରିଛନ୍ତି। ସେମାନେ ଶରୀର ଅପେକ୍ଷା ଅନନ୍ତ ଗୁଣ ବଳଶାଳୀ ଆତ୍ମାର ଜାଗରଣ ପାଇଁ ପରାଶକ୍ତିର ଆଶ୍ରୟ ଲୋଡ଼ିଛନ୍ତି।



**ବାଣୀ ସାଧନା**

ଶକ୍ତି ସାମର୍ଥ୍ୟ ବିକାଶର ଅନ୍ୟ ଏକ ମାଧ୍ୟମ ହେଉଛି 'ବାଣୀ ସାଧନା'। ଅର୍ଥାତ୍ 'ବାଣୀଦ୍ୱାରା' ବା ମନେ ମନେ ମନ୍ତ୍ରଉଚ୍ଚାରଣ କରିବାଦ୍ୱାରା ଏହା ସଫଳ ହୋଇଥାଏ। ଶବ୍ଦର ଏକ ନିଜସ୍ୱ ଶକ୍ତି ରହିଛି। ଏହି ଶକ୍ତିର ତାରତମ୍ୟ ଉଚ୍ଚାରଣ କରୁଥିବା ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ନିର୍ଭର କରିଥାଏ। ଏହା ଆମେ ସାଧାରଣ ଜୀବନ ପରିଧି ଭିତରେ ମଧ୍ୟ ଉପଲବ୍ଧି କରିଥାଉଁ। ବ୍ୟକ୍ତିଟିଏ ନିଜ ବ୍ୟକ୍ତିତ୍ୱ ଅନୁସାରେ ଶବ୍ଦ ଉଚ୍ଚାରଣ ମଧ୍ୟରେ ଆଜ୍ଞାପାଳନ କରାଇପାରନ୍ତି, ନିରୁତ୍ସାହିତ କରାଇପାରନ୍ତି ବା ତାହାକୁ ଗୁରୁବାକ୍ୟରେ ରୂପାନ୍ତରିତ କରି ପାରନ୍ତି। ଉଚ୍ଚାରଣ ମାତ୍ରେ ହିଁ ଶବ୍ଦ ମଧ୍ୟରେ ଥିବା ଶକ୍ତି ସ୍ୱତଃ ପ୍ରକଟିତ ହୋଇଥାଏ। ଏହି ପ୍ରାକୃତିକ ନିୟମ ମନ୍ତ୍ରଶାସ୍ତ୍ର ପାଇଁ ମଧ୍ୟ ପ୍ରଯୁଜ୍ୟ। ମନ୍ତ୍ର ଉଚ୍ଚାରଣ କରିବାମାତ୍ରେ ବାୟୁରେ ଏକ କମ୍ପନ ଓ ସ୍ପନ୍ଦନ ସୃଷ୍ଟି ହୁଏ, ଯାହାର ପ୍ରଭାବ ଭଲ ବା ମନ୍ଦ ଉଭୟ ହୋଇପାରେ। ମନ୍ତ୍ର-ଶାସ୍ତ୍ରବେତ୍ତାମାନେ ମଧ୍ୟ ସୁଦୀର୍ଘ ଅନୁଭବ ଏବଂ ପରୀକ୍ଷଣ ପରେ ଏପରି କିଛି ଶବ୍ଦ ବା ଶବ୍ଦସମୂହର ଆବିଷ୍କାର କରିଛନ୍ତି- ଯାହାକୁ ଆମେ 'ବୀଜମନ୍ତ୍ର' ବୋଲି କହୁ। ଏହାକୁ ହୃଦୟମନ୍ତ୍ର ବା ମାଳାମନ୍ତ୍ର ମଧ୍ୟ କହନ୍ତି। ଏହି ମନ୍ତ୍ରର ପ୍ରୟୋଗ ମଙ୍ଗଳ ସିଦ୍ଧି କରାଇପାରେ ବା କ୍ଷତି ଘଟାଇପାରେ। ନିର୍ଦ୍ଦିଷ୍ଟ ସଂଖ୍ୟକ ମନ୍ତ୍ର ଉଚ୍ଚାରଣ ଫଳରେ ହିଁ ମନ୍ତ୍ରର ପ୍ରଭାବ ଅନୁଭୂତ ହୁଏ। ମନ୍ତ୍ର ଉଚ୍ଚାରଣ କାଳରେ ମଧ୍ୟ ବିଧିବିଧାନ ଓ ମନଯୋଗର ଆବଶ୍ୟକ ରହିଛି- ସାଧକ ମନ୍ତ୍ରଜପ ବା ଉଚ୍ଚାରଣ କଲାବେଳେ ମନକୁ ପୂର୍ଣ୍ଣମାତ୍ରାରେ ମନ୍ତ୍ରର ଅକ୍ଷରଠାରେ ଏକାଗ୍ରକରି ତଲ୍ଲୀନ ରହନ୍ତି। ତନ୍ତ୍ରଗ୍ରନ୍ଥାଦିରେ 'ବାକ୍' ବା 'ବାଣୀ'କୁ 'ବାଗବଜ୍ର' ବା 'ଅମରବାକ୍' ବୋଲି କୁହାଯାଇଛି। ଏହାର ଅର୍ଥ ଯାହା ଅବିନାଶୀ। କେତେକ ପ୍ରସିଦ୍ଧ ଗ୍ରନ୍ଥରେ ଥିବା ମାତୃକାମନ୍ତ୍ରରେ 'ବାକ୍'ର ମହିମା ବର୍ଣ୍ଣନା କରି କୁହାଯାଇଛି ଯେ, ସୃଷ୍ଟି ଆରମ୍ଭହେବା ପୂର୍ବରୁ ବର୍ଣ୍ଣମାନେ ଉତ୍ପତ୍ତି ହୋଇଥିଲେ ଏବଂ ବର୍ଣ୍ଣମାଳାରୁ ହିଁ ଚରାଚର ଜଗତର ରଚନା ହୋଇଛି। ଉଚ୍ଚାରିତ ହେଉଥିବା ପ୍ରତ୍ୟେକ ଶବ୍ଦ କିଛି ନା କିଛି ପ୍ରଭାବ ଉତ୍ପନ୍ନ କରିଥାଏ, ତାହା ଭଲ ହେଉ ବା ମନ୍ଦ ହେଉ। ଯେଉଁ ଶବ୍ଦର ଉଚ୍ଚାରଣରେ ମନ୍ଦପ୍ରଭାବ ପଡ଼ିବାର ସମ୍ଭାବନା ରହିଥାଏ, ସେ ପ୍ରକାର ଶବ୍ଦର ଉଚ୍ଚାରଣ ବେଳେ ସାଧକ ଯୋଗୀ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ତନ୍ତ୍ରଶାସ୍ତ୍ରର ଅନୁଜ୍ଞା ରହିଛି।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୋଇଥାଏ ଯେ ତନ୍ତ୍ରସାଧନା ହେଉଛି ଅନନ୍ତ ଅକ୍ଷୟ ପରାଶକ୍ତିର ହିଁ ସାକ୍ଷାତ୍କାର। ଶାକ୍ତ ବା ତନ୍ତ୍ରସାଧକ ବା ଯୋଗୀର କର୍ତ୍ତବ୍ୟ ହେଉଛି ସୁଦୃଢ଼, ପବିତ୍ର ଓ ସ୍ୱସ୍ଥଶରୀର ନିର୍ମାଣ ସହିତ ଶୁଦ୍ଧ ଓ ସ୍ୱଚ୍ଛ ଚିତ୍ତର ଗଠନ ତଥା ମାନସିକ ଶକ୍ତିର ବିକାଶ। ତନ୍ତ୍ରଯୋଗର ମାର୍ଗ ହେଉଛି ମୋକ୍ଷର ମାର୍ଗ।

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

ବ୍ୟଙ୍ଗ

# ପୂଜାପତ୍ରିକା ପ୍ରସ୍ତୁତିର ଉପାୟ



ଡ. କୁଳାଙ୍ଗାର

ପୂଜା ପାର୍ବଣ ଆସିଗଲେ ପଶୁପକ୍ଷୀଏ ଆତଙ୍କିତ ହୋଇ ପଡ଼ିଥାଆନ୍ତି କାରଣ ସେମାନେ ବଳି ପଡିବାର ସମ୍ଭାବନା ଥାଏ ! ଏହି ଋତୁର ଆଗମନରେ କବି ସାହିତ୍ୟିକମାନେ ମଧ୍ୟ ଆତଙ୍କିତ ହୋଇ ପଡିଥାଆନ୍ତି କାରଣ ସେମାନଙ୍କଠାରେ ମଧ୍ୟ ବଳି ପଡିବାର ଭୟଥାଏ । କାରଣ ପୂଜା ପୂର୍ବରୁ ବର୍ଷାଋତୁରେ ମାଛମାନେ ଡିମ୍ବ ଦେଲାପରି ସାହିତ୍ୟିକମାନେ ଅସଂଖ୍ୟ ସାହିତ୍ୟ ସୃଷ୍ଟି କରିଥାଆନ୍ତି । ତା' ଛଡା କବି ହେବା ତ ଏବେ ହବି ! ମଦୁଆ, ଲୁଙ୍ଗୁରା ଅବା ଘରଣୀ କି ପ୍ରେମିକା ବୋଲାଇବା ଅପେକ୍ଷା କବି ପଦ ଟି ମଧ୍ୟ ବେଶ୍ ସମ୍ମାନଜନକ । ସିଂହର ଲାଙ୍ଗୁଡ ଶୋଭାବର୍ଦ୍ଧନ କଲା ପରି ନେତା ଓ ପ୍ରଶାସକମାନଙ୍କୁ ମଧ୍ୟ କବି ପଦଟିଏ ଲୋଡା ପଡୁଛି । ରଙ୍ଗର ସଦୁପଯୋଗ ପାଇଁ କିଛି ରଙ୍ଗମହଲର ଲୋକମାନଙ୍କର ଲେଖା ବା ସେମାନଙ୍କର ସମ୍ପର୍କିତ ରଚନା ମଧ୍ୟ ପ୍ରକାଶ କରିବାକୁ ହୁଏ । ଅତଏବ ଯେତେ ମୋଟା ପତ୍ରିକା ଛପା ହେଲେ ମଧ୍ୟ କିଛି କବି ସାହିତ୍ୟିକ ବଳି ପଡିଥାଆନ୍ତି ।

**ମୁଁ ତ ସବୁବେଳେ ମୋଟା ମୋଟା ପତ୍ରିକା ଦେଖି କିଣେ । କଥା କଣକି, ସେଥିରୁ ଗୋଟେ ଲେଖାଏଁ ମୁଣ୍ଡତଳେ ରଖିଦେଲେ ତକିଆର କାମ କରିଥାଏ !**

ଦି' ଜଣ ସରକାରୀ ବିଦ୍ୟାଳୟର ଦିଦି କବିତା ଲେଖନ୍ତି, ଦିହେଁ ସହରରେ ରହନ୍ତି ଆଉ ଗାଆଁରେ ଚାକିରି କରନ୍ତି ! ଦିହିଁଙ୍କର କବିତାକୁ ନେଇ ଭୀଷଣ ପ୍ରତିଯୋଗିତା । ତେବେ ମହିଳା ହୋଇଥିବାରୁ କେହି କାହା ପେଟରେ କଥା ଲୁଚେଇ ପାରନ୍ତି ନାହିଁ ।

## କେତେ ଲେଖିବି

ଏଥର ପୂଜା ପତ୍ରିକାକୁ କବିତା ପଠେଇବା କଥା ଯେବେ ପଡିଲା, ପ୍ରଥମ ଦିଦି କହିଲେ – କେତେ ଆଉ ଲେଖିବି, କୁଆଡୁ କେତେ ଭାବିବି ! ମୁଁ ଗୋଟେ ଉପାୟ କରିଛି । ଆଗରୁ ମୋର ଯେଉଁ ସବୁ କବିତା ପ୍ରକାଶ ପାଇଥିଲା, ସେଗୁଡ଼ାକର ଧାଡିସବୁ ଓଲଟା ମାନେ ତଳୁ ଉପରକୁ କ୍ରମାନ୍ୱୟରେ ଟିପି ଦେଇ ପଠେଇ ଦେଇଛି ।

ଦ୍ୱିତୀୟ ଦିଦି ଏକଥା ଶୁଣି ଆତ୍ମବିଶ୍ୱାସ ପାଇ କହିଲେ – ହଁ ମ... କ'ଣ ଅସୁବିଧା ! ତମେ ତ ନିଜ କବିତାକୁ ଓଲଟେଇଛ । ମୁଁ ବା ପୁରୁଣା ପତ୍ରିକା ସବୁ ଘାଂଟି ଏଥିରୁ ପଦେ ସେଥିରୁ ପଦେ ଟିପି, ପନ୍ଦରଟା କବିତା ତିଆରି କରି ପଠେଇ ଦେଇଛି ।

ଏଥର ଦୁଇ ଦିଦି ଖୋଲାମନରେ ହସାହସି ହେଲେ ।

ପ୍ରଥମ ଦିଦି କହିଲେ – ଦେଖିବ, ସବୁ କବିତା ପ୍ରକାଶ ପାଇବ ! ନ ହେଲେ ଏଡେ ମୋଟା ପତ୍ରିକାଗୁଡାକ ଭର୍ତ୍ତି ହେବ କେମିତି ?

ଦ୍ୱିତୀୟ ଦିଦି କହିଲେ – ଭଲ ଭଲ.... ମୁଁ ତ ସବୁବେଳେ ମୋଟା ମୋଟା ପତ୍ରିକା ଦେଖି କିଣେ । କଥା କଣକି ସେଥିରୁ ଗୋଟେ ଲେଖାଏଁ ସ୍କୁଲକୁ ଧରିକି ଆସିଲେ ମୁଣ୍ଡତଳେ ରଖିଦେଲେ ତକିଆର କାମ କରିଥାଏ !

## ପୂଜା ପତ୍ରିକା ଦର୍ଶନ

ପ୍ରିୟ ପାଠକେ, ପତ୍ରିକା ତ ମୁଣ୍ଡ ପାଇଁ । ଆପଣ ମୁଣ୍ଡରେ ବୁଦ୍ଧି ପାଇଁ ପଢନ୍ତୁ କି ମୁଣ୍ଡତଳେ ରଖି ଶୁଅନ୍ତୁ ! ତେବେ, ପୂଜାଋତୁରେ ପତ୍ରିକା ପ୍ରକାଶ ପାଇବା ପୁରୁଣା କଥା । ପାତଳୀ ଦେବୀଙ୍କ ଆଗମନରେ ମୋଟୁ ପୂଜା ପତ୍ରିକାମାନେ ବଜାରରେ ଡିଆଁଉକ୍‌ଚା ହୋଇଥାଆନ୍ତି । ପୂଜା ଋତୁ ସରିଯାଏ, କିନ୍ତୁ ପୂଜା ପତ୍ରିକା ଆସି ଚାଲିଥାଏ । ଭକତେ ପୂଜାମେଢ ଦର୍ଶନ କରି ଧାଇଁଲା ପରି ଲେଖକେ ପୂଜାପତ୍ରିକା ଦର୍ଶନ କରିବାକୁ ବହିଦୋକାନକୁ ଦୌଡ଼ନ୍ତି । କ୍ୱଚିତ କୌଣସି ଲେଖକ ପତ୍ରିକାଟିଏ କିଣିଥାଆନ୍ତି । ଆପଣ ପଚାରିବେ ଲେଖକ କିଣିବେ କାହିଁକି ? ସିଏ ତ ଲେଖକୀୟ ସୌଜନ୍ୟରେ ମାଗଣା ପତ୍ରିକା

ଖଣ୍ଡେ ପାଇବା କଥା! କିଣାକିଣି ଓ ପଢାପଢି କାମ ପାଠକର!!

ଆପଣଙ୍କ କଥାଟି ଯୁକ୍ତିଯୁକ୍ତ। କିନ୍ତୁ ପାଠକ ଥିଲେ ତ। ସାହିତ୍ୟ ବଜାରରେ ପାଠକଟିଏ ପାଇବା ଭାଗ୍ୟର କଥା। ସେଥିପାଇଁ କେତେକ ପ୍ରକାଶକ ପାଠକଙ୍କୁ ଖୋଜି ଖୋଜି ପୁରସ୍କୃତ କରୁଛନ୍ତି। କିନ୍ତୁ ଅଡଲୁ ପାଠକ ମିଳୁ ନାହାନ୍ତି। ଯିଏ ମିଳୁଚନ୍ତି ବା ପୁରସ୍କୃତ ହେଉଛନ୍ତି ସିଏ ଭାବି-କବି ନଚେତ କବିଙ୍କର ଭିତିରି ସମ୍ପର୍କୀୟ। ଯେଉଁମାନେ ପୁରସ୍କୃତ ହେବା ପରେ ଲେଖକ ପାଲଟି ଯାଇଥାଆନ୍ତି।

**ଦୁଃସାହସିକ କାର୍ଯ୍ୟ**

ଓଡିଆ ପୂଜା ପତ୍ରିକା ପ୍ରକାଶନ ଏକ ଦୁଃସାହସିକ କାର୍ଯ୍ୟ। ଲେଖା ତ ଗଦାଗଦା ମିଳିଯିବ କିନ୍ତୁ ଲେଖା ଛପେଇବାକୁ କାଗଜ, ରଙ୍ଗ ଓ ଛପାଳୀର ପାରିଶ୍ରମିକ ଯୋଗାଡ଼ କଷ୍ଟକର। ଭରସା ବିଜ୍ଞାପନ। ବିଜ୍ଞାପନ ପ୍ରଦାନକାରୀ ମଧ୍ୟ ଚାଲାକ ହେଲେଣି। ପୂର୍ବରୁ ହାତଗଣତି ପତ୍ରିକାକୁ ମୋଟା ଅଙ୍କର ବିଜ୍ଞାପନ ଦେଉଥିଲେ, ଆଉ ଅନ୍ୟମାନଙ୍କଠାରୁ ଗାଳି ଶୁଣୁଥିଲେ। ସୂଚନା ଅଧିକାର ହେଉ ବା ଅନ୍ୟ ଉପାୟରେ ବାଧକରି ପଚାରିଲେ କହୁଥିଲେ, ଅମୁକଙ୍କ ସୁପାରିସରେ ଆମେ ଦେଲୁ ସିନା।




ଏ ସୁପାରିସ ବ୍ୟବସ୍ଥାଟି ମଧ୍ୟ ଏବେ ସାର୍ବଜନୀନ ହୋଇ ଗଲାଣି। ବିଜ୍ଞାପନ ପାଇଁ ଅନୁରୋଧ ପତ୍ରରେ ନିର୍ବାଚିତ ଜନପ୍ରତିନିଧିମାନେ ଦସ୍ତଖତଟିଏ କରିଦେଲେ ହୋଇଗଲା ସୁପାରିସ। ପୂର୍ବରୁ ସେମାନଙ୍କ ପାଖରେ ଅଳ୍ପଲୋକ ପହଞ୍ଚି ପାରୁଥିଲେ। ଏବେ ସମସ୍ତେ ପହଞ୍ଚି ଯାଉଛନ୍ତି। ଦସ୍ତଖତ ମାରିବାକୁ କୋଉ ପଇସା ପଡୁଛି! ସିଏ ସମସ୍ତଙ୍କ ପାଇଁ ଦସ୍ତଖତ କରି ଦେଉଛନ୍ତି। ଫଳରେ ବିଜ୍ଞାପନଦାତାମାନେ ପ୍ରସାଦ ବାଣ୍ଟିଣ ଖାଇବ ନ୍ୟାୟରେ ସମସ୍ତଙ୍କୁ ଅଳ୍ପ ଅଳ୍ପ କରି ବିଜ୍ଞାପନ ଦେୟ ଦେଉଛନ୍ତି।

ମୋଟା ଅଙ୍କର ବିଜ୍ଞାପନ ଦିଅନ୍ତି ଠକ ଅର୍ଥ ଆଦାୟକାରୀ ଚିଟ୍‌ଫଣ୍ଡ କମ୍ପାନୀ, ଗୃହ ନିର୍ମାଣକାରୀ ବିଲ୍ଡର ସଂସ୍ଥା। ସେମାନେ ଧରପଗଡ଼ ହେବାରୁ ଲୁଚିଲେଣି। ଅତଏବ ପତ୍ରିକା ଛପା ହେବା ଯେଉଁଠି କଷ୍ଟକର, ସେଠି ଲେଖକଙ୍କୁ ମାଗଣା ପତ୍ରିକା ମିଳନ୍ତା କାହୁଁ? ଅବଶ୍ୟ କିଛି ଲେଖକଙ୍କ ସହଯୋଗ ଯୋଗୁ ହିଁ ପତ୍ରିକା ପ୍ରକାଶନ ସମ୍ଭବ ହୋଇ ପାରୁଛି।

ଲେଖକେ ବହୁ ପରିଶ୍ରମ କରି ଲେଖାଲେଖି କରନ୍ତି। ସେମାନଙ୍କ ଲେଖାର କ'ଣ ମୂଲ୍ୟ ନାହିଁ? ସେମାନଙ୍କୁ ତ ଓଲଟି ଲେଖା ପାଇଁ ପାରିଶ୍ରମିକ ମିଳିବା କଥା! ଆମ ପରି ଅନେକ ଲେଖକ ଏଥିରେ ବିଶ୍ୱାସ କରନ୍ତି। ଆପଣ କହିବେ ଲେଖାଲେଖି ପାଇଁ ପରିଶ୍ରମ କ'ଣ? ଦେଖନ୍ତୁ ତାହା ମୋ ପାଇଁ ଆତ୍ମସମ୍ମାନର କଥା। କାରଣ ଏଥିପାଇଁ ମୋତେ ନାନା ଯାତନା ସହିବାକୁ ପଡିଛି। ଅଧିକାଂଶ କବିମାନଙ୍କ ପରି ମୋର କବିତା ଲେଖାଲେଖି ଆରମ୍ଭ ମଧ୍ୟ ସେଇ ବିଷାଦରୁ। ପି.ଜି ସାରି ଯେବେ ଚାକିରି ପାଇଁ ଦରଖାସ୍ତ, ପରୀକ୍ଷା ଓ ସାକ୍ଷାତ୍‌କାର ଦେଇଦେଇ ନିରାଶ ହେଲି, ମୁଁ କବିତା ଲେଖିବା ଆରମ୍ଭ କରିଦେଲି।

ଥରେ ବାପାଙ୍କର ଜଣେ ବନ୍ଧୁ ଆସିଥିଲେ। ସିଏ ପଚାରିଲେ – ଆଉ ପିଲାମାନେ ସବୁ କ'ଣ କରୁଛନ୍ତି?

ବାପା କହିଲେ – ବଡ଼ଟା ପିଜି ସାରିଛି, ସାନଟା ଚାରିଥର +୨ ଫେଲ୍!

ଏହାଶୁଣି ବନ୍ଧୁ କହିଲେ – ଏଃହେ.... ସାନଟା କେମିତି ନଷ୍ଟ ହୋଇଗଲା...!!

ବାପା କହିଲେ – ନା ନା.... ସିଏ ଗୋଟେ ସେଲୁନ୍ ଚଳେଇଛି। ତା' ରୋଜଗାରରେ ତ ଘର ଚଳୁଛି। ବଡ଼ଟା ବରଂ ବରବାଦ ହୋଇଗଲା। କ'ଣ ସବୁ କବିତା ଫବିତା ଲେଖୁଛି।

ବାପାଙ୍କର ମୋ ପ୍ରତି ଥିବା ଧାରଣା ଜାଣି ମୋତେ ଆହୁରି ଦୁଃଖ ଲାଗିଲା । ଅତଏବ ମୁଁ ଆହୁରି ଦୁଃଖଭରା କବିତା ସବୁ ଲେଖି ଚାଲିଲି । ଯା ହେଉ, କିଛି ଦିନ ପରେ ବେସରକାରୀ ଚାକିରି ଖଣ୍ଡେ ମିଳିଗଲା । ତେବେ ଦୁଃଖର ଅନ୍ତ ହେଲା ନାହିଁ । ଯୋଉଠି ବାହାଘର ପ୍ରସ୍ତାବ ପଡିଲେ, ଝିଅମାନେ ନାହିଁ ନାହିଁ କଲେ ।

କିଏ କହିଲା - କବିତାରେ କ'ଣ ପେଟ ପୂରିବ ? ପୁଣି କିଏ କହିଲେ - କବି ହେଲେ ରାତିସାରା ବସି କବିତା ଲେଖି ଶୁଣେଇ ଝିଅଟାକୁ ଦହଗଞ୍ଜ କରିବ । ଆଉ କିଏ କହିଲେ - ଇଏ ତ ସବୁ ରୋଜଗାର ବହି ଛପାଛପି ଓ ପୁରସ୍କାର କିଣିବାରେ ଉଡ଼େଇଦେବ, ଆମ ଝିଅ କି ସୁଖ ପାଇବ ?

## ସିଏ ବି ଜଣେ କବି

ବହୁ ଖୋଜାଖୋଜି ପରେ ଜଣେ ଯୁବତୀ ରାଜି ହୋଇ ବାହାହେଲେ । ତେବେ ସିଏ ବି ଜଣେ କବି । ତାଙ୍କର ସର୍ତ୍ତ; ମୁଁ ତାଙ୍କ କବିତା ଶୁଣିବି, ସିଏ ମୋ କବିତା ଶୁଣିବାକୁ ବାଧ ନୁହେଁ । ମୁଁ ଯେଉଁ ପତ୍ରିକାକୁ କବିତା ପଠେଇବି ସାଥିରେ ତାଙ୍କର କବିତା ପଠାଇବାକୁ ବାଧ । ସର୍ତ୍ତ ମୁତାବକ କାରବାର ଚାଲିଛି ।

**ଅଧିକାଂଶ ଲେଖକ ଓ କବିଙ୍କୁ କେବଳ ନିଜ ଲେଖାର ଫଟୋଟିଏ ଦରକାର । ସେଇଟିକୁ ପାଇଗଲେ ସିଏ ସାମାଜିକ ଗଣମାଧ୍ୟମରେ ଛାଡ଼ିଦେବେ ।**

ଆମେ ଦିହେଁ କବି ହୋଇଥିବାରୁ ଲାଭ ମଧ୍ୟ ହେଉଛି । କିଛି ପତ୍ରିକା ସମ୍ପାଦକଙ୍କଠାରେ କୃଷ୍ଣକଳା ଥିବାରୁ ସେମାନେ ପୁରୁଷମାନଙ୍କୁ ସୌଜନ୍ୟ କପି ନ ଦେଇ କେବଳ ମହିଳାମାନଙ୍କୁ ପଠାନ୍ତି । ଏପରି କ୍ଷେତ୍ରରେ ଆମର ବିଶେଷ କିଛି ଅଡୁଆ ହୁଏନା ।

ଗୋରୁଙ୍କ ମେଳରେ ଷଣ୍ଢ ପରି, ଫୁଲମାଳରେ ଗୋଲାପ ପରି, ଖିରିରେ କାଜୁପରି କିଛିକିଛି ଅନୁଷ୍ଠାନର ସୌଜନ୍ୟ ଥାଏ, ଯେଉଁମାନେ ଲେଖକକୁ ସୌଜନ୍ୟ କପିଟିଏ ଦେଇ ଥାଆନ୍ତି । ତେବେ ଯେଉଁ ସବୁ ଅନୁଷ୍ଠାନ ପୂର୍ବରୁ ଲେଖକୀୟ ସୌଜନ୍ୟ ଦେଇ ଆସିଛନ୍ତି, ସେମାନଙ୍କର ପ୍ରକାଶନ ପଛରେ ସହାୟକ ଥିବା ବ୍ୟକ୍ତି ବା ଅନୁଷ୍ଠାନର ବେଆଇନ ଆୟକୁ ନେଇ ବହୁବାର ଅଭିଯୋଗ ରହିଛି ।

ଆଉ ରହିଲା ସବୁ ଲେଖକଙ୍କୁ ମାଗଣାରେ ସୌଜନ୍ୟ ସଂଖ୍ୟା ଦେବା କଥା । ଆପଣମାନେ ଜାଣି ଖୁସି ହେବେ କି ଅଧିକାଂଶ ସମ୍ପାଦକ ବା ପତ୍ରିକା ମାଲିକଙ୍କର ସୌଜନ୍ୟ ହିଁ ନ ଥାଏ । ସେମାନଙ୍କର ଯୁକ୍ତି ମଧ୍ୟ ଅନୁପମ । ପୂଜା ପତ୍ରିକାର ସମ୍ପାଦକଙ୍କର ଯୁକ୍ତି ହେଲା ସେଥିରେ ଯେତେଜଣ କବି ଲେଖକଙ୍କର ଲେଖା ପ୍ରକାଶ ପାଇଥାଏ, ତା'ଠାରୁ କମ୍ ସଂଖ୍ୟାରେ ସମୁଦାୟ ପତ୍ରିକା ଛପା ହୋଇଥାଏ । ଅତଏବ ଯଦି ଲେଖକୀୟ ସୌଜନ୍ୟ ସଂଖ୍ୟା ବଣ୍ଟନରେ ପତ୍ରିକା ନିଅଣ୍ଟ ହେବ ତେବେ ବିଜ୍ଞାପନଦାତାଙ୍କୁ ଦେବେ କ'ଣ ? ବଜାରକୁ ବିକ୍ରିପାଇଁ ଛାଡିବେ କେମିତି ?

ତେବେ ଏହା କେମିତି ହେବ ? ସବୁ ଲେଖକ କବି ଯଦି ନିଜ ଲେଖା ପ୍ରକାଶ ପାଇଥିବା ପତ୍ରିକା ଖଣ୍ଡେ ଖଣ୍ଡେ କିଣିବାକୁ ଚାହିଁବେ ତେବେ ତ ନିଅଣ୍ଟ ହେବ ! ହେ ହେ... ସମ୍ପାଦକ କ'ଣ ବୋକା ? ସିଏ ଜାଣିଛନ୍ତି ସୂର୍ଯ୍ୟ ଚନ୍ଦ୍ର ଥିଲା ଯାଏଁ ଏହା ଅସମ୍ଭବ । ତା'ହେଲେ ନିଜ ଲେଖା ପ୍ରକାଶ ପାଇଥିବା ପତ୍ରିକାଟିରେ କ'ଣ ଲେଖକେ ନିଜ ମୁହଁଟିକୁ ଦେଖିବେନି ?

ଦେଖିବେ ଦେଖିବେ । କାରଣ ଅଧିକାଂଶ ଲେଖକ ଓ କବିଙ୍କୁ କେବଳ ନିଜ ଲେଖାର ଫଟୋଟିଏ ଦରକାର । ସେଇଟିକୁ ପାଇଗଲେ ସିଏ ସାମାଜିକ ଗଣମାଧ୍ୟମରେ ଲେଖି ଛାଡ଼ିଦେବେ କି, ଦେଖନ୍ତୁ ଅମୁକ ସମ୍ଭ୍ରାନ୍ତ ପତ୍ରିକାରେ ମୋର ଲେଖା । ତା'ପରେ ଚେହେରା ଅନୁସାରେ ପାଠକୀୟ ମତାମତ ଓ ପସନ୍ଦ ଓଜାଡି ହୋଇଯିବ । ପତ୍ରିକାର ପ୍ରଚାର ମଧ୍ୟ ଉଡିବ ।

## ଦୋକାନୀଙ୍କର ଘାଟା

କିନ୍ତୁ ପତ୍ରିକା ଦୋକାନୀମାନଙ୍କର ଘାଟା । ସେମାନେ କେତେ ଜଗିବେ ! କବି ଲେଖକେ ପତ୍ରିକା ଦେଖିବା ବାହାନାରେ ନିଜ ଲେଖାର ଫଟୋଟିଏ ନିଜ ସ୍ମାର୍ଟଫୋନରେ ଚଟ୍ କରି ଉଠେଇ ଚମ୍ପଟ ମାରନ୍ତି । ତେଣୁ ଯେଉଁ ପତ୍ରିକା ମାଲିକେ ନିଜ ପତ୍ରିକା ବିକ୍ରିରୁ ଅର୍ଥ ଚାହାନ୍ତି ଏଥର ନିଶ୍ଚିତ ପତ୍ରିକାଟିକୁ ଜରି ଗୁଡେଇ ଶକ୍ତ ଭାବରେ ପ୍ୟାକ୍ କରି ବଜାରକୁ ଛାଡନ୍ତୁ ଏବଂ ଉପରେ ସ୍ପଷ୍ଟ ଭାବରେ ଲେଖିଦିଅନ୍ତୁ କି ପ୍ୟାକେଟ ଖୋଲା ବା ଚିରା ଥିଲେ କିଣନ୍ତୁ ନାହିଁ ।

ଆଉ ଯେଉଁମାନେ ନୂଆଯୁଗ ସହିତ ତାଳ ଦେଇ

ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି, ସେମାନଙ୍କୁ ଉପଦେଶ; ଯେତେ ଲେଖା ଆସିଛି ଛାପିଦିଅନ୍ତୁ। ବେଶିନାଇଁ, ଖଣ୍ଡେ ଖଣ୍ଡେ ପତ୍ରିକା ନାମକରା ପତ୍ରିକା ଦୋକାନଗୁଡିକୁ ପଠେଇ ଦିଅନ୍ତୁ। ପତ୍ରିକା ଉପରେ ଲେଖି ଦିଅନ୍ତୁ 'ବିକ୍ରୟ ପାଇଁ ନୁହେଁ', ଲେଖାର ଫଟୋ ପିଛା ଏତିକି ଟଙ୍କା ପଡିବ। ଯେଉଁମାନେ ପୂରା ପତ୍ରିକାଟିକୁ କିଣିବାକୁ ଚାହୁଁଛନ୍ତି ସମ୍ପାଦକଙ୍କୁ ଯୋଗାଯୋଗ କରିପାରିବେ। ଲେଖାର ଫଟୋଉଠା ବାବଦରେ ଯାହା ଆଦାୟ ହେଲା ଦୋକାନୀର। ପରେ ଆପଣ ପତ୍ରିକାଗୁଡିକୁ ସଂଗ୍ରହ କରି ବିଲ୍ ସହିତ ବିଜ୍ଞାପନଦାତାଙ୍କ ନିକଟରେ ଦାଖଲ କରିଦେବେ। କାମ ଶେଷ। ପତ୍ରିକାର ପ୍ରଚ୍ଛଦ ସହିତ ଲେଖାର ଚିତ୍ର ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଥିବ। ଦେଖିବେ ଆପଣଙ୍କ ପତ୍ରିକା କେମିତି ଅଳ୍ପ ଦିନରେ ପ୍ରସିଦ୍ଧ ହୋଇଯିବ!

ଆପଣ କବି, ଲେଖକ ସହିତ ଏହି ଚୁକ୍ତି ମଧ୍ୟ କରିପାରିବେ କି, ସମସ୍ତେ ଏକ ନିର୍ଦ୍ଦିଷ୍ଟ ହାସ୍‌ଟ୍ୟାଗ ଉଲ୍ଲେଖ କରି ପତ୍ରିକାର ଫଟୋକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବେ। ସେପରି ନ କଲେ ପତ୍ରିକାର ପରବର୍ତ୍ତୀ ସଂଖ୍ୟା (ଯଦି ପ୍ରକାଶ ପାଏ)ରେ ତାଙ୍କର ରଚନା ପ୍ରକାଶ ପାଇବ ନାହିଁ।

> **ପୂଜାମେଢ ପରି ପୂଜା ପତ୍ରିକା ମଧ୍ୟ ଏବେ ଦର୍ଶନରେ ସୀମିତ।**

ପୂଜାମେଢ ପରି ପୂଜା ପତ୍ରିକା ଏବେ ଦର୍ଶନରେ ସୀମିତ। ସେଠି ଯେମିତି ପୂଜା ଅପେକ୍ଷା ମେଲୋଡି ଓ ଭସାଣରେ ବେଶି ନିବେଶ, ଏଠି ସେମିତି ପ୍ରଚାର ଓ ଉନ୍ମୋଚନରେ ଅଧିକ ବିନିଯୋଗ। ମେଢ ସହିତ ଭକତେ ସେଲ୍ଫି ନେଲା ପରି ପତ୍ରିକା ସହିତ ଲେଖକେ ସେଲ୍ଫିନେଇ କୁତୁକୁତୁ ହେବା ପରି ମାହୋଲ ସୃଷ୍ଟି କରିବାର ସମୟ ଆସିଯାଇଛି! ସମୟ ଅନୁସାରେ ବଦଳିବାକୁ ଦେବୀ ସହଯୋଗ କରୁଛନ୍ତି, ମାନବୀମାନେ କାହିଁକି କରିବେନି??

ମୁଁ ଜାଣିଛି, ଆପଣ ପଚାରିବେ ମାନବୀ କିଏ?

ଏହାର ଉତ୍ତର ପାଇବା ପାଇଁ, ଯେ କୌଣସି ପତ୍ରିକାଟିଏ ହାତରେ ଧରନ୍ତୁ। ପତ୍ରିକାର ପ୍ରଚ୍ଛଦଠାରୁ ଭିତର ଏବଂ ସମ୍ପାଦିକାଙ୍କ ନାମ ଯାଏଁ ଆଖି ବୁଲେଇ ଆଣନ୍ତୁ; ମାନବୀଙ୍କର ଦର୍ଶନ ହୋଇଯିବ!! ଯଦି ଦର୍ଶନ ବାବଦରେ ଦକ୍ଷିଣା ଦେବାକୁ ଚାହୁଁଛନ୍ତି, ତେବେ ତାହା ଗଣି ପତ୍ରିକା ଖଣ୍ଡେ କିଣନ୍ତୁ।

ଏଥର ପ୍ଲିଜ୍ ପୁଣି କହିବେନି କି - ମୁଁ ଏକଦମ୍ ନାସ୍ତିକ, ସେଥିରେ ବିଶ୍ୱାସ ରଖେନା.....!!!

□□

ଲେଖକଙ୍କ ଇ-ମେଲ୍ ଠିକଣା:
dr.kulangar@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu

**ଗଳ୍ପ**

# କାଳିଝିଅ



ଦେବବ୍ରତ ଧଳ

ବିଧାତା କାହିଁକି ମଣିଷମାନଙ୍କୁ ସୃଷ୍ଟି କରିବାରେ ପାତରଅନ୍ତର କରନ୍ତି କେଜାଣି ? ତାଙ୍କ ହାତରେ କେଉଁ ମଣିଷ କି ରୂପଧାରଣ କରେ, ତାହା ସେହି ବିଧାତାଙ୍କୁ ଜଣା । କାହାକୁ ସୁନ୍ଦର ରୂପ ଦେଇ ବାହାବା ନିଅନ୍ତି ତ' କାହାର ରୂପକୁ ଅସୁନ୍ଦର ଗଢ଼ି ଦୋଷୀର ମାନ୍ୟତା ପ୍ରାପ୍ତ ହୁଅନ୍ତି । ଏଣୁ ରୂପକୁ ସୁନ୍ଦର କରି ଗଢ଼ିତୋଳିବାରେ ମଣିଷର କିଛି କର୍ତ୍ତୃତ୍ୱ ନାହିଁ ।

କାଳିଝିଅର ଫିଲୋସଫି ହେଲା, ଦୁନିଆରେ ଅନ୍ଧାର ନ ଥିଲେ ଆଲୋକର ସ୍ଥିତି କେଉଁଠି ଥାଆନ୍ତା କି ? କାନ୍ଦ ନ ଥିଲେ ହସର ମାଧୁର୍ଯ୍ୟକୁ କେହି ଉପଭୋଗ କରନ୍ତେ କି ? ଦୁଃଖ ନ ଥିଲେ ସୁଖର ସଜ୍ଞା କେଉଁଠୁ ମିଳନ୍ତା କି ? ସେହି ନ୍ୟାୟରେ କୁତ୍ସିତ, କଦାକାର ବା ଅସୁନ୍ଦରର ସଂଜ୍ଞା ମିଳିଥାଏ ସୌନ୍ଦର୍ଯ୍ୟରୁ । କାଳିଝିଅଟି ମନେ ମନେ ଭାବୁଥିଲା, ଖାଲି ରୂପ ଥିଲେ କ'ଣ ହେବ, ଗୁଣ ନ ଥିଲେ ସବୁ ଅସାର । କ୍ଷଣଭଙ୍ଗୁର ଦୁନିଆରେ ରୂପର ରଙ୍ଗ ଦୁଇଦିନରେ ଫିକା ପଡ଼ିଯାଏ, କିନ୍ତୁ ଗୁଣ ଝଟକୁଥାଏ କାଳକାଳ । ମଣିଷର ଗୁଣ ହୃଦୟକୁ ଛୁଏଁ, ସ୍ମୃତି ପାଲଟେ ।



କାଳିଝିଅଟି ପ୍ରକୃତରେ ଅସୁନ୍ଦରୀ ଥିଲା । ବାଙ୍ଗିରୀ ଓ ଗୁଣ୍ଡୁଣୀହାତୀ ଭଳି ଚାଲୁଥିବା ଅଠରବର୍ଷର କାଳିଝିଅଟି ଦେଖାଯାଉଥିଲା ଯେମିତି ଦୁଇତିନିଟା ପିଲାପିଲିର ମାଆ ଭଳି । ତା' କାର୍ଯ୍ୟକଳାପ ମଧ୍ୟ ବୟସ୍କା ଗୃହିଣୀମାନଙ୍କ ପରି ଥିଲା । ମୁହଁସାରା ବସନ୍ତଚିହ୍ନ । ଚେପଟା ନାକଉପରେ ମୋଟା ଲେନ୍ସର ଚଷମା । ବସନ୍ତଚିହ୍ନକୁ ମୋଟା ଲେନ୍ସର ଚଷମା ତା' ମୁହଁକୁ ଆହୁରି ବିକୃତ କରି ଗଢ଼ିତୋଳେ । କାଳିଝିଅ କେବେ ସାମ୍ପୋ କି ସାବୁନ୍ ବ୍ୟବହାର କରେନି । ବରଂ ବବ୍‌କଟ୍ ସାଇଜର ତା' ପତଳା କେଶଗୁଚ୍ଛରେ ତେଲ ମାଖି ମାଖି ଏମିତି ଚିକ୍‌କଣ କରିଥାଏ ଯେ ଖରାରେ ଛିଡ଼ାହେଲେ ତା' ତାଳୁ ଚକ୍‌ଚକ୍ କରେ ଗୋଟାଏ ସ୍ୱଚ୍ଛ ପଦାର୍ଥ ଭଳି । ତା'କେଶସଜ୍ଜା ମଧ୍ୟ ପୁରୁଣା ଢଙ୍ଗର । କେଶଗୁଚ୍ଛକୁ ମୋଡ଼ିମାଡ଼ି ଏମିତି ବାଘୁଆ ଫାଶଟେ ପକାଇଥାଏ ଯେ ଜୁଡ଼ା ବାହାରେ କେଶାଗ୍ର ଗୁଚ୍ଛ ଦେଖାଯାଏ ଗୋଟାଏ କଳାବିଲେଇର ଲାଞ୍ଜପରି । ଆଜିକାଲିର ଝିଅମାନଙ୍କ ଭଳି ନା ସେ କିଛି ବ୍ୟବହାର କରିଥାଏ ପ୍ରସାଧନ ଦ୍ରବ୍ୟ ନା ସେ ପିନ୍ଧିଥାଏ କିଛି ବିଶେଷ ନାମୀଦାମୀ ପୋଷାକ !

କାଳିଝିଅଟି ସାଙ୍ଗରେ କେହି ସାଙ୍ଗ ହୁଅନ୍ତି ନାହିଁ, ଅତଏବ କାଳିଝିଅଟି କାହାସାଙ୍ଗରେ ସାଙ୍ଗ ହୁଏନା । କାଳିଝିଅର କଳାମୁହଁକୁ କେହି ଆଡ଼ଆଖିରେ ଚାହାନ୍ତି ନାହିଁ । କାଳିଝିଅର ଅନ୍ୟକୁ ଚାହିଁବା ପାଇଁ ଇଚ୍ଛା ଥିଲେ ବି ସାହସ ହୁଏନା । ବରଂ କାଳିଝିଅ କାନ୍ଦକାନ୍ଦ ହୋଇପଡ଼େ, ଯେତେବେଳେ ତା' ସହପାଠିନୀମାନେ ତାକୁ ଥଟ୍ଟାକରି କୁହନ୍ତି - 'ହେଃ କାଳି, ତୋ' ଚେପ୍‌ଟା ନାକକୁ ପ୍ଲାଷ୍ଟିକ୍ ସର୍ଜରୀ କରାଇ ନେଉନୁ, ସୁନ୍ଦର ଦିଶିବୁ ।' କଥାରେ ନଥା ଲଗାଇ ପଛବେଞ୍ଚରେ ବସିଥିବା ଟୋକାପଲଙ୍କ ମଧ୍ୟରୁ ମୁଥମାଡ଼ରେ ଛାମୁଦାନ୍ତଟିଏ ହରାଇଥିବା ଗୋଟାଏ ଟୋକା ବାତରାମି କରି କୁହେ, "ଖାଲି ନାକ କାହିଁକି, ପୂରା ଥୋବଡ଼ା କରାଇନେଲେ ବାଡୁଅଦୋଷ କଟିଯାନ୍ତା ।" କାଳିଝିଅର ଚକ୍ଷୁଦ୍ୱୟ ଛଳଛଳ ହୋଇଉଠେ । ସେ କିଛି କହିପାରେନା, କିନ୍ତୁ ମନେମନେ

ଭାବେ, ରୂପଖଣ୍ଡିଏ ପାଇଛନ୍ତି ବୋଲି ଏମାନଙ୍କର କେଡ଼େ ଗର୍ବ ସତେ !

କାଳିଝିଅର ରୂପ ଅସୁନ୍ଦର ହେଲେ କ'ଣ ହେଲା, ଗୁଣ ଖଣ୍ଡେ ପାଇଥିଲା ଏକା। ପାଠପଢ଼ାରେ ସେ ଏପରି ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ଥିଲା ଯେ ତାକୁ ଟକ୍କର ଦେବାରେ ତା' କ୍ଲାସର ତଥା ତା' ସମାନସ୍କନ୍ଧ ବୁଦ୍ଧିମାନ୍ ପିଲାମାନେ ହାର୍ ମାନିଯାଉଥିଲେ। ଜାତୀୟ ମେଧାବୃତ୍ତି ହାସଲ ସହ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସମଗ୍ର ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ ଥିଲା କାଳିଝିଅ।

କାଳିଝିଅର ଦେହ ରଙ୍ଗଠାରୁ ଆଉଟିକେ ସଫା ରଙ୍ଗରେ ଆକାଶ ଯେବେ ଫର୍ଚ୍ଚା ହୋଇଉଠେ, କାଳିଝିଅ ନିଦରୁ ଉଠେ। ସ୍ନାନପାଇଁ ନଈକୁ ଯାଏ। ପ୍ରାଚୀ ନଈତୁଠରେ ଉଷା ସ୍ନାନ ପରି କାଳିଝିଅ ସ୍ନାନକରେ। କିଛିସମୟ ବିତିଯାଏ ତା' ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନାରେ। "ସଞ୍ଜସକାଳେ ତୁମ ଛବି ଖୋଜେ"ର ଗୀତକୁ ଗୁଣୁଗୁଣୁ ହୋଇ ଗାଏ। ଡ୍ରେସ୍ ପିନ୍ଧିନିଏ। ପଖାଳ ବାଢ଼େ। ଭୋକ ନ ଥିଲେ ମଧ୍ୟ କଲେଜରୁ ଫେରୁ ଫେରୁ ସଞ୍ଜ ହୋଇଯାଏ ବୋଲି କଂସାଏ ପଖାଳ ତଣ୍ଟି ପର୍ଯ୍ୟନ୍ତ ଠୁଙ୍କିଦିଏ। ଏଥର ପିଣ୍ଡାରେ ଡେରା ହୋଇଥିବା ତା' ଲେଡିବର୍ଡ ସାଇକେଲ୍‌କୁ ପାହାଚ ତଳକୁ ଗଡ଼ାଇ ଆଣୁ ଆଣୁ ଦୁଇଚାରିଟା ହାକୁଟି ବାହାରିଆସେ ତା' ପେଟଭିତରୁ। ବେକରେ ଗୁଡ଼ାଇ ରଖିଥିବା ତା' ଧଳାରଙ୍ଗର ଉତ୍ତରୀୟଟି ପବନରେ ଢେଉ ଭାଙ୍ଗେ ଯେତେବେଳେ ତା' ଲେଡିବର୍ଡକୁ ଛୁଟାଇଦିଏ କଲେଜ ଅଭିମୁଖେ।

ସେଦିନ ଥାଏ ତା' ଫାଇନାଲ ପରୀକ୍ଷାର ଶେଷଦିନ। କଲେଜ୍ କ୍ୟାମ୍ପସରେ ପ୍ରବଳ ଭିଡ଼। ସବୁ ଝିଅଙ୍କର କେହି ନା କେହି ନିଜ ଲୋକ ଆସିଥିଲେ ସେମାନଙ୍କୁ ସାଥୀରେ ନେବାକୁ। ମାତ୍ର କାଳିଝିଅଟିର ନିଜର ବୋଲି କେହି ନ ଥିଲେ। ତେଣୁ ତାକୁ ସାଥିରେ ନେବାପାଇଁ କେହି ଆସି ନ ଥିଲେ। କାଳିଝିଅ ମନଭିତରେ ଗୋଟାଏ ପ୍ରଚଣ୍ଡ ଏକଲାପଣର ଭାବନେଇ ସର୍ପିଳଗତିରେ ଭିଡ଼ କାଟିଲା ଏବଂ କଲେଜ୍ କ୍ୟାମ୍ପସ୍‌ରୁ ବାହାରି ସିଧା ଘରମୁହାଁ ତା' ଲେଡିବର୍ଡକୁ ଛୁଟାଇ ଦେଇଥିଲା। ଅପରାହ୍ଣର ଉଜ୍ଜ୍ୱଳ ଆଲୋକରେ ଦୂରରୁ ସାଇକେଲ୍ ଉପରେ ପଣତ ଉଡ଼ାଇ ଚାଲିଯାଉଥିବା ବେଗବତୀ କାଳିଝିଅଟି ଦେଖାଯାଉଥିଲା ଗୋଟାଏ ଧୋବଧବଳିଆ ଉଡ଼ନ୍ତା ପକ୍ଷୀ ଭଳି।

ଆଗରେ ୟୁ ଟର୍ଣ୍ଣ। କାଳିଝିଅଟି ଅନ୍ୟମନସ୍କ ଥିଲା କି କ'ଣ, ପଛପଟରୁ ଦ୍ରୁତବେଗରେ ଆସୁଥିବା ଏକ ଡମ୍ପରକୁ ଦେଖି ହଠାତ୍ ଡାହାଣପଟକୁ ସାଏଁକିନା କାଟିଦେଲା ତା' ଲେଡିବର୍ଡକୁ। ମୁହୂର୍ତ୍ତକ ମଧ୍ୟରେ ସେ ଛିଟିକିପଡ଼ିଲା ରାସ୍ତାଧାରରୁ ତଳକୁ। ସାମ୍ନାପଟୁ ଆସୁଥିବା ଆଉ ଗୋଟିଏ ସାଇକେଲ୍ ସହ ଧକ୍କା ହୋଇଥିଲା ତା'ର। କାଳିଝିଅର ଭାଗ୍ୟ ଭଲ ଥିଲା ଯେ ସାମ୍ନାପଟୁ କୌଣସି ଭାରିଯାନ କିମ୍ବା ସ୍କୁଟି କି ବାଇକ୍ ଭଳି ଲଘୁଯାନ ଆସୁ ନ ଥିଲା। ସାମ୍ନାପଟୁ ଆସିଥିଲା ଗୋଟାଏ ସାଇକେଲ୍ ଏବଂ ସାଇକେଲ୍ ଆରୋହୀ ଜଣକ ଥିଲା ଜଣେ ଫେରିବାଲା। ଧକ୍‌କା ପରେ ଫେରିବାଲା ତା' ଫେରିଜିନିଷ ଓ ସାଇକେଲ୍ ସହ ଛିଟିକି ପଡିଥିଲା ରାସ୍ତାଧାରରେ।

ଫେରିବାଲା ଯୁବକର ଆଣ୍ଠୁଗଣ୍ଠି ଛିଡ଼ିଯାଇ ରକ୍ତ ଜକେଇ ଆସିଥିଲା ଓ ତା'ର ମୁଣ୍ଡ ପଛପଟରୁ ସାମାନ୍ୟ ଫାଟି ଜକେଇ ଆସିଥିବା ରକ୍ତରେ ଓଦା ଓଦା ଲାଗୁଥିଲା। ସେ ନିଜ ଯନ୍ତ୍ରଣାକୁ ଖାତିର୍ ନ କରି ଉଠି ଛିଡ଼ାହେଲା ଓ ପ୍ରଥମେ କାଳିଝିଅଟିର ଲେଡିବର୍ଡକୁ ଛିଡ଼ାକଲା ଓ ପର ମୁହୂର୍ତ୍ତରେ କାଳିଝିଅର ଛିଟିକି ପଡ଼ିଥିବା ଭ୍ୟାନିଟି ବ୍ୟାଗ୍‌କୁ ତଳୁଉଠାଇ କାଳିଝିଅର ହାତକୁ ବଢ଼ାଇ ଦେବାକୁ ଯାଉଥିବାବେଳେ ଦେଖିଲା କାଳିଝିଅ ପଡ଼ିଛି ଗୋଟାଏ ମୁଣ୍ଡିଆ ପଥର ପାଖରେ। କାଳିଝିଅର ଆଣ୍ଠୁ ଛେଚିହୋଇ ଧାର ଧାର ରକ୍ତ ବୋହୂଥାଏ ଓ ତା' ମୁହଁର ଭାବ ଆହୁରି ବିକୃତ ବିକଳ ହୋଇ ଯାଇଥାଏ। ନିଜଭାବକୁ ଯଥାସମ୍ଭବ ନିଜଭିତରେ ଚାପି ରଖି ନିରିମାଖି କାଳିଝିଅ ଉଠିଥିଲା। ଯନ୍ତ୍ରଣାରେ ବିକଳ ହୋଇ ସେ ଛିଡ଼ାହେବାକୁ ଚେଷ୍ଟା କରି ପ୍ରଥମେ ଅଣ୍ଡାଳି ପକାଇଲା ତା' ମୋଟା ଲେନସ୍‌ର ଚଷମା। ଆଣ୍ଠୁ ଛିଡ଼ି ପୋଡ଼ାଜଳା କରୁଥିଲା। ଚଷମାହୀନ ଆଖିରେ ତାକୁ ସବୁ ଜାଲୁଜାଲୁଆ ଦେଖାଯାଉଥିଲା। ହାତରେ ଭରା ଦେଇ କାଳିଝିଅ ନିଜେ ଉଠି ଛିଡ଼ା ହେଲା। ସେ ତା' ଚତୁପାର୍ଶ୍ୱକୁ ଚାହିଁ ଖୋଜିଲା କେଉଁଠି ତା' ମୋଟା ଲେନ୍‌ସର ଚଷମା ପଡ଼ିଛି, କିନ୍ତୁ ଖୋଜି ପାଇ ନ ଥିଲା। ଏହି ସମୟରେ ଫେରିବାଲାଟି ବିଛାଡ଼ି ହୋଇପଡ଼ିଥିବା

**କାଳିଝିଅଟିର ନିଜର ବୋଲି କେହି ନ ଥିଲେ। ତେଣୁ ତାକୁ ସାଥିରେ ନେବାପାଇଁ କେହି ଆସି ନ ଥିଲେ।**

ନିଜର ସମସ୍ତ ଫେରିଜିନିଷ ସହ କିଛି ଖୁଚୁରାଟଙ୍କାକୁ ସାଉଁଟିବାବେଳେ ଦେଖିଲା କାଳିଝିଅ ଚୁପ୍‌ଚାପ୍ ଛିଡ଼ାହୋଇ କାନ୍ଦୁଛି ଓ ବିକଳଭାବରେ ଚାରିଆଡ଼କୁ ଚାହିଁ କିଛି ଖୋଜୁଛି। ଫେରିବାଲା ନିଜର ସମସ୍ତ ଜିନିଷ ଉଠାଇବା ଛାଡ଼ି ଦୌଡ଼ିଗଲା କାଳିଝିଅ ନିକଟକୁ ଏବଂ କିଛିଦୂର ବୁଦାମୂଳରେ ପଡ଼ିଥିବା ତା' ଭ୍ୟାନିଟି ବ୍ୟାଗ୍ ଆଣି କାଳିଝିଅ ହାତକୁ ବଢାଇଦେଇ କହିଲା - "ନିଅନ୍ତୁ ମା'ମ୍। ଆପଣ ଭୁଲ୍ ସାଇଡ୍‌ରେ ଆସୁଥିଲେ। ରାସ୍ତାରେ ଗାଡ଼ି ଚଳାଇବାବେଳେ ଅନ୍ୟମନସ୍କ ହେବା ଉଚିତ୍ ନୁହେଁ।"

"ଅନ୍ୟମନସ୍କ? ତୁ ଅନ୍ଧ ନା କ'ଣ? ତୋତେ ରାସ୍ତା ଦେଖାଯାଉ ନ ଥିଲା କି? ଦେଖିବୁ, ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ଚିତ୍କାରକରି ଡାକିବି।" - କାଳିଝିଅ ଉତ୍‌କ୍ଷିପ୍ତ ହୋଇ କହିଲା।

ଯୁବକଟି କିଛି ଉତ୍ତର ଦେବାପୂର୍ବରୁ ପ୍ରଥମେ ଚାରିଆଡ଼କୁ ଚାହିଁଲା ଏବଂ ଦେଖିଲା, ତା' ଦୃଷ୍ଟିର ପରିଧିଭିତରେ କେହି ଜଣେ ଲୋକବାକ ଦେଖା ଯାଉନାହାନ୍ତି। ଯୁବକ ନିଜର ଜଳାପୋଡ଼ା ଯନ୍ତ୍ରଣା ସତ୍ତ୍ୱେ ଟିକିଏ ହସିଦେଲା ଏବଂ ଗାଡ଼ିର ହେଡ୍‌ଲାଇଟ୍ ଉପର ମାରିବାଭଳି ଜାଣିଶୁଣି ଆଖିମିଟିକା ମାରି କହିଲା - "ସରି ମାଡାମ୍, ଆପଣ ବିନା ଚଷମାରେ ଦେଖିପାରୁନାହାନ୍ତି, ମାନେ ଅନ୍ଧୁଣୀ। ମୁଁ ହେଉଛି ଏକଆଖିଆ ଶୁକ୍ର, ମାନେ ଗୋଟିଏ ଆଖିରେ ଦେଖିପାରେ। ତେଣୁ ଦେଖିପାରି ନ ଥିଲି।"

ଫେରିବାଲାର ଏଭଳି ଆଚରଣରେ କାଳିଝିଅର କ୍ରୋଧଭରା ଚାହାଣି ପୂର୍ବାପେକ୍ଷା ଆହୁରି ଲାଲ୍ ହୋଇଗଲା। ଫେରିବାଲାର ଗାଲରେ କାଳିଝିଅ ଚାପୁଡ଼ାଟେ କଷିଦେଲା ଏବଂ କହିଲା - "ଦୁର୍ଘଟଣା କରି ଥଟ୍ଟା ହେଉଛୁ ମୋ ସାଙ୍ଗରେ।"

ଫେରିବାଲା ଚାପୁଡ଼ା ମାଡ଼ରେ ଆଖି ଛଳଛଳ କରିଦେଲା, କିନ୍ତୁ କିଛି କହିଲା ନାହିଁ। ସେ ନଇଁପଡ଼ିଲା ଓ ଛିଟିକି ପଡ଼ିଥିବା କାଳିଝିଅର ଚଷମାଟିକୁ ଉଠାଇଆଣି କାଳିଝିଅ ହାତକୁ ବଢ଼ାଇ ଦେବବୋଲି ଦେଖିଲାବେଳକୁ କାଳିଝିଅଟି ତା' ଭ୍ୟାନିଟ୍ ବ୍ୟାଗରୁ ଆଉ ଏକ ଲେନସ୍‌ବାଲା ଚଷମା ବାହାରକରି ନିଜ ସାଇକେଲ୍ ଚଢ଼ି ସାରିଥିଲା। ଫେରିବାଲା ଯୁବକ ଭାବିଲା - ଝିଅଟି ସତରେ ମୋ ଉପରେ ରାଗିଗଲା ନା କ'ଣ? କାଳିଝିଅଠାରୁ ଚାପୁଡ଼ାଟେ ଖାଇ ସୁଦ୍ଧା କାହିଁକି କେଜାଣି କାଳିଝିଅଟି ଉପରେ ତା'ର ଦୟା ଆସିଲା। ବେଚାରୀ ମୋପାଇଁ ଅକାରଣରେ କଷ୍ଟପାଇଲା ସିନା! ଝିଅଟି ନିଶ୍ଚିତଭାବରେ ମୋ କଥାରେ ଆହତ ହୋଇଛି। ହେଉ, ଆଜି ବୋଧେ ଆମଦୁହିଁଙ୍କ ରାଶିରେ ଘାତଚନ୍ଦ୍ର ଥିଲା, ଯାହା ହବାର ଥିଲା, ହୋଇଗଲା। ରିଷ୍ଟ ଅଳ୍ପକେ ଟାଳିଗଲା। କିନ୍ତୁ କାଳିଝିଅ ସାଇକେଲ୍ ଚଢ଼ି ଆସୁଛି ମାନେ ତାଙ୍କ ଗାଁ ନିଶ୍ଚିତଭାବେ ଆଖପାଖରେ କେଉଁଠି ହେଇଥିବ। କେବେ ନା କେବେ ଝିଅଟି ସହ ମୋର ସାକ୍ଷାତ ହେବ! ଯେଉଁଦିନ ସାକ୍ଷାତ ହେବ, ସେହିଦିନ ଚଷମାଟା ଫେରାଇଦେବି। ହେଲେ ତା'ପୂର୍ବରୁ ମୋତେ ଚଷମାର ଭଙ୍ଗା ଫ୍ରେମକୁ ବଦଳାଇବାକୁ ପଡ଼ିବ।



ସେଦିନ ଫେରିବାବେଳେ ମନେ ମନେ ଫେରିବାଲାକୁ କେତେ କ'ଣ ଗାଉଁଲି ଭାଷାରେ ଗାଳିବର୍ଷଣ କରି କରି ଆସୁଥିଲା କାଳିଝିଅ। ଘରେ ପହଞ୍ଚିବାବେଳକୁ ମାଛିଅନ୍ଧାର ହେଲାଣି। ସଞ୍ଜଦୀପ ଦେଇ ସାରି ମା'କୁ ଖାଇବାକୁ ମାଗିଥିଲା। ମାଆ ବାଢ଼ିଦେଇଥିଲେ ପଖାଳ ଓ ଦିନରୁ ରଖିଥିବା ଶାଗଖରଡ଼ା ଓ ବଡ଼ିଚୂରା। ତା' ଆଣ୍ଠୁର ଯନ୍ତ୍ରଣା ଧୀରେ ଧୀରେ ବଢୁଥିଲା। ରାତିରେ ଛିଡ଼ି ଯାଇଥିବା ଦୁଇ ଆଣ୍ଠୁରେ ବରଫ ଘଷୁ ଘଷୁ ପୁଣି ଫେରିବାଲାର ମୁହଁଟା ତା' ଆଖି ଆଗରେ ନାଚିଉଠିଲା। ଅନେକରାତି ଯାଏ ସେ ଶୋଇପାରି ନ ଥିଲା। ଖୋଲାଝର୍କା ଦେଇ ସେ ଚାହିଁରହିଥିଲା ଚାନ୍ଦିନୀଧୁଆ ରାତିର ନିଥର ଆକାଶକୁ। ତା'ର ସଂପୂର୍ଣ୍ଣ ଭୁଲ୍ ଥାଇ ଫେରିବାଲାକୁ ଚାପୁଡ଼ାଟାଏ ମାରିଥିବାରୁ ଅନୁତାପରେ ସେ ଘାରି ହେଉଥିଲା। ପରମୁହୂର୍ତ୍ତରେ ଭାବୁଥିଲା, ସେ ଯାହା କରିଛି, ଠିକ୍ କରିଛି। ଫେରିବାଲା ତା'ସହ ଥଟ୍ଟା ହେଉଥିଲା କାହିଁକି ? ପରମୁହୂର୍ତ୍ତରେ

ଏକ ଅନନୁଭୁତ ଖୁସିଭାବନାଟେ ତା' ନିଦକୁ ଚୋରାଇ ନେଉଥିଲା। ସେ ଖୁସିର ସୂତ୍ରଟି ଥିଲା ଏହି ଯେ ଜୀବନରେ ପ୍ରଥମଥର ପାଇଁ କେହିଜଣେ ତାକୁ ଆଜି ଆଖିରେ ଇସାରା କଲା।

ଦିନ ଗଡ଼ିଚାଲିଲା। କାଳିଝିଅର ମନଭିତରୁ ଫେରିବାଲାର ସେ ରହସ୍ୟମୟ ଇଙ୍ଗିତ ଦିବାସ୍ୱପ୍ନ ଭଳି ଲିଭିଯାଇଥିଲା। ଦିନେ ହଠାତ୍ କାଳିଝିଅଟି ସେହି ଫେରିବାଲାକୁ ତାଙ୍କ ଗାଁ ଦାଣ୍ଡରେ ଆବିଷ୍କାର କଲା। ଫେରିବାଲା ଗାଁ ଦାଣ୍ଡରେ ପ୍ରସାଧନ ସାମଗ୍ରୀମାନ ଧରି ସାଇକେଲ୍ ଘଣ୍ଟିକୁ ଟିନ୍ ଟିନ୍ କରି ଫେରି ଯାଉଥିବାବେଳେ କାଳିଝିଅ ତାକୁ ପଛରୁ ଡାକିଲା। ଫେରିବାଲା ପଛକୁ ମୁହଁବୁଲାଇ ଦେଖିଲା, ସେଦିନର ସେହି ଝିଅଟି ତାକୁ ଡାକୁଛି, ଯାହା ସହିତ ତା'ର ଧକ୍କା ହୋଇଥିଲା। ଫେରିବାଲା ଖୁସିଟେ ହୋଇ ମୁହଁ ବୁଲାଇଲା ସେ ଝିଅଟି ପାଖକୁ। କାଳିଝିଅ ତାକୁ କିଛି ପଚାରିବା ପୂର୍ବରୁ ଫେରିବାଲା ସେଦିନଭଳି ମୁହଁରେ ମୃଦୁହସଟିଏ ଖେଳାଇଦେଇ କହିଲା, "ମାଡାମ୍, ଆପଣଙ୍କୁ ସେହିଦିନଠାରୁ ମୁଁ ମନେ ମନେ କେତେ ଯେ ଖୋଜିଲିଣି! ଯାହାହେଉ, ଏତେଦିନପରେ ଆପଣଙ୍କୁ ଦେଖି ଖୁସି ଲାଗିଲା।" ଫେରିବାଲା ତା' ହାଓ୍ୱାନୀ ସାର୍ଟ ପକେଟରୁ ଏକ ନୂଆ ଫ୍ରେମ୍‌ର ଚଷମା ବାହାରକରି ବଢ଼ାଇ ଦେଉଁ ଦେଉଁ କହିଲା, "ଆପଣଙ୍କ ଚଷମା ସେଦିନ ଛାଡ଼ି ଚାଲିଆସିଥିଲେ, ନିଅନ୍ତୁ ଓ ସେଦିନର ଭୁଲ୍ ପାଇଁ ମୋତେ କ୍ଷମା କରିଦିଅନ୍ତୁ।।"

କାଳିଝିଅଟି ଫେରିବାଲାର ମୁହଁରେ ଲାଖିଥିବା ମୃଦୁହସକୁ ଚାହିଁ ଅନ୍ୟମନସ୍କଭାବେ ହାତ ବଢ଼ାଇଦେଲା। ସେହି ସମୟରେ ଫେରିବାଲାକୁ ସେ କ'ଣ କହିବାକୁ ଚାହୁଁଥିଲା, କିନ୍ତୁ କହି ପାରିଲାନାହିଁ।

ଫେରିବାଲାଟି କହିଲା - "ଚୁପ୍ ରହିଲେ ମାଡ଼ାମ୍, କିଛି କହିବେ ନାହିଁ? ଧନ୍ୟବାଦଟେ ଦେବେ ନାହିଁ? ହେଉ, ମୁଁ କିଛି ଦେବି? ଫେସ୍ କ୍ରିମ୍, ପାଉଡର, ବିନ୍ଦି, ଚୁଡ଼ି, କାନଫୁଲ୍, ହାର, ମସ୍କାରା, ଲିପଷ୍ଟିକ୍?" ଫେରିବାଲା ଏହା କହି ତା' ସାଇକେଲ୍ କ୍ୟାରିୟରରେ ଥିବା ଲେଡିଜ୍ କର୍ଣ୍ଣର ଉପରେ ଢଙ୍କା ହୋଇଥିବା ଜାଲିକୁ ସମ୍ପୂର୍ଣ୍ଣ ଖୋଲିଦେଲା।

କାଳିଝିଅର ଫିଲୋସଫି ବଦଳିଗଲା। ଫେରିବାଲା ଯୁବକଟି ପାଖରୁ ସେ କିଛି ନା କିଛି କିଣିବାକୁ ତା'ର ଇଚ୍ଛା ହେଲା। ଅନ୍ତତଃ ଏବେଠାରୁ ସେ ନିଜକୁ କ୍ରିମ୍ ପାଉଡର ମସ୍କାରାରେ ସଜେଇ ହେବାର ଗୋଟିଏ ଭାବନା ତା' ମନଭିତରେ ଚେଇଁଉଠିଲା। ସେ ଫେରିବାଲାକୁ ପଚାରିଲା - "ଗୋଟେ ଭଲ ଫେସ୍ କ୍ରିମ୍ ଦିଅ, ଆଉ ମସ୍କାରା ଅଛି?"

"ହଁ, କେଉଁଟି ଦେବି? ଡ୍ରିମ୍ ଫ୍ଲାଓ୍ୱାର, ରୋଜ୍ ନା ଇଭିନିଂ ମସ୍କ?" ଫେରିବାଲା ପଚାରିଲା।

କାଳିଝିଅ ପୂର୍ବରୁ ପ୍ରସାଧନ ସାମଗ୍ରୀର ଏତେ ନାଁ କେବେ ଶୁଣି ନ ଥିଲା। କହିଲା, "ଯେଉଁଟି ସବୁଠୁ ଭଲ, ସେଇଟି ଦିଅ।"

**ସେଦିନର କଥା ଅଲଗା ଥିଲା। ସେଦିନ ମୋର ଭୁଲ୍ ଥିଲେ ସୁଦ୍ଧା କାହିଁକି କେଜାଣି ତମ ଉପରକୁ ଅଜାଣତରେ ମୋ' ହାତ ଉଠିଗଲା। ସେଥିପାଇଁ ଦୁଃଖିତ।**

"ତେବେ ଏହି ଡ୍ରିମ୍ ଫ୍ଲାଓ୍ୱାର ନିଅନ୍ତୁ, ଖୁବ୍ ବଢ଼ିଆ ବାସ୍ନା ୟାର।" ଫେରିବାଲା କହି ସମସ୍ତ ପ୍ରସାଧାନ ସାମଗ୍ରୀର ଗୋଟିଏ ଗୋଟାଏ ପିସ୍ ବଢ଼ାଇଦେଲା।

କାଳିଝିଅ ହାତବଢ଼ାଇ ସବୁ ରଖିନେଲା ଏବଂ ଫେରିବାଲାକୁ ପ୍ରଶ୍ନ କଲା - "ଏ ସବୁର ଦାମ୍ କେତେ?"

ଫେରିବାଲା ମୃଦୁହସଟିଏ ହସି କହିଲା - "ଦାମ୍ ଆପଣ ମୋତେ ସେଦିନ ଦେଇ ସାରିଛନ୍ତି। ଗୋଟାଏ ଚାପୁଡ଼ାରେ।"

ଫେରିବାଲାର କଥାରେ କାଳିଝିଅ ଦୁଃଖପ୍ରକାଶ କଲା। କହିଲା, 'ସେଦିନର କଥା ଅଲଗା ଥିଲା। ସେଦିନ ମୋର ଭୁଲ୍ ଥିଲେ ସୁଦ୍ଧା କାହିଁକି କେଜାଣି ତମ ଉପରକୁ ଅଜାଣତରେ ମୋ' ହାତ ଉଠିଗଲା। ସେଥିପାଇଁ ଦୁଃଖିତ।"

ଫେରିବାଲା ଚାହିଁଲା କାଳିଝିଅର ମୁହଁକୁ। ଫେରିବାଲା ତା' ସାଇକେଲ୍‌ର ପେଡାଲ୍ ଉପରେ ପାଦ ରଖିସାରିଥିଲା। କାଳିଝିଅ ତାକୁ କିଛି କହିବାପୂର୍ବରୁ ସେ କାଳିଝିଅ ମୁହଁକୁ ଚାହିଁ ଟିକେ ହସିଦେଲା ଓ ସାଇକେଲ୍‌ରେ ଆଗକୁ ବଢ଼ିବା ଆରମ୍ଭ କଲା।

□□

ଲେଖକଙ୍କ ଇ-ମେଲ ଠିକଣା:
dbbrt.dhal@gmail.com

ପ୍ରତିକ୍ରିୟା


# ଲେଖକ, ପ୍ରକାଶକ ବନାମ୍ ପାଠକ



ଭୂପେନ୍ ମହାପାତ୍ର

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଗତ ଅଗଷ୍ଟମାସ ସଂଖ୍ୟାରେ ଶ୍ରୀ ସୌମେନ୍ଦ୍ର ଜେନାଙ୍କ 'ପ୍ରକାଶନର ସମସ୍ୟା ଓ ଆମ ସାହିତ୍ୟ' ଶୀର୍ଷକ ପ୍ରବନ୍ଧଟି ପାଠ କରିବା ପରେ ଏହି ଲେଖକର ମନରେ ପ୍ରତିକ୍ରିୟା ସ୍ୱରୂପ ଯେଉଁ ଚିନ୍ତନର ଉଦ୍ରେକ ହୋଇଛି, ସେଥିରୁ କେଇପଦ ଲେଖୁଛି।

ଏବେ ସବୁଠି ବିଶେଷ କରି ସାହତ୍ୟ ସଭାମାନଙ୍କରେ ଏବଂ ପତ୍ରପତ୍ରିକାରେ ମଧ୍ୟ ଯେଉଁ ବିଷୟବସ୍ତୁ ଉପରେ ଆଲୋଚନା ହେଉଛି ତା'ର ମୂଳ କଥା ହେଲା ଆମ ଭାଷା ମରିଯାଉଛି। ସାହିତ୍ୟ ହଜିଯାଉଛି କିମ୍ବା ବିପଥଗାମୀ ହେଉଛି। ବହୁ ବିଶିଷ୍ଟ ବ୍ୟକ୍ତି, ଲେଖକ, କବି, ସାହିତ୍ୟର ଶୁଭଚିନ୍ତକ ଏବଂ ଏପରିକି ବରେଣ୍ୟ ସାମ୍ବାଦିକମାନେ ମଧ୍ୟ ସଭା ସମିତିରେ କ୍ଷୋଭ ପ୍ରକାଶ କରି ଏ କଥା କହୁଛନ୍ତି, ଯାହା ସମ୍ବାଦପତ୍ରମାନଙ୍କରେ ଶିରୋନାମା ହୋଇ ଯାଉଛି। ହେବା ସ୍ୱାଭାବିକ। ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆକ୍ରମଣ ହେଲେ କିଏ ବା ସହ୍ୟ କରିବ? ଏ ବିଷୟ ସାଧାରଣ ଭାବେ ଲୋକଙ୍କୁ ଉତ୍ତେଜିତ ବା ସଚେତନ କରିଥାଏ। କିନ୍ତୁ ସଚେତନତା ଓ ଉତ୍ତେଜିତ କରେଇବା ଏକା କଥା ନୁହେଁ। ସମାନ ଅର୍ଥଗତ କଥା ନୁହେଁ। ପଦେ ଦି'ପଦ ମୁହଁରେ କହିବା ଓ ଚିମୁଟିବା ଏକା କଥା ନୁହେଁ। ଆମେ ଭାବୁଚେ, ଏବେ କଥାଟା ସେଇ ଚିମୁଟିବା ସ୍ତରକୁ ଆସିଲାଣି। ଯେଉଁମାନେ ସାହିତ୍ୟକୁ ଜୀବନ କରିଛନ୍ତି, ସୂର୍ଯ୍ୟୋଦୟଠାରୁ ପର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସେଇ ସାହିତ୍ୟ କଥା, ତା'ର ଭାଷା, ଭାବ, ଶବ୍ଦ ନିର୍ମାଣ ବା ବସାଣ କଥା ଭାବନ୍ତି, ନିଜ ପୁଅ ଝିଅଙ୍କୁ ଆଦର ଯତ୍ନ ସହିତ ଲାଳନ ପାଳନ କରିବା ପରି, ସେମାନଙ୍କ ପାଇଁ ଏବେ କଥାଟା ଚିମୁଟିବା ସ୍ତରକୁ ଆସିଲାଣି। ବଡ଼ ବେଦନାଦାୟକ ଏ ସବୁ ମନ୍ତବ୍ୟ।



ସେମାନେ ମିଛ କହୁ ନାହାନ୍ତି। ସେମାନଙ୍କୁ ମଧ୍ୟ କମ ବାଧୁ ନାହିଁ। ଏଇ ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ ବୋଧେ। ଏଇ ନିକଟରେ ଓଡ଼ିଶାର ବିଶିଷ୍ଟ କବି ଫନି ମହାନ୍ତି ଗୋଟିଏ ସାକ୍ଷାତକାରରେ କହିଛନ୍ତି, "....ବର୍ତ୍ତମାନ ଓଡ଼ିଆ ଭାଷା ମରି ମରି ଯାଉଛି। ଅଧିକାଂଶ ବ୍ୟକ୍ତି ପକ୍ଷେ ଦୁଇ ଚାରିଟି ଶୁଦ୍ଧ ଓଡ଼ିଆ ବାକ୍ୟ ଲେଖିବା ସମ୍ଭବ ହେଉନାହିଁ। X X X।" ଆମେ ଏବେ କ୍ଷୟର ଏକ ଉତ୍ତୀର୍ଣ୍ଣ ସ୍ତରରେ ପହଞ୍ଚିଛୁ, ଯେଉଁଠି ମାତୃଭାଷାକୁ ସମ୍ପୂର୍ଣ୍ଣ ଭାବେ ଅବହେଳିତ କରାଯାଉଛି ଇତ୍ୟାଦି ଇତ୍ୟାଦି।" (ଗୋପବନ୍ଧୁ ସତ୍ୟବାଦୀ, ଜୁଲାଇ ୨୨, ପୃ-୩୪)

ଭାଷା ଓ ସାହିତ୍ୟ ବିଷୟରେ ସାଧାରଣ ଭାବେ ତା'ର ତିନୋଟି ପର୍ଯ୍ୟାୟ ଉପରେ ଆଲୋଚନା ହୋଇଥାଏ। ଲେଖକ, ପ୍ରକାଶକ ଓ ଶେଷରେ ପାଠକ। ପାଠକ ହିଁ ମୂଳ ଓ ସମସ୍ତଙ୍କ ଗୁରୁ କହିଲେ ଠିକ୍ ହେବ। ସର୍ଜନାର ମୂଳ ହେଲା ଲେଖକ। ପ୍ରକାଶକ ପୋଲଟିଏ ହେଲେ ଆସି ପହଞ୍ଚିବ ପାଠକ ପାଖରେ। ସେ ତା'ର ବିଚାରକ। ଗଛ ଡାଳରୁ ଫୁଲଟିଏ ମାଳୀ ନେଇ ଆସି ଶେଷରେ ଦେବତା ପାଖରେ ପହଞ୍ଚିବା ପରି। ସେଇଠି ତା'ର ଶେଷ ଯାତ୍ରା।

**ଦୋଷ କାହାର?**

ଏହି ରଚନାରେ ଆମେ ଏବେ ସେଇ ତିନୋଟି ସ୍ତର କଥା ଆଲୋଚନା କରିବା। କେହି କେହି ଲେଖକଙ୍କୁ ଦୋଷ ଦିଅନ୍ତି। ଆଉ କେହି ବିଶେଷ କରି ଲେଖକମାନେ ପ୍ରକାଶକଙ୍କୁ ଦୋଷ ଦିଅନ୍ତି। ଆଉ ପାଠକ ବିଚରା ସମସ୍ତଙ୍କ ଆଢୁଆଳରେ ଥାଏ। ତେଣୁ ତା' କଥା କାହା ନଜରକୁ ଆସେ ନାହିଁ।

ଲେଖକ ତ ସୃଷ୍ଟିକର୍ତ୍ତା, ବ୍ରହ୍ମା। ସେ ଲେଖିଯାଏ। ତା'ର ଭାବବିହ୍ୱଳତା ଏତେ ବେଶି ଯେ ସେ ଦିନରାତିକୁ ଅପେକ୍ଷା

କରେ ନାହିଁ। ପ୍ରକାଶ ପାଇବ କି ନାହିଁ। ପ୍ରକାଶ ପାଇଲେ କୁଆଡ଼େ ଯିବ କି ଘର କୋଣରେ ଗଦା ହେଇ ରହିବ ସେ କଥା ମଧ୍ୟ ଚିନ୍ତା କରି ନ ଥାଏ। ସେ କେବଳ ଲେଖି ଚାଲିଥାଏ।

ପରେ ଯେତେବେଳେ ଲେଖାଟା ପ୍ରକାଶକ ପାଖରେ ପହଞ୍ଚେ, ସେତେବେଳେ ତା' ମନରେ ପ୍ରଶ୍ନ ଉଠେ, ସେ ଛପା ଖର୍ଚ୍ଚ ନେବ କି ନାହିଁ। ଛାପିଲେ ବହି ବିକ୍ରି ହେବ କି ନାହିଁ। କିନ୍ତୁ ଛପା ଖର୍ଚ୍ଚ ନେଲେ ମଧ୍ୟ ବିକ୍ରି ନ ହେଲେ ପରିଶ୍ରମ ବୃଥା ହେବ। ଆଉ ଯଦି କୌଣସି ଉପାୟରେ ପୁସ୍ ବା ଧରାଧରି କରି ଗୋଦାମ ଖାଲି କରିଦିଆଯାଏ (ଯାହାର ସମ୍ଭାବନା ଅନେକ କମ୍) ତା'ପରେ ପାଠକ ତାକୁ କିପରି ଗ୍ରହଣ କରିବ ? ପୁସ୍ ଶବ୍ଦଟା ଅନେକ ବ୍ୟାପକ। ପୁସ୍‌ର ହାତ ଅନେକ ବଡ଼ ଓ ଲମ୍ବା ମଧ୍ୟ। ତାହା ସରକାରୀଠାରୁ ବେସରକାରୀ ବା ଅର୍ଦ୍ଧସରକାରୀ ହୋଇପାରେ। ଶେଷରେ ବ୍ୟକ୍ତିଗତ ସ୍ତରକୁ ଆସିଯାଏ। ବିବାହ ବ୍ରତ ପରି ସ୍ଥାନରେ ବନ୍ଧୁଙ୍କୁ ଉପହାର ଦେଇ ନିଜର ମହତପଣିଆ ଦେଖେଇ ପାରିବେ। ଲୋକାର୍ପଣର ବର୍ଣ୍ଣାଢ୍ୟ ପରିବେଶରେ ବେଶ୍ କିଛି ଡିଷ୍ଟ୍ରିବ୍ୟୁସନ୍ କରିପାରିବେ। ସମ୍ବାଦପତ୍ରରେ ବିଜ୍ଞାପନ ଦେଇ କିମ୍ବା ପୁସ୍ତକ ବିଭାଗକୁ ଆଲୋଚନା ଓ ପ୍ରଚାର ପାଇଁ ଦେଇ ନିଜ ପାଖରେ କିମ୍ବା 'ଆମାଜନ'ରେ ମିଳୁଛି କହି ଆତ୍ମ ସନ୍ତୋଷ ଲାଭ କରିପାରିବେ। ଉଦ୍ଦେଶ୍ୟ ହେଲା ଲୋକଙ୍କ ପାଖରେ ପହଞ୍ଚୁ କିମ୍ବା ଲୋକେ ଅନ୍ତତଃ ଜାଣନ୍ତୁ।

**ଆମର ଭାଷା ଓ ସାହିତ୍ୟ ପ୍ରତି ଶ୍ରଦ୍ଧା କମିଛି ଓ ପାଠକୀୟତା ମଧ୍ୟ କମିଛି। ଏବେ ଆମେ ଓଡ଼ିଆ ବହି ଦେଖିଲେ ନାକ ଟେକୁଛୁ।**

### ବିପଣନର ସମସ୍ୟା

ଏବେ ତା' ପରର ସ୍ଥିତି ଦେଖିବା। ଏ ବହିତ ଆଉ "ଅଙ୍କଲ୍ ଟମ୍'ସ କ୍ୟାବିନ୍" କିମ୍ବା "ସାଟାନିକ ଭର୍ସେସ୍" ନୁହେଁ ଯେ ଲକ୍ଷ ଲକ୍ଷ ବିକ୍ରି ହେବ। ଓଡ଼ିଆରେ "ଅମାବାସ୍ୟାର ଚନ୍ଦ୍ର" ମଧ୍ୟ ନୁହେଁ। ପ୍ରକାଶକଙ୍କୁ ବହୁବାର ଚିନ୍ତା କରିବାକୁ ହେବ ଏବଂ ତା'ପରେ ବହି ଯିବାର ସବୁଠାରୁ ବଡ଼ ସ୍ଥାନଟି ହେଲା ପାଠାଗାର। ସରକାରୀ ଓ ବେସରକାରୀ ସ୍ତରରେ ଆମର ପାଠାଗାର ଅନେକ। ସରକାରୀ ସ୍ତରର ସବୁଠାରୁ ବଡ଼ ସ୍ଥାନଟି ହେଲା ରାଜା ରାମମୋହନ ରାୟ ଯୋଜନା, ଯାହା ଉଭୟ କେନ୍ଦ୍ର ଓ ରାଜ୍ୟ ଦ୍ୱାରା ପରିଚାଳିତ। କିନ୍ତୁ ତା'ର ଅବସ୍ଥା ଏମିତି ଯେ ଉଭୟ ଉଭୟଙ୍କୁ ଦୋଷ ଦିଅନ୍ତି। ଅର୍ଥ ଓ ବିତରଣର ସମସ୍ୟା ଉଭୟଙ୍କର। ଦୁର୍ଭାଗ୍ୟର କଥା ଆମ ରାଜ୍ୟରେ ପାଠାଗାର ନିର୍ଦ୍ଦେଶାଳୟଟିଏ ନାହିଁ। ଅନ୍ୟ ରାଜ୍ୟରେ ଏ ସବୁ ବହୁ ଆଗରୁ ଅଛି। ବେସରକାରୀ ସ୍ତରର ପାଠାଗାର ସବୁ ମୁଖ୍ୟତଃ ଏଇ ସଂସ୍ଥା ଉପରେ ନିର୍ଭର କରନ୍ତି। କିନ୍ତୁ ତା'ର ଅବ୍ୟବସ୍ଥା ଯୋଗୁ ସେମାନେ ହାତଗୋଡ଼ ବାନ୍ଧିଲେଣି। ତା'ର ଅନ୍ୟ ଦିଗଟି ହେଲା ପାଠାଗାର ସବୁ ଅଚଳାବସ୍ଥାକୁ ଆସିଲାଣି। ତାକୁ ଏବେ ଆଉ ପାଠାଗାର ନ କହି ପଠନାଗାର କହିବା ଠିକ୍ ହେବ। ୨/୪ ଖଣ୍ଡ ଖବରକାଗଜ ଆସେ। ବରିଷ୍ଠ ନାଗରିକମାନେ ସନ୍ଧ୍ୟାବେଳେ ଆସି ସମୟ କଟାନ୍ତି। ସ୍କୁଲ, କଲେଜ୍, ଲାଇବ୍ରେରୀ ମଧ୍ୟ ଠିକ୍ ସେମିତି ? ଗ୍ରନ୍ଥାଗାରିକଟିଏ ଏବେ ଆଉ ମିଳୁନାହିଁ। ପଦ ସବୁ ଖାଲି। ନିଯୁକ୍ତି ନାହିଁ, ଶିକ୍ଷା ବିଭାଗ କଥା ନ କହିବା ଭଲ। ସ୍କୁଲଠାରୁ ବିଶ୍ୱବିଦ୍ୟାଳୟ ଯାଏ, ସବୁଠି ଗୋଟିଏ ପ୍ରଶ୍ନ, ଶିକ୍ଷକ ନାହାନ୍ତି। ଏପରିକି ଇଞ୍ଜିନିୟରିଂ ଓ ମେଡିକାଲର ମଧ୍ୟ ସେଇ ଅବସ୍ଥା।

### ପାଠକୀୟତା କମିଛି

ପ୍ରଥମ କଥା ହେଲା ଆମର ଭାଷା ଓ ସାହିତ୍ୟ ପ୍ରତି ଶ୍ରଦ୍ଧା କମିଛି ଓ ପାଠକୀୟତା ମଧ୍ୟ କମିଛି। ଏବେ ଆମେ ଓଡ଼ିଆ ବହି ଦେଖିଲେ ନାକ ଟେକୁଛୁ। ଦୀର୍ଘ ରେଳ ଯାତ୍ରାରେ କେହି ଓଡ଼ିଆ ବହି ପତ୍ରିକା କି ଖବରକାଗଜଟିଏ ଧରିବାର ଦେଖିଛନ୍ତି କି ? ନିଜକୁ ଅତ୍ୟାଧୁନିକ କହିବାକୁ ହେଲେ ଇଂରାଜୀକୁ ସାଥୀ କରିବାକୁ ହେବ। ଆମ ପିଲା ମଧ୍ୟ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ସେମାନେ ଡାକ୍ତର କି ଇଂଜିନିୟର ହେଇ ପାରିବେ। ଗୋଟିଏ ଉଦାହରଣ - ଷାଠିଏ ଦଶକରେ ଏଇ ଶିଳ୍ପ ନଗରୀ ରାଉରକେଲାରେ ତିନୋଟି ଅତି ଉଚ୍ଚମାନର ହାଇସ୍କୁଲ ଓ ପ୍ରତି ସେକ୍ଟରରେ ଗୋଟାଏ ଦୁଇଟା ଲୋଅର ସେକେଣ୍ଡାରୀ ସ୍କୁଲ ଥିଲା। ସବୁ ଯାକ ଓଡ଼ିଆ ମାଧ୍ୟମରେ। ହାଇସ୍କୁଲର ସୁନାମ ବାର୍ଷିକ ପରୀକ୍ଷାରୁ ଜଣାପଡ଼େ। ଅନ୍ତତଃ ବେଷ୍ଟ ଟେନ୍ ଭିତରୁ ୫/୬ଟା ରାଉରକେଲାର। ଆଉ ଏବେ? ମାତ୍ର ୪୦ବର୍ଷ ପରେ ଦେଖାଗଲା ସବୁ ଯାକ ସ୍କୁଲ ବ୍ୟକ୍ତିଗତ ମାଲିକାନାକୁ ହସ୍ତାନ୍ତରିତ। ସବୁଯାକ ଇଂରାଜୀ ମାଧ୍ୟମ। ଏ ଚିତ୍ର ଖାଲି

ରାଉରକେଲାରେ ନୁହେଁ, ସମଗ୍ର ଓଡ଼ିଶାର। ତା'ର କାରଣ ହେଲା ଓଡ଼ିଶାରେ ଏବେ ନିଯୁକ୍ତିର ସୁବିଧା ମୋଟେ ନାହିଁ। ଆମର ହଜାର ହଜାର ପିଲା ଏବେ ବାଙ୍ଗାଲୋର କିମ୍ବା ବିଦେଶରେ। ଆମର ସବୁଠି ବଡ଼ ନିଯୁକ୍ତି କ୍ଷେତ୍ର ହେଲା ଶିକ୍ଷା, ସ୍ୱାସ୍ଥ୍ୟ ଓ ଜେନେରାଲ। ତା'ର ସ୍ଥିତି ଆମେ ଜାଣୁଁ। ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ତେବେ ପାଠପଢ଼ି ପିଲାମାନେ କୁଆଡ଼େ ଯିବେ? ସେଥିପାଇଁ ଡ୍ରପ୍ ଆଉଟ୍ ମଧ୍ୟ ବଢ଼ିଛି। ପେଟ ପାଇଁ ଅନ୍ତତଃ ଦାଦନ ଯାଇପାରିବେ। ଏହା ହିଁ ଆମର ବାସ୍ତବ ସ୍ଥିତି। କିନ୍ତୁ ସରକାର ନିଦାବିଷ୍ଟୁ। ସେମାନଙ୍କୁ ଭାରତର ସର୍ବଶ୍ରେଷ୍ଠ ବୋଲି ମାନ୍ୟତା ମିଳି ଯାଉଛି। ଚିନ୍ତା କଅଣ? ଏବେ ଭିକାରି ସଂଖ୍ୟା ଆମର ବଢ଼ିଛି। ମନ୍ଦିର, ରେଳ ଓ ବସ୍ ଷ୍ଟେସନ୍‌ରେ ଏମାନଙ୍କୁ ବେଶି ଦେଖାଯାଏ। ଏହା ଦ୍ୱାରା ଭକ୍ତମାନଙ୍କ ଭକ୍ତିଭାବ କମୁଛି ବୋଲି ଆପତ୍ତି ହେବାରୁ ସରକାର ଏବେ ସେମାନଙ୍କୁ ସେଠୁ ସ୍ଥାନାନ୍ତର କରିବେ ବୋଲି ପ୍ରକାଶ ପାଇଛି (ସମଲେଶ୍ୱରୀ ମନ୍ଦିର)। ଏ ସରକାର ଲୋକପ୍ରିୟ ନୁହେଁ ବୋଲି କିଏ କହିବ?

ଏହି ଲେଖକ ତା'ର ଚାକିରି କାଳ ଭିତରେ ପୂର୍ବାଞ୍ଚଳ ଆସାମ ଠାରୁ ଦକ୍ଷିଣର କନ୍ୟାକୁମାରୀ ଯାଏ ବୁଲିଛି। ସେମାନଙ୍କ ଭାଷା, ସାହିତ୍ୟାନୁଷ୍ଠାନଠାରୁ ସାଂସ୍କୃତିକ ପର୍ବପର୍ବାଣିରେ ଅନ୍ତରଙ୍ଗ ଭାବେ ମିଶିଛି। ତା'ପରେ ନିଜକୁ ପଚାରିଛି 'ତେବେ ଆମେ କେଉଁଠି'? ଏସବୁ ମୁଁ ଆତ୍ମକଥା ଓ ବିଭିନ୍ନ ପତ୍ରପତ୍ରିକାରେ ଓ ସମ୍ବାଦପତ୍ରରେ ଲେଖିଛି। ଆମର ନୂଆ ନୂଆ ଲେଖକମାନଙ୍କ ଭିତରେ ଏବେ ଭିନ୍ନ ମାନସିକତା ଦେଖା ଦେଇଛି। ନିଜ ଲେଖାଛଡ଼ା ସେମାନେ ଅନ୍ୟ କାହାରି ଲେଖା ପଢ଼ନ୍ତି ନାହିଁ। ବଡ଼ ବଡ଼ ଲେଖକଙ୍କ ବହି ଧରିବା ଦୂରର କଥା। ତେବେ ଆମ ଭାଷା ଓ ସାହିତ୍ୟର ଭବିଷ୍ୟତ କେଉଁଠି? ତା' ସତ୍ତ୍ୱେ ଆମେ କହୁ ଆମ ଭବିଷ୍ୟତ ଉଜ୍ଜ୍ୱଳ।

**ଆମର ନୂଆ ନୂଆ ଲେଖକମାନଙ୍କ ଭିତରେ ଏବେ ଭିନ୍ନ ମାନସିକତା ଦେଖା ଦେଇଛି।**

ଭାଷା ସାହିତ୍ୟର ସ୍ଥିତି ଯେ ଦିନକୁ ଦିନ ଦୁର୍ବଳରୁ ଦୁର୍ବଳତର ହେଉଛି, ଏଥିରେ ସନ୍ଦେହ ନାହିଁ। ଜଣେ ଲେଖକ ଏବେ ସାହିତ୍ୟ ସଭାର ତାଳି ଓ ଫୁଲମାଳକୁ ଅଟ୍ଟା କରି ଲେଖାଟିଏ ଲେଖୁଛନ୍ତି, କିନ୍ତୁ ସେ ପ୍ରକାର ସାହିତ୍ୟ ସଭା ଯେ ଭାଷାକୁ ବଞ୍ଚାଇ ରଖିବା ପାଇଁ ସାମାନ୍ୟ ଚେଷ୍ଟାଟିଏ ସେ କଥା ସେ ବୁଝନ୍ତି ନାହିଁ।

ସ୍ଥିତିର ଦୁର୍ଭାଗ୍ୟପୂର୍ଣ୍ଣ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ, ବାସ୍ତବତାଠାରୁ ଦୂରେଇ ରହିବାକୁ ଯେତିକି ଚେଷ୍ଟା କରିବା ଅବାସ୍ତବତା ସେତିକି ଆମ ମୁଣ୍ଡ ଉପରେ ଚାପି ବସୁଥିବ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
bhupenmohapatra@gmail.com

---

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୧୧.୮୦**
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books




ପ୍ରବନ୍ଧ

# ପ୍ରେମ ପ୍ରଜ୍ଞାର କାବ୍ୟ ଗୀତଗୋବିନ୍ଦ

ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରାଚୀନ କାଳରେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସ୍ଥାପତ୍ୟ ଆଦି କ୍ଷେତ୍ରରେ ଯେଉଁ ଉତ୍କର୍ଷ ସାଧିତ ହୋଇଥିଲା, ତା'ର ମୂଳରେ ଥିଲା ସଂସ୍କୃତ ସାହିତ୍ୟ। ସେହି ସଂସ୍କୃତ ସାହିତ୍ୟକୁ ଉତ୍କଳୀୟ ସଂସ୍କୃତ କବିର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଶ୍ରୀ ଜୟଦେବଙ୍କ 'ଗୀତଗୋବିନ୍ଦ'।

ଦ୍ୱାଦଶ ଶତାବ୍ଦୀର କବି ଶ୍ରୀଜୟଦେବ। ଉତ୍କଳ ଭୂପତିଙ୍କ ସଭା ମଣ୍ଡନ କରୁଥିବା ସର୍ବଶ୍ରେଷ୍ଠ ପଣ୍ଡିତ। ସେ କେବଳ ବେଦଜ୍ଞ ପଣ୍ଡିତ ନୁହନ୍ତି, ଅଧିକନ୍ତୁ ଜଣେ ସଙ୍ଗୀତ ଓ ବାଦ୍ୟ ବିଶାରଦ। ସଙ୍ଗୀତ ସଂଯୋଜନା ସାଙ୍ଗକୁ ବୀଣା, ବେଣୁ, ପଖୋଜ, ମନ୍ଦରୀ ପ୍ରଭୃତି ବାଦ୍ୟଯନ୍ତ୍ରରେ ଥିଲା ତାଙ୍କର ଅସାଧାରଣ ପାରଦର୍ଶିତା।




ମାଧବଙ୍କର ଜଣେ ଅନୁରକ୍ତ ଭକ୍ତ ଭାବେ କୈଶୋର କାଳରୁ ସେ ନିଜକୁ ନିୟୋଜିତ କରିଥିଲେ ଶ୍ରୀମନ୍ଦିର ବାଦ୍ୟକାର ସେବାରେ। ସମୟକ୍ରମେ ସେଠାରେ ତାଙ୍କର ଘନିଷ୍ଠତା ବଢ଼ିଥିଲା ମନ୍ଦିର ନର୍ତ୍ତକୀ ତଥା ଦାକ୍ଷିଣାତ୍ୟ ବ୍ରାହ୍ମଣ ଦେବଶର୍ମାଙ୍କ କନ୍ୟା ପଦ୍ମାବତୀଙ୍କ ସହିତ। ସୁନ୍ଦରୀ ପଦ୍ମାବତୀ ଯେତିକି ଜଗନ୍ନାଥପ୍ରାଣା, ସେତିକି ନୃତ୍ୟ ନିପୁଣା। ଜୟଦେବଙ୍କ ବାଦ୍ୟର ତାଳେ ତାଳେ ସେ ଯେତେବେଳେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନୃତ୍ୟକଳା ପ୍ରଦର୍ଶନ କରନ୍ତି, ଜୟଦେବ ମହାପ୍ରଭୁଙ୍କ ପ୍ରେମରେ ଯେତିକି ତଲ୍ଲୀନ ହୁଅନ୍ତି, ସେତିକି ବିମୁଗ୍ଧ ହୁଅନ୍ତି ପଦ୍ମାବତୀଙ୍କ ପ୍ରତିଟି ଅଙ୍ଗଭଙ୍ଗୀରେ।

ନାରୀ ହେଉଛି ସୃଷ୍ଟିର ମୂଳମନ୍ତ୍ର। ଓଁକାରର ପ୍ରଥମ ବିନ୍ଦୁ। ସଂସାରର ଏକ ଅମୃତ ଧାରା। ସେ ଅମୃତପାନ କଲେ ଅମୃତବର୍ଷୀ ହୁଏ କବିର କଲମ। ତେଣୁ ପଦ୍ମାବତୀଙ୍କ ପ୍ରେମର ମଧୁର ମାଦକତାରେ ଜୟଦେବ ଯେତିକି ବିଭୋର ହୋଇଛନ୍ତି, ତାଙ୍କ କବିପ୍ରାଣକୁ ସେତିକି ବିମୁଗ୍ଧ କରିଛି ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିର ମାଧୁର୍ଯ୍ୟ। ଏହି ପ୍ରେମ ଭକ୍ତିର ଉତ୍ତାଳ ତରଙ୍ଗରୁ ଜନ୍ମ ନେଇଛି ପ୍ରେମପ୍ରଣୟର ସବୁଜ ସରଳାର୍ଥ 'ଶ୍ରୀ ଗୀତଗୋବିନ୍ଦ'।

### ଅପୂର୍ବ ସମନ୍ୱୟ

ଜୟଦେବଙ୍କ 'ଗୀତଗୋବିନ୍ଦ' ଭାରତୀୟ କାବ୍ୟ ପରମ୍ପରାର ଏକ ବିରାଟ ବିସ୍ମୟ। ଗୀତ, ନାଟ୍ୟ, ଭକ୍ତି, ପ୍ରେମ ଓ ଶୃଙ୍ଗାରର ଏକ ଅପୂର୍ବ ସମନ୍ୱୟ। ବୈଷ୍ଣବୀୟ ଭାବ ସମ୍ବଳିତ ଏହି ଗୀତିକାବ୍ୟ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି କବି ଜୟଦେବଙ୍କ ଭକ୍ତିପୂତ ପୁଷ୍ପାଞ୍ଜଳି। ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା ଭାବରେ ପର୍ଯ୍ୟବସିତ ଏହି କାବ୍ୟର କଳେବର ଅତ୍ୟନ୍ତ କ୍ଷୀଣ ହେଲେ ବି ଏହା ସଂସ୍କୃତ ସାହିତ୍ୟର ସର୍ବଶ୍ରେଷ୍ଠ ଗୀତିକାବ୍ୟ ରୂପେ ଗୃହୀତ, ପରିଚିତ ଓ ପ୍ରତିଷ୍ଠିତ। ୧୨ଟି ସର୍ଗ, ୨୪ଟି ଗୀତି ଓ ୭୨ଟି ଶ୍ଳୋକ ମଧ୍ୟରେ ସୀମିତ ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ ତଥା ସୁଲଳିତ ଯମକପୂର୍ଣ୍ଣ ଭାଷା ଚାତୁର୍ଯ୍ୟରେ ଅଭିଭୂତ ହୁଅନ୍ତି ସଂସ୍କୃତ ସାହିତ୍ୟର ପଣ୍ଡିତମାନେ। ବିଶେଷ କରି ବିଦ୍‌ଗଧଙ୍କୁ ମୁଗ୍ଧ କରେ ତା'ର ରାସକେଳି ଓ ଦଶାବତାର ପ୍ରସଙ୍ଗ ବର୍ଣ୍ଣନା।

ଯେଉଁ ଋତୁରାଜ ବସନ୍ତର ସ୍ପର୍ଶରେ ଉଲ୍ଲସିତ ହୁଏ ଧରା,

ପୁଲକିତ ହୁଏ ଦେହ ଓ ମନ, ପ୍ରାଣେ ପ୍ରାଣେ ଖେଳିଯାଏ ଏକ ଅନିର୍ବଚନୀୟ ଆନନ୍ଦ, ଆବେଗ ଓ ଉନ୍ମାଦନା, ସେହି ବସନ୍ତର ଆଗମନରେ କବି କଳ୍ପନା କରିଛନ୍ତି ରାଧାକୃଷ୍ଣଙ୍କ ରାସଲୀଳାର ଅଭିନବ ଚିତ୍ର।

କାବ୍ୟର ପ୍ରଥମ ସର୍ଗରେ ପ୍ରଭୁଙ୍କ ଦଶାବତାର ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବାରୁ ସେହି ସର୍ଗର ନାମ ରଖାଯାଇଛି 'ସାମୋଦ ଦାମୋଦର'। ପରବର୍ତ୍ତୀ ସର୍ଗ 'ଅକ୍ଲେଶ କେଶବ'ରେ ପ୍ରକାଶ ପାଇଛି ଶ୍ରୀରାଧାଙ୍କ ବିରହ ଉତ୍କଣ୍ଠିତା ନାୟିକା ଭାବ।

ପ୍ରକୃତି ରାଣୀର ସୌନ୍ଦର୍ଯ୍ୟ, କୋଇଲିର କୁହୁତାନ, ଭ୍ରମରର ଗୁଞ୍ଜନ ତଥା କନ୍ଦର୍ପର କାମୋଦ୍ଦୀପକ ପରିବେଶରେ କୃଷ୍ଣଙ୍କୁ ପାଖରେ ନ ପାଇ କାମାତୁରା ହୋଇ ପଡ଼ିଛନ୍ତି ପ୍ରେୟସୀ ଶ୍ରୀରାଧା। ସଖୀମାନଙ୍କଠାରୁ ଜାଣିବାକୁ ପାଇଛନ୍ତି କୃଷ୍ଣ ଅନ୍ୟାନ୍ୟ ଗୋପାଙ୍ଗନାଙ୍କ ସହ ରାସକେଳିରେ ମଗ୍ନ। ଗୋପାଙ୍ଗନାମାନଙ୍କ ପ୍ରତି ଈର୍ଷାନ୍ୱିତା ହୋଇପଡ଼ିବା ସହ ପ୍ରୋଷିତଭର୍ତ୍ତୃକା ନାୟିକାର ଯନ୍ତ୍ରଣାଦଗ୍ଧ ଭାବ ନେଇ ଖୁବ୍ ମର୍ମାହତ କଣ୍ଠରେ ନେହୁରା ହୋଇ କହୁଚନ୍ତି - ରତି କାଳରେ ମୋର ମଣିଯୁକ୍ତ ପଦ ନୂପୁର ଧ୍ୱନିତ ହେଲେ, ମୋର କଟିଭୂଷଣ ଛିନ୍ନ ହୋଇ ଶବ୍ଦାୟମାନ ହେଲେ ଯିଏ କେଶ ଧରି ମୋତେ ଚୁମ୍ବନ ଦିଅନ୍ତି ସେହି ପ୍ରେମିକ ପ୍ରବର କୃଷ୍ଣଙ୍କୁ ମୋ ପାଖକୁ ନେଇଆସ। ଶୃଙ୍ଗାର କାଳରେ ଯିଏ ମୋର ପାଟ ବସନକୁ ହୁଗୁଳା କରି ଦିଅନ୍ତି ସେହି ଚଟୁ ବସନ ନିପୁଣ କୃଷ୍ଣଙ୍କ ସହ ମୋର ମିଳନ କରାଇ ଦିଅ।

**ହେ ରାଧେ ! ମୋର କାମ ରୂପକ ବିଷ ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ନିବେଦନ କରୁଛି। କୃପାପୂର୍ବକ ତୁମର ପଦ ଯୁଗଳକୁ ମୋର ମସ୍ତକରେ ମଣ୍ଡନ କର।**

## ମୁଗ୍ଧ ମଧୁସୂଦନ

ତୃତୀୟ ସର୍ଗର ନାମ 'ମୁଗ୍ଧ ମଧୁସୂଦନ'। ଗୋପାଙ୍ଗନାମାନଙ୍କ ସହ ରାସକ୍ରୀଡ଼ା ଅବସରରେ ଶ୍ରୀକୃଷ୍ଣ କେବେ ଭୁଲି ନାହାନ୍ତି ଅତି ପ୍ରିୟ ପ୍ରେୟସୀ ଶ୍ରୀରାଧାଙ୍କ କଥା। ଅନୁତାପପୂର୍ବକ ଶ୍ରୀରାଧାଙ୍କ ମାନ ଭଞ୍ଜନ କରିବା ଲକ୍ଷ୍ୟରେ ଲୋଡ଼ିଛନ୍ତି ଜଣେ ସଖୀଙ୍କ ସହଯୋଗ। ଚତୁର୍ଥ ସର୍ଗ (ସ୍ନିଗ୍ଧ ମଧୁସୂଦନ)ରେ ବିଷାଦିତା ଶ୍ରୀରାଧାଙ୍କର ଶୋଚନୀୟ ଅବସ୍ଥା ସମ୍ପର୍କରେ ନଟନାଗର ଶ୍ରୀକୃଷ୍ଣଙ୍କ ଆଗରେ ବର୍ଣ୍ଣନା କରିଛନ୍ତି ସଖୀଗଣ। ପଞ୍ଚମ ସର୍ଗ (ସାକାଂକ୍ଷ ପୁଣ୍ଡରୀକାକ୍ଷ) ରେ ରହିଛି ଶ୍ରୀରାଧାଙ୍କ ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କ ସନ୍ଦେଶ। ଶ୍ରୀରାଧାଙ୍କ ସହ ରତି ମିଳନ ପାଇଁ ତାଙ୍କର ଆତୁରତାକୁ ସେ ପ୍ରକାଶ କରିଛନ୍ତି ସଖୀମାନଙ୍କ ପାଖରେ। ଷଷ୍ଠ ସର୍ଗ (କୁଣ୍ଠ ବୈକୁଣ୍ଠ), ସପ୍ତମ ସର୍ଗ (ନାଗର ନାରାୟଣ), ଅଷ୍ଟମ ସର୍ଗ (ବିଲକ୍ଷ୍ୟ ଲକ୍ଷ୍ମୀପତି) ଓ ନବମ ସର୍ଗ (ମନ୍ଦ ମକୁନ୍ଦ)ରେ ଯଥାକ୍ରମେ ରାଧାଙ୍କ ବାସକ ଶଯ୍ୟା, ବିଳାପ, କୋପ ଓ ସଖୀମାନଙ୍କ ସାନ୍ତ୍ୱନା ଆଦି ବର୍ଣ୍ଣନା ରହିଥିବା ବେଳେ କାବ୍ୟର କେନ୍ଦ୍ରବିନ୍ଦୁ ବା ସାରସର୍ବସ୍ୱ କୁହାଯାଉଥିବା ମାନଭଞ୍ଜନ ପ୍ରସଙ୍ଗଟି ରହିଛି ଦଶମ ସର୍ଗରେ (ଚତୁର ଚତୁର୍ଭୁଜ)। ପ୍ରେମ ପାଗଳିନୀ ଶ୍ରୀରାଧା ନିଜକୁ ଧିକ୍କାର କରୁଥିବା ବେଳେ ସେଠାରେ ପହଞ୍ଚି ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି ଶ୍ରୀକୃଷ୍ଣ। କ୍ରୋଧ ଜର୍ଜ୍ଜରିତା ଶ୍ରୀରାଧାଙ୍କ ମାନ ଭଞ୍ଜନ ପାଇଁ ଅତି ଅନୁନୟ ଭଙ୍ଗୀରେ କହିଛନ୍ତି - ହେ ରାଧେ ! ମୋର କାମ ରୂପକ ବିଷ ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ନିବେଦନ କରୁଛି। କୃପାପୂର୍ବକ ତୁମର ପଦ ଯୁଗଳକୁ ମୋର ମସ୍ତକରେ ମଣ୍ଡନ କର। କବିଙ୍କ ଭାଷାରେ -

ସ୍ମରଗରଳଖଣ୍ଡନଂ ମମ ଶିରସି ମଣ୍ଡନଂ
ଦେହି ପଦପଲ୍ଲଭ ମୁଦାରଂ
ଜ୍ୱଳତି ମୟି ଦାରୁଣୋ ମଦନକଦନାନଚଲୋ
ହରତୁ ତଦୁ ପାହିତବିକାରଂ (୧୦ମ ସର୍ଗ)

## ପ୍ରେମାନୁରଞ୍ଜନ

ଏକାଦଶ ସର୍ଗ (ସାନନ୍ଦ ଦାମୋଦର)ରେ ଶ୍ରୀକୃଷ୍ଣଙ୍କ ଏତାଦୃଶ ପ୍ରେମାନୁରଞ୍ଜନ ବା ଚଟୁ ବଚନରେ ଶ୍ରୀରାଧାଙ୍କ କ୍ରୋଧ ପ୍ରଶମିତ ହେବା ସହିତ ତାଙ୍କ ଚକ୍ଷୁରୁ ବିଗଳିତ ହୋଇଛି ଆନନ୍ଦାଶ୍ରୁ, ଯାହା ସମ୍ଭବ ଶୃଙ୍ଗାରର ଚମତ୍କାର ପ୍ରତିଫଳନ। ଦ୍ୱାଦଶ ସର୍ଗ (ସୁପ୍ରିତ ପୀତାମ୍ବର)ରେ ଖୁବ୍ ରସାଣିତ ହୋଇଛି ଶ୍ରୀରାଧା-ଶ୍ରୀକୃଷ୍ଣଙ୍କ ସମ୍ଭୋଗଶୃଙ୍ଗାର ବର୍ଣ୍ଣନା। ଯମୁନା ତଟବର୍ତ୍ତୀ ବୃନ୍ଦାବନରେ ଅନୁଷ୍ଠିତ ଏହି ବସନ୍ତ ରାସ ଶ୍ରୀମଦ୍‌ଭଗବତ୍ ବର୍ଣ୍ଣିତ ଶରତ ରାସଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜ୍ଞାନ ଠାରୁ ବଡ଼ ସମର୍ପିତ ପ୍ରେମ। ସେହି ପ୍ରେମ ଭକ୍ତି ଆଧାରିତ କାବ୍ୟ 'ଗୀତଗୋବିନ୍ଦ' ଶ୍ରୀରାଧା-କୃଷ୍ଣ ବିଳାସର ଏକ ଦୀପ୍ତିମନ୍ତ ଆଲେଖ୍ୟ। ଆଦିରସ ଔଜଲ୍ୟରେ ଉଦ୍‌ଭାସିତ ଏହି କାବ୍ୟର ପ୍ରତ୍ୟେକ ପଂକ୍ତିରେ ବିଞ୍ଚି ହେଇ ପଡ଼ିଛି ଶୃଙ୍ଗାର ଚେତନାର ମୁଗ୍ଧ ମହକ। ରାଧାମାଧବଙ୍କ ଅଭୂତପୂର୍ବ ରତିକେଳି

ପ୍ରସଙ୍ଗ ବର୍ଣ୍ଣନା କରିବାକୁ ଯାଇ ଭକ୍ତକବି ଜୟଦେବ ସୃଷ୍ଟି କରିଛନ୍ତି ଶୃଙ୍ଗାର ଓ ଭକ୍ତିର ଅପୂର୍ବ ମିଳନ। ଜୀବନର ସର୍ବଶ୍ରେଷ୍ଠ କୋମଳ ପ୍ରବୃତ୍ତି ହେଉଛି ପ୍ରୀତି। ମାତ୍ର ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ପ୍ରୀତି ଦୈହିକ ନ ଥିଲା, ତାହା ଅପ୍ରାକୃତ। ଏହି ମର୍ମରେ କବି ଅଭିମନ୍ୟୁ ସାମନ୍ତସିଂହାର ଲେଖିଛନ୍ତି - ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି, ଅବ୍ୟକ୍ତ ପ୍ରେମକୁ ବ୍ୟକ୍ତ କର ଅବତରି। ଈଶ୍ୱର ହିଁ ସର୍ବଶ୍ରେଷ୍ଠ ପ୍ରେମିକ। ଯା'ର ପ୍ରେମିକା ହେଲେ ପ୍ରତ୍ୟେକ ଆତ୍ମା। ବିଭିନ୍ନ ପଥରେ ସାଧନା ଦ୍ୱାରା ଆତ୍ମା ପରମାତ୍ମାଙ୍କ ନିକଟରେ ପହଞ୍ଚିବା ପାଇଁ ହିନ୍ଦୁ ଧର୍ମର ଯେଉଁ ପ୍ରୟାସ ହୋଇଛି 'ଗୀତ ଗୋବିନ୍ଦ' ତା'ର ଅନବଦ୍ୟ ଅଭିବ୍ୟକ୍ତି। ବୈଷ୍ଣବମାନଙ୍କ ମତରେ ଶ୍ରୀରାଧା କୌଣସି ବ୍ୟକ୍ତିବିଶେଷ ନୁହନ୍ତି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଆନନ୍ଦାଂଶ ଚିନ୍ମୟୀ ମୂର୍ତ୍ତି ବିଶେଷ । ଅତଏବ ଶ୍ରୀରାଧା ଓ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ। ପରମ ବୈଷ୍ଣବ ରାୟ ରାମାନନ୍ଦଙ୍କ ମତରେ 'କାନ୍ତାପ୍ରେମ ଶ୍ରେଷ୍ଠ ସାଧ୍ୟ ଓ ପ୍ରେମ ଭକ୍ତି ସର୍ବସାଧ୍ୟତାର ବୋଲି ମତପ୍ରକାଶ କରି କହିଛନ୍ତି -"ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ପ୍ରେମ କାହାଣୀ ଜୀବନର ଶ୍ରେଷ୍ଠ ଗତି ଲାଭ ନିମନ୍ତେ ସର୍ବୋତ୍କୃଷ୍ଟ ସାଧ୍ୟ ଅଟେ। "ଇହାର ମଧ୍ୟେ ରାଧାର ପ୍ରେମ ସାଧ୍ୟ ଶିରୋମଣି, ଯାହାର ମହିମା ସର୍ବ ଶାସ୍ତ୍ରେତେ ବଖାନି" (ଚୈତନ୍ୟ ଚରିତାମୃତ)।



**ଭକ୍ତ ଓ ଭଗବାନ**

ଭକ୍ତ ଓ ଭଗବାନଙ୍କ ସମ୍ପର୍କର ସାନ୍ଦ୍ର ଓ ସବୁଠାରୁ ଶୀର୍ଷ ରୂପକୁ ବୈଷ୍ଣବ ତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଥିଲେ ପରକୀୟା ପ୍ରୀତିରେ। ସ୍ୱାମୀ, ଶାଶୁ, ନଣନ୍ଦ ଆଦି ପରିବାରର ସମସ୍ତେ ଥାଇ ବି କୁଳବଧୂ ପଡୁଛି ପରପୁରୁଷ ପ୍ରେମରେ। ଜଣେ ନୁହେଁ, ଜଣେ ପୁରୁଷ ପ୍ରେମରେ ପଡ଼ିଛନ୍ତି ଅନେକ କୁଳବଧୂ। ଏକଥା ଜାଣି ସୁଦ୍ଧା କୁଳବଧୂଙ୍କ ଭିତରେ ପ୍ରତିଯୋଗିତା। ଇପ୍ସିତ ପୁରୁଷକୁ ପାଇବା ପାଇଁ ସମସ୍ତେ ବ୍ୟାକୁଳ। ଏମନ୍ତ ପ୍ରୀତିକୁ କୁହାଯାଏ ଭକ୍ତି-ପ୍ରେମଭକ୍ତି। ଏହି ପ୍ରେମଭକ୍ତିର ପ୍ରଚାର ପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ପ୍ରେମ ଭକ୍ତିର ଶାଣିତ କାବ୍ୟ। ବିଶେଷ କରି ରାଧାକୃଷ୍ଣଙ୍କ ପ୍ରେମକୁ - ଧର୍ମଶାସ୍ତ୍ରର ଆବେଷ୍ଟନିରୁ ମୁକ୍ତ କରି ଲୌକିକ, ପ୍ରାକୃତ, ସଂସ୍କୃତ ରସ ସାହିତ୍ୟର ଶୃଙ୍ଗାର ରସାତ୍ମକ କାବ୍ୟଧାର ସହିତ ଯୋଡ଼ିଦେଲେ କବିରାଜ ଜୟଦେବ। ଫଳରେ ପ୍ରଶସ୍ତ ହୋଇଗଲା ତା'ର ଭବିଷ୍ୟତ ପ୍ରସାର ଓ ପରିଣତିର ପଥ। ଗୀତଗୋବିନ୍ଦର ଏହି ମାଧୁର୍ଯ୍ୟକୁ ଦୃଷ୍ଟିରେ ରଖି ଆଲୋଚକମାନେ କୁହନ୍ତି - ରାଧାକୃଷ୍ଣ ପ୍ରେମଭକ୍ତି ମାର୍ଗ ସମ୍ପର୍କରେ ଏକ ସର୍ବକାଳୀନ ପ୍ରେରଣାର ଉତ୍ସ ହେଉଛି ଜୟଦେବଙ୍କ 'ଗୀତଗୋବିନ୍ଦ'। ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣଙ୍କୁ ନେଇ ଯେତେସବୁ କାବ୍ୟ ଲେଖାଯାଇଛି, ଗୀତଗୋବିନ୍ଦରେ ରହିଛି ତା'ର ମୂଳ ଉପାଦାନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରକୀୟା ପ୍ରୀତିରେ ମାତିଥିବା ଅନ୍ୟ ଅନେକ କାବ୍ୟ ନାୟକନାୟିକା ପଛରେ ରହିଯାଇଥିବା ବେଳେ କେବଳ ରାଧାକୃଷ୍ଣଙ୍କ ନାମରେ ପଡୁଛି ଜୟ ଜୟକାର।

ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ଯେଉଁ ଶାଶ୍ୱତ ବର୍ଣ୍ଣନା ଦିଆଯାଇଛି, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେତେ ତାତ୍ତ୍ୱିକ ହେଲେ ବି ଏହା ଏକ ପ୍ରେମକୈନ୍ଦ୍ରିକ କାବ୍ୟ ଏବଂ ପ୍ରେମଲୀଳା ହିଁ ତା'ର ଉପଜୀବ୍ୟ ବିଷୟ। ସେଥିପାଇଁ ବୈଷ୍ଣବୀୟ ଧର୍ମର ଅଲୌକିକ କୃଷ୍ଣ ଗାଥାରେ ପରିଣତ ହୋଇ ପାରିଛି ଯମୁନା ତଟର ଗୋଟେ ଗାଆଁର ପ୍ରେମ କାହାଣୀ। କୋଣାର୍କର କାରୁକାର୍ଯ୍ୟ ପରି ଚମତ୍କାର ତା'ର ଶିଳ୍ପସୌନ୍ଦର୍ଯ୍ୟ। ଭଗବାନଙ୍କ ମର୍ତ୍ତ୍ୟ ଲୀଳାକୁ ମାନବିକ (ଦୈହିକ) ଲୀଳାରେ ପରିଣତ କରିବା ପାଇଁ ଅନତିକ୍ରମଣୀୟ ତା'ର ପରିବେଶ ପରିକଳ୍ପନା ଓ ନାଟକୀୟ ସଂଳାପ ସଂଯୋଜନା।

ରାସକେଳିର ସ୍ଥାନ ଯମୁନା ତଟବର୍ତ୍ତୀ ବୃନ୍ଦାବନ। ସମୟ ସନ୍ଧ୍ୟା। ଆକାଶରେ ମେଘ। ସେଥିପ୍ରତି ଭ୍ରୂକ୍ଷେପ ନ କରି ପାତ୍ରପାତ୍ରୀ ଏକାଠି। ପୂର୍ବ ରାଗ ସମ୍ପର୍କରେ କୌଣସି ଗୌରଚନ୍ଦ୍ରିକା ନ ବାଢ଼ି ସିଧାସଳଖ ପ୍ରସଙ୍ଗକୁ ଆସିଛନ୍ତି କବି ଜୟଦେବ। ସିଧା ମିଳନର ପରିବେଶ। ଚମତ୍କାର ଉପସ୍ଥାପନା। ଅନ୍ତରଙ୍ଗ ବାର୍ତ୍ତାଳାପର ମଧୁର ସମ୍ମୋହନ। ରାସଲୀଳା ମଧ୍ୟ ଦେଇ ବିଶ୍ୱମଙ୍ଗଳ ଉଦ୍ଦେଶ୍ୟରେ କବି କଣ୍ଠରୁ ଝରିପଡ଼ିଛି ଅମୃତମୟ ବାର୍ତ୍ତା।

ସୂକ୍ଷ୍ମ ଦୃଷ୍ଟିରେ ଏହାକୁ କୁହାଯାଏ ଜୀବାତ୍ମା ସହିତ ପରମାତ୍ମାର ମିଳନ। ବଡ଼ ଜଟିଳ କିନ୍ତୁ ଏ ମିଳନର ପଥ। ଏଥିପାଇଁ ଲୋଡ଼ା ନିଷ୍ପାପର ଓ ନିରବଚ୍ଛିନ୍ନ ପ୍ରୟାସ। ଏହା ହିଁ ରାଧାକୃଷ୍ଣଙ୍କର ମିଳନର ମୂଳକଥା।

## ଅପ୍ରାକୃତ ପ୍ରେମଲୀଳା

ସାଧାରଣତଃ ପ୍ରତ୍ୟେକ ବୈଷ୍ଣବ କାବ୍ୟର ଉପଜୀବ୍ୟ ବିଷୟ ହେଉଛି ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା। ରାଧାଙ୍କ ଅପେକ୍ଷା କୃଷ୍ଣଙ୍କୁ ଅଧିକ ପ୍ରାଧାନ୍ୟ ଦେବା ମଧ୍ୟ ପ୍ରତ୍ୟେକ କବି ପାଇଁ ଅନୁସୃତ ଧାରା। ମାତ୍ର ସେହି କ୍ରମରେ ଏକ ବ୍ୟତିକ୍ରମ ହେଉଛି ଶ୍ରୀଗୀତଗୋବିନ୍ଦ। ଏଥିରେ ଶ୍ରୀକୃଷ୍ଣଙ୍କୁ ନୁହେଁ, ଶ୍ରୀରାଧାଙ୍କୁ ମିଳିଛି ଅଧିକ ମାନ୍ୟତା। ତାହା ପ୍ରତିପାଦିତ ହୋଇଛି ଦଶମ ସର୍ଗର ଅଷ୍ଟମ ପାଦ, ଅର୍ଥାତ ଶ୍ରୀରାଧାଙ୍କ ମାନଭଞ୍ଜନ ପ୍ରସଙ୍ଗରେ।

'ଗୀତଗୋବିନ୍ଦ' କେବଳ ମିଳନ, ବିରହ ଓ ବିଚ୍ଛେଦ ବା ଶୃଙ୍ଗାରିକତାର ସୁଲଳିତ ପଦବିନ୍ୟାସ ଓ ଅନୁପମ ଛନ୍ଦ ମାଧୁରୀ ନୁହେଁ, ଏହା ଆହ୍ଲାଦିନୀ ଶକ୍ତି ଶ୍ରୀରାଧା ଓ ଭଗବାନ ସଚ୍ଚିଦାନନ୍ଦ ପୁରୁଷ ଶ୍ରୀକୃଷ୍ଣଙ୍କ ପ୍ରେମ ଓ ପ୍ରଜ୍ଞାର ବାର୍ତ୍ତା। ଭକ୍ତର ହୃଦୟକୁ ଆଲୋଡ଼ିତ କରେ ତା'ର ଦଶାବତାର ବର୍ଣ୍ଣନା। ବିଷ୍ଣୁଙ୍କର ପ୍ରଥମ ଅବତାର ମୀନ ରୂପକୁ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି –

"ପ୍ରଳୟପୟୋଧିଜଳେ ଧୃତବାନସି ବେଦଂ
ବିହିତବହିତ୍ର ଚରିତ୍ରମଖେଦଂ
କେଶବ ଧୃତ ମୀନଶରୀର ଜୟଜଗଦୀଶହରେ।"

ମୀନ ଅବତାର ଠାରୁ କଳ୍କୀ ଅବତାର ପର୍ଯ୍ୟନ୍ତ ସମସ୍ତ ଅବତାରକୁ ସେ ଖୁବ୍ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଅନ୍ତରାଳରେ ରହିଛି ଏକ ବିବର୍ତ୍ତନବାଦର ସୂଚନା। ଗୀତଗୋବିନ୍ଦ ଯୋଗୁ ସାରା ଭାରତରେ ପ୍ରତିଷ୍ଠା ଲାଭ କଲା ଦଶାବରାର ତତ୍ତ୍ୱ। ଜୟଦେବଙ୍କ ଠାରୁ ଆରମ୍ଭ ହେଲା ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱର ଆରୋପ।

## ଶ୍ରୀଜଗନ୍ନାଥ ପରମ୍ପରା

ଶ୍ରୀଜଗନ୍ନାଥ ପରମ୍ପରାରେ ଗୀତଗୋବିନ୍ଦର ସ୍ଥାନ ସ୍ୱତନ୍ତ୍ର। ଗଙ୍ଗବଂଶୀ ରାଜା ନରସିଂହ ଦେବଙ୍କ ସମୟର ଗୀତଗୋବିନ୍ଦ ଗାୟନ ଜଗନ୍ନାଥ ସଂସ୍କୃତିରେ ଯୋଡ଼ିହେଲା ଏବଂ ଏହାକୁ ବାଧ୍ୟତାମୂଳକ କରାଗଲା ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ। ଗୀତଗୋବିନ୍ଦ ପରମ୍ପରା ସମ୍ପର୍କରେ ଘୋଷଣାନାମା ଜାରି କରି ଲେଖିଥିଲେ – "ବୀରଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରବର ଶ୍ରୀ ପ୍ରତାପରୁଦ୍ରଦେବ ମହାରାଜାଙ୍କର ସମସ୍ତ ଅଂକଙ୍କ ଶ୍ରାହୀ କକଡା ସୁ୧୦ବୁଧବାରେ ଅବଧାରୀତ ଆଇଁଗ୍ୟା ପ୍ରମାଣେ ବଡ଼ଠାକୁରଙ୍କୁ ଶ୍ରୀ ଗୀତଗୋବିନ୍ଦ ଠାକୁରଙ୍କ ଭୋଗବେଳେ ଏ ନାଟ ହୋଇବ। ସନ୍ଧ୍ୟାଧୂପ ସରିଲା ଠାରୁ ଏ ନାଟ ହୋଇବ। X X X ଏହା ଯେ ପରୀକ୍ଷା ଆନ ଗୀତ ନାଟ କରାଇଲେ ଜାଣା ସେ ଜଗନ୍ନାଥଙ୍କ ଦ୍ରୋହ କରଇ।" ଏହି ରାଜକୀୟ ଘୋଷଣାଟି ଲିପିବଦ୍ଧ ହୋଇ ରହିଛି ବଡ଼ଦେଉଳ ଜୟ ବିଜୟ ଦ୍ୱାରରେ। ପରମ୍ପରା କ୍ରମେ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ସମୟରେ ପ୍ରତ୍ୟହ ପାଠ କରାଯାଏ ଗୀତଗୋବିନ୍ଦ। ଦେବଦାସୀ ନୃତ୍ୟ ସମୟରେ ମଧ୍ୟ ଗୀତଗୋବିନ୍ଦ ଗାନ କରିବାର ପରମ୍ପରା ମଧ୍ୟ ବହୁ ପ୍ରାଚୀନ। ଶ୍ରୀମନ୍ଦିରରେ ନୂତନ ସେବକ ନିଯୁକ୍ତି ବେଳେ ସେମାନଙ୍କୁ ଭେଟି ଦିଆଯାଏ ଗୀତଗୋବିନ୍ଦ ଖଣ୍ଡୁଆ। ଏହି ଖଣ୍ଡୁଆରେ ଗୀତଗୋବିନ୍ଦ ପଦାବଳୀ ଲେଖାଯାଇଥିବାରୁ ଏହା ମହାପ୍ରଭୁଙ୍କର ଅତି ପ୍ରିୟ ପରିଧାନ। ସେଥିପାଇଁ ତାଙ୍କର ସବୁଠାରୁ ପ୍ରିୟବେଶ ବଡ଼ସିଂହାର ବେଶ ବେଳେ ଲାଗି କରାଯାଏ ଶ୍ରୀଗୀତଗୋବିନ୍ଦ ଖଣ୍ଡୁଆ।

**ବିଶେଷକରି ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟର ମୂଳ ଆଧାର ହେଉଛି ଗୀତଗୋବିନ୍ଦ।**

ଓଡ଼ିଆ ସଂସ୍କୃତି ସହିତ ଗୀତଗୋବିନ୍ଦ ଓତଃପ୍ରୋତ ଭାବେ ଜଡ଼ିତ। ବିଶେଷକରି ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟର ମୂଳ ଆଧାର ହେଉଛି ଗୀତଗୋବିନ୍ଦ। ଦଶାବତାର ନୃତ୍ୟ କହିଲେ କେବଳ ଓଡ଼ିଶୀ ନୃତ୍ୟକୁ ବୁଝାଏ ଏବଂ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଶ୍ରୀଗୀତଗୋବିନ୍ଦ ଅଷ୍ଟପଦୀ ନାମରେ ପରିଚିତ। ସଙ୍ଗୀତ ବିଶାରଦ ଜୟଦେବ ନିଜ କାବ୍ୟରେ ବସନ୍ତ, ଭୈରବୀ ବିଭାସ ଆଦି ଏଗାରଟି ରାଗ ଓ ପାଞ୍ଚଟି ଲୋକପ୍ରିୟ ତାଳ ସଂଯୋଗ କରିଛନ୍ତି ଏବଂ ଗୀତଗୋବିନ୍ଦର ସମସ୍ତ ସର୍ଗ ରାଗ ଦ୍ୱାରା ପ୍ରତିବନ୍ଧିତ। ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହା ସଂସ୍କୃତ ସାହିତ୍ୟର ସର୍ବୋତ୍ତମ ରଚନା। ଗୀତ ଗୋବିନ୍ଦର କାନ୍ତ କୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଗାନ୍ଧର୍ବ କଳାକୌଶଳ ସୁଲଳିତ ପଦବିନ୍ୟାସ

ଓ ଅନୁପମ ଛନ୍ଦ ମାଧୁରୀ ସଙ୍ଗୀତ ଶିଳ୍ପୀଙ୍କ କଣ୍ଠରେ ଯେମିତି ମୂର୍ଚ୍ଛନା ତୋଳେ, ସେମିତି ନୃତ୍ୟ ଶିଳ୍ପୀଙ୍କ ଘୁଙ୍ଗୁରରେ ଭରିଦିଏ ଅପୂର୍ବ ଝଙ୍କାର। ଅର୍ଥ ବୁଝି ହେଉ କି ନ ହେଉ, ଗୀତ ଗୋବିନ୍ଦର ଗୀତ ଓଡ଼ିଶାରେ ଏକ ପ୍ରାର୍ଥନା ଭାବେ ପରିଗଣିତ। ଓଡ଼ିଶାର ତାଳପତ୍ର, କାଗଜ ଏବଂ ରେଶମ କନା ଉପରେ ଅଙ୍କିତ ଚିତ୍ରକଳା ଗୀତଗୋବିନ୍ଦ ଦ୍ୱାରା ବହୁଳଭାବେ ପ୍ରଭାବିତ। ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ, ବୟନଶିଳ୍ପ ଓ ନୃତ୍ୟ ଆଦିକୁ ଗୀତଗୋବିନ୍ଦ ଏତେ ପ୍ରଭାବିତ କରିଛି ଯେ ତା' ପାଲଟି ଯାଇଛି ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗ। ସାରା ଭାରତରେ ଏବେ ମଧ୍ୟ ଗୀତଗୋବିନ୍ଦରେ ବର୍ଣ୍ଣିତ ଅନେକ ଦୃଶ୍ୟ ଏହି ପଟ୍ଟଚିତ୍ରର ବିଷୟ ବସ୍ତୁ। ସଚିତ୍ର ତାଳପତ୍ରର ଗୀତଗୋବିନ୍ଦ କେବଳ ରାଧାକୃଷ୍ଣଙ୍କ ପ୍ରେମଲୀଳା ନୁହେଁ, ଏଥିରେ ଚିତ୍ରିତ ବୃକ୍ଷଲତା, ପୁଷ୍ପରାଜି ଓ ପଶୁପକ୍ଷୀ ସାଙ୍ଗକୁ ବେଶ ପରିପାଟୀ, କେଶବିନ୍ୟାସ ଓ ରଙ୍ଗ ବିନ୍ୟାସ ଆଦି ଓଡ଼ିଶାର ଚିତ୍ରକଳା ଶୈଳୀକୁ ନେଇ ପହଞ୍ଚେଇ ଦେଇଛି ବିଶ୍ୱ ଦରବାରରେ।

> **ଅର୍ଥ ବୁଝି ହେଉ କି ନ ହେଉ, ଗୀତଗୋବିନ୍ଦର ଗୀତ ଓଡ଼ିଶାରେ ଏକ ପ୍ରାର୍ଥନା ଭାବେ ପରିଗଣିତ।**

ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ତଥା ସମାଜ ଜୀବନକୁ ଶ୍ରୀଗୀତଗୋବିନ୍ଦ ଯେଉଳି ଗଭୀର ଭାବରେ ପ୍ରଭାବିତ କରିପାରିଛି ସେ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ବିଶିଷ୍ଟ କବି ତଥା ଆଲୋଚକ ଡକ୍ଟର ମାୟାଧର ମାନସିଂହ କହନ୍ତି – "ଗୀତଗୋବିନ୍ଦ ଏକ ମହାକାବ୍ୟ। x x x ଏହା ଓଡ଼ିଶାର କଳା, ସମାଜ ଓ ସାହିତ୍ୟ ଉପରେ ଯେପରି ଗଭୀର ପ୍ରଭାବ ପକାଇ ପାରିଛି, ତାହା ବୋଧହୁଏ ଭାରତର ଅନ୍ୟ କୌଣସି ଅଂଚଳରେ ଦେଖିବାକୁ ମିଳେନାହିଁ। x x x ଓଡ଼ିଆ କବିମାନଙ୍କ ଲେଖନୀରେ ସଂସ୍କୃତ ଗୀତଗୋବିନ୍ଦ ଏକ ପ୍ରାକୃତିକ ଅନୁସରଣ ସ୍ଥାନେ ସ୍ଥାନେ ଯେ ଆଦର୍ଶର ସମକକ୍ଷ ହୋଇପାରିଛି, ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବାର କଥା।' ଅଭିମନ୍ୟୁ, ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ କେତେ କବି ଗତ କେତେ ଶତାବ୍ଦୀ ଧରି ଗୀତଗୋବିନ୍ଦର ବର୍ଣ୍ଣ, ସୌରଭ ଓ ସ୍ୱାଦ ପର୍ଯ୍ୟାପ୍ତ ଭାବେ ପରିବେଷଣ କରୁଛନ୍ତି।

ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ କେବଳ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତର ଆଧାର ନୁହେଁ, ପୃଥିବୀର ଏହା ବହୁ ଭାଷାରେ ଅନୁବାଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଏହା କ୍ଷୁଦ୍ର ଗୀତିକାବ୍ୟ ରଚନା କରି ଜୟଦେବ ଯେଉଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ।

□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**





Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

**ସାକ୍ଷାତକାର**

# ପ୍ରବୀଣ ସାରସ୍ୱତ ସ୍ରଷ୍ଟା
# ରମାକାନ୍ତ ରଥଙ୍କ ସହ କିଛି ଅନ୍ତରଙ୍ଗ ଆଳାପ

*ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ଯୁଗ-ପ୍ରବର୍ତ୍ତକ ରମାକାନ୍ତ ରଥ ବର୍ତ୍ତମାନ ୮୬ ବର୍ଷ ବୟସରେ ଉପନୀତ। 'ଭାରତୀୟ ପ୍ରଶାସନିକ ସେବା'ରେ ଯୋଗଦେଇ ସେ ଓଡ଼ିଶାର ମୁଖ୍ୟ ସଚିବ ଭାବରେ ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ। ୨୦୦୬ ମସିହାରେ ଭାରତ ସରକାର ତା'ଙ୍କୁ ପଦ୍ମଭୂଷଣ ସମ୍ମାନରେ ଭୂଷିତ କରିଛନ୍ତି। ଏହା ବ୍ୟତୀତ ସେ ସରସ୍ୱତୀ ସମ୍ମାନ, ଅତିବଡ଼ୀ ସମ୍ମାନ, ଶାରଳା ପୁରସ୍କାର ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଭଳି ବହୁ ମର୍ଯ୍ୟାଦାବନ୍ତ ସମ୍ମାନରେ ମଧ୍ୟ ଭୂଷିତ। ୧୯୯୮ରୁ ପାଞ୍ଚ ବର୍ଷକାଳ ସେ ନୂଆଦିଲ୍ଲୀ ସ୍ଥିତ 'କେନ୍ଦ୍ର ସାହିତ୍ୟ ଏକାଡେମୀ'ର ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଆ ସାହିତ୍ୟର ଏହି ପ୍ରଥିତଯଶା ବ୍ୟକ୍ତିତ୍ୱଙ୍କୁ ତାଙ୍କର ବାସଭବନରେ ଭେଟି ତାଙ୍କ ସହିତ କିଛି ସାରସ୍ୱତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** କବିତା ଲେଖିବାର ପ୍ରଥମ ପ୍ରବଣତା ଆପଣଙ୍କ ଜୀବନରେ କେବେ ଆସିଲା, ଟିକିଏ କହିବେ କି!

**ରମାକାନ୍ତ ରଥ:** ଯେତେବେଳେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଆଇ.ଏ. ପଢୁଥିଲି ସେତେବେଳକୁ ଆରମ୍ଭ କଲି କବିତା ଲେଖା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଏହି ଆଦ୍ୟ କବିତାଗୁଡିକ ସେତେବେଳେ କେଉଁ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା!

**ରମାକାନ୍ତ ରଥ:** ସେତେବେଳେ ବହୁଳ ପ୍ରସାରିତ ହେଉଥିଲା 'ରବିବାର ପ୍ରଜାତନ୍ତ୍ର'। ସେଥିରେ ମୋ'ର କିଛି କବିତା ବାହାରିଲା। କିନ୍ତୁ 'ଝଙ୍କାର' ମଧ୍ୟ ସେତେବେଳେ ଭାରି ପ୍ରସିଦ୍ଧ ଥିଲା। ଜଣେ କିଏ ହରେକୃଷ୍ଣ ମହତାବଙ୍କୁ କହିଲେ, 'ରମାକାନ୍ତ ବୋଲି ନୂଆ ପିଲାଟିଏ ଭଲ କବିତା ଲେଖୁଚି। ଆପଣ ଝଙ୍କାରରେ ତାହା କାହିଁକି ପ୍ରକାଶ କରୁନାହାନ୍ତି?' ମୁଁ ସେତେବେଳେ ରେଭେନ୍ସା କଲେଜରେ ପଢୁଥାଏ। 'ଝଙ୍କାର'ର ସମ୍ପାଦକ ଆସିଲେ ମୋ ହଷ୍ଟେଲକୁ। କହିଲେ, 'ମହତାବ ବାବୁ କହିଛନ୍ତି, ଆପଣ ଝଙ୍କାରକୁ କବିତା ଦିଅନ୍ତୁ।' ତା'ପରେ ମୋର କବିତାଟିଏ ଝଙ୍କାରରେ ବାହାରିଲା।

**ସାହିତ୍ୟ ଚର୍ଚ୍ଚା:** ସେହି ପ୍ରଥମ କବିତାଟି କ'ଣ ଥିଲା, ଆପଣଙ୍କର କିଛି ମନେଅଛି କି!

**ରମାକାନ୍ତ ରଥ:** ନାଇଁ, ଏବେ ମନେନାହିଁ।

**ସାହିତ୍ୟ ଚର୍ଚ୍ଚା:** ତା'ପରେ ବୋଧହୁଏ ଆଗକୁ ଗଡ଼ିଚାଲିଲା ଆପଣଙ୍କର କବିତା-ସର୍ଜନାର ଧାରା।

**ରମାକାନ୍ତ ରଥ:** ହଁ, ତା'ପରେ ବହୁତ ଲେଖାଲେଖି ଚାଲିଲା। କିନ୍ତୁ ମୋର ଗୋଟିଏ ଅଭିଜ୍ଞତା ହେଉଛି, ଜଣେ କବି ଚାହିଁଲେ କବିତାଟିଏ ଲେଖିପାରିବନି। ଯେତେବେଳେ କବିତା ଠିକ୍ କରିବ ଲେଖିହେବାକୁ, ସେତେବେଳେ ସେ ଲେଖିହୋଇଯିବ। ଆପଣ ବିଶ୍ୱାସ କରନ୍ତୁ, ମୋ'ର 'ଶ୍ରୀରାଧା'ଟିକୁ ମୁଁ ଲେଖିନାହିଁ। ମୋତେ ଜଣେ କିଏ ଜଣେ ଡାକିଦେଇଛି। ସେ ଯଦି କବି ହୁଏ, ମୁଁ ଷ୍ଟେନୋଗ୍ରାଫର ମାତ୍ର।

**ସାହିତ୍ୟ ଚର୍ଚ୍ଚା:** ଭଲ କଥାଟିଏ କହିଲେ ଆପଣ। କବିତା ଲେଖିହୋଇଯାଏ ଏକ ଦୈବୀ ପ୍ରେରଣାରେ, ଆମେ ତ ଏକ ମାଧ୍ୟମ ମାତ୍ର।

**ରମାକାନ୍ତ ରଥ:** ଠିକ୍ କହିଛନ୍ତି। ତେଣୁ ଦେଖନ୍ତୁ, ତାହାର ପରବର୍ତ୍ତୀ କବିତା 'ଶ୍ରୀ ପଳାତକ' ଯେତେବେଳେ ମୁଁ ନିଜ ଚେଷ୍ଟାରେ ଲେଖିଲି, ସେଇଟା ସେତେ ସଫଳ ହେଲାନାହିଁ।

**କେତେଜଣ ଭାବିଲେ ଯେ ଆମେ ଯଦି କବି ହେବୁ, ତେବେ ଅବୋଧ ହେବୁ। ଯଦି ଆମକୁ ବୁଝି ହୋଇଯାଉଛି, ତେବେ ତ ଆମେ ସାଧାରଣ କବି ହୋଇଯିବୁ।**

**ସାହିତ୍ୟ ଚର୍ଚ୍ଚା:** ତେବେ ସେହି ଅତୀନ୍ଦ୍ରିୟ ପ୍ରେରଣାଟି ହିଁ ବେଶି ଗୁରୁତ୍ୱପୂର୍ଣ୍ଣ।

**ରମାକାନ୍ତ ରଥ:** ହଁ, ସେହି ପ୍ରେରଣା ହିଁ ସବୁ। ତେବେ ଆଉ ଗୋଟିଏ କଥା ମଧ୍ୟ ମୁଁ କହିବି ଯେ, ଏବର କବିତା ବେଶି ଅବୋଧ ହୋଇଯାଉଛି।

**ସାହିତ୍ୟ ଚର୍ଚ୍ଚା:** ଏହି ଅବୋଧତା ବୋଧହୁଏ ଆମ କବିତାକୁ ସେତେବେଳେ ଆସିଲା, ଯେତେବେଳେ ଆମେ ଉତ୍ତର-ଆଧୁନିକତା ଦିଗକୁ ମୁହାଁଇଲେ।

**ରମାକାନ୍ତ ରଥ:** କବିତାଟା ଆପଣ କାହା ପାଇଁ ଲେଖୁଛନ୍ତି ? ଜଣେ ପାଠକ ପାଇଁ। ପାଠକ ଯଦି ତାହାକୁ ବୁଝି ନ ପାରିବ, ତେବେ ଆପଣ ଲେଖିବେ କାହିଁକି ? ଦେଖନ୍ତୁ, ସେ ଯେକୌଣସି ଭାଷାରେ ହେଉନା କାହିଁକି, ପୃଥିବୀର ଯେତେ ବଡ ବଡ କବି ଅଛନ୍ତି, ସେମାନଙ୍କ ରଚନାରେ ଅବୋଧ କିଛି ଅଛି କି ?

**ସାହିତ୍ୟ ଚର୍ଚ୍ଚା:** ସେହି କଥା ଆପଣଙ୍କ ଶ୍ରୀରାଧାରେ ମଧ୍ୟ ଆମେ ଲକ୍ଷ୍ୟ କରିଛୁ। ସେଥିରେ ଅବୋଧତା ତିଳେମାତ୍ର ନାହିଁ।

**ରମାକାନ୍ତ ରଥ:** ଆଧୁନିକ କବିତା ବିଷୟରେ ମୋ'ର କହିବାର କଥା ଯେ ତାହା କାହିଁକି ପାଠକଠାରୁ ଦୂରେଇଯାଉଛି ! ଏହାର କାରଣ ହେଲା, ସେମାନେ ବୁଝିପାରୁନାହାନ୍ତି କବିତାକୁ। ଆପଣ ଦେଖନ୍ତୁ, ସେକ୍ସପିଅର୍ ଏତେ ବଡ଼ କବି; ତାଙ୍କ କୌଣସି କବିତା ଅବୋଧ କି ! ଆମ ଭାଷାରେ ଦେଖନ୍ତୁ, କାଳିଦାସଙ୍କର କବିତାରେ କିଛି ଅବୋଧ ଅଛି କି ?

**ସାହିତ୍ୟ ଚର୍ଚ୍ଚା:** ଏହି ଅବୋଧତା କ'ଣ ଗୋଟିଏ ସମୟରେ ଆମ କବିମାନଙ୍କ ଦ୍ୱାରା ଇଂରାଜୀ କବିତାର ହନୁକରଣର ପରିଣାମ ?

**ରମାକାନ୍ତ ରଥ:** ହଁ, ବୋଧହୁଏ। (ହସି) କିଏ ଜଣେ କହିଲେ,'ରମାକାନ୍ତ ରଥ କି କବି ! ତାଙ୍କର ତ ସବୁ କବିତା ବୁଝିହୋଇଯାଉଛି।'

**ସାହିତ୍ୟ ଚର୍ଚ୍ଚା:** ତେବେ କବିତା ଯେ ଅବୋଧ ହୋଇଯାଉଛି, ଏକଥା ବୁଝିବା ପାଇଁ ଆମକୁ ଏତେ ବର୍ଷ କାହିଁକି ଲାଗିଲା ?

**ରମାକାନ୍ତ ରଥ:** ସେ ସମୟରେ କେତେଜଣ ଭାବିଲେ ଯେ ଆମେ ଯଦି କବି ହେବୁ, ତେବେ ଅବୋଧ ହେବୁ। ଯଦି ଆମକୁ ବୁଝି ହୋଇଯାଉଛି, ତେବେ ତ ଆମେ ସାଧାରଣ କବି ହୋଇଯିବୁ।

**ସାହିତ୍ୟ ଚର୍ଚ୍ଚା:** ସେମାନେ ଯୁକ୍ତି ଦେଉଥିଲେ ଯେ ଆମର ଭାବଟି ଏତେ ଜଟିଳ, ଅର୍ଥାତ୍ ଏତେ କମ୍ପ୍ଲେକ୍ସ, ଯେ ତାହାକୁ ସରଳ ଭାବରେ ଛନ୍ଦ ଓ ଲାଳିତ୍ୟର ସହ ପ୍ରକାଶ କରିହେବ ନାହିଁ। ସେଥିପାଇଁ ସେମାନେ କବିତାରେ ଏକରକମ ଉଦ୍ଭଟ ଗଦ୍ୟର ପ୍ରୟୋଗ କରୁଥିଲେ ବା ଏବେ ବି କରୁଛନ୍ତି।

**ରମାକାନ୍ତ ରଥ:** ସେଇଟା ଯଦି ହେଉଛି, ତେବେ ଗଦ୍ୟ ଲେଖ। କବିତାରେ ଗୋଟିଏ ସାବଲୀଳତା ରହିବା କଥା, ଏବଂ ତାହା ବୋଧଗମ୍ୟ ବି ହେବା ଉଚିତ।


**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏବେ ପୂର୍ବର ସେଇ ଛନ୍ଦ, ସେଇ ସାବଲୀଳତା ବୋଧହୁଏ ଧୀରେ ଧୀରେ ପୁଣି ଫେରିଆସୁଛି କବିତାକୁ।

**ରମାକାନ୍ତ ରଥ:** ଦେଖନ୍ତୁ, ଉପେନ୍ଦ୍ର ଭଞ୍ଜଙ୍କର ଅନେକ କବିତା କ୍ଲିଷ୍ଟ। କିନ୍ତୁ ତାଙ୍କର ଯେଉଁ କବିତାଗୁଡିକ ଆମର ମନେ

ରହିଯାଏ, ସେଗୁଡିକ ଖୁବ୍ ସରଳ। ଆପଣ ଦୀନକୃଷ୍ଣଙ୍କୁ ଦେଖନ୍ତୁ, କବିସୂର୍ଯ୍ୟ ବଳଦେବ ରଥଙ୍କୁ ଦେଖନ୍ତୁ। କବିସୂର୍ଯ୍ୟଙ୍କର ଭାଷା ତ କଥିତ ଭାଷା।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ପଦ ମଣ୍ଡନ କରିଥିଲେ ବହୁ ବର୍ଷଧରି। ଏହି ଅଭିଜ୍ଞତାର ଆଧାରରେ କହିବେ କି, କେନ୍ଦ୍ର ଓ ରାଜ୍ୟର ସାହିତ୍ୟ ଏକାଡେମୀଗୁଡିକ ଏବେ ଅଗ୍ରାଧିକାର ଭିତ୍ତିରେ କେଉଁ କାର୍ଯ୍ୟ ହାତକୁ ନେବା ଉଚିତ୍?

**ରମାକାନ୍ତ ରଥ:** ମୁଁ ସେତେବେଳେ ଚେଷ୍ଟା କରିଥିଲି ଯେ ସବୁ ଭାଷାର ଯେଉଁସବୁ କ୍ଲାସିକ୍ ସୃଷ୍ଟି, ତାହାକୁ ଅନ୍ୟ ଭାଷାରେ ଅନୁବାଦ କରାଯାଉ। ସେଇଟା ହେବା କଥା। ଆଉ ଗୋଟିଏ କଥା ଯାହା ଆମର ଏକାଡେମୀମାନେ କରୁନାହାନ୍ତି, ତା'ହେଲା ସାହିତ୍ୟଟା ସମସାମୟିକ ହୋଇଯାଉଛି। ଆମେ କ'ଣ କହିବା ଯେ କେବଳ ଆମ ସମୟରେ ଭଲ କବିତା ଲେଖାହେଉଛି? ଆମ ଆଗରୁ କେତେ ବଡ ବଡ କବି ମୂଲ୍ୟବାନ ସୃଷ୍ଟିମାନ ଛାଡ଼ିଯାଇଛନ୍ତି। ପରବର୍ତ୍ତୀ ପିଢ଼ି ସେସବୁ କବିତା ପଢିବାର ସୁଯୋଗ ପାଉନାହାନ୍ତି। କବିତା କ'ଣ, ଆଉ ଉପନ୍ୟାସ କ'ଣ! ଉପନ୍ୟାସରେ ଆପଣ ଦେଖନ୍ତୁ, କାହ୍ନୁଚରଣ ମହାନ୍ତିଙ୍କ କଥା। ତାଙ୍କୁ ଓଡ଼ିଆ ଉପନ୍ୟାସର ପିତାମହ ବୋଲି କୁହାଯାଇପାରେ। ତାଙ୍କର ଖଣ୍ଡିଏ ବି ବହି ଏବେ ବଜାରରେ ନାହିଁ।




**ସାହିତ୍ୟ ଚର୍ଚ୍ଚା:** କାହ୍ନୁଚରଣ ତ ଏବେ ଆଉ ଚର୍ଚ୍ଚାରେ ବି ନାହାନ୍ତି। ଏହା କ'ଣ ତାଙ୍କର ଅବଦାନ ଓ ମହାନ କୃତି ପ୍ରତି ଅନ୍ୟାୟ ନୁହେଁ କି?

**ରମାକାନ୍ତ ରଥ:** ସେ ତ ଭୁଲି ହୋଇଗଲେଣି। ମୁଁ ସେଇଆ କହୁଥିଲି, କେବଳ ସମସାମୟିକ ସାହିତ୍ୟକୁ ଦେଖିଲେ କ'ଣ ହେବ? ଆମକୁ ଟିକିଏ ପଛକୁ ମଧ୍ୟ ଫେରି ଚାହିଁବାକୁ ପଡିବ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କର କହିବାର କଥା ଯେ ଏକାଡେମୀମାନେ ଏଥି ପ୍ରତି ଯଥାର୍ଥ ଦୃଷ୍ଟି ଦେବା ଉଚିତ।

**ରମାକାନ୍ତ ରଥ:** ହଁ, ଏହା ହେବା ଉଚିତ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଥିଲେ ଇଂରାଜୀ ସାହିତ୍ୟର ଛାତ୍ର। ପାଶ୍ଚାତ୍ୟ ସାହିତ୍ୟର ଏହି ଅଧ୍ୟୟନ ଆପଣଙ୍କ କବି ଜୀବନର ସୃଷ୍ଟି ସମ୍ଭାର ଉପରେ କିଛି ପ୍ରଭାବ ପକାଇଛି କି?

**ରମାକାନ୍ତ ରଥ:** ବିଭିନ୍ନ ଭାଷାର କବିତା ପଢ଼ିବା ବେଳେ ଆପଣଙ୍କ ଭିତରେ ଏକ ଆଲୋଡ଼ନ ସୃଷ୍ଟି ହୁଏ। ସେହି ଆଲୋଡ଼ନରୁ ଆପଣ କବିତା ଲେଖିବେ, ଏବଂ ଲେଖିଲା ବେଳକୁ ନିଜ ଭାଷାରେ ଲେଖିବେ। ସୁତରାଂ ବିଦେଶୀ ଭାଷାଟା ଏକ ମାଧ୍ୟମ ମାତ୍ର। କବି ଭିତରେ ଯେଉଁ ଆବେଗ, ସେଇଟି ତ ସାର୍ବଜନୀନ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଯାହା କହିଲେ, କବିତାର ଆତ୍ମା ସାର୍ବଜନୀନ। ତେବେ ଆମ ଏବେକାର କବିତାର ଗଢ଼ଣ ଓ କାରିଗରି-କଳା ଉପରେ ବିଦେଶୀ କବିତାର କିଛି ମାତ୍ରାରେ ପ୍ରଭାବ ପଡିଛି କି?

**ରମାକାନ୍ତ ରଥ:** ମୋ ମତରେ, କବିତାରେ ଟେକନିକ୍ ବୋଲି ସେମିତି କିଛି ନାହିଁ। ଯେଉଁଥିରେ ଟେକନିକ୍ ଉପରେ ଗୁରୁତ୍ୱ ଦିଆଯାଇଛି, ସେ କବିତା ଜନପ୍ରିୟ ହୋଇପାରିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆଉ କଥାଟିଏ ମଧ୍ୟ ମନକୁ ଆସୁଛି, ଯେଉଁ ବିଷୟରେ ଆପଣ ଟିକକ ଆଗରୁ ଇଙ୍ଗିତ ଦେଇଥିଲେ, ଆପଣଙ୍କ 'ଶ୍ରୀ ପଳାତକ' କାବ୍ୟଗ୍ରନ୍ଥଟି 'ଶ୍ରୀରାଧା' ଭଳି ସଫଳତା ଅର୍ଜନ କରିପାରିଲା ନାହିଁ କାହିଁକି?

**ରମାକାନ୍ତ ରଥ:** (ହସି) ଶ୍ରୀ ପଳାତକ ପାଇଁ ମୁଁ ବହୁତ ପରିଶ୍ରମ କରିଥିଲି। ଶ୍ରୀରାଧା ପାଇଁ ଯେତିକି ସମୟ ଦେଇଥିଲି ଶ୍ରୀ ପଳାତକ ପାଇଁ ତାହାର ଦୁଇଗୁଣ ସମୟ ଦେଇଛି। କିନ୍ତୁ... ମଣିଷ ଭଳି, ବହିମାନଙ୍କର ମଧ୍ୟ ଗୋଟିଏ ଗୋଟିଏ ଭାଗ୍ୟ ଥାଏ।

**ସାହିତ୍ୟ ଚର୍ଚ୍ଚା:** 'ଶ୍ରୀରାଧା'ର ପ୍ରସଙ୍ଗ ଯେତେବେଳେ ଆସିଛି, ଏ ବିଷୟରେ ଗୋଟିଏ କଥା ପଚାରିବି। ଆମେ ଦେଖୁ ଯେ କାବ୍ୟଟିର ଶେଷରେ ଆପଣ ଗୋଟିଏ 'ପୃଷ୍ଠବନ୍ଧ' ଲେଖିଛନ୍ତି, ଗଦ୍ୟରେ। ତେବେ କବିତାଟି ଭିତରେ ଏମିତି କିଛି ଅବ୍ୟକ୍ତ ରହିଯାଇଥିଲା କି, ଯାହା ପାଇଁ ଆପଣଙ୍କୁ ଏହି ସୁଦୀର୍ଘ

ସ୍ପଷ୍ଟୀକରଣଟି ଲେଖିବାକୁ ପଡିଲା ?

**ରମାକାନ୍ତ ରଥ:** ସେତେବେଳେ ଲେଖିବାର ଉତ୍ସାହ ଥିଲା, ଏବଂ ମୋ'ର ଆଉ କିଛି କହିବାର ଅଛି ବୋଲି ଭାବି ମୁଁ ଏହା ଲେଖିଥିଲି । ତେବେ କବିତାଟିକୁ ବୁଝାଇବା ଏହି ପୃଷ୍ଠବନ୍ଧଟିର ଉଦ୍ଦେଶ୍ୟ ନ ଥିଲା । ବରଂ ଏଥିରେ କବି ନିଜକୁ ବୁଝାଇବାର ଚେଷ୍ଟା କରିଛି । ଅବଶ୍ୟ ମୋ'ର ପରବର୍ତ୍ତୀ କୌଣସି କବିତା ବହିରେ ମୁଁ ଆଉ ଏଭଳି ପୃଷ୍ଠବନ୍ଧ ଲେଖିନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଏବେ ଏ ବୟସରେ ବି ଆପଣଙ୍କ କିଛି କିଛି ଲେଖୁଛନ୍ତି କି ?

**ରମାକାନ୍ତ ରଥ:** କେତେଦିନ ହେଲା କିଛି ଲେଖିପାରିନି । କ'ଣ କି, ଯେବେ ଲେଖାଟା ଆସିବ, ସେ ଲେଖିହୋଇଯିବ । ଆପଣ ବସିକରି କଲମ-କାଗଜ ଧରିବେ, କିନ୍ତୁ ସେ ହେବନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଆମ କବିତାର ଭବିଷ୍ୟତକୁ ଆପଣ କିଭଳି ଦେଖନ୍ତି ?

**ରମାକାନ୍ତ ରଥ:** ଦେଖନ୍ତୁ, ସାରା ପୃଥିବୀରେ କବିତାର ଭବିଷ୍ୟତ ବିପନ୍ନ । ଇଂଲଣ୍ଡ ଓ ଆମେରିକାରେ କବିତା ବହି କେତେଟା ବିକ୍ରି ହେଉଛି ? ତା'ଙ୍କ ବହିର ପ୍ରଥମ ସଂସ୍କରଣର ଛପା ସଂଖ୍ୟା ମାତ୍ର ତିନି ଶହ କି ଚାରି ଶହ । ଚାରିଆଡେ କବିତା ପ୍ରତି ଆଗ୍ରହ କମିଗଲାଣି ।

**ସାରା ପୃଥିବୀରେ କବିତାର ଭବିଷ୍ୟତ ବିପନ୍ନ । ଇଂଲଣ୍ଡ ଓ ଆମେରିକାରେ କବିତା ବହି କେତେଟା ବିକ୍ରି ହେଉଛି ?**

**ସାହିତ୍ୟ ଚର୍ଚ୍ଚା:** କବିତା ଯେ ଧିମେଇ ଯାଉଛି, ଏହା ତେବେ ଏକ ଆନ୍ତର୍ଜାତିକ ପ୍ରକ୍ରିୟା ! ତଥାପି କବିତା ଓ କବି ତ ତିଷ୍ଠି ରହିବ ଯୁଗେଯୁଗେ ?


**ରମାକାନ୍ତ ରଥ:** ହଁ, ନିଶ୍ଚୟ ତିଷ୍ଠି ରହିବ ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ କୃତଜ୍ଞତା ଜଣାଉଛୁ ।

□□

---

ପ୍ରକାଶ ପାଇଲା ! ପ୍ରକାଶ ପାଇଲା !! ପ୍ରକାଶ ପାଇଲା !!!




**ଆଲୋକ ଆଲୋକନ ବିଲୋକନ**

ପ୍ରବନ୍ଧ ଓ ସମାଲୋଚନାର ଏକ ଅନବଦ୍ୟ ସଂକଳନ

ଲେଖକ :
ପ୍ରଫେସର ବୈଷ୍ଣବ ଚରଣ ସାମଲ

ପୃଷ୍ଠା - ୪୭୫ ମୂଲ୍ୟ - ଟ.୬୦୦/-

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

**DHARA SHREE RADHA TRUST**
Bhubaneswar
Email - dharashreeradha2017@gmail.com


ପ୍ରବନ୍ଧ

# ସାହିତ୍ୟରେ ପ୍ରଭାବବାଦ



**ଡ. ବସନ୍ତ କୁମାର ପଣ୍ଡା**

ଇଂରାଜୀ କବିତାରେ ଆଧୁନିକ ଯୁଗର ଅନ୍ୟତମ ରଥୀ ଟି.ଏସ୍. ଇଲିଅଟ୍ ୧୯୫୦ ମସିହାରେ ପ୍ରକାଶିତ ତାଙ୍କର ବହୁଚର୍ଚ୍ଚିତ ପ୍ରବନ୍ଧ, 'ଟ୍ରାଡିସନ୍ ଏଣ୍ଡ ଇଣ୍ଡିଭିଜୁଆଲ୍ ଟ୍ୟାଲେଣ୍ଟ'ରେ ଲେଖିଥିଲେ, "ସେ କବି ହୁଅନ୍ତୁ, କଳାକାର ହୁଅନ୍ତୁ, ଅବା ଅନ୍ୟ ସୃଜନଶୀଳ ସ୍ରଷ୍ଟା, ସେମାନେ ପୃଥକ ବା ଏକାକୀ ଭାବରେ ନିଜର ସମ୍ପୂର୍ଣ୍ଣ ଅର୍ଥ ଜାହିର କରିପାରନ୍ତି ନାହିଁ। ପୂର୍ବସୂରୀ ବା ଦିବଂଗତ କବି ଓ କଳାକାରଗଣଙ୍କର ସର୍ଜନାଗତ ଐତିହ୍ୟର ପ୍ରେକ୍ଷାପଟରେ ସେମାନେ ଜାଜ୍ଜ୍ୱଲ୍ୟମାନ ହୁଅନ୍ତି। ଆପଣ ତାହାଙ୍କୁ ଏକାକୀ ଭାବରେ ଠିଆକରାଇ ତା'ଙ୍କର ଯଥାର୍ଥ ମୂଲ୍ୟାୟନ କରିପାରିବେ ନାହିଁ; ବରଂ ତା'ଙ୍କୁ ପୂର୍ବତନ ସ୍ରଷ୍ଟାମାନଙ୍କ ସହ ତୁଳନାତ୍ମକ ବିଚାର କରି ହିଁ ତା'ଙ୍କ ବିଷୟରେ କୌଣସି ଧାରଣାରେ ଉପନୀତ ହୋଇପାରିବେ। ଏହାକୁ କେବଳ ମାତ୍ର ଐତିହାସିକ ସମାଲୋଚନା-ଶାସ୍ତ୍ର ଜନିତ ଏକ ନୀତି ଭାବରେ ମୁଁ କହୁନାହିଁ, ବରଂ ଏହା ଏକ ସୌନ୍ଦର୍ଯ୍ୟବୋଧୀ ସିଦ୍ଧାନ୍ତ। କୌଣସି ସ୍ରଷ୍ଟାଙ୍କର କୃତି ବିଚ୍ଛିନ୍ନ ଭାବରେ ନିଜର ସମ୍ପୂର୍ଣ୍ଣ ରୂପ ପରିଗ୍ରହଣ କରିପାରେ ନାହିଁ; ଏହାର ପୂର୍ଣ୍ଣାଙ୍ଗ ପରିପ୍ରକାଶରେ ସମ ପର୍ଯ୍ୟାୟର ସମସ୍ତ ପୂର୍ବବର୍ତ୍ତୀ ସୃଷ୍ଟିମାନଙ୍କର ମଧ୍ୟ ଭୂମିକା ରହିଥାଏ।"




ଇଲିଅଟ୍‌ଙ୍କ ଏହି ମହାଉକ୍ତି ବିଶ୍ଳେଷଣ କଲେ ମନେ ହୁଏ ସାହିତ୍ୟ ଜଗତରେ ପ୍ରଭାବର ବିସ୍ତୃତି ଅଦିଗନ୍ତ। ପ୍ରଭାବ ପୁଣି ଯେତିକି ବିଶାଳ ସେତିକି ବିଚିତ୍ର। ଏହି ପ୍ରଭାବ ପଡ଼ିଥାଏ କେତେବେଳେ କଳର କଳା ଉପରେ ତ ଆଉ କେତେବେଳେ ସ୍ରଷ୍ଟାର ସୃଷ୍ଟି ଉପରେ, ପୁଣି ସୃଷ୍ଟିର ସ୍ରଷ୍ଟା ଉପରେ। ତେଣୁ ପ୍ରଭାବର ସମସ୍ୟା ସାହିତ୍ୟରେ ଚିରନ୍ତନ। ଏହା ସବୁଠାରୁ ଗୁରୁତର ସମସ୍ୟା। ଏହି ସମସ୍ୟା ସାହିତ୍ୟର ପାଠକ, ସମାଲୋଚକ ଓ ଇତିହାସ ଲେଖକଙ୍କ ଭିତରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ ତାହା ଯେପରି ଜଟିଳ ସେଇପରି ସୂକ୍ଷ୍ମ। ତେଣୁ ଏହି ପ୍ରଭାବ ପରମ୍ପରାକୁ ବିଚାର କଲାବେଳେ ତା'ର ପରିଚୟ ଓ ମୌଳିକ ବୈଶିଷ୍ଟ୍ୟ ବିଷୟରେ ସଚେତନ ରହିବା ଆବଶ୍ୟକ। ସାମ୍ୟ ଓ ବୈଷମ୍ୟ, ପରମ୍ପରା ଓ ପର୍ଯ୍ୟବେକ୍ଷଣ, ଗତି ଓ ଉନ୍ନତି- ଏସବୁ ଇତିହାସର ପରିସରକୁ ପ୍ରତିନିଧିତ୍ୱ କରନ୍ତି। ଆଉ ଏସବୁର ଗତି-ଚାଞ୍ଚଲ୍ୟ ହିଁ ପ୍ରଭାବର ପରିଚୟ ପ୍ରଦାନ କରିଥାଏ।

## ପ୍ରଭାବର ପରିସର

ପ୍ରଭାବର ସାଧାରଣ ଓ ସଂଲଗ୍ନ ଧାରଣା ହେଲା: ତାହା ସାହିତ୍ୟ କୃତିରେ ଥିବା ଐତିହାସିକ, ସାମାଜିକ, ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ଦିଗଗୁଡ଼ିକର ଏକ ପ୍ରଜ୍ଞାଭିତ୍ତିକ ପରିଚିତି। ପ୍ରଭାବର ପରିସର ଅସୀମ। ଏହା ଏକ ନିର୍ଦ୍ଦିଷ୍ଟକାଳ, ଐତିହାସିକ ଘଟଣା, କୌଣସି ପରିସ୍ଥିତି, ପରମ୍ପରା, ସାଂସ୍କୃତି ପରିମଣ୍ଡଳ ବା ଏକ ଦାର୍ଶନିକ ସିଦ୍ଧାନ୍ତ। ଜଣେ ଚିନ୍ତାନାୟକ (ଆରିଷ୍ଟଟଲ୍, ରୁଷୋ, ନିତ୍‌ସେ, ସକ୍ରେଟିସ୍) କୌଣସି ବାଦ (ଇଜମ୍), ସାହିତ୍ୟିକ ଆନ୍ଦୋଳନ (ଯଥା ରୋମାଣ୍ଟିସିଜମ, ଏକ୍‌ଜିଷ୍ଟାନ୍ସିଆଲିଜିମ୍, ହ୍ୟୁମାନିଜିମ୍) କୌଣସି ମହତ ସ୍ରଷ୍ଟା (ଯଥା- ଟଲଷ୍ଟୟ, ହେମିଙ୍ଗୱେ, ଇଲିୟଟ) ଓ କୌଣସି କାଳଜୟୀ ସୃଷ୍ଟି (ଯଥା- 'ୱାର ଆଣ୍ଡ ପିସ୍', 'ଲା ମିସେବଲ୍', 'ୱେଷ୍ଟଲ୍ୟାଣ୍ଡ') ସମାନ୍ତରାଳ ଭାବେ ଉତ୍ତରକାଳରେ ବହୁଭାବରେ ପ୍ରଭାବ ବିସ୍ତାର କରିଥାନ୍ତି। ଏ

ପ୍ରସଙ୍ଗରେ ପ୍ରଭାବର ବୈଚିତ୍ର୍ୟ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ 'ଦି ଫର୍‌ଜରିଜ୍ ଅଫ୍ ଚାଟେରଟନ', 'ଦି ବରୋଇଙ୍ଗ୍‌ସ ଅଫ୍ ସେକ୍‌ସପିୟର ଫ୍ରମ୍ ହୋଲିନ୍‌ସେଡ୍', କଲରିଜ ଓ ୱାର୍ଡସୱାର୍ଥଙ୍କ ପାରସ୍ପରିକ ଅନ୍ତଃକ୍ରିୟା, ଚସରଙ୍କ ଉପରେ ବୋକାସିଓଙ୍କ କିମ୍ବା ଇଲିଅଟଙ୍କ ଉପରେ ଲାଫର୍ଗଙ୍କର ପ୍ରକୃଷ୍ଟ ପ୍ରଭାବ ('ଟି ଇଣ୍ଟରଆକ୍ସନ୍‌ସ ବିଟୁଇନ୍ କଲେରିଜ୍ ଆଣ୍ଡ ୱାର୍ଡସୱର୍ଥ ଆଣ୍ଡ ଇଫେକ୍ଟସ ଅଫ୍ ବୋକାସିଓ ଅନ୍ ଚସର୍') - ଏ ସବୁ ପ୍ରଭାବ ପ୍ରକ୍ରିୟାର ଏକ ଏକ ଐତିହାସିକ ଉଦାହରଣ। ପ୍ରଭାବର ଏ ସବୁ ବିଭିନ୍ନ ଦିଗ ମଧ୍ୟରୁ ଜଣେ ଲେଖକର ଅନ୍ୟ ଲେଖକ ଉପରେ ଯେଉଁ ପ୍ରଭାବ, ତାହା ହିଁ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଭାବର ବିସ୍ତାର ବିନ୍ୟାସକୁ କୁହାଯାଏ ଲେଖକ ପରମ୍ପରା। ତେବେ ଦୁଇ ଲେଖକ ଭିତରେ କିମ୍ବା ସେମାନଙ୍କ ସୃଷ୍ଟି ଭିତରେ ସାମ୍ୟ ଦେଖି ଜଣକର ଅନ୍ୟ ଉପରେ ପ୍ରଭାବ କଥା କହିଲା ବେଳେ ବହୁ ସମସ୍ୟା ଓ ଯୁକ୍ତିର ସମ୍ମୁଖୀନ ହେବାକୁ ପଡ଼େ। କାରଣ ସ୍ରଷ୍ଟାର ସୃଷ୍ଟି ମନ ଏକ ସ୍ୱତନ୍ତ୍ର ଭାବସତ୍ତା। ଏକ ଭାବବିହ୍ୱଳ ମୁହୂର୍ତ୍ତରେ ଯାହା ସେ ସୃଷ୍ଟି କରେ ସେଥିରେ ପ୍ରଭାବ ଲକ୍ଷ୍ୟ କରିବା ଯେପରି କଠିନ ସେପରି ଦୁରୂହ। ସ୍ରଷ୍ଟା ହୁଏତ ପରିସ୍ଥିତିର ଚାପରେ କିମ୍ବା କୌଣସି ମୋହଗ୍ରସ୍ତ ମୁହୂର୍ତ୍ତରେ କିଛି ସୃଷ୍ଟି କରିଛି। ସେଥିରେ ପ୍ରଭାବର ଆଲେଖ୍ୟ ଅନୁପଲଭ୍ୟ। ତେଣୁ ପ୍ରଭାବର ସଂଜ୍ଞା ନିରପେକ୍ଷିକ ସୁନିର୍ଦ୍ଦିଷ୍ଟ ନୁହେଁ। ଦାର୍ଶନିକ ପ୍ଲେଟୋ ଓ ଆରିଷ୍ଟାଟଲ, ହ୍ୟୁମି ଓ ହିସରବର୍ଗ କିମ୍ବା ଆଚାର୍ଯ୍ୟ ଶଙ୍କର ଓ ରାମାନୁଜଙ୍କ କଥା ଏଠି ମନେ କରାଯାଇପାରେ। ଆରିଷ୍ଟାଟଲ, ହିସରବର୍ଗ ଓ ରାମାନୁଜ ତାଙ୍କ ପୂର୍ବାଚାର୍ଯ୍ୟମାନଙ୍କର ଘୋର ବିରୋଧ କରୁଥିଲେ ମଧ୍ୟ ସେମାନଙ୍କ ପୂର୍ବସୂରୀ ଯଥାକ୍ରମେ ପ୍ଲାଟୋ, ହ୍ୟୁମ୍ ଶଙ୍କରଙ୍କର ସୂକ୍ଷ୍ମ ଦର୍ଶନ-ପରମ୍ପରା ସହିତ ସୂକ୍ଷ୍ମ ସଂପର୍କ ରକ୍ଷା କରି ସେମାନଙ୍କ ଶିଷ୍ୟ ହିଁ ହୋଇଯାଇଛନ୍ତି। ତେଣୁ ପ୍ରଭାବ ବିସ୍ତାର ପୂର୍ବରୁ ପ୍ରଥମେ ସୃଷ୍ଟି କାଳ ଓ ସ୍ରଷ୍ଟା ଭିତରେ ସମ୍ପର୍କ ବିଚାର କରିବା ବିଧେୟ। ତା' ନ ହେଲେ ସାହିତ୍ୟିକ ସମାଲୋଚନା ସାହିତ୍ୟ ଇତିହାସର ଅଂଶ ହୋଇ ରହିପାରିବ ନାହିଁ।

**ଦୁଇ ଲେଖା ମଧ୍ୟରେ କେବଳ ସାମ୍ୟ ଦେଖି ଆମେ ଦୁଇ ଲେଖକ ମଧ୍ୟରେ ସାମ୍ୟ ବା ସମ୍ପର୍କ କଥା କହିବା ଅଯୌକ୍ତିକ ହେବ।**

## ସ୍ରଷ୍ଟା, ସୃଷ୍ଟି ଓ ସମୟ


ସ୍ରଷ୍ଟା, ସୃଷ୍ଟି ଓ ସମୟ - ଏହି ତିନୋଟି ଭିତରେ ଥିବା ସମ୍ପର୍କ ବିଷୟରେ ସୂକ୍ଷ୍ମଭାବରେ ଆଲୋଚନା ନ କଲେ ପ୍ରଭାବର ସତ୍ତା ଓ ସ୍ୱରୂପ ନିର୍ଦ୍ଧାରଣ କରିବା ଅବାନ୍ତର ହେବ। ଏହା ସାହିତ୍ୟର ପ୍ରଭାବ ବିଚାରରେ ଏକ ସୁଦୀର୍ଘ ସମସ୍ୟା। କାଳ ଓ ସ୍ରଷ୍ଟାର ସମ୍ପର୍କ ପରେ ଆସେ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଥିବା ସାମ୍ୟ ଓ ସମ୍ପର୍କର ପ୍ରଶ୍ନ। ଦୁଇ ଜଣ ଲେଖକଙ୍କ ଲେଖାରେ ଭାବ ଓ ରୂପଗତ ସାମ୍ୟ ଦେଖି ଆମେ କହିଥାଉ ଗୋଟିକର ଅନ୍ୟଟି ଉପରେ ପ୍ରଭାବ ପଡିବ। କିନ୍ତୁ ଦୁଇ ଲେଖା ମଧ୍ୟରେ କେବଳ ସାମ୍ୟ ଦେଖି ଆମେ ଦୁଇ ଲେଖକ ମଧ୍ୟରେ ସାମ୍ୟ ବା ସମ୍ପର୍କ କଥା କହିବା ଅଯୌକ୍ତିକ ହେବ। ଉଦାହରଣ ସ୍ୱରୂପ ଇସ୍କିଲାସଙ୍କ ଆଗାମେନେନ ଓ ରାଧାନାଥଙ୍କ 'ପାର୍ବତୀ' କାବ୍ୟ ମଧ୍ୟରେ ସାମ୍ୟ ଲକ୍ଷ୍ୟ କରି କୁହାଯାଏ ଯେ ଆଗାମେନନ୍ ଦ୍ୱାରା 'ପାର୍ବତୀ' ପ୍ରତ୍ୟକ୍ଷ ଭାବେ କିମ୍ବା ପରୋକ୍ଷଭାବେ ପ୍ରଭାବିତ। କିନ୍ତୁ ଏହି ଦିଗରୁ ବିଚାର କଲାବେଳେ ଆମେ ଇସ୍କିଲାସଙ୍କ ପ୍ରଭାବ ରାଧାନାଥଙ୍କ ଉପରେ ଥିବା କଥା କହିବା ଭୁଲ୍ ହେବ। ଯଦି ଆମେ ଇସ୍କିଲାସ-ଆଗାମେନନ୍ ମଧ୍ୟରେ ଥିବା ସମ୍ପର୍କ ଓ ରାଧାନାଥ- ପାର୍ବତୀ ମଧ୍ୟରେ ଥିବା ସଂପର୍କ ସମାନ ବୋଲି ନ କହିବା ତା' ହେଲେ ଇସ୍କିଲାସଙ୍କ ଦ୍ୱାରା ରାଧାନାଥ ପ୍ରଭାବିତ ବୋଲି କହିବା ଭୁଲ୍ ହୋଇଯିବ। ତେଣୁ ପ୍ରଭାବ ଦୃଷ୍ଟିରୁ ଦୁଇ କବିଙ୍କ କାବ୍ୟ ସାମ୍ୟଧର୍ମୀ, କିନ୍ତୁ ଦୁଇ କବି ଓ ତାଙ୍କ କାବ୍ୟ ଭିତରେ ଥିବା ସମ୍ପର୍କ ଅସମାନ (ପାର୍ବତୀ / ରାଧାନାଥ = ଆଗାମେନନ୍ / ଇସ୍କିଲାସ)

ପ୍ରକୃତରେ ଏଠି ପ୍ରଭାବଟା ହେଉଛି, ଆଗାମେନନ୍ କାବ୍ୟର ରାଧାନାଥ କବିଙ୍କ ଉପରେ, କିନ୍ତୁ ଇସ୍କିଲାସଙ୍କର 'ପାର୍ବତୀ' କାବ୍ୟ ଉପରେ ନୁହେଁ। ଏଠି ପ୍ରକୃତରେ ପ୍ରଥମ ଅପେକ୍ଷା ଦ୍ୱିତୀୟ କବି ଓ କାବ୍ୟର ବିଚାର ବେଶି ଗୁରୁତ୍ୱପୂର୍ଣ୍ଣ, କାରଣ ଇସ୍କିଲାସ, ଆଗାମେନନ୍ ରଚନା କରିଯାଇଥିଲେ। କିନ୍ତୁ ରାଧାନାଥ ତାଙ୍କ କାବ୍ୟମାନସ ବା ନୂତନ କାବ୍ୟ ସୃଷ୍ଟିର ପ୍ରେରଣାରେ ଏପରି କିଛି ଶକ୍ତି (ଉତ୍କଣ୍ଠା) ଥିଲା ଯାହାକି ଆଗାମେନନ୍‌ର ପ୍ରଭାବ ବିସ୍ତାର ପାଇଁ ଦ୍ୱାର ଉନ୍ମୁକ୍ତ କରିଛି କିମ୍ବା ପାର୍ବତୀ ପାଇଁ

ଆଗାମେନନ୍‌ଠାରୁ କାବ୍ୟୋପକରଣ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇଛି।

**ସୃଷ୍ଟିର ଆଧାର**

ବର୍ତ୍ତମାନ ଆଲୋଚନାକୁ ଆସିବ ସ୍ରଷ୍ଟାମାନସ ଓ ସୃଷ୍ଟି ଚେତନାର କଥା। ହରବର୍ଟ ରିଡ ତାଙ୍କ 'ଅରିଜିନାଲିଟି' ପ୍ରବନ୍ଧରେ ଏକ ସ୍ଥାନରେ କହିଛନ୍ତି, "ଦି ୟୁନିକ୍‌ନେସ୍ ଅଫ୍ ଦି ଆର୍ଟିଷ୍ଟସ୍ ମେଣ୍ଟାଲ ଡିସ୍‌ପୋଜିସନ୍ ଆଣ୍ଡ ଦି ପ୍ରାଇଭେଟନେସ୍ ଅଫ୍ ହିଜ୍ ଏକ୍ସପେରିଏନ୍ସ" ବିଷୟରେ। ସୃଷ୍ଟି ସ୍ରଷ୍ଟାମନର ଅନନ୍ୟତା ଓ ତା'ର ବୈୟକ୍ତିକ ଐକ୍ୟାନୁଭୂତି ଉପରେ ଆଧାରିତ। ପୁଣି 'ଲିରିକାଲ ବାଲାଡସ୍' ମୁଖବନ୍ଧରେ ଆମେ ୱାର୍ଡସୱାର୍ଥଙ୍କ ସ୍ୱର ଶୁଣୁ, "ନଟ୍ ଦ୍ୟାଟ ଆଇ ଅଲୱେଜ୍ ବିଗାନ୍ ଟୁ ରାଇଟ୍ ୱିଥ୍ ଏ ଡିଷ୍ଟିଙ୍କ୍‌ଟ ପରପୋଜ୍ ଫରମାଲି କନ୍‌ସିଭଡ୍।" ଏଥିରୁ ମନେ ହୁଏ ନୂତନ ସୃଷ୍ଟି ଭିତରେ ସର୍ବଦା ପୁରାତନର ଅନୁରଣନ ନ ଥାଏ। ତେଣୁ ସର୍ବଦା ସବୁ ସୃଷ୍ଟିର ପ୍ରଭାବ ଅନୁସନ୍ଧାନ କରି ଅବ୍ୟର୍ଥ ହେବା ଅସମ୍ଭବ। ଆଧୁନିକ ମନସ୍ତତ୍ତ୍ୱ ବିଜ୍ଞାନର ସିଦ୍ଧାନ୍ତ ଅନୁସାରେ ମଧ୍ୟ ମଣିଷ ମନର ସୃଷ୍ଟି କେବଳ ଅତୀତର ପ୍ରତ୍ୟୁତ୍ତର ନ ହୋଇ ମଣିଷ ମନର ଚିରନ୍ତନ ବୋଧବ୍ୟକୁ ବ୍ୟାଖ୍ୟା କରିଥାଏ ବୋଲି କୁହାଯାଉଛି। ତେଣୁ ପୁରାତନର ପୁନରାବୃତ୍ତିକୁ ପଛରେ ପକାଇ ଅଭିନବ ଚେତନାର ଇଙ୍ଗିତରେ ଯେଉଁ ସୃଷ୍ଟି ପ୍ରଭାବଦୀପ୍ତ ସେଥିରେ ତ ପ୍ରଭାବର ସ୍ୱାକ୍ଷର ସୁଦୂରପରାହତ ହେବା ସ୍ୱାଭାବିକ !




ସୃଷ୍ଟିରେ ସ୍ଥୂଳପ୍ରକୃତିକୁ ବାଦ୍‌ଦେଇ ସାମ୍ୟ ଥିବା ଅସମ୍ଭବ ନୁହେଁ। ଅନ୍ତଃସାଂସ୍କୃତିକ ପରିବେଶ ଭିତରେ ଦୁଇ ଲେଖକଙ୍କ ଲେଖାରେ କୌଣସି ପରିଦୃଶ୍ୟମାନ ସାମ୍ୟ ବିଦ୍ୟମାନ ଥିଲେ, ସେଇ ଦୁଇ ଲେଖକଙ୍କ ଲେଖା ଭିତରେ ପ୍ରଭାବର ଗନ୍ଧ ବାରିବା ସର୍ବଦା ଅନ୍ତର୍ଦୃଷ୍ଟିର ଅପେକ୍ଷା ରଖେ।

ଦୁଇ ଗ୍ରନ୍ଥ ଭିତରେ ସାହିତ୍ୟିକ ସମ୍ବନ୍ଧକୁ ନେଇ ପ୍ରଭାବର ବିଚାର ବିଶ୍ଳେଷଣ କରିବାକୁ ଗଲାବେଳେ ଆମେ ସାଧାରଣତଃ ପରମ୍ପରା ଓ ପ୍ରଗତି (ଟ୍ରାଡିସନ ଆଣ୍ଡ ଡେଭଲପ୍‌ମେଣ୍ଟ)ର ଚେତନା ଦ୍ୱାରା ଆନ୍ଦୋଳିତ ହୋଇଥାଉ। ପରମ୍ପରା ଜ୍ଞାନରେ ମଣିଷର ଅତୀତ, ବର୍ତ୍ତମାନ, ପ୍ରାଚୀନ-ନୂତନ ଓ ଗତାଗତର ସମ୍ପର୍କ ଧରାପଡ଼େ। ଆଉ ପ୍ରଗତି-ଚେତନାରେ ମଣିଷର ପୁରୋଦୃଷ୍ଟି ପରିକଳ୍ପନା ଓ ପ୍ରତ୍ୟାଶା ସୂଚିତ ହୁଏ। ତେଣୁ ଏହି ଦୁଇଟିକୁ କେନ୍ଦ୍ର କରି ପ୍ରଭାବର ସ୍ତରକୁ ମାପିବାର ପ୍ରୟୋଜନ ଅଛି। ପରମ୍ପରା ସହିତ ସାମ୍ୟ (ସିମିଲାରିଟି)ର ଓ ପ୍ରଗତି ସହ କାରଣ (କାଜୁଆଲିଟି)ର ସୂକ୍ଷ୍ମ ସୂତ୍ର ସଂଯୋଜିତ। ଏ ଦୁଇଟିର ସୂତ୍ରଧର ପ୍ରଭାବର ସ୍ୱରୂପ ବିଶ୍ଳେଷଣ କରାଯାଇପାରେ। କିନ୍ତୁ ପରମ୍ପରାର ପରିସରରେ ସନ୍ନିହିତ ଘଟଣାରାଜିର ଐତିହାସିକ ନିର୍ଣ୍ଣୟ କରିବା କଠିନ ହୋଇପଡ଼େ। ରାନି ୱେଲ୍‌ସିକ୍‌ଙ୍କ ମତରେ 'ଟ୍ରାଡିସନ୍ସ ଆର୍ ଇନ୍ ନୋ ରିଅଲ କନ୍‌ଫ୍ଲିକ୍ଟ, ଦୋ ଇଟ୍ ପ୍ରିପୋଜେସ୍ ଏ ଡିଫରେଣ୍ଟ ଡିଗ୍ରି ଅଫ୍ ଆର୍ଟିକ୍ୟୁଲେସନ ଇନ୍ ନର୍ମସ୍'। ଆଉ ପ୍ରଗତିର ଗତି ମାପିବାରେ ମଣିଷର ଦୃଷ୍ଟିଶକ୍ତି ପରାସ୍ତ ହୁଏ। ଏଠି ପ୍ରଭାବ ବିଚାରରେ ବାଧା ନିଶ୍ଚିତ।

ତେବେ ଏସବୁ ସମସ୍ୟା ସତ୍ତ୍ୱେ ପ୍ରଭାବର ସ୍ୱରୂପ ନିର୍ଣ୍ଣୟ କରିବାର ଉଦ୍ୟମ ନିୟତ ନିରନ୍ତର। କିନ୍ତୁ ସାଧାରଣ ଭାବେ ପ୍ରଭାବ ବୋଲି ଯାହା ଗ୍ରହଣୀୟ, ପ୍ରଭାବର ସଂଜ୍ଞା ବୋଲି ସାଧାରଣରେ ଯାହା ପ୍ରତିଷ୍ଠିତ, ତାହା ସୂକ୍ଷ୍ମ ଭାବରେ ବିଚାର କଲେ ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହେବ। ତେଣୁ ପ୍ରଭାବର ଗୂଢ଼ତତ୍ତ୍ୱକୁ ଆଖି ଆଗରେ ରଖି, ତା'ର ସଂଜ୍ଞାକୁ ଆଧାର କରି ତା'ର ସ୍ୱରୂପକୁ କେନ୍ଦ୍ର କରି ସାହିତ୍ୟରେ ପ୍ରଭାବର ସ୍ଥାନ ଓ ପରିସର ନିର୍ଦ୍ଧାରଣ କରିବା ସମ୍ପୂର୍ଣ୍ଣ କଠିନତର ବିଷୟ।

□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com

ରମ୍ୟରଚନା

# ବିଶ୍ୱ ଗାଳି ଦିବସ



ଡ. ଅଜୟ କୁମାର ମିଶ୍ର

ତରକା କାଉ ଶହେ ବର୍ଷ ବଞ୍ଚେ। କାଉ ବଞ୍ଚିଲେ ବି ତା' ଆହାର କଥା ଚିନ୍ତା କଲେ କେତେ ଅସନ୍ତୋଷ ଦେଖାଦିଏ। ପିଲାକାଳରୁ ଘଣ୍ଟୁ, କାଉର ଏଇ ତରକା ଗୁଣଟାକୁ ବିନା ଗୁରୁରେ ରକ୍ତରେ ମିଶାଇ ଦେଇଚି। ତରକା ପଣ କରି ପ୍ରାଇମେରୀଠାରୁ କଲେଜ୍ ପର୍ଯ୍ୟନ୍ତ ବିନା ପାଠପଢ଼ାରେ ବି ଶ୍ରେଣୀ ପରେ ଶ୍ରେଣୀ ଅବାଧରେ ଡେଇଁ ଚାଲିଚି। ଘଣ୍ଟୁ ଶିକ୍ଷକଙ୍କ ଠାରୁ ଶୁଣିଥିଲା, ଅଧ୍ୟୟନଠାରୁ ଅଧ୍ୟବସାୟ ବଡ଼ କଥା। ତେଣୁ ଅଧ୍ୟୟନରେ ସିନା ସରସ୍ୱତୀ ତାକୁ କରଛଡ଼ା ଦେଲେ, ଗଣେଶ ସିନା ତା' ସାଙ୍ଗରେ ବିରାଦରୀ କଲେ; ହେଲେ ଘଣ୍ଟୁ ଅଧ୍ୟବସାୟ ଛାଡ଼ିଲା ନାହିଁ। ସରସ୍ୱତୀ ସିନା ତା' କଣ୍ଠରେ ଲୀଳା ଖେଳା କଲେ ନାହିଁ, ହେଲେ ସେ ସରସ୍ୱତୀଙ୍କୁ ଖେଳେଇଲା। ପରୀକ୍ଷା ବେଳେ, କେଉଁ ସରସ୍ୱତୀ କେଉଁ ପେପରରେ ଆସିବେ, ତାହାକୁ ପଶିବଲ୍ ଓ ଟେଷ୍ଟପେପରରୁ ଚିରି ନେଇ ପକେଟ୍ ସନ୍ଧିରେ ଓ ଶରୀରର କଥାନଥାରେ ଏମନ୍ତ ପ୍ରକାରେ ପୋଷ୍ୟ କଲା ଯେ, ପରୀକ୍ଷକ ଓ ନିରୀକ୍ଷକ କାହିଁକି, ତାଙ୍କମାନଙ୍କ ଚଉଦପୁରୁଷେ ବି ଫୁଣ୍ଡାଏ ପ୍ରମାଣେ ଟେର ପାଇବେ ନାହିଁ। ଏମନ୍ତ ରୀତିରେ ଗୋଟାଏ ଗୋଟାଏ କିଲାସରେ ଘଣ୍ଟୁ ଅବଶ୍ୟ ବର୍ଷେ ନ ହେଲେ ଦି-ତିନି ବରଷ ଘୁଷୁରିଲା ତା' ତଳ ଶ୍ରେଣୀର ପିଲାଙ୍କୁ ନିକଟରେ ମନଇଚ୍ଛା ଓସ୍ତାଦୀ ଦେଖାଇ ପାସ୍ କରିବାର ତରିକା ଶିଖାଇ ଶିଖାଇ ସମୂହ ମୂର୍ଖଙ୍କୁ ନେଇ ଏକ ସଂଘ ମଧ୍ୟ ଗଢ଼ିଦେଲା। ଆବଶ୍ୟକ ବର୍ଷ ଠାରୁ ଠିକ୍ ଛଅ ବର୍ଷ ପରେ ଘଣ୍ଟୁ ଅବଶ୍ୟ ମାଟ୍ରିକ ବୈତରଣୀ ପାର ହେଇଗଲା। ଏଇ ଖୁସିରେ ପ୍ରାୟ ମାସେ କାଳ ଘଣ୍ଟୁ ଓ ତା'ର ଚଣ୍ଡିଚାମୁଣ୍ଡାଙ୍କ ମିଳିତ ଚାନ୍ଦାରେ ଭୋଜିଭାତ ଚାଲିଲା। ଏଇ ମାସକ ମଧ୍ୟରେ ଘଣ୍ଟୁ ଗାଆଁରୁ ତିନି ଚାରିଟା ହୋଲି ଛେଳି ଓ ବିଂଶାଧିକ କୁକୁଡାଙ୍କର କୌଣସି ପତ୍ତା ବି ନ ଥିଲା।



ଘଣ୍ଟୁ କଲେଜରେ ପାଦ ଥାପିବା ବେଳକୁ ତା' ଶ୍ରେଣୀର ସମସ୍ତ ସହପାଠୀଙ୍କର ଜ୍ୟେଷ୍ଠଭ୍ରାତା ରୂପେ ସମ୍ମାନନୀୟ ଆସନର ଅଧିକାରୀ ସାଜି ସାରିଥିଲା। ଏଇ ସୁଯୋଗରେ ତା' ଶ୍ରେଣୀର ଅଣପାଠୁଆମାନଙ୍କର ଅଘୋଷିତ ନେତା ବନିଗଲା। କଲେଜରେ ବିଭିନ୍ନ ଉତ୍ସବରେ ଘଣ୍ଟୁଆର ରାଜୁତି। କାରଣ ସେତେବେଳକୁ କେବଳ ଅନର୍ଗଳ ଗାଳି ଦେବାରେ କଳାଟିକୁ ଘଣ୍ଟୁ ସମ୍ପୂର୍ଣ୍ଣ ଆୟତ୍ତ କରିସାରିଥିଲା। କାରଣ ଅକାରଣରେ ଦେଶୀ-ବିଦେଶୀ ଶବ୍ଦମାନ ମିଶାଇ ଅବିରାମ ବର୍ଷିଯାଏ ଘଣ୍ଟୁ। ସାଙ୍ଗମାନେ ଏହାକୁ ପୂରା ଉପଭୋଗ କରନ୍ତି ।

**ତୃତୀୟ ରାସ**

ଓଡ଼ିଶାରେ ତିନି ପ୍ରକାର ରାସ। ଶରତ ରାସ, ବସନ୍ତ ରାସ କଥା ସମସ୍ତେ ଜାଣନ୍ତି। ହେଲେ ଅପର ଅତିରିକ୍ତ ରାସଟି କ'ଣ? ଏସବୁ ପାରମ୍ପରିକ ରାସ ପାଞ୍ଚଦିନିଆଁ। ମାତ୍ର କଲେଜ ରାସ ସାତଦିନିଆ, ଭାଲେଣ୍ଟାଇନ୍ ରାସ। ଘଣ୍ଟୁ ଏଥିରେ ବି ନେତୃତ୍ୱ ନେଲା। ହଠାତ୍ ଜଣେ ମଡର୍ଣ୍ଣା ରାଧିକାଠାରୁ ଘଣ୍ଟୁ ଶୁଣିଲା- 'ରାସ୍କେଲ' ଓ 'ଇଡିଏଟ୍' ଭଳି ଶବ୍ଦ। ଆଉ ଘଣ୍ଟୁକୁ ଦେଖେ କିଏ? ମାତିଲା, ତାତିଲା, ମତେଇଲା ଆଉ ତତେଇଲା।

ଗୋଠ ମାତିଲେ ଖଣ୍ଡିଆ ମାତେ। ମାତ୍ର ଏଠି ଘଟଣା ପୂରା ଅଲଗା। ଏଠି ପ୍ରଥମେ ଖଣ୍ଡିଆ ବନାମ ଘଣ୍ଟୁ ମାତିଲା, ତେଣୁ

ଘଣ୍ଟୁ ମାତିବାରୁ ସମୁଦାୟ ଗୋଠ ମାତିଲେ। ଅସ୍ତ୍ର ଜବାବ ଅସ୍ତ୍ରରେ, ତାଳିର ଜବାବ ତାଳିରେ- ସେମିତି ଗାଳିର ଜବାବ ଗାଳିରେ ଚାଲିଲା। ଟେକାର ଜବାବ ପଥରରେ ଦେବାର ସମୟ ଏଇଟା। ପାଦେ ଦି'ପଦ ଇଂରେଜୀରେ ଗାଳିର ଜବାବ୍ ଦେଶୀ ଗାଳିରେ ଦିଆଗଲା। ମଡର୍ଣ୍ଣାଙ୍କୁ ଘେରବନ୍ଦୀ କରି କୀର୍ତ୍ତନିଆ ଅଷ୍ଟପ୍ରହରୀ କୁଞ୍ଜ ପରିକ୍ରମା କରିବା ଭଳିଆ ତାଙ୍କୁ ପରିକ୍ରମା କଲେ ସମଗ୍ର ଘଣ୍ଟୁ ବାହିନୀ। ଗାଳିର କୁଆପଥର ମାଡରେ ସାଙ୍କୁଡି ଗଲା ମଡର୍ଣ୍ଣା। ନାରୀଣାଂ ରୋଦନ ବଳଂ- ଏଇ ନ୍ୟାୟରେ ରୋଦନଶୀଳା ମଡର୍ଣ୍ଣା ଏକ ନିଃଶ୍ୱାସନରେ ଥାନ ଛାଡି ଅଥାନ ଆଡ଼େ ମୁହାଁଇଲା।

### କେବଳ ଦିବସ

ଘଣ୍ଟୁ ଯାହା ବି ହେଲେ, ସବୁଦିନ ଖବରକାଗଜ ଉପରେ ଆଖି ବୁଲାଇ ଆଣେ। ଘଣ୍ଟୁ ଦେଖିଲା ଆଉ ରାତି ହେବାର ନାହିଁ। ସବୁଦିନେ କେବଳ ଦିବସ। ବିଶ୍ୱସ୍ତରରେ ଏସବୁ ଚାଲିଚି। ରାଗ ଗରଗର ହେଇ ବାପାଙ୍କୁ ମଉସା ଡାକୁଥିବା ଲୋକଟି 'ବିଶ୍ୱ ପିତୃ ଦିବସ'ରେ ମୁଖ୍ୟବକ୍ତା ସାଜିଚି। ଭାଷା ଦିବସ, କ୍ଷୀର ଦିବସ, ରସଗୋଲା ଦିବସ, ବାତ୍ୟା ଦିବସ, ମରୁଡି ଦିବସ, ହେଙ୍ଗୁ ଦିବସ, ହାଙ୍ଗାମା ଦିବସ, ଆକୁଳ ଦିବସ, ବିକଳ ଦିବସ, ଆଳୁ, ସାରୁ, ଲଙ୍କା, ପିଆଜ, ମୂଳା, ଆଖୁ, ରୋବଟ୍, ଦାନ୍ତକାଠି, କୋଦାଳ, କୋଡି, କାଉଡିଆ ଦିବସ ଭଳି ଅନେକ ଦିବସ ପାଳିବାରେ କିଛି ଲୋକ ବ୍ୟସ୍ତ। ଛୁଆ ଜଗିବା ପାଇଁ ନିଜ ମାଆକୁ ଜଗୁଆଳୀ ପୋଷ୍ଟରେ ପୋଷ୍ଟିଂ ଦେଇଥିବା ଭକ୍ତବାବୁଟି ଆଞ୍ଚଳିକ ମାତୃଦିବସ ପାଳନର ସଂପାଦକ। ସମ୍ପର୍କ ନ ଥାଇ ଶଳା ଦିବସ, ମାଡୁଆ ଦିବସ, ଗୋବରା ଦିବସ, ଗୋତ୍ରମାରୁ ଦିବସ, ଚିତାକଟା ଦିବସ- ଏମନ୍ତ ପ୍ରକାରେ ଦିବସ ପାଳନର ଲମ୍ବା ତାଲିକାରେ ଘଣ୍ଟୁ ଯୋଡି ଦେଲେ 'ବିଶ୍ୱ ଗାଳି ଦିବସ'।

ବିଶ୍ୱ ଗାଳି ଦିବସରେ ଘଣ୍ଟୁ ହେଲେ ଆତ୍ମଘୋଷିତ କେନ୍ଦ୍ର ସଚିବ। ଏଥିପାଇଁ ବିଭିନ୍ନ ବିଜ୍ଞାପନ ବି ଆରମ୍ଭ ହେଲା। କୌତୂହଳରେ ବୟସ ନିର୍ବିଶେଷରେ ଅନେକ ଏଥିରେ ସଦସ୍ୟତା ଗ୍ରହଣ କରି ଆପଣାକୁ ଧନ୍ୟ ମଣିଲେ।

ବିଶ୍ୱ ଗାଳି ଦିବସର ପ୍ରଥମ ବୈଠକରେ କଣ୍ଠୁ କୌଣ୍ଡିନ୍ୟ ମୁଖ୍ୟ ଅତିଥି, ବର୍ଷଣ ବିଶ୍ୱମୁଖ ମୁଖ୍ୟବକ୍ତା ଭାବରେ ଯୋଗଦେଇ, ଗାଳିର ଉପଯୋଗିତା ସମ୍ପର୍କରେ ବୈଠକରେ ସର୍ବସାଧାରଣଙ୍କୁ ଅବଗତ କରାଇଲେ। ପ୍ରକୃତରେ ଗାଳି ଦେହରେ ଶିହରଣ ସୃଷ୍ଟି କରି ବୀରତ୍ୱ ଭରିଦିଏ, ମନରେ ଅମାପ ଆନନ୍ଦ ଭରିଦେଇ ବେଳେ ବେଳେ, ମର୍ତ୍ତ୍ୟର ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନୁହେଁ, ସ୍ୱର୍ଗର ଇନ୍ଦ୍ର ପଦବୀରେ ବସାଇଦିଏ। ଅନୁନୟ ବିନୟର ବର୍ଷାରେ, ଯେଉଁ କଠିନ ହୃଦ ମାଟି ବତୁରି ପାରେ ନାଇଁ, ଭିଜେ ନାଇଁ, ଦି'ଫାଳ ଦୋ' ଅକ୍ଷରୀ ହାଙ୍କି ଦେଲେ ଟାଣୁଆ ପର୍ବତିଆ ମଣିଷ ବି ଭୟ, ଲଜ୍ଜା, ଲୋକ ହସାରୁ ବଞ୍ଚିତ ହେବା ପାଇଁ କାମଟି କରିଦିଏ। କାଦୁଆ ହେଇଯାଏ ତା'ର ହୃଦୟ। ଗାଳିର ଅନର୍ଗଳ ବର୍ଷଣରେ ଅନେକ ଅସାଧ୍ୟ ସାଧ୍ୟ ହୁଏ, ଟାଣୁଆ ଗାଳି ଅକାମକୁ କାମରେ, ଅଘଟଣକୁ ଘଟଣାରେ ପରିଣତ କରିଦେଇପାରେ।

**ପ୍ରକୃତରେ ଗାଳି ଦେହରେ ଶିହରଣ ସୃଷ୍ଟି କରି ବୀରତ୍ୱ ଭରିଦିଏ, ମନରେ ଅମାପ ଆନନ୍ଦ ଭରିଦେଇ ବେଳେ ବେଳେ ସ୍ୱର୍ଗର ଇନ୍ଦ୍ର ପଦବୀରେ ବସାଇଦିଏ।**


### ଗାଳିଆ ମହାସଂଘ

ଗାଳି ଦିବସରେ ମହାବକ୍ତାଙ୍କ ଅଭିଭାଷଣ ଶୁଣିବା ପରେ ଘଣ୍ଟୁ ଏଥର ଗାଳି କ୍ଲବ ଗଢ଼ି, ଗ୍ରାମୀଣ, ଅର୍ଦ୍ଧ ଗ୍ରାମୀଣ ଓ ଅର୍ଦ୍ଧ ସହରିଆ, ସହରିଆ ଗାଳିକାରମାନଙ୍କୁ ଏକତ୍ର କରି ଗଢ଼ି ଦେଲା ଗାଳିଆ ମହାସଂଘ। ଗାଳି ସଂଗ୍ରହରେ ଡାଏରୀ ଫୁଲ୍ ହେଇଗଲା। ନିଜେ ବି କିଛି ଗାଳି ନିଜ ମନକୁ ନୂଆ କବିମାନଙ୍କ ଅବୋଧ ଶବ୍ଦ ବସାଣ ଭଳି ସୃଜି ଦେଲା। ଯେମିତିକି – ଅତି ଗ୍ରାମୀଣ ଗାଳି ସଂବୋଧନ- ଶଳା, ବେଧୁଆ, ମାଧୁର ବେହିଆ, ମାଇଆ, ମାଇଗୁଲିଆ, ଚୁଲିପଶା, ଗାତପଶା, ନଈଶୁଆ, କୋଷ୍ଠିଆ, ଖୋଡିଆ, ଗଜା, ଠାଇଁଆ, ଗାତୁଆ, ସବାଖିଆ, ବାଡିପଡା, ଯୋଗଣିଖିଆ, ରଇଜଳା ଇତ୍ୟାଦି। ଲିଙ୍ଗାନ୍ତରେ ଏସବୁର ପ୍ରୟୋଗ ବି କରାଯାଇପାରେ। କିଛି ସଂସ୍କୃତିଆ ପଦ ଭାବରେ ଶ୍ୟାଳକ (ଶଳା), ଶଶୁର ସନ୍ତାନ (ଶଳା), ଶାଶୁ କନିଷ୍ଠା କନ୍ୟା (ଶାଳୀ), ପତ୍ନୀକନିଷ୍ଠା (ଶାଳୀ), ଛତ୍ରଭକ୍ଷକ (ଛତରଖିଆ), ବିପଣିଭ୍ରମଣା (ବଜାରୁଣୀ), ବିପଣି ଭ୍ରମକ (ବଜାରି) ଅଗ୍ନିଭକ୍ଷକ (ନିଆଁଗିଳା) ଧୌତ ହୀନ (ବେଧୁଆ) ଇତ୍ୟାଦି।

ସବୁଠୁଁ ମାତବରି ହେଲା ଇଂରେଜୀ ସଂବୋଧନ।

ନନ୍‌ସେନ୍ସ, ଇଡିୟଟ୍, ରାସ୍କେଲ, ହୋପଲେସ୍, କାୱାର୍ଡ ଇତ୍ୟାଦି। ଘଣ୍ଟୁ ଏସବୁର ବିଶେଷଣ ବସାଇ ତିଆରି କଲେ ରେକ୍ଟିଫାଏଡ୍ ଇଡିୟଟ୍, ସେଣ୍ଟପରସେଣ୍ଟ ନନ୍‌ସେନ୍ସ, ଡବଲ୍ ରାସ୍କେଲ୍, ସ୍କୋୟାର ବାଷ୍ଟାର୍ଡ ଇତ୍ୟାଦି ସମ୍ବୋଧନ।

ଘଣ୍ଟୁଙ୍କ ଶବ୍ଦ କାରିଗରିର ନବସର୍ଜନରେ ସୃଷ୍ଟି ହେଲା ଦେଶୀମିଶା ବିଦେଶୀ ଶବ୍ଦ। ଏହାର କେତୋଟି ନମୁନା ହେଲା- ଇଲୋକ୍‌ଟ୍ରୋନିକ୍ ବେହିଆ, ନମ୍ବରୀ ଛତରା, ଡବଲ୍‌ଗାଲୁଆ, ଟ୍ରିପଲ ଫାଜଲ୍, ଇମ୍ପୋର୍ଟେଡ୍ ଲଫଙ୍ଗା, ସାର୍ଟିଫାଏଡ୍ ଡହରା, ଗଭର୍ଣ୍ଣମେଣ୍ଟ ବାତରା, କ୍ୟୁବିକ ବାନା, ସ୍କୋୟାର ଡହରା ଇତ୍ୟାଦି। ଏସବୁଗୁଡ଼ିକୁ ଦଫାୱାରି ଭରଣା କରିବାକୁ ଜୋରଦାର ରିହର୍ସାଲ୍ କରାଗଲା। ଯା ବାଦ୍ ଶରୀର ଭେଦକୁ ନେଇ ଅନେକ ପ୍ରକାର ନୂଆ ନୂଆ ଗାଳିମାନ ତିଆରି ହେଲା। ଘଣ୍ଟୁ ଇଙ୍ଗିତରେ ପ୍ରତି ପ୍ରକାର ଗାଳି ପାଇଁ ଜଣେ ଜଣେ ଗାଳିପତି ଦାୟିତ୍ୱ ନେଲେ। ବିଦ୍ୟାଟା ଆୟତ୍ତ ହେଲେ ସିନା, ତା'ର ପ୍ରୟୋଗ କରାଯିବ । ତେଣୁ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଭଳି ପ୍ରୟୋଗ ଆରମ୍ଭ ହେଲା।




## ମହାଗାଳି ସେଣ୍ଟର

ଘଣ୍ଟୁର କାରନାମାକୁ ପ୍ରତ୍ୟକ୍ଷ ଭାବରେ ଖୁଣ୍ଟୁଥିବା ଜଣେ ବୟସ୍କ ଓ ସମ୍ମାନନୀୟଙ୍କଠାରେ ପ୍ରୟୋଗ କରାଗଲା ଘଣ୍ଟୁଙ୍କ ମହାଗାଳି ସେଣ୍ଟରର କିଛି ସଂଭ୍ରାନ୍ତ ଇଂରେଜୀଗାଳି। ଏଥିରେ ଅଦିନିଆ ବରଫ ମାଡରେ ନୂଆ ଆମ୍ବକଷି ଘାଇଲା ହେବା ଭଳି ସମ୍ମାନନୀୟ ଜଣକ କ୍ରମେ ଶାଙ୍କୁଡି ଗଲେ। ପ୍ୟାଣ୍ଟ ସାର୍ଟ, ଟାଇ ପିନ୍ଧିଥିବା ଏଇ ଭଦ୍ର ବ୍ୟକ୍ତିଙ୍କଠାରେ ଅକାଳ ଝାଳୋଦଗମ୍ ଆରମ୍ଭ ହେଇଗଲା। ଲୋକେ ତାଙ୍କୁ ନୁଙ୍ଗାଚୋର ଦୃଷ୍ଟିରେ ଦେଖିବାକୁ ଲାଗିଲେ। ମାତ୍ର କେତେପଦ ଶ୍ରାବ୍ୟ ଗାଳିରେ ଭଦ୍ରଲୋକଙ୍କ ଅବସ୍ଥା ହେଲା ଶୋଚନୀୟ। ସଫଳ ହେଲା ଘଣ୍ଟୁଙ୍କ ବିଦ୍ୟା ପ୍ରୟୋଗ। ନିକଟରେ ଥିବା ଭଦ୍ର ମହିଳା ଜଣକ ଦେହରେ ସେଥିରୁ କେତେପଦ ଗାଳି ମଧ୍ୟ ଛିଟିକି ପଡ଼ିଲା। ତାଙ୍କର ଅତ୍ୟାଧୁନିକ ବେଶ ପରିପାଟୀରେ ଏମନ୍ତ ଗାଳି କାଦୁଅର ଛିଟା ପଡ଼ିଗଲା। ସେମାନେ ଅପଦସ୍ଥ ହେଲେ।

ଘଣ୍ଟୁ ସଦଳବଳେ ପ୍ରଥମ ପ୍ରୟୋଗ ଅସାଧାରଣ ସଫଳତା ପାଇ ଉତ୍ସାହିତ ହେଲେ। ଏଣିକି ଆଉ ପଛକୁ ଅନାଇବାକୁ ସମୟ ନାହିଁ। "ନିଖିଳ ଉତ୍କଳ ଗାଳି ସେଣ୍ଟର"ର ଏକ ବୋର୍ଡ ଝୁଲାଇ ଘଣ୍ଟୁ ତାଙ୍କ କାୟା ବିସ୍ତାରିଲେ। କେଉଁ ଲାଞ୍ଚଖୋର ଅଫିସରଙ୍କ କଳାକାରନାମାର କାହାଣୀ ଖବରକାଗଜରେ ବାହାରିଲା ତ, ସେଠି ଘଣ୍ଟୁ ସଦଳବଳ ହାଜର ହୋଇ ରୋଷଣିରେ ହାବେଳି ଫୁଟିବା ଭଳିଆ ଶୁଣାଇଲେ ଅଶ୍ରାବ୍ୟ ଭାଷଣ। ଅଫିସର୍ ବା ଚିହ୍ନନ୍ତି କାହାକୁ? ଅଗତ୍ୟା କାମ ହେଇଗଲା। ଅଫିସରଙ୍କଠାରୁ କିଛି ଆଦାୟ ହେଇଗଲା। ଯେ କୌଣସି ସଂସ୍ଥାର ମୁଖ୍ୟଙ୍କୁ ଯିବା ଆସିବା ବେଳେ ବୁଲା କାମୁଡା କୁକୁର ଅଜଣା ଲୋକଙ୍କୁ ଗୋଡ଼େଇବା ଭଳିଆ, ଗୋଡେଇ ଗୋଡେଇ ଗାଳି କଲେ। ମୁଖଲଜ୍ଜା ଓ ଲୋକଲଜ୍ଜାକୁ ଡରି ସେମାନେ ବି କିଛି ଦେଲେ। ଏମନ୍ତ ପ୍ରକାରେ ତାଙ୍କ ପକେଟ୍ ଓ ପର୍ସ ବେଙ୍ଗଫୁଲା ଭଳିଆ ଫୁଲିଲା। ଖବରକାଗଜକୁ କିଛି ଦେଇ ଏଣିକି ଘଣ୍ଟୁ ପାଳିଲେ ବିଶ୍ୱ ଗାଳି ଦିବସ। ବଛା ବଛା ଗାଳିକାରଙ୍କୁ ନେଇ ବିବିଧ ସ୍ଲୋଗାନ୍ ଲେଖି ଛାଡିଲେ। ଖଡ଼ା ଦିବସ, ରସୁଣ ଦିବସ, ହଡ଼ା ଦିବସ, ବିକଳିଆ ଦିବସ ଭଳି, ଏଣିକି ପାଳିତ ହେଇଗଲା ଘଣ୍ଟୁଙ୍କ ଉଦ୍ଭାବିତ ଓ ପ୍ରାୟୋଜିତ 'ଗାଳି ଦିବସ'। ସାମ୍ବାଦିକମାନଙ୍କୁ ନିମନ୍ତ୍ରଣ କରି ଏହାର ସଫଟୋ ବିବରଣୀ ମଧ୍ୟ ପ୍ରକାଶ କରାଗଲା। ଗାଳି ଭୟରେ ସେମାନେ ବି ଅଗତ୍ୟା ହାଜର ହେଇ ଘଣ୍ଟୁଙ୍କ ଜୟଗାନ କଲେ । ଗାଳି ଦିବସ ପାଳନ ବେଳେ ଘଣ୍ଟୁଙ୍କ ବଳର ମିଳିତ ସ୍ଲୋଗାନରେ ସଭାସ୍ଥଳ କମ୍ପମାନ ହେଇଗଲା। ବାହାରେ ଥିବା ଲୋକେ ଏଥିପାଇଁ ଆଶ୍ଚର୍ଯ୍ୟ ପ୍ରକଟ କରୁଥିଲେ ବି କିଛି ମନ୍ତବ୍ୟ ଦେବାକୁ ଡରୁଥିଲେ । କାରଣ ଘଣ୍ଟୁଙ୍କ ଅଚଞ୍ଚା ଗାଳିକିଳାକୁ କିଏ ବା ସିଟି ମାରି ନିମନ୍ତ୍ରଣ କରନ୍ତା ? ?

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com



ଅନୁବାଦ ଗଳ୍ପ

# ସେହି ଝିଅଟି



ମୂଳ ହିନ୍ଦୀ: ଡା.ବିବେକ ଗୁପ୍ତା    ରୂପାନ୍ତର: ଶରତ କୁମାର ରାଉତ

ସୂର୍ଯ୍ୟ ସବୁଦିନ ଭଳି ନିଜର କିରଣରେ ସାରାଦୁନିଆକୁ ଆଲୋକିତ କରୁଛନ୍ତି। ଦିନ ବଢ଼ି ଚାଲିବା ସଙ୍ଗେ ସଙ୍ଗେ ସୂର୍ଯ୍ୟଙ୍କ ସୁନେଲୀ କିରଣର ଥଣ୍ଡା ହାଓ୍ୱା ଦେହରେ ବାଜି ଶୀତେଇ ଉଠୁଛି। ବସ୍ତୀର ଲୋକମାନେ ସବୁଦିନ ଭଳି ନିଜ ଦୈନନ୍ଦିନ କାମରେ ବ୍ୟସ୍ତ ରହିଛନ୍ତି। ବସ୍ତୀର କୁଟୀର ଗୁଡ଼ିକର ଚୁଲିରୁ ଧୂଆଁ ବାହାରି ନିର୍ମଳ ଆକାଶରେ ବାଦଲ ସୃଷ୍ଟି କରୁଛି। ଏପରି ଲାଗୁଛି ଯେମିତି ଧୂଆଁ ସୂର୍ଯ୍ୟଙ୍କୁ ଆହ୍ୱାନ ଦେଉଛି ଯେ, ମୁଁ ତୁମକୁ ଢାଙ୍କିଯାଇ ତୁମର ଉତ୍ତାପରୁ ଏହି ବସ୍ତୀକୁ ମୁକ୍ତି ଦେବି। ଧୂଆଁର ବାଦଲ କ୍ଷଣିକ ହେଲେ ମଧ୍ୟ ସୂର୍ଯ୍ୟଙ୍କ ଉତ୍ତାପକୁ କିଛି ସମୟ ପର୍ଯ୍ୟନ୍ତ ତ ନିଜ ଭିତରେ ସମାହିତ କରି ଦେଇଥାଏ।

**ଦେହକୁ ଲୁଚାଇବା ପାଇଁ ପୁରୁଣା ଲୁଗା ଓ ଖାଇବା ପାଇଁ ଶୁଖିଲା ରୁଟି, ପିଆଜ ଓ ଗୁଡ଼, ପିଇବା ପାଇଁ ପାଣି ନାଁରେ ଚୁଆର ପାଣି ମିଳି ଯାଇଥାଏ।**

ଜୁମନ ଚାଚା ସବୁଦିନ ଭଳି ଚିରା ଲୁଙ୍ଗି ଓ ଜାମା ପିନ୍ଧି ମଜୁରୀ କାମ କରିବାକୁ ବାହାରି ଗଲେଣି। ମାତ୍ର କେବେ ମଜୁରୀ ମିଳିଥାଏ ତ କେବେ ଖାଲି ହାତରେ ସନ୍ଧ୍ୟାକୁ ଫେରିବାକୁ ପଡ଼ିଥାଏ। କାଖରେ ଏକ ଛୋଟ ପୁଟୁଳିରେ ଚାଚୀ ଦ୍ୱିପ୍ରହର ପାଇଁ ରୁଟି, ପିଆଜ ଆଉ ଗୁଡ଼ ବାନ୍ଧି ଦେଇଥାଏ। ପରିବା ପତ୍ର ସେମାନଙ୍କ ପାଇଁ ସାତ ସପନ। କେବେ କେବେ ବର୍ଷେ ଦୁଇବର୍ଷରେ ବିବାହ କିମ୍ବା ଅନ୍ୟାନ୍ୟ ପର୍ବ ପର୍ବାଣୀରେ ହିଁ ପରିବାପତ୍ର ତରକାରୀ, ଖିରି, ପୁରୀ, ମିଠାଇ ଆଦି ଭାଗ୍ୟକୁ ମିଳି ଯାଇଥାଏ। ଏହି ବସ୍ତୀରେ ସମସ୍ତଙ୍କ ଅବସ୍ଥା ଜୁମନ ଚାଚାଙ୍କ ଭଳି ସମାନ। ଦେହକୁ ଲୁଚାଇବା ପାଇଁ ପୁରୁଣା ଲୁଗା ଓ ଖାଇବା ପାଇଁ ଶୁଖିଲା ରୁଟି, ପିଆଜ ଓ ଗୁଡ଼, ପିଇବା ପାଇଁ ପାଣି ନାଁରେ ଚୁଆର ପାଣି ମିଳି ଯାଇଥାଏ। ନାମକୁ ମାତ୍ର ନଳକୂପଟି ଅଛି, ମାତ୍ର ସେଥିରୁ ମାସ ଦୁଇ ମାସରେ ଥରେ ଅଧେ ପାଣି ଆସିଥାଏ। ତାହା ବି ନିର୍ବାଚନ ବର୍ଷରେ ସରକାର ବିଜୁଳି ଖୁଣ୍ଟ ପୋତି ଥିଲେ। ପୁଣି ପୂର୍ବ ସରକାର ବିଜୁଳି ବଲ୍‌ବ ଓ ଗୋଟିଏ ଗୋଟିଏ ପଙ୍ଖା ବସ୍ତୀର ପ୍ରତି ଘରକୁ ଯୋଗାଇ ଦେଇଥିଲେ। ହେଲେ ଏହି ବିଜୁଳି ବଲ୍‌ବର ଆଲୋକ ଓ ପଙ୍ଖା ପବନର ବ୍ୟବହାର ଠିକ୍ ଭାବେ ବସ୍ତୀ ଲୋକମାନେ କରି ପାରିଲେ ନାହିଁ। ନିର୍ବାଚନ ସରିବା ବେଳକୁ ବସ୍ତୀର ଅବସ୍ଥା ପୁଣି ପୂର୍ବପରି ହୋଇଗଲା। ସହଜେ ନେତାମାନେ ମଧ୍ୟ ଆଉ ଏ ବସ୍ତୀକୁ କେବେ ଆସିଲେ ନାହିଁ। ବିଜୁଳିର ଖୁଣ୍ଟ ଅବଶ୍ୟ ଥିଲା, ଯାହା କୌଣସି ବୁଢ଼ା ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ସ୍ୱାଧୀନ ଭାରତର ଦୁର୍ଦ୍ଦଶା ନିଜ ଆଖିରେ ଦେଖୁଥିଲା। ହେଲେ ଆଖିରୁ ଲୁହ ଗଡ଼େଇ ପାରୁ ନ ଥିଲା। ସନ୍ଧ୍ୟା ହୋଇଗଲେ ଏହି ଖୁଣ୍ଟରେ ଥିବା ବିଜୁଳି ବଲ୍‌ବ ଜଳିଉଠେ ଓ ସୂର୍ଯ୍ୟଙ୍କର ପ୍ରଥମ କିରଣ ସହିତ ପୁଣି ବସ୍ତୀର ଲୋକଙ୍କ ଜୀବନରେ ଆଲୋକ ପାଇଁ ସନ୍ଧ୍ୟାର ପ୍ରତୀକ୍ଷା କରେ।

ଏହି ବସ୍ତୀର ଉନ୍ନତି ପାଇଁ ସରକାର କେବେ ବି ଦୃଷ୍ଟି ଦେଇ ନାହାଁନ୍ତି। ଏହା ଏକ ଦଳିତ ବସ୍ତୀ। ଯାହାର ଦୁନିଆ ସହର ଠାରୁ ସମ୍ପୂର୍ଣ୍ଣ ଅଲଗା। ଏଠାରେ ସ୍ୱାଧୀନତାର ସତୁରି ବର୍ଷ ପରେ ମଧ୍ୟ ଅତ୍ୟାବଶ୍ୟକ ସୁବିଧା ନାହିଁ। ନିର୍ବାଚନ ବେଳେ ହିଁ ବସ୍ତୀର ନେତା ମାନଙ୍କର ଏହି ବସ୍ତୀ କଥା ମନେ ପଡ଼େ। ଆଉ ମିଥ୍ୟା ପ୍ରତିଶ୍ରୁତି ଦେଇ ନିଜ ପକ୍ଷକୁ ଭୋଟ ଟାଣି ନିଅନ୍ତି।

ଏହି ଭାବନାରେ ବୁଡ଼ି ରହିଥିବା କମଲୀର ଭାବନା ଅଚାନକ ଭାଙ୍ଗି ଯାଇଥିଲା। ସେ ଦେଖିଲା ମା' ଚା' କପ୍ ଧରି ଛିଡ଼ା ହୋଇଛନ୍ତି।

"ଆରେ କମଲୀ, ନିଏ, ଚା' ପିଇନେ! ଆଜି ତୋ ଜୀବନର ସବୁଠୁ ବଡ଼ ଦିନ।" ମା' ଅତି ଆଦରରେ କମଲୀର

ମୁଣ୍ଡ ଉପରେ ହାତ ବୁଲେଇ ଆଣି ପୁଣି କହିଲେ, "ଜଲ୍‌ଦି ପ୍ରସ୍ତୁତ ହୋଇଯା କମଲୀ, ତତେ ଯିବାର ଅଛି, ହଁ ସେହି ଲୋକମାନେ ହୁଏତ ଆସି ଯାଇଥିବେ।"

"ଠିକ୍ ଅଛି ମା'" କମ୍‌ଲୀ କହିଲା। ଚା' ପିଉ ପିଉ କମଲୀ ପୁଣି ଅତୀତରେ ଲୀନ ହୋଇଗଲା। ସୂର୍ଯ୍ୟେର ଚତୁର୍ଥ ଝିଅ ଜନ୍ମ ନେବା ପରେ ଘରେ ସମସ୍ତଙ୍କର ମନ ଖରାପ ହୋଇ ଯାଇଛି। ଝିଅ ଜନ୍ମ ହେବାର କଥା ଶୁଣି ସୂର୍ଯ୍ୟେ ଚିନ୍ତାରେ ବସି ପଡ଼ିଲା। ତା' ଭିତରେ ଭବିଷ୍ୟତର ଚିନ୍ତା ଘାରିବାକୁ ଲାଗିଲା। ମା'ତା' କାନ୍ଧରେ ହାତ ରଖି କହିଲା, "ସୂର୍ଯ୍ୟେ ତୋ ଭାଗ୍ୟ ଖରାପ! ଭଗବାନ ଏଭଳି କରିବେ ବୋଲି କାହାରି ମନରେ ନ ଥିଲା। ଅବଶ୍ୟ ଭଗବାନଙ୍କ ଦୟାରୁ ପ୍ରଥମ ତିନି ଝିଅଙ୍କୁ ରାମ ପାଳିବା ପାଇଁ ନେଇଗଲା। ନଚେତ୍ ତୁ ବହୁ ହଇରାଣ ହୋଇଥାଆନ୍ତୁ।"



"ମା' ତୁମେ ଚିନ୍ତା କରନା, ଝିଅ ଠିକ୍‌ଠାକ୍ ଅଛି ନା?" ସୂର୍ଯ୍ୟେ ଅନ୍ୟମନସ୍କ ଭାବେ କହିଲା।

"ଆରେ, ଠିକ୍ ଠାକ୍ ତ କିଛି ନାହିଁ! ଏହାକୁ ମଧ୍ୟ ରାମ ଯଦି ନେଇ ଯାଆନ୍ତା ତା'ହେଲେ ସବୁ ଠିକ୍ ଠାକ୍ ହୁଅନ୍ତା।"

ମା' ରାଗରେ ପୁଣି କହିଲା, "ଏହାର ବିବାହ ଖର୍ଚ୍ଚର ହିସାବ ମୋ ମନରେ ନାଚି ଉଠୁଛି। ସତରେ ତା'ବାହାଘର ଖର୍ଚ୍ଚ ତୁ କୁଆଡୁ ଆଣିବୁ ?.....

କାନ୍ଦ କାନ୍ଦ ସ୍ୱରରେ ସୂର୍ଯ୍ୟେ କହିଲା, "ଜେଜେମା' ନୂଆ ଝିଅର ନାମ ଦେଇଛି 'କମଲୀ'। କାରଣ ନୂଆ ଝିଅର ଆଖିର ଚଞ୍ଚଳତା ଅନନ୍ୟ!

ସୂର୍ଯ୍ୟେ କାମ ସାରି ଫେରି ଦେଖିଲା, ଝିଅ ଆଖିର ଚମକ ଓ ହସ ହସ ମୁହଁ ଯେମିତି ତା'ର ସବୁ କଷ୍ଟ ଉଭେଇ ନେଉଛି। କିନ୍ତୁ ପର ମୁହୂର୍ତ୍ତରେ ଝିଅର ବିବାହ କଥା ମନକୁ ଆସି ଯାଉଥିଲା ଓ ସେ ଝିଅକୁ ବିଛଣାରେ ଶୁଆଇ କୌଣସି ପ୍ରକାର କମଲୀ ପାଇଁ ଭବିଷ୍ୟତରେ ହେବାକୁ ଥିବା ଖର୍ଚ୍ଚକୁ ଭୁଲିବା ପାଇଁ ଚେଷ୍ଟା କରୁଥିଲା। ଲୁଚି ଲୁଚି କମ୍‌ଲୀକୁ ଦେଖୁଥିଲା। ବେଳେ ବେଳେ କମ୍‌ଲୀ ଓ ସୂର୍ଯ୍ୟେର ଆଖି ମିଳିଗଲେ ଏପରି ଲାଗେ ଯେମିତି ସେ କହୁଛି, "ବାପା, ମୋର କ'ଣ ଦୋଷ ?.. ମୁଁ ତୁମ ଝିଅ ନା?... ତୁମ ନିଜର ରକ୍ତ ନା...ଏ ହାତ ଯୁଗ ଯୁଗରୁ ଚାଲି ଆସିଛି। ବିନା ଯୌତୁକରେ ଝିଅ ବିବାହ ଅସମ୍ଭବ।"

କମଲୀକୁ ନିଜ ପ୍ରଶ୍ନର ଉତ୍ତର କେବେ ମିଳିନାହିଁ। ବହୁ ଚେଷ୍ଟା ପରେ ବି ସୂର୍ଯ୍ୟେର ସ୍ତ୍ରୀ କୋଳରେ ଆଉ ପିଲା ହେଲା ନାହିଁ। ସୂର୍ଯ୍ୟ ଏବେ ନିରାଶ ହୋଇଗଲା। ସେ ଏବେ ଆଉ ନିଜ କୁଡ଼ିଆ ଭିତରକୁ ଗଲା ନାହିଁ। ରାତିରେ ରୁଟି ଖାଇ କୁଡ଼ିଆ ବାହାରେ ବିଡ଼ି ପିଇବାରେ ବ୍ୟସ୍ତ ରହିଲା ଓ ବିଡ଼ି ପିଇ ପିଇ ହିଁ ଶୋଇ ଯାଉଥିଲା। ସକାଳେ ଜଲ୍‌ଦି ଉଠି ସୂର୍ଯ୍ୟେ ମଜୁରି ଖୋଜିବାକୁ ବାହାରିଯାଏ। କମ୍‌ଲୀ ଓ ତା'ବାପାର ସାକ୍ଷାତ ଅନେକ ଦିନ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ। କମ୍‌ଲୀ ବଡ଼ ହୋଇଗଲା। ସେ କେବେ ନିଜ ବାପାକୁ ଦେଖି ହିଁ ନାହିଁ। କାରଣ କେତେବେଳେ ବାପା ଆସନ୍ତି, କେତେବେଳେ ଯାଆନ୍ତି ତାକୁ ଜଣାପଡ଼େ ନାହିଁ। ଅନ୍ୟ ପିଲାମାନେ ସେମାନଙ୍କର ବାପା ସହିତ ଖେଳନ୍ତି, କାନ୍ଧ ଉପରେ ବସନ୍ତି। ମାତ୍ର ସେ କେବଳ ନିଜ ବାପାଙ୍କ ମୁହଁ କିପରି ହୋଇଥିବ ବୋଲି ମନେ ମନେ ଭାବିଥାଏ।

କମ୍‌ଲୀ ଆଉ ଟିକେ ବଡ଼ ହେଲା ପରେ ସେ ଦେଖିଲା, ଦିନେ ହଠାତ୍ ତା' ସହ ସବୁଦିନେ ଖେଳୁଥିବା ରବି, ମୋହନ ଓ ସୁରଜ ତା'ସହ ଖେଳିବାକୁ ଆସିବା ବନ୍ଦ କରି ଦେଲେ। ଘରକୁ ଆସିବା ପରେ କମ୍‌ଲୀକୁ ଜଣା ପଡ଼ିଲା ଯେ, ସେହି ତିନିଜଣ ପାଠ ପଢ଼ିବାକୁ ସ୍କୁଲକୁ ଯିବାକୁ ଲାଗିଲେଣି। ଏବେ ଆଉ ସେମାନେ କମ୍‌ଲୀ ସହିତ ଖେଳିବା ପାଇଁ କେବେ ବି

ଆସିବେ ନାହିଁ।

କମ୍‌ଲୀ ଘରକୁ ଆସି ମା'କୁ ପଚାରିଲା, "ମା' ସ୍କୁଲ୍ କ'ଣ ?....କେଉଁଠି ?...ମୁଁ ତ କେବେ ସ୍କୁଲ ଯାଉନି !"

"ଆରେ, କାଲି ଜଣେ କେହି ମାଷ୍ଟର ସାହେବ ଆସିଥିଲେ, 'କହୁଥିଲେ, ଗାଁ ମୁଣ୍ଡରେ ଗୋଟିଏ ସ୍କୁଲ ଖୋଲିଛି। ଛୋଟ ପିଲା ମାନଙ୍କୁ ସେଠାକୁ ପଢ଼ିବା ପାଇଁ ପଠାଅ।"ମା ଜବାବ ଦେଲା।

ପିଲା ମନର ଅଭିଳାଷ କମ୍‌ଲୀକୁ ସ୍କୁଲ ଆଡ଼କୁ ଟାଣି ନେଲା। କମ୍‌ଲୀ ଦୌଡ଼ି ଦୌଡ଼ି ଗାଁ ମୁଣ୍ଡରେ ଥିବା ସ୍କୁଲ ପାଖରେ ପହଞ୍ଚିଲା ଓ ଦେଖିଲା, ଦୁଇଟି କୋଠରୀ ତିଆରି ହୋଇଛି। କୋଠରୀର ଚାରି ପାଖରେ ପିଣ୍ଡା ମଧ୍ୟ ତିଆରି ହୋଇଛି। ଦୁଇ କୋଠରୀରର ଦ୍ୱାର ଦୁଧିଆ ରଙ୍ଗରେ ରଙ୍ଗ ହୋଇଛି। ସ୍କୁଲର ଦ୍ୱାର ଗୁଡ଼ିକ ମଧ୍ୟରେ ଦୁଇ ଜାଗାରେ ଚତୁର୍ଭୁଜ ଆକାରରେ କଳା ରଙ୍ଗର ପଟ୍ଟି ତିଆରି ହୋଇଛି। କମ୍‌ଲୀ ପିଣ୍ଡା ଉପରେ ଚଢ଼ିଯାଇ ଚାରିଆଡ଼କୁ ଦେଖିବାରେ ଲାଗିଲା। ଖୋଲା ଝରକାରେ ଦେଖିଲା ତ ରବି, ମୋହନ ଓ ସୁରଜ ତିନିଜଣ ବଢ଼ିଆ ପୋଷାକ ପିନ୍ଧି ବସିଥିଲେ। ସେହି କଳା ପିଣ୍ଡି ଉପରେ ଏକ ମୋଟା ଚଷମା ପିନ୍ଧିଥିବା ଲୋକ କଅଣ ସବୁ ଲେଖୁଥିଲେ ଓ ବାଡ଼ି ଧରି ତିନିଜଣଙ୍କୁ କଅଣ ସବୁ କହୁଥିଲା। ହୁଏତ ଏହି ମୋଟା ଚଷମା ଓ ସଫା କୁର୍ତ୍ତା-ଜାମା ପିନ୍ଧିଥିବା ଲୋକଟି ମାଷ୍ଟର ସାହେବ ଥିଲେ। ଯେପର୍ଯ୍ୟନ୍ତ କମଲୀ ଉପରେ ମାଷ୍ଟର ସାହେବଙ୍କ ଦୃଷ୍ଟି ନ ଥିଲା, କମଲୀ ସେଠାରେ ଛିଡ଼ା ହୋଇଥିଲା ଓ ପାଠ ପଢ଼ା ଶୁଣିବାରେ ନିମଗ୍ନ ରହି ଯାଇଥଲା।......

"ଏ ଝିଅ, କ'ଣ ଦେଖୁଛୁ....ଆ....ଝରକା ପାଖରୁ ଏଠାକୁ ଆସ....।" ମାଷ୍ଟର ସାହେବ ରୁକ୍ଷ ଗଳାରେ କହିଲେ। କମଲୀ ମାଷ୍ଟର ସାହେବଙ୍କ କର୍କଶ ସ୍ୱରରେ ଏକଦମ ଡରିଗଲା ଓ ପିଣ୍ଡାରୁ କ୍ଷଣକ ଭିତରେ ଦୌଡ଼ି ପଳାଇଲା। ଆଉ ପଛକୁ ଅନାଇଲା ନାହିଁ ଓ ନିଜ କୁଡ଼ିଆ ପାଖରେ ହିଁ ନିଃଶ୍ୱାସ ନେଲା। କୁଡ଼ିଆରେ ମା' ଦ୍ୱିପ୍ରହରର ଖାଦ୍ୟ ତିଆରି କରୁଥିଲେ। "ଆରେ କିଛି ଖାଇ ନିଏ। ଦିନ ଭରି ଧାଁ ଦଉଡ଼ କରି ଭୋକେଇଲୁଣି। ହଁ, ରନ୍ଧାବଢ଼ା ବି କିଛି ଶିଖିନିଏ ! ଶାଶୁ ଘରେ କାମରେ ଆସିବ।" ମା'ପ୍ଲେଟ୍‌ରେ ଖାଦ୍ୟ ପରଷିବା ସହ କହିଲେ।

ଖାଦ୍ୟ ଖାଇ କମଲୀ ଶୋଇଗଲା। ସନ୍ଧ୍ୟାରେ କମ୍‌ଲୀ ନିଦରୁ ଉଠିଲା ବେଳେ ବାହାର କୋଠରୀରୁ କିଛି ସ୍ୱର ଶୁଭିଲା। ହୁଏତ କେହି ଘରକୁ ଆସିଥିବେ। ଆଖି ମଳି ମଳି କମଲୀ ଦୁଆର ପାଖରୁ ଅନେଇଲା ତ ଦେଖିଲା ସେହି ସ୍କୁଲ୍ ମାଷ୍ଟର ସାହେବ ଛିଡ଼ା ହୋଇଛନ୍ତି। ମା' ସହିତ କିଛି କଥା ହେଉଥିଲେ। ମାଷ୍ଟର ସାହେବ ଲଗାତାର କମଲୀର ମା'କୁ କିଛି କହିବାକୁ ଚେଷ୍ଟା କରୁଥିଲେ। ଜୋରଦାର କଥା ବାର୍ତ୍ତା ଚାଲିଥିଲା। ତେବେ କେଉଁ କଥାବାର୍ତ୍ତା ?....କମଲୀ ମନେ ମନେ ଡରିଗଲା। ତା' ବିରୁଦ୍ଧରେ ମାଷ୍ଟର ସାହେବ କିଛି ଅଭିଯୋଗ କରୁନାହାନ୍ତି ତ ?....ସେ କାନ ଡେରି ଶୁଣିବାକୁ ଚେଷ୍ଟା କରିବାକୁ ଲାଗିଲା। ମାଷ୍ଟର ସାହେବ ଲଗାତାର ମା'କୁ କମଲୀ ସ୍କୁଲ ଯିବା ପାଇଁ ବୁଝାଉଥିଲେ। ସେ କହୁଥିଲେ,

**ଜୋରଦାର କଥା ବାର୍ତ୍ତା ଚାଲିଥିଲା। ତେବେ କେଉଁ କଥାବାର୍ତ୍ତା ?....କମଲୀ ମନେ ମନେ ଡରିଗଲା।**

"କୌଣସି ଖର୍ଚ୍ଚ ତୁମକୁ ଦେବା ପାଇଁ ପଡ଼ିବ ନାହିଁ। ଖାତା, ବହି, କଲମ, ପୋଷାକ ସବୁକିଛି ସରକାରଙ୍କ ପକ୍ଷରୁ ମିଳୁଛି। ପିଲାମାନେ କେବଳ ସ୍କୁଲକୁ ଆସିବେ ଓ ପାଠ ପଢ଼ିବେ ।"

କମଲୀର ମା' ନକରାତ୍ମକ ସ୍ୱରରେ କହିଲେ, "ଆଜ୍ଞା, ମାଷ୍ଟର ସାହେବ, ପାଠ ପଢ଼ି କ'ଣ କରିବ ମୋ ଝିଅ, ମୋ ଭଳି ଚୁଲୀରେ ରନ୍ଧାବଢ଼ା କରିବ। ଆଉ ଝିଅଟି କ'ଣ ଏକଲା ବଞ୍ଚିବ ! ତା'ର ଭଲ ମନ୍ଦ ଦେଖିବ କିଏ ?....ନା, ମାଷ୍ଟର ସାହେବ, ମୁଁ ମୋ ଝିଅକୁ ସ୍କୁଲକୁ ଛାଡ଼ି ପାରିବି ନାହିଁ ।"

କିନ୍ତୁ ମାଷ୍ଟର ସାହେବ ମଧ୍ୟ ନିଷ୍ପତ୍ତି ନେଇ ଆସିଥିଲେ ଯେ, ଯେକୌଣସି ପ୍ରକାରେ ଆଜି ସେ କମ୍‌ଲୀର ମା'କୁ ବୁଝାସୁଝା କରି ମନେଇବେ। ମାଷ୍ଟର ସାହେବ ନିଜ ଜିଦିରେ ଅଟଳ ରହିଲେ। ଏକ ପ୍ରକାର ସେଠାରେ ସେ ଧାରଣା ଦେଇ ଦେଲେ। କମଲୀର ମା' ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟମନସ୍କ ଭାବେ କହିଦେଲେ, "ଠିକ୍ ଅଛି ମାଷ୍ଟର ସାହେବ, ତା' ବାପାଙ୍କୁ ପଚାରି ମୁଁ ଖୁବ୍ ଶୀଘ୍ର ଆପଣଙ୍କୁ ଏ ବାବଦରେ ଖବର ଦେବି ।"

ରାତିରେ କମ୍‌ଲୀର ମା'ସୁର୍ଯ୍ୟେର ମନ ଭଲ ଥିବାବେଳେ ଏ କଥା ପଚାରିଦେଲା।

"ଆରେ ଝିଅ ତୋର, ମନଇଚ୍ଛା ଯାହା ତୁ କରିପାରୁ । ମତେ କାହିଁକି ପଚାରୁଛୁ !."ରାଗରେ ତମ ତମ ହୋଇ କହିଲା।

ଆଉ ବିଛଣାରେ ସେ ଅନ୍ୟପଟକୁ ମୁହଁ କରି ଶୋଇଗଲା।

ପରଦିନ କମଲୀ, ରବି, ମୋହନ ଓ ସୁରଜ ଚାରିଜଣ ସ୍କୁଲ ଯିବାକୁ ଲାଗିଲେ। କମଲୀର ଚଞ୍ଚଳତା କହି ଦେଉଥିଲା ଯେ, ସେ ଏକ ବିଚିତ୍ର ମସ୍ତିଷ୍କ ପାଇଥିଲା, ଯାହା ମାଷ୍ଟର ସାହେବ ଜାଣି ପାରିଥିଲେ। ମାଷ୍ଟର ସାହେବଙ୍କ ଥରେ କହି ଦେବାରେ ସେ ସବୁ ମନେ ରଖି ଦେଉଥିଲା। ଏହା ଜାଣିପାରି ମାଷ୍ଟର ସାହେବଙ୍କ ଦୃଷ୍ଟିରେ ଆଶାର ସଂଚାର ହେବାକୁ ଲାଗିଲା। ବେଳେବେଳେ ମାଷ୍ଟର ସାହେବ ନିଜ ଉପରେ ଗର୍ବ ଅନୁଭବ କରୁଥିଲେ ଯେ, ସେ ବସ୍ତିର ଅପରିଷ୍କାର ପରିବେଶରୁ ଗୋଟିଏ ହୀରା ଖୋଜି ପାଇଥିଲେ। ମାଷ୍ଟର ସାହେବଙ୍କୁ କମ୍‌ଲୀର ଅଦ୍ଭୁତ ଜ୍ଞାନର ନୂଆ କିଛି ଦେଖାଗଲା। ମାଷ୍ଟର ସାହେବଙ୍କ ଆଶାର ପତଙ୍ଗ ବିନା ଡୋରରେ ହିଁ ଆକାଶରେ ଉଡ଼ି ଚାଲିଲା। କମ୍‌ଲୀର ନାମ ସ୍କୁଲର ରେଜିଷ୍ଟରରେ ବଦଳି 'ଆଶା' କରି ଦିଆଗଲା।



କିନ୍ତୁ ହୀରା ଯେତିକି ଦେଖିବାକୁ ଖୁବ୍ ସୁନ୍ଦର, ଠିକ୍ ସେଉଳି କମଲୀର ସୁନ୍ଦର ଆଚରଣ, ପାଠପଢ଼ା ଦେଖି ଖଳ ଲୋକମାନେ ଈର୍ଷା କରିବାକୁ ଲାଗିଲେ। କମଲୀ ଦିନେ କାନ୍ଦି କାନ୍ଦି ସ୍କୁଲରେ ପହଞ୍ଚିଲା। ତା' ଆଖିରୁ ଲୁହ ବୋହିବା ବନ୍ଦ ହେଲା ନାହିଁ। ଆଖିର ଅବାରିତ ଲୁହ ତା'ଗାଲ ଦେଇ ପୁରା ମୁହଁକୁ ଓଦା କରିଦେଲା। ସ୍କୁଲ ବ୍ୟାଗ୍ ଓ ବହିପତ୍ର ଚିରି ଯାଇଥିଲା। ଏହା ଦେଖି ମାଷ୍ଟର ସାହେବଙ୍କ ହୃଦୟ ତରଳିଗଲା। ମନ ଭିତରେ ଅନେକ ପ୍ରଶ୍ନ, କିଛି ଅଶୁଭ ଆଶଙ୍କା କରି ମାଷ୍ଟର ସାହେବଙ୍କ ହୃଦୟ ଦୋହଲି ଗଲା। ମାଷ୍ଟର ସାହେବ ବାରମ୍ବାର ପଚାରୁଥିଲେ, "କ'ଣ ହେଲା ଆଶା ?....କିଛି ବି କହ, କିଛି ବି କହ ମୋର ଝିଅ ?...." ଧୀରେ ଧୀରେ ଟିକେ ଶାନ୍ତ ହେଲା ପରେ କମଲୀ କହିଲା, "ଆମ ବସ୍ତିର ବାହାରେ ଦୋକାନ କରୁଥିବା ସୁଧଖୋର ମହାଜନର ପୁଅ ଓ ତା'ର ସାଙ୍ଗମାନେ...."କମ୍‌ଲୀ ଏବେ କାନ୍ଦିବାକୁ ଲାଗିଲା।

"ଆରେ କହ, ତା'ପରେ କ'ଣ ହେଲା, ତୁ କହିଲେ ସିନା ମୁଁ କିଛି କରି ପାରିବି ।" ଆଶ୍ୱାସନା ଦେଇ କହିଲେ ମାଷ୍ଟର ସାହେବ।

"ସେମାନେ ମୋତେ ଧକ୍କା ମାରିଲେ। ମୋ ବହି ଓ ବ୍ୟାଗକୁ ଫାଡ଼ି ଦେଲେ, ମୋ ନାଁ ଧରି ମତେ ଖରାପ ଭାଷାରେ ଗାଳି ଗୁଲଜ କଲେ। ଆଉ କହିଲେ, "ଆରେ, ନୀଚ ଜାତିର ଝିଅ କି ପାଠ ପଢିବୁ ? ତୁ ଗୋଟିଏ ନୀଚ ଜାତିର ଝିଅ ବୋଲି ଜାଣି ପାରୁନୁ.... ବାଃ ବାଃ ! ଲାଗୁଛି ଦୁନିଆ ବଦଳି ଗଲାଣି !"

ମାଷ୍ଟର ସାହେବ ଏଥର ଶାନ୍ତିରେ ନିଃଶ୍ୱାସ ନେଲେ ଓ କମଲୀର ମୁଣ୍ଡ ଉପରେ ହାତ ବୁଲାଇଲେ, "ଆରେ ମୋ ଝିଅ, ମୁଁ ତୋର ନାମ 'ଆଶା' ଏଥିପାଇଁ ରଖିଛି ଯେ, ତୁ ଆଶାର ସେହି କିରଣ, ଯେଉଁମାନେ ସମାଜରେ ଦଳିତ 'ସ୍ତ୍ରୀ'କୁ ଘର କୋଣରେ ବନ୍ଦୀ କରି ରଖୁଛନ୍ତି, ତୁ ସେହି ଚାରିଦ୍ୱାର ଭାଙ୍ଗି, ସ୍ତ୍ରୀ-ମୁକ୍ତିର ଅସ୍ତ୍ର ହେବୁ। ଆଉରି ମଧ୍ୟ ମହିଳାଙ୍କୁ ନୀଚ ଭାବୁଥିବା ନୀଚତାର ଚମତ୍କାରକୁ ଦିନେ ଭାଙ୍ଗିଦେବୁ। ତୁ ଏହି ସମାଜ ପାଇଁ ନୂଆ ଅସ୍ତ୍ର ଭାବରେ ଛିଡ଼ା ହେବୁ ଓ ଯଦି ତୁ ସଶକ୍ତ ହେବୁ, ତା'ହେଲେ ଏହି ବସ୍ତିର ଲୋକମାନଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିପାରିବୁ। ତୁ ହିଁ ପରିବର୍ତ୍ତନ, ସଂଘର୍ଷ ଓ ନୂଆ ଆଲୋକର ଆଶା ! ଏ ସବୁ ଘଟଣା ତୋତେ ଆଗକୁ ବଢ଼ିବାକୁ ପ୍ରେରଣା ଦେବ। ଯେପରି ବାବା ସାହେବ ନିଜ ସଂଘର୍ଷର ଫଳ ଦୁନିଆକୁ ଦେଖାଇଲେ। ତୁ ବି ଦିନେ ତାଙ୍କ ଭଳି ନିଜ ବସ୍ତିର ଲୋକଙ୍କ ପାଇଁ ସଂଘର୍ଷ କରିବୁ, ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବୁ ଓ ନିଜ ମା-ବାପାଙ୍କ ନାମ ପ୍ରସିଦ୍ଧ କରିବୁ। ଚାଲ, ଏବେ ତୁ ନିଜ ପାଠ ପଢ଼ାରେ ନିମଗ୍ନ ହୋଇଯା...। ମୁଁ କାଲି ତୋ ପାଇଁ ନୂଆ ବ୍ୟାଗ୍, ବହି, ଖାତା ଆଣିଦେବି ।"

ଏହାପରେ କମ୍‌ଲୀ ଆଉ ପଛକୁ ବୁଲି ଦେଖିନାହିଁ। କି ଦିନ କି ରାତି କମଲୀ ନିଜ ବସ୍ତିରେ ଲାଗିଥିବା ବିଜୁଳି ଖୁଣ୍ଟର ଆଲୋକରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପଢ଼ି ଚାଲିଲା।

କେତେବେଳେ ସକାଳୁ ସନ୍ଧ୍ୟା, ସନ୍ଧ୍ୟାରୁ ରାତି ଓ ପୁଣି ପରଦିନ ସୂର୍ଯ୍ୟ ଉଇଁବା ପର୍ଯ୍ୟନ୍ତ କମ୍‌ଲୀକୁ ଜଣାପଡ଼ିଲା ନାହିଁ। ସମୟର ପକ୍ଷୀ ଉଡ଼ି ଚାଲିଲା ଓ କମ୍‌ଲୀ ନିଜ ପାଠପଢ଼ା ଶେଷ କଲା।

ନିଜ ପାଠପଢ଼ା ସମୟରେ ସବୁ ବାଧାବିଘ୍ନକୁ ସେ ମୁକାବିଲା କଲା। କମ୍‌ଲୀ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ଚେଷ୍ଟାରେ ହିଁ ଭଲ ନମ୍ବର ସହିତ ଉତ୍ତୀର୍ଣ୍ଣ ହେଲା ଓ ଜିଲା ଅଧିକାରୀ ଭାବରେ କମ୍‌ଲୀକୁ ସେହି ଜିଲ୍ଲାରେ ନିଯୁକ୍ତି ମିଳିଗଲା।

ଆଜି ଆଶାର ଅଫିସ୍ ଯିବାର ପ୍ରଥମ ଦିନ ଥିଲା। ଆଶା ପ୍ରସ୍ତୁତ ହୋଇ ଚା' ପିଉଥିଲା। ଏତିକିବେଳେ ଗୋଟିଏ ଲାଲ୍‌ବତୀ ଗାଡ଼ି ସାଇରନ୍ ବଜାଇ କମଲୀର କୁଟୀର ପାଖରେ ଆସି ଅଟକିଲା। ଆଶା ଅଫିସ୍ ଯିବା ପାଇଁ କୁଟୀରରୁ ବାହାରି ଆସି ଦେଖିଲା ତ ସୂର୍ଯେ ବାହାର ଏରୁଣ୍ଡି ବନ୍ଧରେ ବସିଛି। ଦୀର୍ଘଦିନ ପରେ ନିଜ ଝିଅକୁ ଦେଖି ସୂର୍ଯେର ଆଖିରୁ ଲୁହଧାର ଗଡ଼ି ଚାଲିଥିଲା। ବାପ-ଝିଅ ପରସ୍ପରକୁ ଆଲିଙ୍ଗନ କରି ଖୁବ୍ କାନ୍ଦିଲେ। ସୂର୍ଯେ ଆଶା ମୁଣ୍ଡ ଉପରେ ହାତ ରଖିଲା ଓ କହିଲା, "ଆରେ, ଝିଅମାନେ ତ ନିଜ ଭାଗ୍ୟ ନିଜେ ଲେଖିବା ଜାଣିଛନ୍ତି, ଲୋକେ ବେକାରରେ ଝିଅମାନଙ୍କର ଚିନ୍ତା କରନ୍ତି ।"

> **ସେ ତା'ର ମୁଣ୍ଡ ଉପରେ ହାତ ରଖିଲା ଓ କହିଲା, "ଆରେ, ଝିଅମାନେ ତ ନିଜ ଭାଗ୍ୟ ନିଜେ ଲେଖିବା ଜାଣିଛନ୍ତି, ଲୋକେ ବେକାରରେ ଝିଅମାନଙ୍କର ଚିନ୍ତା କରନ୍ତି ।"**

ପିଏଙ୍କ ସ୍ୱରରେ ଆଶାର ଧ୍ୟାନ ଭାଙ୍ଗିଲା। "ମାଡ଼ାମ୍, ଆମର ଡେରି ହୋଇ ଯାଉଛି !"

ଆଶା ଛଳ ଛଳ ଆଖିରେ ଗାଡ଼ିରେ ବସିଗଲା ଓ କାଚ ତଳକୁ କରି ବାହାରକୁ ଦେଖିବାକୁ ଲାଗିଲା।

'ନିଜ ଭାଗ୍ୟ ତ କମ୍‌ଲୀ ବଦଳାଇ ଦେଲା, ଏବେ ଏହି ବସ୍ତୀ ଓ ସମାଜର ଭାଗ୍ୟ ବଦଳାଇବାର ସମୟ।'

□□

ଲେଖକଙ୍କ ଇ-ମେଲ ଠିକଣା:
journalistsaratrout@gmail.com



କବିତା



# ଚାଇଁୁଡିଏ ଓଡିକୁ

ସୁଷମା ନାୟକ

ଶରତ ସନ୍ଧ୍ୟା
ଜହ୍ନିଫୁଲ କୋଠିରେ
ଚଉଁରା ମୂଳ
- - - - - - - - -
ଶରତ ରାତି
ଆକାଶର ସାମିଆନାରେ
ଜହ୍ନ ଆଉ ତାରା
- - - - - - - - -
ଶରତ ସକାଳ
କାକର ଶେଯରେ
ଗଙ୍ଗଶିଉଳି
- - - - - - - - -
ପାର୍ବଣ ଋତୁ
ରସିଦ୍ ହାତେ ପିଲାଙ୍କ
ଗାଡ଼ି ଅଟକ
- - - - - - - - -
ଦୁର୍ଗା ପୂଜା
ଉଆସରେ ମଜା ଚାଲିଛି
ବର୍ଚ୍ଛା ଓ ଢାଲ
- - - - - - - - -
ମହାଳୟା
ଗଗନପବନ କମ୍ପେ
ପୂଜା ସ୍ତୋତ୍ରରେ
- - - - - - - - -
ଦୁର୍ଗା ପୂଜା
କଳସ ଓ ସିନ୍ଦୂର ଚିତା
ଦୁଆର ମୁହଁରେ
- - - - - - - - -



‘ହାଇକୁ’ ପାରମ୍ପରିକ ରୂପେ ତିନି ଧାଡ଼ିରେ ଲେଖାଯାଉଥିବା ଜାପାନୀ ଶୈଳୀରେ ରଚିତ ସୂକ୍ଷ୍ମ କବିତା, ଯାହା ଗୋଟିଏ ଘଟିଯାଉଥିବା ଘଟଣାର ଜୀବନ୍ତ ଇନ୍ଦ୍ରିୟାନୁଭୂତି ଦିଏ। ଜାପାନୀ ଭାଷାରେ ‘କୁ’ର ଅର୍ଥ କବିତା। ଏଥିରେ ଋତୁ ଜଡ଼ିତ ତତ୍ତ୍ୱ ଥାଏ। ସେହି କ୍ରମରେ ‘ଓଡ଼ିକୁ’ ହେଉଛି ଓଡ଼ିଆ ଭାଷାରେ ରଚିତ ‘ହାଇକୁ’ର ଅନ୍ୟ ନାମ।

ଦଶହରା
ସକାଳର ମୁହଁଦେଖା
ବାରିକ ଆଇନାରେ
- - - - - - - - -
ଦୁର୍ଗା ମଣ୍ଡପ
ଝୁଣାଦାନୀ ଧୂଆଁ
ପବନେ ଖେଳେ
- - - - - - - - -
ଦୂର୍ଗାପୂଜା
ଢାଉରେ ଚିତ୍ରିତ
ମାଆଙ୍କ ଆଖି
- - - - - - - - -
ପାର୍ବଣଋତୁ
ମାଆଙ୍କ ଆବାହନରେ
କାଶତଣ୍ଡୀ ଚାମର
- - - - - - - - -
ପୂଜା ବୁଲାବୁଲି
ଖଣ୍ଡିଆ ଗୋଡକୁ
ଛିଣ୍ଡା ଚପଲ
- - - - - - - - -
ଅଦିନ ବାତ୍ୟା
ଫର୍ ଫର୍ ଉଡେ
ଦୂର୍ଗାଙ୍କ କେଶ

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
sushamanayak71@gmail.com

ଧାରାବାହିକ ପ୍ରବନ୍ଧ

# ବୃନ୍ଦାବନ ଦାସଙ୍କ 'ରସବାରିଧି'ର କାବ୍ୟିକତା



ଡ. ଅଶୋକ କୁମାର ପଣ୍ଡା

କବି ବୃନ୍ଦାବନ ଦାସ 'ରସବାରିଧି' କାବ୍ୟଗ୍ରନ୍ଥର ରଚୟିତା। କାବ୍ୟଟିକୁ ପାଠ କଲେ ଜଣାଯାଏ ଯେ, ଏହା ଏକ ପ୍ରାଚୀନ କାବ୍ୟ। ଜୟଦେବଙ୍କ କୃତ ଗୀତଗୋବିନ୍ଦର ଅନୁବାଦ। ଏହି ଗ୍ରନ୍ଥରେ ଚୈତନ୍ୟଙ୍କ ସମ୍ପର୍କରେ କୌଣସି କଥା ଉଲ୍ଲେଖ କରାଯାଇନାହିଁ। ତେଣୁ କବିଙ୍କର 'ରସବାରିଧି' କାବ୍ୟ ପଞ୍ଚଦଶ ଶତାବ୍ଦୀରେ ରଚିତ ବୋଲି ଆଲୋଚକ ବୃନ୍ଦ ମତ ପୋଷଣ କରିଥାନ୍ତି। 'ରସବାରିଧି' କାବ୍ୟରେ ପ୍ରୟୋଗ ଶବ୍ଦ ଭିନ୍ନ ଭିନ୍ନ ରାଗ ଓ ବାଣୀ ଏବଂ ରଚନା ପଦ୍ଧତିରୁ ପ୍ରାଚୀନ ବୋଲି ମନେ ହୋଇଥାଏ। ଏହି କାବ୍ୟର କଳେବର କୋଡ଼ିଏଟି ଛାନ୍ଦ ବିଶିଷ୍ଟ। କବି 'ଗୀତଗୋବିନ୍ଦ'କୁ ଲଳିତ କୋମଳ କାନ୍ତ ପଦାବଳୀରେ ଅନୁବାଦ କଲାବେଳେ ସତର୍କତାର ସହିତ ମୂଳଗ୍ରନ୍ଥର ଲାଳିତ୍ୟ ଏବଂ ଅର୍ଥ ବୈଚିତ୍ର୍ୟକୁ ଅବ୍ୟାହତ ରଖିବା ପାଇଁ ବାରମ୍ବାର ପ୍ରୟାସ କରିଛନ୍ତି। କବିଙ୍କର ପାଣ୍ଡିତ୍ୟ ଏବଂ ରଚନାକୌଶଳ ଯୋଗୁଁ କାବ୍ୟ ରଚନା ସମୟରେ ମୂଳଗ୍ରନ୍ଥ ଅପେକ୍ଷା ଚମତ୍କାର ଛନ୍ଦବିନ୍ୟାସ ଭିତ୍ତିରେ କାବ୍ୟଟିକୁ ରଚନା କରିଛନ୍ତି।




କବି ବୃନ୍ଦାବନ ଦାସ ସ୍ୱରଚିତ କାବ୍ୟ ମଧ୍ୟରେ କୌଣସି ଆତ୍ମ ପରିଚୟ ପ୍ରଦାନ କରିନାହାନ୍ତି। ପ୍ରାୟ ପ୍ରାଚୀନ କବିମାନେ ସେମାନଙ୍କ ଗ୍ରନ୍ଥରେ ନିଜର ବଂଶଗତ କିମ୍ବା ବ୍ୟକ୍ତିଗତ ପରିଚୟ ନ୍ୟୂନାଧିକ ଭାବରେ ପ୍ରଦାନ କରୁଥିଲେ। ଏଥିରୁ ଜଣାଯାଏ ଯେ, ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ। ଆତ୍ମପରିଚୟ ଦେଲେ ଆତ୍ମବଡ଼ିମା ପ୍ରକାଶ ପାଇବ ଏହା ମନରେ ଭାବି ସେଥିରୁ ନିବୃତ୍ତ ଥିଲେ। ସେ ଥିଲେ ନୈଷ୍ଠିକ କୃଷ୍ଣ ଭକ୍ତ ଏବଂ ପରମ ବୈଷ୍ଣବ। ସଂସ୍କୃତ ଭାଷାରେ କବିଙ୍କର ବ୍ୟୁତ୍ପତ୍ତି ଥିଲା।

## ସମାଦୃତ ଗୀତଗୋବିନ୍ଦ

ସଂସ୍କୃତ ସାହିତ୍ୟ ସାଧକମାନଙ୍କ ନିକଟରେ ଉତ୍କଳର କବିରାଜଙ୍କ ମଧ୍ୟରେ ଶ୍ରେଷ୍ଠ ରାଜ ଜୟଦେବଙ୍କ କାନ୍ତ କୋମଳ କବିତା ସୁପରିଚିତ ଏବଂ ସମାଦୃତ ମଧ୍ୟ। ଉତ୍କଳ ତଥା ଭାରତ କାହିଁକି ସମଗ୍ର ପୃଥିବୀରେ ଗୀତଗୋବିନ୍ଦ ମହାକାବ୍ୟର ପ୍ରତିପତ୍ତି ଅପ୍ରତିହତ। ପୃଥିବୀର ପ୍ରାୟ ବିଭିନ୍ନ ଭାଷାରେ ଗୀତଗୋବିନ୍ଦ ଅନୁଦିତ ହୋଇଅଛି। ଗୀତଗୋବିନ୍ଦର କବି ଉତ୍କଳର ସନ୍ତାନ। ତେଣୁ ଉତ୍କଳରେ କାବ୍ୟଟିର ପ୍ରଚଳନ ଓ ସମାଦର ସର୍ବାପେକ୍ଷା ଅଧିକ ଏହା କହିବା ବାହୁଲ୍ୟ ମାତ୍ର। ଉତ୍କଳରେ ଗୀତଗୋବିନ୍ଦର ଆଦର ସର୍ବାଧିକ। ଉତ୍କଳର ସର୍ବସ୍ୱ ନୀଳାଚଳନାଥଙ୍କର ଦୈନନ୍ଦିନ ନୀତି ମଧ୍ୟରେ ଗୀତଗୋବିନ୍ଦ ପାଠ ମୁଖ୍ୟ। ଗୀତଗୋବିନ୍ଦର କାନ୍ତ କୋମଳ ପଦାବଳୀର ଶ୍ରବଣରେ ଓଡ଼ିଶାର ପ୍ରାଣ ପୁଲକିତ ହୋଇଉଠେ। ରାଧାକୃଷ୍ଣଙ୍କର ମଧୁର ଲୀଳା ପାଠରେ ପ୍ରାଣ ତନ୍ମୟ ହୋଇଯାଏ। ଉତ୍କଳର ପୁରପଲ୍ଲୀରେ ପଣ୍ଡିତଠାରୁ ମୂର୍ଖ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଗୀତଗୋବିନ୍ଦର ଆଦର ଥିଲା। ତାହା ଆଜି ମଧ୍ୟ ଅଛି ଏବଂ ହାତରେ ଲିଖିତ ତାଳପତ୍ର ପୋଥିମାନ ମଧ୍ୟ ବହୁଳ ଭାବରେ ଦେଖିବାକୁ ମିଳେ।

ଓଡ଼ିଆ ଭାଷାରେ ଗୀତଗୋବିନ୍ଦର ଗଦ୍ୟ ଓ ପଦ୍ୟ ଅନୁବାଦ ଓ ଟୀକାର ସଂଖ୍ୟା ନଗଣ୍ୟ ନୁହେଁ। ରାଜକବିଙ୍କଠାରୁ ଆରମ୍ଭ କରି ନାପିତ ଓ କମାର ପର୍ଯ୍ୟନ୍ତ ସମସ୍ତେ ଅନୁବାଦ କରିଛନ୍ତି। କେହି କେହି ବ୍ୟାଖ୍ୟାତ୍ମକ ଅନୁବାଦ ମଧ୍ୟ କରିଛନ୍ତି। ଜଣେ ଅନୁବାଦକ କର୍ତ୍ତା ଜାତିରେ କମାର - ଉଦ୍ଧବ ଦାସ ଓ ଅନ୍ୟ ଜଣେ କର୍ତ୍ତା ଜାତିରେ ଭଣ୍ଡାରୀ - ତ୍ରିଲୋଚନ।

'ଗୀତଗୋବିନ୍ଦ'ର ଓଡ଼ିଆରେ ଏକାଧିକ ଗଦ୍ୟ ଓ ପଦ୍ୟ

ଅନୁବାଦ ମଧ୍ୟରୁ ଆଲୋଚ୍ୟ 'ରସବାରିଧି' ଗ୍ରନ୍ଥଟି ଅନ୍ୟତମ। ଏହାର କବି ବୃନ୍ଦାବନ ଦାସ ଲଳିତ କୋମଳ ଛନ୍ଦରେ ଅନୁବାଦ କରିବାକୁ ଯାଇ ଅନେକ ସ୍ଥଳରେ ନିଜର ମୌଳିକତା ଦେଖାଇଛନ୍ତି ଓ ଅନ୍ୟ କେତେକ ସ୍ଥଳରେ ମୂଳ ଶ୍ଳୋକଠାରୁ ନିଜର ସ୍ୱାତନ୍ତ୍ର୍ୟ ମଧ୍ୟ ପ୍ରତିପାଦିତ କରିଛନ୍ତି। ଡ. ଆର୍ତ୍ତବଲ୍ଲଭ ମହାନ୍ତି ରସବାରିଧି ମୁଖବନ୍ଧରେ ଲେଖିଛନ୍ତି-ଏହି ଗ୍ରନ୍ଥଟି ପ୍ରଥମେ ନିଜ ପୋଥି ଗାଦିରୁ ମିଳିଥିଲା। ଗ୍ରନ୍ଥଟି ସଂସ୍କୃତ ଗ୍ରନ୍ଥ ପରି ଲଳିତ ହୋଇଥିବାରୁ ସଂପାଦନା ଉଦ୍ଦେଶ୍ୟରେ ଅନ୍ୟ ସ୍ଥାନରୁ ପୋଥି ସନ୍ଧାନ ଲାଗିଲା। ଦୀର୍ଘ ୫ ବର୍ଷ ପରେ ଓଳସିଂହରୁ ଖଣ୍ଡେ ପୋଥି ମିଳିଲା। ଏଥିରୁ ଜଣାଗଲା ଯେ ଓଡ଼ିଶାରୁ ପ୍ରାୟ 'ରସବାରିଧି' ପୋଥି ଲୋପ ପାଇଯାଇଅଛି। ଆଉ କିଛିଦିନ ପରେ ଏହି ପୋଥିଟି ମଧ୍ୟ ଉଇ ମୁହଁରେ ବିଦାୟ ନେଇଥାନ୍ତା। କିନ୍ତୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଦୁଇଟି ପୋଥିର ସହାୟତାରେ 'ରସବାରିଧି' ଗ୍ରନ୍ଥ ସଂପାଦନା କାର୍ଯ୍ୟ ସମ୍ଭବ ହେଲା।

**ସେ ସମୟର କାବ୍ୟ ଏବଂ ସାହିତ୍ୟରେ ଚୈତନ୍ୟଙ୍କ ନାମ ଦେଖିବାକୁ ମିଳେ। କିନ୍ତୁ ବୃନ୍ଦାବନ ଦାସଙ୍କ କାବ୍ୟରେ ଚୈତନ୍ୟଙ୍କ ନାମ ଦେଖିବାକୁ ମିଳେ ନାହିଁ।**

## କାବ୍ୟଗଠନ ପ୍ରଣାଳୀ

'ରସବାରିଧି' ଗ୍ରନ୍ଥକୁ ଅଧ୍ୟୟନ କଲେ ଜଣାଯାଏ ଅନେକ ସ୍ଥଳରେ ସଂସ୍କୃତ କ୍ରିୟା ଏବଂ ଓଡ଼ିଆ ଭାଷାର ଆଦିମତା ସୂଚକ ଶବ୍ଦ ପ୍ରୟୋଗ ହୋଇଅଛି। ଯଥା- ଛିତି (କ୍ଷିତି), ଚଛୁ (ଚକ୍ଷୁ), ଭାନ୍ତି (ଭାତି), ବୃଛ (ବୃକ୍ଷ), ରମୟନ୍ତି, ପତତି, ଚଳସି ଇତ୍ୟାଦି ପ୍ରାଚୀନ ଶବ୍ଦ। କାବ୍ୟରେ ପ୍ରୟୋଗ ବାଚ୍ୟଗଠନ ପ୍ରଣାଳୀ ମଧ୍ୟ ଏହାର ପ୍ରାଚୀନତାର ପ୍ରମାଣ ଦିଏ। ଯଥା-

"ଜୟ ମ୍ଳେଚ୍ଛ ନିବହନେ ପରବଳ
ମୋକ୍ଷ ଦେବାପାଇଁ କରେ କରବାଳ
କଳି ହେତୁରେ କଳଙ୍କି ଅବତାର
ଘନ ଅନ୍ଧକାରେ ଯେହ୍ନେ ନିଶାକର।" (୧ମ ଛାନ୍ଦ)

କାବ୍ୟରେ ବିଭିନ୍ନ ରାଗରାଗିଣୀ ଓ ବାଣୀମାନଙ୍କର ନିର୍ଦ୍ଦେଶ ଛାନ୍ଦମାନଙ୍କରେ ଦିଆଯାଇଛି। ବାଣୀମାନଙ୍କ ମଧ୍ୟରେ କୁମୁଦବଦନୀ ବାଣୀ, କାମସେଣୀ ଚଉତିଶା ବାଣୀ, ମାଧବ ଚଉତିଶା ବାଣୀ, ଗୋପୀଜନ ଚଉତିଶା ବାଣୀର ନାମ ଉଲ୍ଲେଖ ହୋଇଥିବା ଜଣାଯାଏ।

ହଣ୍ଟର ସାହେବଙ୍କ ମତରେ 'ଗୀତଗୋବିନ୍ଦ'ର ଅନ୍ୟ ଜଣେ ଅନୁବାଦକ ଧରଣୀଧର ଦାସଙ୍କ ଠାରୁ ବୃନ୍ଦାବନ ଦାସ ପ୍ରାଚୀନ। ଓଡ଼ିଶାର ପଣ୍ଡିତ, ଭକ୍ତ, ଧାର୍ମିକ ଏବଂ ସାଧକମାନେ ଚୈତନ୍ୟଙ୍କ ସଂପର୍କରେ ଆସିଥିଲେ। ସେ ସମୟର କାବ୍ୟ ଏବଂ ସାହିତ୍ୟରେ ଚୈତନ୍ୟଙ୍କ ନାମ ଦେଖିବାକୁ ମିଳେ। କିନ୍ତୁ ବୃନ୍ଦାବନ ଦାସଙ୍କ କାବ୍ୟରେ ଚୈତନ୍ୟଙ୍କ ନାମ ଦେଖିବାକୁ ମିଳେ ନାହିଁ। ଏଥିରୁ ଅନୁମତି ହୁଏ ଯେ, ପଞ୍ଚସଖାଙ୍କ ପୂର୍ବରୁ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ କବି ବୃନ୍ଦାବନ ଦାସ ଆବିର୍ଭୂତ ହୋଇଥିଲେ।

## ବୈଷ୍ଣବୀୟ ପ୍ରଭାବ

ଶ୍ରୀ ଚୈତନ୍ୟଙ୍କ ଆଗମନର ବହୁବର୍ଷ ପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ସ୍ରୋତ ପ୍ରବାହିତ ହୋଇଥିଲା। ଏହି ସମୟରେ ପୁଣ୍ୟଭୂମି ଉତ୍କଳ ଖଣ୍ଡରେ ମଧୁର ଭକ୍ତି ରସାଶ୍ରିତ ବୈଷ୍ଣବ ଧର୍ମର ପ୍ରାବଲ୍ୟ ଦେଖି ପାଠକ ଆଶ୍ଚର୍ଯ୍ୟ ହୋଇପାରନ୍ତି। କିନ୍ତୁ ଶ୍ରୀକ୍ଷେତ୍ରରେ ବିଷ୍ଣୁ ଉପାସନାର ଇତିହାସ ସହିତ ଉତ୍କଳରେ ବୈଷ୍ଣବ ଧର୍ମ ପ୍ରଚାରର ଘନିଷ୍ଠ ସମ୍ପର୍କ ରହିଛି। ବୈଷ୍ଣବ ଶିରୋମଣି ମହାତ୍ମା ଜୟଦେବ, ଯୋଗୀ ଋଷି-ନିଷେବିତ ଏହି ପୁଣ୍ୟଭୂମିରେ ଆବିର୍ଭୂତ ହୋଇ ବିଷ୍ଣୁ ଉପାସନାର ପଥକୁ ଅପେକ୍ଷାକୃତ ଲଳିତ ମଧୁର କରିଦେଇଥିଲେ।


ବିଭିନ୍ନ ଭାଷାରେ ଗୀତଗୋବିନ୍ଦ ରଚନା ହୋଇସାରିଲାଣି। ଅନୁବାଦ ଓ ଛାୟାନୁବାଦ ହୋଇ ଅନେକ କବିଙ୍କ ଦ୍ୱାରା ଅନେକ ସଂସ୍କରଣ ପ୍ରକାଶିତ ହୋଇସାରିଲାଣି। ଗୀତଗୋବିନ୍ଦର କବି ଉତ୍କଳରେ ଜନ୍ମ ହୋଇଥିଲେ। ଉତ୍କଳର ଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ପାଠ ନିତି ରୂପେ ପ୍ରଚଳିତ। ଉତ୍କଳର ଗୀତଗୋବିନ୍ଦରେ ଜୟଦେବ ବନ୍ଧା। 'ଗୀତଗୋବିନ୍ଦ' ଓଡ଼ିଶାରେ ଜନ୍ମ ହୋଇ ଭାରତରେ ପ୍ରସାରିତ ହେଲା ଏବଂ ପାଠକମାନେ ଲଳିତ କୋମଳ କାନ୍ତ ପଦାବଳୀର ମାଧୁରୀରେ ପାଗଳ ପରି ମତୁଆଲା ହୋଇ ଉଠିଲେ।

ଜୟଦେବଙ୍କ ଗୀତ ଗୋବିନ୍ଦ ପାଠ କଲେ ପାଠକର ହୃଦୟ ମଧୁର ରସରେ ଧୌତ ହୋଇ ଭାବବିହ୍ୱଳ ହୋଇଉଠେ। କବି ବୃନ୍ଦାବନ ଦାସଙ୍କ 'ରସବାରିଧି' କାବ୍ୟଗ୍ରନ୍ଥ ପାଠ କଲେ ହୃଦୟ ମଧୁର ରସରେ ଧୌତହୋଇ ପାଗଳ ଭ୍ରମର ପରି

ମତୁଆଲା ହୋଇଯାଏ। ଜୟଦେବଙ୍କ ଗୀତଗୋବିନ୍ଦ ଗ୍ରନ୍ଥରେ ଯେଉଁ ଲାଳିତ୍ୟ, ଲାବଣ୍ୟ ଫୁଟି ଉଠିଛି ଏବଂ କାବ୍ୟ ମାଧୁରୀକୁ ଅପ୍ରତିହତ ରଖିଛି, କବି ବୃନ୍ଦାବନ ଦାସଙ୍କ 'ରସବାରିଧି'ରେ ଠିକ୍ ସେହିପରି ପଦ ଲାଳିତ୍ୟ, ଲାବଣ୍ୟ ମଧୁର ରସମାଧୁରୀକୁ ଅକ୍ଷୁଣ୍ଣ ଏବଂ ବଜାୟ ରଖିଛନ୍ତି। ରସବାରିଧିର ସଂଗୀତାତ୍ମକତା, ପଦଲାଳିତ୍ୟ, ଚମତ୍କାରିତା କେଉଁ ଅତୀତ କାଳରୁ ଓଡ଼ିଆ ପ୍ରାଣକୁ ମନ୍ତ୍ରମୁଗ୍ଧ କରିଆସୁଛି। ପାଠକଲେ ଗୀତଗୋବିନ୍ଦ ପରି 'ରସବାରିଧି'ର ସଙ୍ଗୀତର କଲ୍ଲୋଳ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଶିହରଣ ସୃଷ୍ଟି କରିବ ଏବଂ କରି ଆସୁଛି।

### ଅପୂର୍ବ ଲୀଳାମାଧୁରୀ

ଲଳିତ, ମଧୁର, କୋମଳ ପଦାବଳୀରେ, ସରଳ ମନଛୁଆଁ ଭାଷାରେ କବି ବୃନ୍ଦାବଦ ଦାସ 'ରସବାରିଧି' କାବ୍ୟରଚନା କରିଛନ୍ତି ଜୟଦେବଙ୍କ 'ଗୀତଗୋବିନ୍ଦ'ର ପଦାଙ୍କ ଅନୁସରଣ କରି। କବିଙ୍କର ଏହି କାବ୍ୟ ଏକ ଅମର କୃତି। କାବ୍ୟଟିକୁ କବି ରାଧାକୃଷ୍ଣଙ୍କର ଅପୂର୍ବ ଲୀଳାମାଧୁରୀର ମଧୁର ମୂର୍ଚ୍ଛନାରେ ସଙ୍ଗୀତମୟ କରିଛନ୍ତି। କାବ୍ୟର ରାଗ ରାଗିଣୀର ସ୍ୱର ଝଙ୍କୃତ ହୋଇ ଜଗନ୍ନାଥ ଧାମକୁ ଭକ୍ତିରସରେ ଧୋଇ ଦେଇଛି।




କବିଙ୍କର ଏହି କାବ୍ୟ ରାଧାକୃଷ୍ଣଙ୍କ କୈବଲ୍ୟଦାୟକ ଲୀଳା ଆଧାରିତ କାବ୍ୟ। ଏହି କାବ୍ୟର ନାୟକ ଶ୍ରୀକୃଷ୍ଣ ଏବଂ ନାୟିକା ଶ୍ରୀରାଧା ଅପ୍ରାକୃତ ପ୍ରେମର ପ୍ରତୀକ। ମେଘମେଦୁର ଆକାଶର ନୈସର୍ଗିକ ଦିବ୍ୟ ଲୀଳାଭୂମି ଦର୍ଶନରେ ଶ୍ରୀକୃଷ୍ଣ ଭୟାତୁର। କାବ୍ୟର ପ୍ରଥମ ଛାନ୍ଦରେ ମହାନାୟକ ସେହି ଶ୍ରୀକୃଷ୍ଣଙ୍କର ପଦବନ୍ଦନା ଓ ଗୁଣକୀର୍ତ୍ତନ କରି କାବ୍ୟ ଆରମ୍ଭ କରିଛନ୍ତି। କବିଙ୍କ ଭାଷାରେ-

"ଜୟ ଜୟ କେଶବ ମୀନ ତନୁଧାରୀ
ଜୟ ନିଗମ ନିମନ୍ତେ ଅବତରି।
ଜୟ ପ୍ରଳୟ ଜଳରେ ଶଂଖା ମାରି
ପୃଥ୍ୱୀନାବ ପ୍ରାୟେ କରି ଶୃଙ୍ଗେଧରି।" (୧ମ ଛାନ୍ଦ)

ଧରାପୃଷ୍ଠରେ ଅସୁରମାନଙ୍କର ନିଧନ କରି ପାପୀମାନଙ୍କୁ ଦଣ୍ଡବିଧାନ ପୂର୍ବକ ପୁଣ୍ୟାତ୍ମାମାନଙ୍କୁ ମୋକ୍ଷ ଦେବା ଉଦ୍ଦେଶ୍ୟରେ ନାୟକ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିଲେ। ଶ୍ରୀକୃଷ୍ଣଙ୍କର ଶୋଭା ମେଘବର୍ଣ୍ଣ ସଦୃଶ; ମୁଖମଣ୍ଡଳ ପୂର୍ଣ୍ଣ ଚନ୍ଦ୍ର ପ୍ରାୟେ ଏବଂ ଗୋପୀମାନଙ୍କ ଚକ୍ଷୁରେ ଚକୋରତୁଲ୍ୟ।

ଜୟଦେବଙ୍କ ଗୀତ ଗୋବିନ୍ଦର କୃଷ୍ଣକଥା ଦିବ୍ୟରସ ବାଣୀକୁ କବି ବୃନ୍ଦାବନ ଦାସ କହିବାକୁ ଯାଉଛି ବୋଲି ତୃତୀୟ ଛାନ୍ଦରେ ବର୍ଣ୍ଣନା କରିଛନ୍ତି। କବିଙ୍କ ଭାଷାରେ-

"ଶୁଣ ସୁଜନ ଦନେ ଦିବ୍ୟରସ
ଜୟଦେବ କୃଷ୍ଣ କଥା ଉଦ୍ଦେଶ ।୧।
ମୁହିଁ ଦାସ ଗୋବିନ୍ଦ ବୃନ୍ଦାବନ
ଏଥୁଁ କିଛି କହିତ ମୋର ମନ ।୨। (୩ୟ ଛାନ୍ଦ)

### କଳା କଉତୁକ

କବି ମଧୁର କୋମଳ ସ୍ୱରରେ କଳା କଉତୁକ କଥାକୁ ଗୋଟି ଗୋଟି କରି ଉପସ୍ଥାପନ କରିଛନ୍ତି। କାବ୍ୟ ମଧ୍ୟରେ ଅଳଙ୍କାରର ବର୍ଣ୍ଣନା ବାହୁଲ୍ୟ ପରିଲକ୍ଷିତ ହୋଇଥାଏ। ଶୃଙ୍ଗାର ରସର କଲ୍ଲୋଳ କାବ୍ୟକୁ ତରଙ୍ଗାୟିତ କରିଛି। କବିଙ୍କ ବର୍ଣ୍ଣନାରେ -

"କବି ଶଳାଘ୍ୟ ସୂକ୍ଷ୍ମ ସାର ଗ୍ରନ୍ଥ
ରସ ଶୃଙ୍ଗାର ପ୍ରମେୟ ଭକତ।"

ବସନ୍ତ ଋତୁରେ ବିରହୀ ରାଧା କେମନ୍ତେ ହୃଦୟ ଧରି ରହିବେ। ସ୍ୱଭାବରେ କାମ ଭାବ ପ୍ରତି ଉତ୍ସାହ ବଳୁଛି। ଭ୍ରମର, କୋକିଳର କଳକଳ ରାବରେ ମଦନ ଆସି ପହଞ୍ଚିଯାଇଛି କି ଗୋପ ବୃନ୍ଦାବନରେ। ମନରେ ବିରହ ଭାବ ଜାତ। ଫୁଲରୁ ଭ୍ରମର ମଧୁପାନ କଲା ପରି ବସନ୍ତ ଋତୁରେ ବିରହୀ ମଧୁପାନରେ ବ୍ୟସ୍ତ। ଶ୍ରୀକୃଷ୍ଣ ରାସ ଉତ୍ସବ ପୂର୍ବେ ଅନେକ ନାରୀଙ୍କୁ ଆଲିଙ୍ଗନ ଆଶାରେ, ମନୋହର ବିଳାସ ରସରେ ମଦନ ବିଚାର କଲେ। ଏକଥା ଜାଣିବା ପରେ ରାଧାଙ୍କ ମନରେ କିଛି ବିକାର ଜାଗ୍ରତ ହୋଇଛି। ଏପରି ଏକ ଲାଳିତ୍ୟପୂର୍ଣ୍ଣ ମଧୁର ମିଳନ କଥା କବିଙ୍କ ଲେଖନୀରେ-

"ଶୁଣ ସଜନୀ କହିବା ଭକତ
ରାସ ଉତ୍ସବ ପୂର୍ବେ ଗୋପୀନାଥ

ଅନେକ ନାରୀ ପରିରମ୍ଭ ଆଶେ
ସ୍ଫୁରେ ମନୋହାରୀ ବିଳାସ ରସେ
ତା ଦେଖି ମୁରାରୀ
ମଦନ ବିଳାସ କଲେ ବିଚାରୀ । ।୧୬। (୪ର୍ଥ ଛାନ୍ଦ)

ଶ୍ରୀକୃଷ୍ଣଙ୍କର ଚନ୍ଦନଚର୍ଚ୍ଚିତ ନୀଳକଳେବରକୁ ଦେଖି ପୀନ ପୟୋଧରା ଗୋପବାଳାମାନେ ଆଲିଙ୍ଗନ ପାଶରେ ଶ୍ରୀକୃଷ୍ଣଙ୍କୁ ଆବଦ୍ଧ କରିବା ପାଇଁ ମନ ବଳାଇଥାନ୍ତି । କେତେକ ଗୋପୀ ଲାଜଛାଡି କେଳିକଳାରେ ମାତିଲେ । ଶ୍ରୀକୃଷ୍ଣ ଏବଂ ଗୋପୀମାନେ ଆଲିଙ୍ଗନ, ଚୁମ୍ବନ ଏବଂ ରମଣରେ ମନୋନିବେଶ କରି ଆନନ୍ଦରେ ପୁଲକିତ ହୋଇ ଉଠିଲେ ।

'ରସବାରିଧି' କାବ୍ୟଟିକୁ ପାଠ କଲେ ଜଣାଯାଏ ଯେ, କବି ରାଧାକୃଷ୍ଣଙ୍କର ଲୀଳାକୁ ଶୃଙ୍ଗାର ରସର କଲ୍ଲୋଳରେ ସ୍ନାନ କରାଇଛନ୍ତି । ଏହି କାବ୍ୟ ରସିକଜନଙ୍କର ଉତ୍କଣ୍ଠାକୁ ବଢ଼ାଇଥାଏ । ଏହାରି ମାଧ୍ୟମରେ ବୈଷ୍ଣବୀୟ ଚେତନାର ବୈଧୀ ଭକ୍ତି ଓ ରାଗାନୁଗା ଭକ୍ତିର ମହାନତା କାବ୍ୟର ଅନ୍ତଃ ସୌନ୍ଦର୍ଯ୍ୟ । କବି କାବ୍ୟଟିକୁ ଶ୍ରୁତି ମଧୁର, ଛାନ୍ଦସିକ, ସାଙ୍ଗୀତିକ ସରଳ ପଦ ଯୋଜନାରେ ରଚନା କରିଛନ୍ତି । ଜୟଦେବଙ୍କ ଧର୍ମପତ୍ନୀ ପଦ୍ମାବତୀ ନୃତ୍ୟଗୀତ ନିପୁଣା ଥିଲେ । ସେ ଗୀତ ଗୋବିନ୍ଦକୁ ପ୍ରତିଦିନ ନୃତ୍ୟ ଓ ଗୀତ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିର ସହିତ ନିବେଦନ କରୁଥିଲେ । ରସବାରିଧିରେ ମଧ୍ୟ କବି ଏହି ଭକ୍ତିପୂତ କଥା ବର୍ଣ୍ଣନା କରିଛନ୍ତି । କାବ୍ୟର କଥାବସ୍ତୁ ଶ୍ରୀଜଗନ୍ନାଥଙ୍କ ସେବାର ଏକ ବଳିଷ୍ଠ ମାଧ୍ୟମ ଏବଂ ଭକ୍ତିସାଧନର ମନୋଜ୍ଞ ଅବଲମ୍ବନ ସ୍ୱରୂପରେ ସାର୍ବଜନୀନ ସ୍ୱୀକୃତି ଲାଭ କରିଥିଲା ।

**କବି ରାଧାକୃଷ୍ଣଙ୍କର ଲୀଳାକୁ ଶୃଙ୍ଗାର ରସର କଲ୍ଲୋଳରେ ସ୍ନାନ କରାଇଛନ୍ତି ।**

## ଓଡ଼ିଶୀ ସଂସ୍କୃତ ପରମ୍ପରା

କବିଙ୍କ 'ରସବାରିଧି' ଓଡ଼ିଶୀ ସଂସ୍କୃତି ଓ ପରମ୍ପରାର ପୃଷ୍ଠଭୂମିରେ ରଚିତ । ଅନେକ କବି ଗୀତଗୋବିନ୍ଦକୁ ଲକ୍ଷ୍ୟ କରି କାବ୍ୟ ରଚନା କରିଛନ୍ତି । କେତେକ କବି ପଦଲାଳିତ୍ୟକୁ ଅନୁସରଣ କରିଥିବା ବେଳେ, ଅନୁବାଦକମାନେ ଭାଷାନ୍ତର କରିଛନ୍ତି । ସାହିତ୍ୟ କୋଷ ଗ୍ରନ୍ଥରେ ସୁଦର୍ଶନ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି ଯେ, - ଧରଣୀଧର, ବୃନ୍ଦାବନ ଦାସ, ଦୀନକୃଷ୍ଣ ଦାସ (ଅମୃତସାଗର ବୋଲିର ୧୩ ଠାରୁ ୩୨ ଛାନ୍ଦ) ବିଜରୀ ଦାସଙ୍କ ଅର୍ଥଗୋବିନ୍ଦ, ଉଦ୍ଧବ ଦାସଙ୍କ 'ଗୀତଗୋବିନ୍ଦ', ପିଣ୍ଡିକ ଶ୍ରୀଚନ୍ଦନଙ୍କ 'ବସନ୍ତରାସ', ଗୋପୀନାଥ ଧୀର ଜଗଦ୍ଦେବଙ୍କ 'ସଙ୍ଗୀତ ଗୀତଗୋବିନ୍ଦ', ରାଜା ଜଗନ୍ନାଥ ନାରାୟଣ ଦେବଙ୍କ 'ଶ୍ରୀ ଗୀତଗୋବିନ୍ଦ', ଗୌରହରି ପରିଚ୍ଛାଙ୍କ 'ସଙ୍ଗୀତ ଗୋତଗୋବିନ୍ଦ', ଶ୍ୟାମ ସୁନ୍ଦର ଭଞ୍ଜଙ୍କ 'ବସନ୍ତ କ୍ରୀଡା ସମୁଜ୍ଜ୍ୱଳ ରସାବଳୀ' ପ୍ରଭୃତି ଗୀତଗୋବିନ୍ଦ ଛାୟାରେ ରଚିତ କାବ୍ୟ । ଗୋପୀନାଥ ଧୀର ନିଜ ଅନୁବାଦକୁ ଚିତ୍ରବନ୍ଧ ସମନ୍ୱିତ କରି ମଧ୍ୟଯୁଗୀୟ କାବ୍ୟ ପରମ୍ପରାର ଅନୁସରଣ କରିଛନ୍ତି । ଶ୍ରୀଜଗନ୍ନାଥ ମିଶ୍ର, ଅନନ୍ତ ରଥ, ବାଣୀଭୂଷଣ ବାସୁଦେବ ମିଶ୍ର ଏହାର ଗଦ୍ୟଟିକା ଓ ଅନୁବାଦ ପ୍ରସ୍ତୁତ କରିଯାଇଛନ୍ତି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ରାଧାମୋହନ ପଟ୍ଟନାୟକ, ଜଗନ୍ନାଥ ମିଶ୍ର ପ୍ରମୁଖ ଗୀତଗୋବିନ୍ଦକୁ ଓଡ଼ିଆରେ ଅନୁବାଦ କରିଥିବା ଉଲ୍ଲେଖଯୋଗ୍ୟ ।

କବି ବୃନ୍ଦାବନ ଦାସଙ୍କ 'ରସବାରିଧି' କାବ୍ୟର କାନ୍ତ କୋମଳ ପଦାବଳୀ, ପଦଲାଳିତ୍ୟ, ରସର କଲ୍ଲୋଳ, ଭାଷା ସୌନ୍ଦର୍ଯ୍ୟ, ଭାବର ଗାମ୍ଭୀର୍ଯ୍ୟ, ଛନ୍ଦୋବନ୍ଧ ପଦ ସଂଯୋଜନା ଶ୍ରୁତି ମଧୁର ସାଙ୍ଗୀତିକତା, ପ୍ରକୃତି ବର୍ଣ୍ଣନା, ଅଳଙ୍କାର ବର୍ଣ୍ଣନା କବିଙ୍କର ପାଣ୍ଡିତ୍ୟ ତଥା ବିଦଗ୍ଧତା କାବ୍ୟର ପ୍ରତି ଛତ୍ରେ ଛତ୍ରେ ପରିଲକ୍ଷିତ ହୋଇଥାଏ । କାବ୍ୟଟିକୁ ପାଠ କଲେ ଗୀତଗୋବିନ୍ଦ ପାଠର ଆନନ୍ଦ ଦେଇଥାଏ । ପଦଲାଳିତ୍ୟ ଅତ୍ୟନ୍ତ ମନମୁଗ୍ଧକର । ରାଧାକୃଷ୍ଣ ଲୀଳାର ମନୋରମ ଅନ୍ତଃସୌନ୍ଦର୍ଯ୍ୟ ହୃଦ୍‌ବୋଧ ହୋଇଥାଏ ।

କାବ୍ୟଟିକୁ କବି ଏଭଳି ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି ଯେ, ପାଠ କଲେ ପାଠକ ପ୍ରାଣରେ ରାଧାକୃଷ୍ଣ ପ୍ରୀତିର ଅମୂର୍ତ୍ତ ମନ୍ଦାକିନୀ ଧାରା ପ୍ରବାହିତ ହୋଇଥାଏ । ରାଧାକୃଷ୍ଣ ଓ ଗୋପାଙ୍ଗନାମାନଙ୍କ ଶୃଙ୍ଗାର ରସର ଭାବାବେଗ ଓ ଭାବାବେଶ ଏଥିରେ ମୂର୍ତ୍ତିମନ୍ତ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି କାବ୍ୟ ପାଇଁ ବୃନ୍ଦାବନ ଦାସ ଓଡ଼ିଆ କାବ୍ୟ ସାହିତ୍ୟ କ୍ଷେତ୍ରରେ ଅମର ହୋଇ ରହିବେ ।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com





ଅନୁବାଦ ଗଳ୍ପ

# ଉତ୍ତରାଧିକାରୀ

ମୂଳ ବଙ୍ଗଳା: ଅରୁଣାଭ ଗୁପ୍ତା ଅନୁବାଦ: କନକ ମଂଜରୀ ସାହୁ

ବର୍ଷା ଚାଲିଛି ଯେ ଟିକେ ଥମିବାର ନାଁ ନାହିଁ। ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ ଚାଲିଛି। ସେଇ ଅଞ୍ଚଳର ମଣିଷମାନେ ଆନନ୍ଦରେ ନାଚୁଛନ୍ତି। ତିନି ତାଲାରେ ରହୁଥିବା ସନାତନ ବାବୁ କାଲି ରାତିଠାରୁ ପାଞ୍ଚ ମିନିଟ୍ ଅନ୍ତରରେ ତାଙ୍କ କଣ୍ଠରୁ ଅଭୟବାଣୀ ଶୁଣାଉଛନ୍ତି 'କମିବ.. କମିବ, ଜୟ ଶିବ ଶମ୍ଭୁ, ରକ୍ଷା କର ପ୍ରଭୁ।' ତିନି ତାଲାରେ ଛିଡ଼ାହୋଇ ଏମିତି ଭାବ କରୁଛନ୍ତି ଯେମିତି ରାସ୍ତାରେ ଜମା ହୋଇଥିବା ପାଣି ତାଙ୍କ ବାଲକୋନୀକୁ ଛୁଉଁଛି।

'କ'ଣ କରୁଛ ! ଏତେ ଝୁଙ୍କୁଛ କାହିଁକି ?' କାନରେ ଯେମିତି ବୋମା ଫୁଟିଲା।

ଦିବାକର ଚମକି ଉଠିଲେ। ଆଙ୍ଗୁଳିଟାକୁ ଯେତେ ଦୂର ଭର୍ତ୍ତି କରିହେବ କାନରେ ଭର୍ତ୍ତି କରି ଜୋରରେ ହଲାଇ ହଲାଇ କହିଲେ, 'ଉଫ୍, କାନଟାର ପର୍ଦ୍ଦା ଫଟେଇ ଦେବ ନା କ'ଣ ମେମ୍‌ସାହେବ।'

ହଠାତ୍ କ'ଣ ହେଲା ? ସୁମନାରୁ ମେମସାହେବକୁ ପ୍ରମୋଶନ ! କାରଣଟା କ'ଣ ?


ଭେରି ସିମ୍ପଲ, ପୁଅ, ବୋହୂଙ୍କ ସାଙ୍ଗରେ ଆମେରିକାରେ ଥିଲି ଯେ ତା'ର ହାୱା ଲାଗିଛି। କିନ୍ତୁ ବଡ଼ ଅସୁବିଧା କଥା ହେଲା ସୁମନା, ଆଜି ସେମାନେ ଆସୁଛନ୍ତି ଅଥଚ ବର୍ଷା କମିବାର କୌଣସି ଲକ୍ଷଣ ନାହିଁ।

ସୁମନା ହସି କହିଲେ, ନାଃ, ଆମେରିକା ହାୱାର ପ୍ରଭାବ ଦେଖୁଛି ଏବେ ବି ଯାଇନି। ବର୍ଷା ଯଦି ନ କମିଲା କୋଉ ମହାଭାରତ ଅଶୁଦ୍ଧ ହୋଇଯିବ କୁହ ତ। ତା'ଛଡ଼ା କୋଲକତା ତାଙ୍କ ପାଇଁ କୋଉ ନୂଆ ନା କ'ଣ ?

ଯେମିତି ହଠାତ୍ ମନେ ପଡ଼ିଲା ସେମିତି ଭାବ କରି ଦିବାକର କହି ଉଠିଲେ, ତାଙ୍କ ପସନ୍ଦର ସବୁ ପ୍ରକାର ମାଛ ଆଣିଛି ସେମିତି ତ ମୁଁ କହି ପାରିବିନି... ତୁମେ ନିଶ୍ଚୟ ଚେକ୍ କରିଥିବ।

ସୁମନା କଷ୍ଟେ ମଷ୍ଟେ ହସ ଚାପି କହିଲେ, ନ କରିଥିଲେ ଜଣାପଡି ନଥାନ୍ତା। ତୁମେ କେବଳ ମାଛର ଫୁଲଷ୍କପ୍ ରଖିନ, ଆହୁରି ଲମ୍ବା ଲିଷ୍ଟରେ ହରେକ ରକମର ଚେନାଚୁର, ଲଜେନ୍ସ ରହିଛି। କେବଳ ହଜମୁଲାଟା ବାଦ୍ ପଡ଼ିଛି, ସେଇଟା ଆଣିବା ଦାୟିତ୍ୱ ମୋ ଉପରେ ଥାଉ। କ'ଣ କହୁଛ ?

ଡ୍ରଇଂରୁମ୍‌ରୁ ସୁମନାର ମଧୁର ହସର ଶବ୍ଦ କାନରେ ଆସି ବାଜୁଛି। ଏମିତି ପାଗଳ ଭଳି ହସ ସୁମନା ବ୍ୟତୀତ କିଏ ହସି ପାରିବ ଦିବାକରଙ୍କର ବିଶ୍ୱାସ ହୁଏନା। କିଏ କହିବ ଆଉ ଛଅ ବର୍ଷ ପରେ ତାଙ୍କର ଚାକିରି ଶେଷ ହେବ ! ସ୍ତ୍ରୀଙ୍କ ହସ ଶୁଣି ସେ ବି ହସିଲେ।



ଝରକାରେ ଲଗାଯାଇଥିବା ଚଉଡ଼ା ମାର୍ବଲ ଉପରେ ଦିବାକର ବାବୁ ଜାକି ଜୁକି ହୋଇ ବସିରହିଲେ। ଏଠାରେ ବସିଲେ ଦିବାକର ନାମକ ବ୍ୟକ୍ତି ଜଣଙ୍କ ନିଜ ଭିତରେ ନିଜକୁ ହଜାଇ ଦିଅନ୍ତି। ବିଶେଷ ବିଶେଷ ମୁହୂର୍ତ୍ତରେ ଅତୀତ କଥା ଭାବିଲେ ଭଲ ଲାଗେ। ଏଇ ଯେମିତି ଏବେ ବାପାଙ୍କ କଥା ଭାବନାରେ ଦିବାକର ମଜ୍ଜିଯାଇଛନ୍ତି। ପିଲାଦିନ ଠାରୁ ଯୌବନରେ ପହଞ୍ଚି ତା'ପରେ ପୁଣି ଜଣେ ସମର୍ଥ ପୁରୁଷ। ଏହାପରେ କ୍ରମଶଃ ସଂସାରର ସବୁ ଦାୟିତ୍ୱ, ଝାମେଲା କାନ୍ଧରେ ପଡ଼ିଛି। ମାତ୍ର ତିନି ବର୍ଷ ହେଲା ଅଥଚ ମନେ ହେଉଛି କେତେ ଯୁଗ ହେଲା ବାପାଙ୍କୁ ଦେଖିନି, ବାପାଙ୍କ ଠାରୁ ବାବୁ ଡାକ ଶୁଣିନି।

ମଣିଷଟା ଏବେ କୁଆଡ଼େ ହଜିଯାଇଛନ୍ତି । ଅଦ୍ଭୁତ ଚରିତ୍ର । ବାହାଘର ରାତିରେ ଯାହା ଦେଖିଥିଲି ଆଜି ବି ସେମିତି ଅଛନ୍ତି । ସୁମନା ତଫାତ୍ ଜାଣିପାରି ନାହାନ୍ତି । ଦୀପ୍ତ ତାଙ୍କର ଏକମାତ୍ର ସନ୍ତାନ । କେତେ ଠାକୁରଙ୍କୁ ଡାକି ଶିବରାତ୍ରି ଦିନ ସେ ଜନ୍ମ ହୋଇଥିଲା । ଦୀପ୍ତ ତାଙ୍କ ପ୍ରତି ବିମୁଖ ହେଇନି ବରଂ ତାଙ୍କର ସବୁ ଆଶା ପୂରଣ କରିଛି । ସୁମନା ତାକୁ ନିଜ ପଣତ ତଳେ ରଖି ଛୋଟରୁ ବଡ଼ କରିଛନ୍ତି । ସ୍କୁଲ ପାଠ ସାରି ସେ ଧାଇଁଛି ଆଗକୁ ଆଗକୁ, ସୁମନା କିନ୍ତୁ ତା' ଉପରେ ସବୁବେଳେ ନଜର ରଖିଥାନ୍ତି । ସଫଳତାର ସିଂହ ଭାଗ ସୁମନାର, ହେଲେ ବି କିନ୍ତୁ ସ୍ୱାମୀ ଦିବାକରଙ୍କ ପାଖରେ ସେ କୃତଜ୍ଞ । ସେ ନିଃଶବ୍ଦରେ ତାଙ୍କୁ ସମର୍ଥନ କରି ଆସିଛନ୍ତି । ତେବେ ଗୋଟିଏ ବିଷୟରେ ସୁମନା ସମ୍ପୂର୍ଣ୍ଣ ମାନି ନେଇପାରି ନାହାନ୍ତି, ତାହା ଦୀପ୍ତର ବିବାହ ।

ସୁମନା ଜିଭ ଟିକେ କାମୁଡ଼ି ପକାଇଲେ । ନିଜେ ନିଜକୁ ଶାସନ କଲେ । ଏବେ ଆଉ କ'ଣ ଅଛି ! କୁନ୍ତଳା କୌଣସି ଗୁଣରେ ଦୀପ୍ତ ଠାରୁ କମ୍ ନୁହେଁ । ସେ ତା' ବାପା ମା'ଙ୍କର ଏକମାତ୍ର ସନ୍ତାନ । ତା'ପରେ ଲକ୍ଷ୍ମୀ, ସରସ୍ୱତୀ ଦୁହିଁଙ୍କର ସେ ଅଧିକାରୀ । ନା..ନା..ସେସବୁର କିଛି ସମସ୍ୟା ନାହିଁ । ଏହା ତା'ର ସମ୍ପୂର୍ଣ୍ଣ ବ୍ୟକ୍ତିଗତ, ଆଦର୍ଶର ସଂଘାତ । ଏବେ ଯେଉଁ ବିଦେଶୀ ସଂସ୍ଥାରେ ଦୀପ୍ତ ଉପରକୁ ଉଠିଚାଲିଛି ତା' ମୂଳରେ କୁନ୍ତଳାର ବାପା । ହୁଏତ ଦୀପ୍ତର ଯୋଗ୍ୟତା ଅଛି, ତେଣୁ ତ ମ୍ୟାନେଜିଂ ଡିରେକ୍ଟରର ଅସୀମ କ୍ଷମତାକୁ ଅସ୍ୱୀକାର କରିବାକୁ ତା'ର ରାସ୍ତା ନ ଥିଲା । ହାତମୁଠାରେ ଦୀପ୍ତ ଭଳି ଜୁଏଲ ପିଲାକୁ ପାଇ ସେ ଯେମିତି ନିଶ୍ଚିନ୍ତ ହେଇଛନ୍ତି, ଦୀପ୍ତ ବି ସେଇ ଅଯାଚିତ ସୁଯୋଗର ସଦ୍‌ବ୍ୟବହାର କରିଛି । ଦୁହେଁ କେହି ଠକି ହୋଇନାହାନ୍ତି, ଠକି ହୋଇଛନ୍ତି ସୁମନା । ସେ ହାରି ଯାଇଛନ୍ତି । ଦୀପ୍ତକୁ ମେରୁଦଣ୍ଡ ସିଧା ରଖିବା ମନ୍ତ୍ରରେ ଦୀକ୍ଷିତ କରିପାରି ନାହାନ୍ତି ।

**ଠକି ହୋଇଛନ୍ତି ସୁମନା । ସେ ହାରି ଯାଇଛନ୍ତି । ଦୀପ୍ତକୁ ମେରୁଦଣ୍ଡ ସିଧା ରଖିବା ମନ୍ତ୍ରରେ ଦୀକ୍ଷିତ କରିପାରି ନାହାନ୍ତି ।**

ଠକି ହୋଇଛନ୍ତି ସୁମନା । ସେ ହାରି ଯାଇଛନ୍ତି । ଦୀପ୍ତକୁ ମେରୁଦଣ୍ଡ ସିଧା ରଖିବା ମନ୍ତ୍ରରେ ଦୀକ୍ଷିତ କରିପାରି ନାହାନ୍ତି ।

ଦୀପ୍ତ, କୁନ୍ତଳା ଆସିଛନ୍ତି । କିଛି ସାଧାରଣ କଥାବାର୍ତ୍ତା ପରେ ଥ୍ରୀ ବେଡ୍‌ରୁମ୍ ଫ୍ଲାଟର ଗୋଟିଏ ରୁମ୍‌କୁ ତରତରରେ ଚାଲିଗଲେ । ଦିବାକର ପୁଅ ବୋହୂଙ୍କର ବିଛୁଡ଼ି ହେଇ ପଡ଼ିଥିବା ବ୍ୟାଗ୍‌ଗୁଡ଼ିକୁ ଗୋଟେଇ ରଖିବା ସମୟରେ ଲକ୍ଷ୍ୟ କଲେ ସୁମନା ତାଙ୍କୁ ଚାହିଁ ରହିଛନ୍ତି । ଅପ୍ରସ୍ତୁତ ହୋଇ ଦିବାକର କହିଲେ,ସେମାନେ ରେଷ୍ଟ ନେଉଛନ୍ତି ତେଣୁ ସଜାଡ଼ି ରଖିଦେଉଛି ।

'ଭଲ କଥା ।'

ଆଜି ଆଉ ରିଚ୍ ଖାଇବା କରନି, ହାଲକା ଭାବେ କର । କାଲି ବରଂ ଇଲିଶ ମାଛ ମୁଣ୍ଡ ଦେଇ ଘାଣ୍ଟ କରିବ । ତୁମ ବୋହୂ ଏଇଟା ଭଲ ପାଆନ୍ତି । ଦିବାକର ଅନର୍ଗଳ କହି ଚାଲିଛନ୍ତି । ହଠାତ୍ ଜାଣିଲେ ସୁମନା ଚୁପ୍ ରହିଛନ୍ତି । ଯଦିଓ ସୁମନା ଉଦାସୀନ ହେବାର କାରଣଟା କ'ଣ ସେ ଜାଣି ପାରିଲେନି ।

ସୁମନା ଧୀର ସ୍ୱରରେ କହିଲେ, ଆଚ୍ଛା, ତୁମେ କ'ଣ କହିବ ! ଦୀପ୍ତ, କୁନ୍ତଳା କ'ଣ ଭଲ ପାଆନ୍ତି ମୋତେ ଜଣାଅଛି । ତୁମ ସହିତ ମୋର ଚ୍ୟାଲେଞ୍ଜ ରହିଲା ଦେଖିବ ତାଙ୍କ ପସନ୍ଦର ଗୋଟିଏ ବି ଆଇଟମ ବାଦ୍ ପଡ଼ିବନି ।

ଦିବାକର ଲଜ୍ଜିତ ହୋଇ କିଛି ସମୟ ହସିଲେ ।

ଦୀପ୍ତ, କୁନ୍ତଳା ମଧ୍ୟରେ ସବୁବେଳେ କେମିତି ଅସ୍ଥିରତାର ଭାବ । ତାହା ସୁମନାଙ୍କ ଆଖିରୁ ବାଦ ଯାଇନି । ତେବେ ବେଶି କୌତୂହଳ ଦେଖାଇବାକୁ ପସନ୍ଦ କରନ୍ତିନି ବୋଲି ଜାଣିବାକୁ ଚାହିଁ ନାହାନ୍ତି । ସେମାନେ ନିଜ ଭିତରେ ରହିଛନ୍ତି, ଆତ୍ମୀୟସ୍ୱଜନ, ପାଖ ପଡ଼ୋଶୀ ଯେଉଁମାନେ ଆସିଛନ୍ତି ସେମାନଙ୍କ ସହିତ ଗପସପ କରିଛନ୍ତି, ପ୍ରତ୍ୟେକଙ୍କ ନିମନ୍ତ୍ରଣ ରକ୍ଷା କରି କଥା ଦେଇଛନ୍ତି ସେମାନେ ଯିବେ । ଏ କ୍ଷେତ୍ରରେ ଦୀପ୍ତ, କୁନ୍ତଳା ତରଫରୁ କୌଣସି ବ୍ୟତିକ୍ରମ ହୋଇନି । କିନ୍ତୁ ପ୍ରତିଟି କାର୍ଯ୍ୟ ଥିଲା ନିର୍ଦ୍ଦିଷ୍ଟ ସମୟରେ ମାପିବା । ଚବିଶ ଘଣ୍ଟାରୁ ଏଇ ତିନି ଚାରି ଘଣ୍ଟାକୁ ବାଦ ଦେଲେ ବାକି ସମୟ ନିଜ ପାଇଁ ରଖିଛନ୍ତି । ଯେମିତି ବଞ୍ଚିବା ମରିବା ସମସ୍ୟାରେ ସେମାନେ ଛଟପଟ ହେଉଛନ୍ତି ।

ଦଶ ଦିନ ଝଡ଼ ଭଳି ଚାଲିଗଲା ପରେ ଦୀପ୍ତ ଘୋଷଣା କଲା, 'ମା' ଆମେ ଆଜି ଲେଟ୍ ନାଇଟ୍ ଫ୍ଲାଇଟରେ ଚାଲିଯିବୁ । ପ୍ଲିଜ୍ କିଛି ଭାବିବନି ।'

ଦିବାକରଙ୍କ ହାତରୁ ଚା' କପ୍‌ଟା ପ୍ରାୟ ପଡ଼ିବାକୁ

ଯାଉଥିଲା ।

ସୁମନା ହସି କହିଲେ, ତୁମେ ଦୁହେଁ ଫ୍ରେସ୍ ଲାଗୁଛ । ମନେ ହେଉଛି ବଞ୍ଚିଗଲ ।

କୁନ୍ତଳା ଖୁସିରେ ଗଦ୍‌ଗଦ୍ ହୋଇ କହିଲା, 'ମା' ତୁମେ ରିୟେଲି ଜିନିୟସ୍, ଠିକ୍ କଥାଟା ଧରି ପାରିଛ ।'

କୁନ୍ତଳା ସୁମନାଙ୍କ ପାଖକୁ ଲାଗିଆସି ଫୁସ୍‌ଫୁସ୍ ହେଇ କହିଲା, ଜାଣିଛ ମା', ବାପା ତାଙ୍କ ଭିତର ଖବରଟା ଜଣାଇ ଦେଇ କହିଲେ, କମ୍ପାନୀର ନୂଆ ଏକ ଉଇଂ ଚାଲୁ କରିବାକୁ ଲାଗିଛନ୍ତି, ତୁମେମାନେ କ'ଣ କଲେ ଏଇଟା ଆହୁରି ଲାଭଜନକ ହେବ ତା'ର ଏକ ଖସଡ଼ା ପ୍ଲେସ୍ କରିଦିଅ । ବାକି କାମଟା ବାପା ବୁଝିଦେବେ କହିଲେ ।

କୁନ୍ତଳା କଥାକୁ ପାଳି ଧରି ଦୀପ୍ତ ଉତ୍ସାହର ସହ କହିଲା, ସତ ମା'! ତାଙ୍କର ତୁଳନା ନାହିଁ । ଉଫ୍! ଭାବିଲେ ଶରୀରରେ ଶିହରଣ ଖେଳିଯାଉଛି । ଏହାପରେ.. ଏହାପରେ..ଆମେ ଯେ କୋଉଠି ଉଠିବୁ...।

ଦିବାକର ସୋଫାଟାକୁ ଧରି ଉଠିବାକୁ ଚେଷ୍ଟା କଲେ କିନ୍ତୁ ଉଠିପାରିଲେନି ଦୁମ୍ କରି ପୁଣି ବସି ପଡ଼ିଲେ । ମାନେ ତୋ ସହିତ ବସି ଦୁଇ ପଦ କଥା....।

ଓଃ ବସିବ ! ସୁମନା ଝାଡ଼ି ହେଇ କହିଲେ, ଶୁଣିଲନି କି ସେମାନେ ଫେରିବାଟା କେତେ ଜରୁରୀ । ସେମାନେ ଏଠାରେ ନିଶ୍ଚିନ୍ତରେ କାମଟାକୁ ସାରି ପାରିଛନ୍ତି ତାହା ଠାକୁରଙ୍କ ଆଶୀର୍ବାଦରୁ । ତା'ଛଡ଼ା ତୁମ ସାଙ୍ଗରେ ପରେ ଫୋନରେ କଥା ହୋଇପାରିବ । ଏହାକୁ ନେଇ ତାଙ୍କୁ ଜୋର ଜବରଦସ୍ତି କରନା ।

କୁନ୍ତଳା ନରମ ଗଳାରେ ପଚାରିଲା, ଆଚ୍ଛା ଦୀପ୍ତ, ତୁମେ କ'ଣ ଭୁଲିଗଲ ! ମା' ଭଲକି ଗାଳି ଦିଅନ୍ତୁ ତ ଆପଣଙ୍କ ପୁଅକୁ । ମା' ବାପା ଦୁହିଁଙ୍କୁ କହୁଛି, ଏଥର କିନ୍ତୁ ଆପଣମାନଙ୍କର କୌଣସି ଆପତ୍ତି ଶୁଣିବିନି । ଏଠାକାର ସବୁ ଅଡୁଆ ତୁଟେଇ ଦେଇ ଏଥର ଗଲେ ରହିବାକୁ ହେବ । ଆମେ ପହଞ୍ଚିବା ମାତ୍ରେ ଟିକେଟ ପଠାଇ ଦେବୁ । କ'ଣ ହେଲା ଦୀପ୍ତ, ହାଁ କରି କ'ଣ ଚାହିଁଛ ? ସବୁ ଦାୟିତ୍ୱ କ'ଣ ମୋର ?

ସୁମନା ଖିଲିଖିଲି ହେଇ ହସି ଉଠିଲେ । ଦୁହେଁ ଯାକ ମସ୍ତ ପାଗଳ । ଠିକ୍ ଅଛି, ପଠାଅ ଯିବୁ ।

ଦୀପ୍ତ ଏବଂ କୁନ୍ତଳା ଚାଲିଯାଇଛନ୍ତି । ଦିବାକର ଯେମିତି ସର୍ବସ୍ୱ ହରାଇ ଦେଇଥିବା ବେଦନାରେ ଛଟ୍‌ପଟ୍ ହେଲେ । ସୁମନାଙ୍କର କୌଣସି ପ୍ରତିକ୍ରିୟା ନାହିଁ । ଦୂରରୁ ସ୍ୱାମୀଙ୍କ ହାବଭାବକୁ ଉପଭୋଗ କଲେ । ଦିବାକର ଶେଷରେ କହିଲେ, ଅଦ୍ଭୁତ ଲାଗିଲା ଦୀପ୍ତର କାର୍ଯ୍ୟକଳାପ । ଆସିଲେ ଗଲେ, ଯେମିତି ଅତିଥି ।

ସୁମନା କହିଲେ, ଗୋଟିଏ କଥା କହୁଛି ଶୁଣ, ଆମକୁ ସତ୍ୟକୁ ମାନିବାକୁ ପଡ଼ିବ । ହୋଇଥାଉ ଭିନ୍ନ ମାନସିକତା । ତୁମର ଦାୟିତ୍ୱ ଥିଲା, ପୁଅକୁ ଚାଲିବା ଶିଖାଇବା, ସେ ଶିଖିପାରିଛି । ଏବେ ଦୀପ୍ତ ତା' ବୁଦ୍ଧି ବିବେକ ନେଇ ଚାଲୁ । ତୁମେ ଚିନ୍ତା କରୁଛ କାହିଁକି ?



ଦିବାକର କହିଲେ, ଏହା ପରେ ତ ତୁମେ ସେଠାକୁ ଯିବ, ତୁମେ ସେ ସବୁ ମାନିନେଇ ପାରିବ ତ ?

ପୁଣି ଥରେ ଖିଲିଖିଲି ହେଇ ହସି ସୁମନା କହିଲେ, ମହଣେ ଘିଅ ପୋଡ଼ା ହେବ ନା ରାଧା ନାଚିବ । ତୁମେ ନିଶ୍ଚିନ୍ତ ହୋଇପାର । ସେମାନେ ଏଠାକୁ ଆସିଥିଲେ ଯେଉଁଥିପାଇଁ ତାଙ୍କ କାର୍ଯ୍ୟ ପୂରଣ ହେବାପରେ ଚାଲିଗଲେ । ଆଉସବୁ ମୂଲ୍ୟହୀନ ।

ଦିବାକର କଷ୍ଟଟାକୁ ଚାପି ବାସ୍ତବତାକୁ ଫେରିଲେ । କହିଲେ, ସତ କଥା ମୋର ଆଉ କୌଣସ ଅବସୋସ ନାହିଁ । ଶାନ୍ତ ସ୍ୱରରେ କହିଲେ, ତୁମକୁ ଗୋଟିଏ ପ୍ରଶ୍ନ ପଚାରୁଛି, ତୁମେ ମୋ ଆଖିରେ ଆଖି ରଖି କୁହ, ତୁମେ କ'ଣ ଏଥିରେ ଖୁସି ?

ସୁମନା ଧୀରେ ଧୀରେ ମୁଣ୍ଡ ହଲାଇ କହିଲେ, ନା, ଦିବାକର ନା ।

'କାହିଁକି ?'

ଆମ ଦୀପ୍ତ ଭିତରେ ଦିବାକରଙ୍କୁ ଜନ୍ମ ଦେଇପାରିଲିନି ବୋଲି । ମୋତେ କ୍ଷମା କରିଦିଅ...।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
sahukanakmanjari@gmail.com



ପ୍ରବନ୍ଧ

# କିସାନ ଭାଷା ଓ ଏହାର ନବୀନ ଲିପି

**ଗୋପୀନାଥ କିସାନ**

ଭାଷା ଶବ୍ଦଟି ବ୍ୟାପକ ଓ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହୁଏ। ବ୍ୟାପକ ଅର୍ଥରେ : ପ୍ରାଣୀର ଭାବ ବିନିମୟ ପାଇଁ ବ୍ୟବହାର କରାଯାଏ। ଯେକୌଣସି ଅଙ୍ଗଭଙ୍ଗୀ, ଇଙ୍ଗିତ, କଣ୍ଠଧ୍ୱନି ଏପରିକି ନୀରବତା ମଧ୍ୟ ଭାଷାର ଅଂଶବିଶେଷ। ନିର୍ଦ୍ଦିଷ୍ଟ ଅର୍ଥରେ; ଏହା କେବଳ ମନୁଷ୍ୟର ବାଗ୍‌ଯନ୍ତ୍ରରୁ ଉଚ୍ଚାରିତ ଧ୍ୱନି – ପ୍ରତୀକ ମାନଙ୍କର ନିର୍ଦ୍ଦିଷ୍ଟ ବ୍ୟବସ୍ଥା।

ଏହି ଭାଷା ଦ୍ୱାରା ମନୁଷ୍ୟର ମନନ ଓ ଚିନ୍ତନର ପରିପ୍ରକାଶ ସମାଜର ଅନ୍ୟ ମନୁଷ୍ୟମାନଙ୍କ ସହିତ ହୋଇଥାଏ। ତେଣୁ ଭାଷା ହେଉଛି ମାନବ ଜାତିର ଚିନ୍ତାଶକ୍ତି ଭାବନା, ଅଭିବ୍ୟକ୍ତି ଓ ଉପଲବ୍ଧିର ଏକ ଅନୁବନ୍ଧ।

**ଓଡ଼ିଶାରେ କିସାନ ଭାଷାଭାଷୀ ଲୋକଙ୍କ ସଂଖ୍ୟା ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ। ଏହି ଭାଷାର ନିଜସ୍ୱ ଅକ୍ଷର ବା ଲିପି ନଥିଲା।**

ଏକ ଭୌଗୋଳିକ ପରିସୀମା ଭିତରେ ବସବାସ କରୁଥିବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭାଷା ଏକ ହୋଇଥାଏ। କିସାନ ଆଦିବାସୀ ସଂପ୍ରଦାୟ ଓଡ଼ିଶା ଏବଂ ଏହାର ପଡୋଶୀ ରାଜ୍ୟମାନଙ୍କରେ ପରିବ୍ୟାପ୍ତ। ଓଡ଼ିଶାରେ କିସାନ ଭାଷାଭାଷୀ ଲୋକଙ୍କ ସଂଖ୍ୟା ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ। ଭିନ୍ନ ଭିନ୍ନ ଆଦିବାସୀ ଗୋଷ୍ଠୀର ଯେଉଭଳି ଭିନ୍ନ ଭିନ୍ନ ଭାଷା ଥାଏ, କିସାନ (କୁଣ୍‌ହାଁ) ଗୋଷ୍ଠୀର ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରାଚୀନ ଭାଷା ରହିଛି, ଯାହାକୁ 'କିସାନ ଭାଷା' କୁହାଯାଏ। ଏହା ଏକ ବହୁ ପୁରାତନ ଭାଷା। କିନ୍ତୁ ଏହାର ନିଜସ୍ୱ ଅକ୍ଷର ବା ଲିପି ନଥିଲା। କିସାନ ଭାଷାକୁ ଲିଖିତ ଆକାରରେ ପ୍ରକାଶ କରିବାପାଇଁ ଅନ୍ୟ ଭାଷାର ଅକ୍ଷର ଯଥା ଓଡ଼ିଆ ଓ ହିନ୍ଦି ଆଦି ଭାଷାର ଅକ୍ଷରକୁ ବ୍ୟବହାର କରି ଭାବନା ପ୍ରକାଶ କରାଯାଉଥିଲା।

କିନ୍ତୁ ସେହି ପ୍ରକ୍ରିୟାରେ କିସାନ (କୁଣ୍‌ହାଁ) ଭାଷାର କେତେକ ଶବ୍ଦକୁ ଶତପ୍ରତିଶତ ପ୍ରକାଶ କରାଯାଇ ପାରୁନଥିଲା। ଯାହା ଫଳରେ ବେଳେବେଳେ ସେ ଶବ୍ଦ ଅନ୍ୟାର୍ଥକୁ ବୁଝାଉଥିଲା। ଏଣୁ ସେହି ଶବ୍ଦର ଅର୍ଥକୁ ଠିକ୍ ଭାବରେ ପ୍ରକାଶ କରିବା ପାଇଁ ନୂତନ ଲିଖନ ବ୍ୟବସ୍ଥା କରାଗଲା। କାଳକ୍ରମେ ତାହା 'ଲିପି' ରେ ପରିଣତ ହେଲା। ଲିପ୍ୟତେ ଇତି ଲିପି।

## ଲିପିର ଉଦ୍ଭାବନ

ବୈଜ୍ଞାନିକ ଭାତୃଦ୍ୱୟ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର କିସାନ ଓ ଶ୍ରୀଯୁକ୍ତ ଡ଼ିଲେଶ୍ୱର କିସାନ ବହୁବର୍ଷ ଧରି କଠିନ ଅଧ୍ୟବସାୟ ଓ ଗବେଷଣା କରି ଉଦ୍ଭାବନ କରିଛନ୍ତି କିସାନ(କୁଣହାଁ) ଅକ୍ଷର ବା ଲିପି "ରାମ୍‌ଦିଲ" । ଏହି ଲିପିମାଳା ବା ଅକ୍ଷର ମାଳାରେ ସମୁଦାୟ ୫୦ଟି ଲିପି ବା ଅକ୍ଷର ରହିଛି। ତନ୍ମଧ୍ୟରୁ ୩୯ (ଅଣଚାଳିସ) ଟି ମେସ୍ରିମାଳା ବା ବ୍ୟଞ୍ଜନ ବର୍ଣ୍ଣରେ ଏବଂ ୧୧ (ଏଗାର) ଟି ଏକସୁରିଆମାଳା ବା ସ୍ୱରବର୍ଣ୍ଣ।

ଶରୀରର ଭୋକାଲ କର୍ଡ଼ (ଭୋକାଲ୍ କର୍ଡ), କମ୍ପନ (ଭାଇବ୍ରେଟ୍) ହେଲେ ଶବ୍ଦ ବା ଧ୍ୱନି ସୃଷ୍ଟି ହୁଏ। ସେହି ଧ୍ୱନିର ଗଭୀରତା ଓ ପ୍ରକାର ଭେଦକୁ ନେଇ ମଣିଷ ଭିନ୍ନ ଭିନ୍ନ ଶବ୍ଦ ସୃଷ୍ଟି କରେ। ଏହି ପ୍ରକାର ଭେଦକୁ ଉଦ୍ଭାବକ ଭାତୃଦ୍ୱୟ ତାଙ୍କ ଆଦିବାସୀ କିସାନ ଭାଷାର ଭିନ୍ନ ଭିନ୍ନ ଶବ୍ଦ ଉଚ୍ଚାରଣ ସହ ବିଶ୍ଳେଷଣାତ୍ମକ ସାମଞ୍ଜସ୍ୟ ଦେଖି ଅକ୍ଷର ସମୂହ ସୃଷ୍ଟି କରନ୍ତି।

## ଉଚ୍ଚାରଣ ଆଧାରରେ ସଜ୍ଜିକରଣ

୩୯ (ଅଣଚାଳିଶଟି) ବ୍ୟଞ୍ଜନ ବର୍ଣ୍ଣ ବା ମେସ୍ରିମାଳା ମଧ୍ୟରୁ ୨୫ (ପଚିଶ)ଟି ବର୍ଣ୍ଣକୁ ତାଙ୍କ ଉଚ୍ଚାରଣ ଆଧାରରେ ୫(ପାଞ୍ଚ)ଟି ବର୍ଗରେ ସଜ୍ଜିକରଣ କରାଯାଇଛି। ବାକ୍‌ଯନ୍ତ୍ରର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ୫(ପାଞ୍ଚ)ଟି ଲେଖାଏଁ ବ୍ୟଞ୍ଜନ ବର୍ଣ୍ଣର ଉତ୍ପତ୍ତି ଘଟୁଥିବାରୁ ସେମାନଙ୍କୁ ଗୋଟିଏ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଯଥା:

କ, ଖ, ଗ, ଘ, ଙ – "କ" ବର୍ଗ ବା ହଁଟ ଆଳି

ଚ, ଛ, ଜ, ଝ, ଞ – "ଚ" ବର୍ଗ ବା ତାଲୁ ଆଳି

ଟ, ଠ, ଡ଼, ଢ଼, ଣ – ଟ ବର୍ଗ ବା ମୁର୍ଦ୍ଧନୀ ଆଳି

ତ, ଥ, ଦ, ଧ, ନ - ତ ବର୍ଗ ବା ପାଲ୍ଲୁ ଆଳି

ପ, ଫ, ବ, ଭ, ମ - ପ ବର୍ଗ ବା ଚଲ ଆଳି

ଅନ୍ୟ ୧୪ଟି ମେସ୍ରିମାଳା ବା ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ସ୍ଥାନ ଭିନ୍ନ ଭିନ୍ନ ହୋଇଥିବାରୁ ଏମାନଙ୍କୁ ଅବର୍ଗ୍ୟ ଶ୍ରେଣୀରେ ରଖାଯାଇଛି।

ପୁଣି ୨୫ (ପଚିଶଟି) ଯାକ ବ୍ୟଞ୍ଜନବର୍ଣ୍ଣକୁ ତାଙ୍କ ଉଚ୍ଚାରଣ ଆଧାରରେ ଭିନ୍ନ ଭିନ୍ନ ବିଭାଗୀକରଣ କରାଯାଇଛି। "ରାମଦିଲ୍" ଅକ୍ଷର ମାଳାର ଯେଉଁସବୁ ବର୍ଣ୍ଣର ଉଚ୍ଚାରଣ ବେଳେ ସ୍ୱରତନ୍ତ୍ରୀ କମ୍ପନ (ଭାଇବ୍ରେସନ) ହୁଏ ନାହିଁ, ତାଙ୍କୁ ଅଘୋଷ ଧ୍ୱନି ବା *ମାନ୍ ଘାର୍ସର୍ନା* (ନନ୍-ଭାଇବ୍ରେସନାଲ୍) ଲିପି କୁହାଯାଏ।

ପ୍ରତ୍ୟେକ ବର୍ଗର ପ୍ରଥମ ଦୁଇଗୋଟି ବର୍ଣ୍ଣ ଲିପିକୁ ଉଚ୍ଚାରଣ କଲାବେଳେ ସ୍ୱରତନ୍ତ୍ରୀ କମ୍ପନ ହୁଏ ନାହିଁ ସେ ବର୍ଣ୍ଣ ଗୁଡ଼ିକ ହେଲେ –

 କ ବର୍ଗ ବା ହଂଟ ଆଳିର – କ ଓ ଖ

ଚ ବର୍ଗ ବା ତାଲୁ ଆଳିର – ଚ ଓ ଛ

ଟ ବର୍ଗ ବା ମୁର୍ଦ୍ଧନୀ ଆଳିର – ଟ ଓ ଠ

ତ ବର୍ଗ ବା ପାଲ୍ଲୁ ଆଳିର – ତ ଓ ଥ

ପ ବର୍ଗ ବା ଚଲ ଆଳିର - ପ ଓ ଫ

ଏହି ଦଶ ଗୋଟି ବର୍ଣ୍ଣକୁ ଅଘୋଷ ବା ମାନ୍ ଘାର୍ସନା ଲିପି କୁହାଯାଏ।

"ରାମଦିଲ୍" ଅକ୍ଷର ମାଳାର ଯେଉଁସବୁ ବର୍ଣ୍ଣର ଉଚ୍ଚାରଣ ବେଳେ ସ୍ୱରତନ୍ତ୍ରୀ କମ୍ପନ (ଭାଇବ୍ରେସନ୍) ହୁଏ ତାଙ୍କୁ ସଘୋଷ ବ *ଘାସର୍ନା* (ଭାଇବ୍ରେସନାଲ୍) ଲିପି କୁହାଯାଏ।

ପ୍ରତ୍ୟେକ ବର୍ଗର ଶେଷ ତିନୋଟି ଲିପି / ବର୍ଣ୍ଣକୁ ଉଚ୍ଚାରଣ କଲାବେଳେ ସ୍ୱରତନ୍ତ୍ରୀ କମ୍ପନ ହୁଏ ସେ ବର୍ଣ୍ଣ ଗୁଡ଼ିକ ହେଲେ - ଯଥା:

କ ବର୍ଗ ବା ହଂଟ ଆଳିର : ଗ, ଘ, ଙ

ଚ ବର୍ଗ ବା ତାଲୁ ଆଳିର : ଜ, ଝ, ଞ


ଟ ବର୍ଗ ବା ମୁର୍ଦ୍ଧନୀ ଆଳିର: ଡ଼, ଢ଼, ଣ

ତ ବର୍ଗ ବା ପାଲ୍ଲୁ ଆଳିର : ଦ, ଧ, ନ

ପ ବର୍ଗ ବା ଚଲ ଆଳିର : ବ, ଭ, ମ

ଏହି ପନ୍ଦର (୧୫) ଗୋଟି ବର୍ଣ୍ଣକୁ *ଘାସର୍ନା* ବା *ସଘୋଷ* (ଭାଇବ୍ରେସନାଲ୍) ବର୍ଣ୍ଣ କୁହାଯାଏ।

**ବ୍ୟଞ୍ଜନ ବର୍ଣ୍ଣ**




ରାମଦିଲ ଅକ୍ଷର ମାଳାର କିଛି ବର୍ଣ୍ଣ ଉଚ୍ଚାରଣ ସମୟରେ ସ୍ୱର ତନ୍ତ୍ରୀରୁ ଅଳ୍ପ ବାୟୁ ନିର୍ଗତ ହୁଏ। ସେହି ବର୍ଣ୍ଣ ଲିପି ଗୁଡ଼ିକୁ କାଟେଜିଆ ବା ଅଳ୍ପ ପ୍ରାଣ ବ୍ୟଞ୍ଜନ ବର୍ଣ୍ଣ କୁହାଯାଏ। ପ୍ରତ୍ୟେକ ବର୍ଗ ବା ଆଳିର ପ୍ରଥମ, ତୃତୀୟ ଓ ପଞ୍ଚମ ବର୍ଣ୍ଣର ଉଚ୍ଚାରଣ ସମୟରେ ସ୍ୱର ତନ୍ତ୍ରୀରୁ ଅଳ୍ପ ବାୟୁ ନିର୍ଗତ ହୁଏ। ଯଥା:-

କ ବର୍ଗ ବା ହଁଟ ଆଳିର – କ, ଗ, ଙ

ଚ ବର୍ଗ ବା ତାଳୁ ଆଳିର – ଚ, ଜ, ଞ

ଟ ବର୍ଗ ବା ମୁର୍ଦ୍ଧନୀ ଆଳିର – ଟ, ଡ଼, ଣ

ତ ବର୍ଗ ବା ପାଲ୍ଲୁ ଆଳିର – ତ, ଦ, ନ

ପ ବର୍ଗ ବା ଚଲ ଆଳିର - ପ, ବ, ମ

ଏହି ପନ୍ଦରଟି ବର୍ଣ୍ଣ ବା ଲିପିକୁ କାଟେଜିଆ ବା ଅଳ୍ପ ପ୍ରାଣ ବ୍ୟଞ୍ଜନ ବର୍ଣ୍ଣ କୁହାଯାଏ।

ରାମଦିଲ ଅକ୍ଷର ମାଳାର କିଛି ବର୍ଣ୍ଣ ଉଚ୍ଚାରଣ ସମୟରେ ସ୍ୱର ତନ୍ତ୍ରୀରୁ ଅଧିକ ବାୟୁ ନିର୍ଗତ ହୁଏ। ସେହି ବର୍ଣ୍ଣ ଲିପି ଗୁଡ଼ିକୁ ବାଗ୍‌ଗେଜିଆ ବା ବହୁପ୍ରାଣ ବ୍ୟଞ୍ଜନ ବର୍ଣ୍ଣ କୁହାଯାଏ। ପ୍ରତ୍ୟେକ ବର୍ଗର ଦ୍ୱିତୀୟ ଏବଂ ଚତୁର୍ଥ ବର୍ଣ୍ଣ ଉଚ୍ଚାରଣ ସମୟରେ

ସ୍ୱରତନ୍ତ୍ରୀରୁ ଅଧିକ ବାୟୁ ନିର୍ଗତ ହୁଏ। ଯଥା:-

କ ବର୍ଗ ବା ହଂଟ ଆଳିର – ଖ, ଘ

ଚ ବର୍ଗ ବା ତାଲୁ ଆଳିର – ଛ, ଝ

ଟ ବର୍ଗ ବା ମୁର୍ଦ୍ଧନୀ ଆଳିର – ଠ, ଢ଼

ତ ବର୍ଗ ବା ପାଲ୍ଲୁ ଆଳିର – ଥ, ଧ

ପବନ ବା ଚଲ ଆଳିର - ଫ ଓ ଭ

ଏହି ଦଶଗୋଟି ବର୍ଣ୍ଣ ବା ଲିପିକୁ ବାଗ୍‌ଗେଜିଆ ବା ବହୁପ୍ରାଣ ବର୍ଣ୍ଣ କୁହାଯାଏ।

ରାମଦିଲ୍ ଅକ୍ଷର ମାଳାର କେତେକ ଅକ୍ଷର/ଲିପି ଉଚ୍ଚାରଣ ସମୟରେ ମୁଖ ଗହ୍ୱର ଓ ନାସିକା ମାଧ୍ୟମରେ ସମ୍ପନ୍ନ ହୁଏ।

ରାମଦିଲ୍ ଅକ୍ଷର ମାଳାର କେତେକ ଅକ୍ଷର/ଲିପି ଉଚ୍ଚାରଣ ସମୟରେ ମୁଖ ଗହ୍ୱର ଓ ନାସିକା ମାଧ୍ୟମରେ ସମ୍ପନ୍ନ ହୁଏ। ସେହି ବର୍ଣ୍ଣ ବା ଲିପିମାନଙ୍କୁ ମୁହି ବର୍ଣ୍ଣ ବା ନାସିକ ବର୍ଣ୍ଣ କୁହାଯାଏ।

ପ୍ରତ୍ୟେକ ବର୍ଗର ଶେଷ ବା ପଞ୍ଚମ ଅକ୍ଷରରେ ଉଚ୍ଚାରଣ ମୁଖ ଗହ୍ୱର ଓ ନାସିକା ମାଧ୍ୟମରେ ହୁଏ। ଯଥା:-

କ ବର୍ଗ ବା ହଂଟ ଆଳିର – ଙ

ଚ ବର୍ଗ ବା ତାଲୁ ଆଳିର – ଞ

ଟ ବର୍ଗ ବା ମୁର୍ଦ୍ଧନୀ ଆଳିର – ଣ

ତ ବର୍ଗ ବା ପାଲ୍ଲୁ ଆଳିର - ନ

ପ ବର୍ଗ ବା ଚଲ ଆଳିରୁ – ମ

ଏହି ପାଞ୍ଚ ଗୋଟି ବର୍ଣ୍ଣକୁ ମୁହି ବର୍ଣ୍ଣ ବା ନାସିକା ବର୍ଣ୍ଣ କୁହାଯାଏ। ରାମଦିଲ୍ ବର୍ଣ୍ଣମାଳାର ପ୍ରତ୍ୟେକଟି ଆଳି ବା ବର୍ଗ, କିସାନ୍(କୁଣ୍‌ହାଁ)ଜନଜାତିର ଦେବା ଦେବୀଙ୍କ ନାମରେ ନାମିତ। ବୈଜ୍ଞାନିକ ଭାତୃଦ୍ୱୟ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର କିସାନ ଓ ଶ୍ରୀଯୁକ୍ତ ଦିଲେଶ୍ୱର କିସାନଙ୍କ ଉଦ୍ଭାବିତ ରାମଦିଲ୍ କିସାନ ବର୍ଣ୍ଣମାଳା ଏକ ନିର୍ଦ୍ଦିଷ୍ଟ ସମାଜକୁ ସହାୟକ ହେବ ବୋଲି ଆଶା କରାଯାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
kishan.ramesh83@gmail.com

*ପ୍ରକାଶ ପାଇଲା !*

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ


**ଅନ୍ତରଙ୍ଗ ଆଳାପ**

ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ : amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।

ଅନୁଭୂତି

# ଅନୁଭୂତିର ଅନ୍ତରାଳେ



ଅଧ୍ୟାପକ ଭାବଗ୍ରାହୀ ବଳ

କଥାରେ ଅଛି, ଦିନ ଯାଏ, ଚିହ୍ନ ରହେ। ଉପର ଠାଉରିଆ ସୁଦୂରପ୍ରସାରୀ। ଦୈନନ୍ଦିନ ଜୀବନରେ ଛୋଟ ଛୋଟ କଥାକୁ ପ୍ରାୟତଃ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ଛୋଟ ସାପର ବେଶି ବିଷ ଆମ ଆକଳନ ବାହାରେ। କିନ୍ତୁ ସେଇ ଛୋଟ ଛୋଟ ଘଟଣା ଭିତରେ ଭିତରେ ମନକୁ ଢେର ପ୍ରଭାବିତ କରିଥାନ୍ତି। ମନ ଭିତରେ ଥିବା ଧାରଣା ବଦଳିବାରେ ଲାଗନ୍ତି। ବଡ଼ ମଣିଷଙ୍କ ଜୀବନ କାହାଣୀ ଏମିତି ଅନେକ ଛୋଟ ଛୋଟ କାହାଣୀରେ ଭରପୂର। ସେମାନେ ଦିନେ ଆମମାନଙ୍କ ପରି ସାଧାରଣ ଥିଲେ ନିଶ୍ଚୟ। କିନ୍ତୁ ସେମାନଙ୍କର ସଚେତନତା, ବିଚାର, କର୍ତ୍ତବ୍ୟନିଷ୍ଠା, ମାନବିକତା ତାଙ୍କୁ ଅସାଧାରଣ କରିପାରିଛି। ସେଥିପାଇଁ ସେମାନଙ୍କ କଥା ଆଜି ମନେ ପଡିଲେ ଭକ୍ତି ଓ ଶ୍ରଦ୍ଧାରେ ମୁଣ୍ଡ ନଇଁଯାଏ। ଟିକିଏ ଚିନ୍ତା କରି ଦେଖିଲେ, ଆମର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ କଥା। ବିଦେଶରେ ବୃତ୍ତି ପାଇ ପଢ଼ିବା ପାଇଁ ସବୁ ଠିକ୍‌ଠାକ୍ ହେବା ପରେ ମାଆ କାନ୍ଦିବାରୁ ସେ ନ ଯିବାକୁ ସ୍ଥିର କଲେ। ଇଏତ ଗଲା ବଡ ମଣିଷଙ୍କ କଥା। ଆମ ଭଳି ସାଧାରଣ ମଣିଷଙ୍କ ଜୀବନରେ ମଧ୍ୟ ଏମିତି ଅନେକ ଅଭୁଲା କଥା ଭରି ରହିଛି। କଥା ସିନା ସାନ କିନ୍ତୁ ଦାନ ମହାନ। ସେଗୁଡିକ ଆମ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛନ୍ତି। ହେଲେ ସେ ଘଟଣାଗୁଡିକ ଉପରେ ଆମେ ନଜର ନ ରଖିବାରୁ ସେମାନେ ଗୁରୁତ୍ୱ ହରାଇଛନ୍ତି। ତନ୍ମଧ୍ୟରୁ ଯେଉଁ ସବୁ ଘଟଣା ହୃଦୟକୁ ଛୁଇଁଥାଏ ସେଗୁଡିକ ସ୍ମରଣୀୟ ହୋଇ ରହି ଯାଆନ୍ତି। ଯେମିତିକି ମୋ ମାଆଙ୍କର ଗୋଟିଏ କଥା ମୋର ଏ ବୟସରେ (ସତୁରି) ମଧ୍ୟ ମନେ ରହିଛି। ସେ ଅନେକ ସମୟରେ କହୁଥିଲେ, "ମଣିଷ ମରି, କଥା ଅମରି।" ସତକଥା ମଣିଷଟି ମରିଯାଏ। କିନ୍ତୁ ସେ କରିଥିବା କାମ, କହିଥିବା କଥା ସବୁଦିନ ପାଇଁ ରହିଯାଏ। ମୋର ଅଧ୍ୟାପକ ଚାକିରି ଜୀବନରେ ଏମିତି ଏକ ଘଟଣା ଘଟିଥିଲା। ଘଟଣା ତ ଅନେକ ଘଟିଛି କିନ୍ତୁ ମୁଁ କହିବାକୁ ଯାଉଥିବା ଘଟଣାଟି ଏ ଯାଏ ଅପାସୋରା ହୋଇ ରହିଛି।

ସେତେବେଳେ ମୁଁ ପ୍ରାୟ ଦଶ ବର୍ଷ ଚାକିରି କରିସାରିଥାଏ। ମୋର କିନ୍ତୁ ଇତି ମଧ୍ୟରେ ୩ ଥର ବଦଳି ହୋଇ ଦୁଇଟି କଲେଜରେ ଅଧ୍ୟାପନା ପରେ ତୃତୀୟ କଲେଜରେ ତିନିବର୍ଷ ହେବ ରହିଥାଏ। ଡିପାର୍ଟମେଣ୍ଟରେ ଜଣେ ପ୍ରଭାବଶାଳୀ ଅଧ୍ୟାପକଙ୍କର ବଦଳି ହେଲା। ସେ କମ୍ ଦିନ ମଧ୍ୟରେ ନିଜର ବଦଳି ରଦ୍ଦ କରିଦେଲେ। ଏହା ପରେ ମୋର ବଦଳି ଅର୍ଡର ଆସିଲା। ସେ କଲେଜରେ ମୋ ଠାରୁ ଢେର ବେଶି ଦିନ ରହିଥିବା କୌଣସି ଅଧ୍ୟାପକଙ୍କର ବଦଳି ହୋଇପାରେ। ଏହା ମୁଁ ଅନୁମାନ କରୁଥିଲି। କିନ୍ତୁ ମୋର ଯେ ବଦଳି ହୋଇପାରେ ଏ ଆଶଙ୍କା ମୋର ନ ଥିଲା।

> **ସଟଲ କର୍କ ଭଳି ଯିଏ ଯୁଆଡ଼େକୁ ମାରିଲା ମୋର ସେ ଆଡକୁ ଯିବା ବ୍ୟତୀତ ଗତ୍ୟନ୍ତର ନ ଥିଲା। ଯୋଉଠି ଜୋର ଯାର, ମୁଲକ ତାର, ସେଠି ମୁଁ କିବା ଛାର।**

**ସୁଆ ମୁହଁରେ ପତର**

ରାଜଧାନୀକୁ ନିକଟ ହୋଇଥିବାରୁ ସମସ୍ତଙ୍କର ନଜର ଏ କଲେଜ ଉପରେ ଥାଏ। ମୁଁ କିନ୍ତୁ ଇଚ୍ଛା କରି ଏ କଲେଜକୁ ଆସି ନ ଥାଏ। ମୋର ଅବସ୍ଥା ଗୋଟିଏ ସଟଲ କର୍କ ଭଳି ହୋଇଥାଏ। ଯିଏ ଯୁଆଡ଼େକୁ ମାରିଲା ମୋର ସେ ଆଡକୁ ଯିବା ବ୍ୟତୀତ ଗତ୍ୟନ୍ତର ନ ଥିଲା। ଯୋଉଠି ଜୋର ଯାର, ମୁଲକ ତାର, ସେଠି ମୁଁ କିବା ଛାର। ସୁଆ ମୁହଁରେ ପତର ହେବା ବ୍ୟତୀତ ଅନ୍ୟ ଚାରା ନ ଥିଲା। ବିନା ମେଘେ ବଜ୍ରପାତ ପରି ବଦଳି ଆଦେଶ ଶୁଣି ଶ୍ରୀମତୀ ବହୁତ ଦୁଃଖୀ ହୋଇଗଲେ। ଧୋଇଆ (ବନ୍ୟାଞ୍ଚଳ) ଅଞ୍ଚଳର ଲୋକ ପରି ପେଡ଼ିପୁଟୁଳା,

ଛୁଆ ପିଲାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତ ହୋଇ ରହିବା ପରି ମୋର ଦଶା ହେଉଥିଲା। ସେ ଟିକେ ଚିନ୍ତା କରି କହିଲେ ଆମର ତ କେହି ପ୍ରଭାବଶାଳୀ ଲୋକ ନାହାନ୍ତି ଯିଏକି ଆମକୁ ସାହାଯ୍ୟ କରିପାରିବ। ତମେ କିନ୍ତୁ ବଦଳି ଦାୟିତ୍ୱରେ ଥିବା ଅଫିସରଙ୍କୁ ସାକ୍ଷାତ କରି ଅସୁବିଧା ଜଣାଅ। କାଳେ ସେ ସୁବିଚାର କରିବେ।

ବହୁତ ଆଶା ନେଇ ତାଙ୍କୁ ଭେଟିବାକୁ ମନସ୍ଥ କଲି। ସେ ଥିଲେ ପ୍ରଫେସର ଶରତ କୁମାର ମହାନ୍ତି, ଡେପୁଟି ଡାଇରେକ୍ଟର, ଉଚ୍ଚଶିକ୍ଷା ବିଭାଗ। ଏଇଟା କିନ୍ତୁ ତାଙ୍କର ଅସଲ ପରିଚୟ ନ ଥିଲା। ସେ ଥିଲେ ଓଡ଼ିଶାର ଜଣେ ଲବ୍ଧ ପ୍ରତିଷ୍ଠ ସୁସାହିତ୍ୟିକ। ବିଭିନ୍ନ ସମୟରେ ପ୍ରକାଶିତ ଶତାଧିକ ପ୍ରବନ୍ଧ ବ୍ୟତୀତ ଅତିକମ୍‌ରେ ସେ ପନ୍ଦରଟି ଉଚ୍ଚକୋଟୀର ପୁସ୍ତକ ରଚନା କରିଛନ୍ତି। ତାଙ୍କର ବହୁ ଚର୍ଚ୍ଚିତ ପୁସ୍ତକ ମଧ୍ୟରୁ 'ଗାନ୍ଧୀ ମଣିଷ', 'ଜାଁ ପଲ ସାର୍ତ', 'ସଂସ୍କୃତି ଓ ଅପସଂସ୍କୃତି', 'ଅସ୍ତିତ୍ୱବାଦର ମର୍ମକଥା' ଅନ୍ୟତମ। ସେ 'ଗାନ୍ଧୀ ମଣିଷ' ପାଇଁ ୨୦୦୨ରେ କେନ୍ଦ୍ର ସାହିତ୍ୟ ଅକାଡେମୀ ପୁରସ୍କାର ପାଇଥିଲେ। ୨୦୧୬ରେ ଏହା ହିନ୍ଦୀରେ ଅନୁବାଦ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି।




### ସ୍ୱାଭିମାନୀ ମଣିଷ

ପୂର୍ବରୁ ତାଙ୍କ ବିଷୟରେ ଟିକେ କାନରେ ପଡିଥାଏ। ଜ୍ଞାନୀ ଲୋକ। ଅନେକ ଉଚ୍ଚକୋଟୀର ପୁସ୍ତକ ରଚନା କରି କେନ୍ଦ୍ର ସାହିତ୍ୟ ଅକାଡେମୀ ପୁରସ୍କାର ପାଇଛନ୍ତି। ବହୁତ ସ୍ୱାଭିମାନୀ। କୌଣସି କାରଣରୁ ସାରଳା ସାହିତ୍ୟ ଓ ରାଜ୍ୟ ସାହିତ୍ୟ ଅକାଡେମୀ ପୁରସ୍କାରକୁ ଅଗ୍ରାହ୍ୟ କରିଛନ୍ତି। କେହି କେହି କହନ୍ତି ସେ ଟିକେ କ୍ଷଣକୋପୀ କିନ୍ତୁ ଭିତରେ କିଛି ନ ଥାଏ। ଡର ଲାଗୁଥାଏ, କାଳେ ମହରଗରୁ ଯାଇ କାନ୍ତାରେ ପଡିବି। ଯାହା ହେଉ ଦୋଦୁଲ୍ୟମାନ ଅବସ୍ଥାରେ ତାଙ୍କ ଅଫିସରେ ପହଞ୍ଚିଲି। ବହୁତ ବ୍ୟସ୍ତ ଥିଲେ। ଅଧ୍ୟାପମାନଙ୍କର ବଦଳି ଋତୁ। କେତେ କ'ଣ ପ୍ରେସର ମଧ୍ୟରେ ରହୁଥିବେ। ସାମାନ୍ୟ ଚଷମା ଟେକି ଚାହିଁଲେ। ପଚାରିଲେ, କିଏ, କାହିଁକି ଆସିଛୁ? ସବୁ ଶୁଣି କହିଲେ, ଟୋକା ଲୋକ ଏବେ ବୁଲିବ ନାହିଁ ତ ଚାକିରି ଶେଷ ବେଳକୁ କ'ଣ ବୁଲିବ? ବିଭିନ୍ନ କଲେଜରେ ଶିକ୍ଷାଦାନ କରି ବିଭିନ୍ନ ପ୍ରକାର ଅଭିଜ୍ଞତା ଅର୍ଜନ କର। ଭବିଷ୍ୟତରେ କାମରେ ଲାଗିବ। ମୁଁ କହିଲି, ସାର୍ ଘରେ ମୋର ଅଶୀ ବର୍ଷର ବୁଢ଼ୀ ମାଆ, ପୁଅ ଦୁଇଟି ଛୋଟ। ଗୋଟିଏ ଇଂଲିଶ ମିଡିଅମ ସ୍କୁଲରେ ପଢୁଛନ୍ତି। ମାଆର ଚିକିତ୍ସା ପାଇଁ ଭୁବନେଶ୍ୱର ପାଖ ହେଉଥିବାରୁ ଟିକେ ସୁବିଧା ହେଉଛି। ଏଇ ୬/୭ ବର୍ଷ ମଧ୍ୟରେ ମୋର ତିନୋଟି କଲେଜକୁ ବଦଳି ହେଲାଣି। ସାର୍, ମୋର କେହି ପ୍ରଭାବଶାଳୀ ଲୋକ ନ ଥିବାରୁ ମୁଁ କ'ଣ ଏମିତି ବଦଳି ହେଉଥିବି? ଏଠାରେ ଅଧିକାଂଶ ଅଧ୍ୟାପକ ଦଶ ବର୍ଷରୁ ଅଧିକ କାଳ ରହିଲେଣି। ହେଲେ ମୋର ତିନି ବର୍ଷରେ ବଦଳି। ଚୁପ୍‌ଚାପ୍ ସବୁ ଶୁଣିବା ପରେ କହିଲେ ତୁମେ ନୂଆ କଲେଜରେ ଜଏନ କର, ମୁଁ ଯଥାଶୀଘ୍ର ତୁମର ଭଲ ବ୍ୟବସ୍ଥା କରିବି।

"ବଡ ଲୋକଙ୍କୁ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ।" ନମସ୍କାର କରି ଫେରିଲି। ପରଦିନ ନୂତନ କଲେଜକୁ ଗଲି। ପ୍ରିନ୍ସିପାଲଙ୍କୁ ଭେଟି ବଦଳି ଅର୍ଡର କପି ସହିତ ଜଏନିଂ ରିପୋର୍ଟ ଦେଲି। ସେ ତତ୍‌କ୍ଷଣାତ୍ ତାହା ଅଗ୍ରାହ୍ୟ କରି ମୋତେ ସାହାଯ୍ୟ କରିପାରିବେ ନାହିଁ ବୋଲି କହିଲେ। ଦିନକ ପରେ ପୁଣି ସାର୍‌ଙ୍କୁ (ଡେପୁଟି ଡାଇରେକ୍ଟର, ଉଚ୍ଚଶିକ୍ଷା) ଭେଟି ସବୁ କଥା କହିଲି। ସେ କହିଲେ ଠିକ୍ ଅଛି ମୁଁ ସେ କଲେଜ ପ୍ରିନ୍ସିପାଲଙ୍କୁ ଟେଲିଗ୍ରାମ କରୁଛି। ଦୁଇଦିନ ପରେ ତାଙ୍କୁ ସାକ୍ଷାତ କର ସେ ଜଏନ କରାଇଦେବେ। ଅନେକ ଆଶା ଆଶଙ୍କା ମଧ୍ୟରେ ପୁଣି ମୁଁ ନୂଆ କଲେଜକୁ ଗଲି। ଟେଲିଗ୍ରାମ କଥା କହିଲି। ସେ କହିଲେ, ହଁ ମୁଁ ପାଇଛି କିନ୍ତୁ ତୁମକୁ କିଛି ସାହାଯ୍ୟ କରିପାରିବି ନାହିଁ। ବହୁତ ଦୁଃଖରେ ସାର୍‌ଙ୍କୁ ଭେଟି ସବୁ

ଜଣାଇଲି । ହଠାତ୍ ସାର୍ ତାଙ୍କ ସ୍ୱର ପରିବର୍ତ୍ତନ କଲେ । କହିଲେ, ତମେ ମିଛ କହୁଛ । ମୋତେ ଠକିବାକୁ ବସିଛ । ତମେ ଆଦୌ ସେ କଲେଜକୁ ଯାଇନାହଁ । ଏ ଯାଏ ମୋ ପ୍ରତି ସମ୍ବେଦନଶୀଳ ଥିବା ଲୋକଟି ଯେ ହଠାତ୍ ଓଲଟି ପଡିବ ସେ ଧାରଣା ମୋର ନ ଥିଲା । ଡରି ଡରି କହିଲି, ସାର୍ ସେ ପ୍ରିନ୍ସିପାଲଙ୍କୁ ଫୋନ୍ କରି ବୁଝନ୍ତୁ, ସତ କଥା କ'ଣ ? ମୋତେ ଘଣ୍ଟାଏ ପରେ ଆସିବାକୁ କହିଲେ । ଠିକ୍ ସମୟରେ ପହଞ୍ଚିଲି । ଏଥର ଭାରି ନରମ କରି କଥା ହେଲେ । କହିଲେ, ତମେ ଭାରି ବୋକା । ଏତେ ସାଦାସିଧା ହେଲେ ଆଜିକାଲି ଯୁଗରେ କ'ଣ ଚଳିପାରିବ ? ମୁଁ କିଛି ବୁଝିପାରୁ ନ ଥାଏ କ'ଣ ବୋକାମି କରିଛି । କହିଲେ, ତମକୁ ଯେତେବେଳେ ସେ ପ୍ରିନ୍ସିପାଲ ଜଏନ କରାଇବାକୁ ଦେଲେ ନାହିଁ ତମର ଉଚିତ୍ ଥିଲା ସେଠିକା ପୋଷ୍ଟ ଅଫିସ ଯାଇ, ଅଣ୍ଡର ସାର୍ଟିଫିକେଟ ପୋଷ୍ଟିଂ (ୟୁସିପି) ଜରିଆରେ ଗୋଟିଏ ଜଏନିଂ ରିପୋର୍ଟ ଡାଇରେକ୍ଟରଙ୍କୁ ଓ ଅନ୍ୟଟି ସେ ପ୍ରିନ୍ସିପାଲଙ୍କ ପାଖକୁ ପଠାଇଥାନ୍ତ । ତା'ର ରସିଦ ପାଖରେ ରଖିଥାନ୍ତ । ଏଥିରୁ ତମେ ପ୍ରମାଣ ଦେଇ ପାରନ୍ତ ଯେ ପ୍ରକୃତରେ ତମେ ସେ କଲେଜକୁ ଯାଇଛ । କଥାରେ ନାହିଁ- "ଏକ ଲେଖ, ଶହେ ଭାକା (ଭାଷା) ।"

## କୃତ୍ରିମ କ୍ରୋଧ

ତାଙ୍କର ନୀରବତା ଦେଖି କହିଲି, ସାର୍, ଏବେ ମୁଁ କଅଣ କରିବି ? ଘରେ ସମସ୍ତେ ଅନେଇ ବସିଥିବେ । ପନ୍ଦର ଦିନ ହେବ କେହି ଭଲରେ ଦିଟା ଖାଇ ନାହାନ୍ତି କି ଶୋଇ ନାହାନ୍ତି । କୃତ୍ରିମ କ୍ରୋଧ ପ୍ରକାଶ କରି କହିଲେ, ମୁଁ କ'ଣ ତମକୁ ଏବେଠୁ ଜଣେଇ ଦେବି କ'ଣ କରିବି ? ମୁଁ ଚୁପ୍ ରହିଲି । ଆଉ ସାର୍‌ଙ୍କୁ ବେଶି ଡର ଲାଗୁ ନ ଥିଲା । ମନେ ହେଉଥିଲା ସେ ମୋ କଥା ନିଶ୍ଚୟ ବିଚାରକୁ ନେବେ । କିଛି ସମୟ ପରେ କହିଲେ, ସତକଥା ଘରକୁ ଯାଅ । ଏତେ ଭାଙ୍ଗି ପଡିବା ଠିକ୍ ନୁହେଁ । ମୋତେ ଜଣା ନ ଥାଏ, ଇତି ମଧ୍ୟରେ ସେ ମୋର ବଦଳି ଅର୍ଡର କ୍ୟାନସେଲ କରିଥାନ୍ତି । ତା'ର କପି ମୋତେ ଧରାଇ ଦେଇ ଦୁଇଦିନ ପରେ କଲେଜରେ ଦେବାକୁ କହିଲେ । ସେ ଚୁପ୍ ରହିବାକୁ ପରାମର୍ଶ ଦେଲେ ।

ପୁରୁଣା କଲେଜରେ ପୁନଃ ଜଏନ କରିବା ପରେ ଦିନେ ସାର୍‌ଙ୍କୁ ଭେଟିବାକୁ ଗଲି । ଉଦ୍ଦେଶ୍ୟ ଥିଲା ସାକ୍ଷାତ କରି କୃତଜ୍ଞତା ଜଣାଇବି । ମୋତେ ଦେଖି ସେ ବହୁତ ଆଶ୍ଚର୍ଯ୍ୟ ହୋଇ କହିଲେ ପୁଣି କାହିଁକି ଆସିଛ ? ମୁଁ କହିଲି, ସାର, କିଛି କାମ ନାହିଁ କେବଳ ଆପଣଙ୍କୁ ଦେଖା କରିବାକୁ ଆସିଥିଲି । ସେ କହିଲେ, ଆବଶ୍ୟକ ନ ଥିଲେ ନିଜର ସମୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ଆଉ କାହାର ସମୟ ନଷ୍ଟ କରିବା ଠିକ୍ ନୁହେଁ । ମନେ ମନେ ଭାବିଲି ଅଫିସରେ ବ୍ୟସ୍ତ ରହୁଥିବାରୁ ବୋଧେ ଏପରି କହୁଛନ୍ତି । କହିଲି, ସାର୍, ଘରେ ଦେଖା କଲେ ଅସୁବିଧା ହେବ କି ? ହସି ହସି କହିଲେ, ଘରେ ଯାହା, ଅଫିସରେ ସେଇଆ । ପ୍ରାୟ ଦୁଇଥର ଦେଖା ହୋଇଛି, ପଦେ ଦି' ପଦ କଥା । କୁଶଳ ଜିଜ୍ଞାସା କରି ବିଦାୟ ଦିଅନ୍ତି । ଭେଟିବାକୁ ନିରୁତ୍ସାହିତ କରନ୍ତି । ବୟସ ବୋଧେ ୬୮ ବର୍ଷ ହୋଇଥିଲା । ସେ ଚାଲିଗଲେ, ଖବରକାଗଜରୁ ଦେହାନ୍ତ ଖବର ପାଇଲି । ନିଜର କେହି ଆତ୍ମୀୟସ୍ୱଜନଙ୍କୁ ହରାଇଲା ପରି ଦୁଃଖ ଲାଗିଲା । ସ୍ୱତଃ ଆଖିରୁ ଲୁହ ଝରି ପଡ଼ିଲା । "ଗାନ୍ଧୀ ମଣିଷ"ର ଲେଖକଙ୍କ ମଣିଷପଣିଆ ମୋର ହୃଦୟକୁ ଗଭୀର ଭାବରେ ଛୁଇଁଥିଲା । ଏହାପରେ ଅଫିସର ଓ ରାଜନେତାଙ୍କ ସୁବିଧା ପାଇଁ ମୋ ଚାକିରି କାଳରେ ଏକାଧିକ ଥର ବଦଳି ପଡିଛି । ନ୍ୟାୟ ପାଇଁ ସେମାନଙ୍କ ଦ୍ୱାରସ୍ଥ ହୋଇ ରିକ୍ତ ହାତରେ ଫେରିଛି ।

**ସ୍ୱତଃ ଆଖିରୁ ଲୁହ ଝରି ପଡ଼ିଲା । 'ଗାନ୍ଧୀ ମଣିଷ'ର ଲେଖକଙ୍କ ମଣିଷପଣିଆ ମୋର ହୃଦୟକୁ ଗଭୀର ଭାବରେ ଛୁଇଁଥିଲା ।**

ଆଜି ଯେତେବେଳେ ଅତୀତର ତିକ୍ତ ମଧୁର ସ୍ମୃତିର ରୋମନ୍ଥନ ହୁଏ, ସେଇ ଗୌରବୋଜ୍ଜ୍ୱଳ ଦୀର୍ଘ ଶରୀରଧାରୀ ସ୍ମିତହସର ମଣିଷଙ୍କ ଚେହେରା ଆଖି ଆଗରେ ନାଚି ଉଠେ । ମୁଣ୍ଡ ନଇଁ ଯାଏ । ସଭକ୍ତି ପ୍ରଣାମ ଜଣାଏ । ଠାକୁରଙ୍କୁ ପ୍ରାର୍ଥନା କରେ, ଏଭଳି ଦରଦୀ ମଣିଷଙ୍କୁ ସଂସାରକୁ ଆଣନ୍ତୁ, ଯେଉଁମାନେ ମଣିଷକୁ ଭଲ ପାଇପାରିବେ । ସେଇଥି ପାଇଁ ତ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇଥିଲେ, "ସବାର ଉପରେ ମାନୁଷ ସତ୍ୟ, ତାର ଉପରେ ନାଇଁ ।"

□□

ଲେଖକଙ୍କ ଇ-ମେଲ ଠିକଣା:
bal.bhabagrahi@gmail.com



ଶିଶୁ ଗଳ୍ପ

# ଓଃ କି ଆରାମ

ସଂଗ୍ରାମ କେଶରୀ ପୃଷ୍ଟି

ନିଜର ଘର ଖଣ୍ଡେ ନ ଥିବାରୁ ବର୍ଷା ଋତୁଯାକ ଏକ ଗୁମ୍ଫାରୁ ସେ ଗୁମ୍ଫା, ଏ ବୁଦାରୁ ସେ ବୁଦା ବୁଲି ବୁଲି ଭାଲୁ ସମୟ କଟାଇଦେଲା ପଛକେ ହେଲେ ବର୍ଷାରୁ ମୁକ୍ତି ପାଇ ପାରିଲା ନାହିଁ। ଉଃ... ଏସନ କି ବର୍ଷା ମ! ତୁହାକୁ ତୁହା ହେଉଛି ପୁଣି ଛାଡୁଛି। ଏ ବର୍ଷାରେ ଭିଜିଭିଜି ବିଚରା ଭାଲୁର ଦେହଟା ପୂରାପୂରି ବିଗିଡ଼ି ଯାଇଛି। ଏକଦମ୍ ଦୁର୍ବଳ ହୋଇପଡ଼ିଛି ସେ।

ବର୍ଷାଋତୁ ସରିସରି ଆସିଲାଣି। ଏବେ ଆସିଯିବ ଶୀତ। ଏ ସମୟରେ ମାଟିରେ ଗାତକରି ଟିକିଏ ଆରାମ୍‌ରେ ରହିବା କଥା। ମାଟିର ଉଷୁମ ଦେହକୁ ଭଲ ଲାଗିବ। ତେଣୁ ଏବେଠୁ କେମିତି ନିଜ ପାଇଁ ଗାତଟିଏ ଖୋଳି ରହିବ, ସେ କଥା ଭାଲୁକୁ ଘାରିଛି। ହେଲେ ନିଜ ଦୁର୍ବଳିଆ ଦେହରେ ବଡ଼ ଗାତଟିଏ ଖୋଳିବାକୁ ମନରେ ସେ ସାହସ ଜୁଟାଇ ପାରୁନାହିଁ। ଏଣୁ ସେ ମଉକା ଦେଖି କେମିତି, କାହା ଦ୍ୱାରା ଗାତଟିଏ ଖୋଳିବ ସେ ଯୋଜନାରେ ଅଛି।



ଦିନେ ଭାଲୁ ଏମିତି ଚିନ୍ତାରେ ବସିଥିବାବେଳେ ଦେଖିଲା, ସେଇ ବାଟ ଦେଇ ହରିଣଟିଏ ଆସୁଛି। ଲମ୍ବା ଲମ୍ବା ଟାଣୁଆ ଟାଣୁଆ ଶିଙ୍ଗ ତା'ର। ସେ ବୁଦ୍ଧିଟିଏ ପାଞ୍ଚିଲା। ହରିଣଟି ତା'ର ପାଖକୁ ଆସିଲାବେଳକୁ ସେ କ'ଣ ଗୋଟେ ଖୋଜିବାର ବାହାନା କଲା।

"ହଇରେ ଭାଲୁ ମଉସା! କ'ଣ ଖୋଜୁଛ କି ଏଠି?" ଚୁଲୁବୁଲିଆ ହରିଣ ପଚାରିଦେଲା।

ଲୋମ ସାଲୁବାଲୁ ମୁଣ୍ଡଟାକୁ ଉପରକୁ ଉଠାଇ ଭାଲୁ ଉତ୍ତର ଦେଲା, "କ'ଣ ଆଉ କହିବିରେ ପୁଅ। ବାଘରାଜା ମୋତେ ଆଠ-ଦଶଟି ସୁନାମୋହର ଉପହାର ଦେଇଥିଲେ ଯେ ଆସିଲାବେଳକୁ ଏଇଠି କଉଠି ଗଳିପଡ଼ିଛି। ଯେତେ ଖୋଜିଲେ ବି ପାଉନି। ମାଟି ତଳେ କଉଠି ପୋତିହୋଇଛି ନା' କଣ ଯେତେ ଚେଷ୍ଟା କଲେ ମଧ୍ୟ ପାଉନି। କେଡ଼େ ଫଟା କପାଳଟା ମୋର। ପାଇଲା ଦରବ ହଜେଇ ଦେଲି। ଏବେ ମୁଁ କରିବି କ'ଣ। ହେ ଭଗବାନ!!"


ସୁନା ମୋହର ନାଁ ଶୁଣି ହରିଣର ଆଖିଯୋଡ଼ିକ ଝଲସି ଉଠିଲା। ତଥାପି ଉପର ଠାଉରିଆ ଭାବରେ ଭାଲୁକୁ ସାନ୍ତ୍ୱନା ଦେଇ କହିଲା, "ଖୋଜ ମଉସା ଖୋଜ। ତୁମ ସୁନା ମୋହର ତୁମକୁ ନିଶ୍ଚୟ ମିଳିଯିବ ଯେ!" ଏହା କହି ସେଇଠୁ ସେ ଚାଲିଗଲା। ଭାଲୁ ଆଗ ପରି ଗୁମ୍‌ସୁମ୍ ହୋଇ ବସି ରହିଲା।

ହରିଣ ଚାଲିଗଲା ସିନା ହେଲେ ମନରେ ତା'ର ସୁନାମୋହର ପାଇବାର ଲୋଭଟା ଚେଇଁ ଉଠିଲା। ଏଣୁ ସେ ସ୍ଥିର କଲା, କେହି ନ ଥିଲାବେଳେ ଏଠାକୁ ସେ ଆସିବ ଆଉ ସୁନାମୋହରତକ ଖୋଜିକି ନେଇଯିବ। ଭାଗ୍ୟ ତା'ର ବଳଦିଯିବ। ବୋକା ଭାଲୁ ଆଁ'ଟା କରି ଖାଲି ଚାହିଁ ରହିଥିବ କେବଳ।

ହରିଣ ମୁଣ୍ଡରେ ସୁନାମୋହର ଭୂତଟା ପଶିଛି ଯେତେବେଳେ ସେ ଯାଏ କୁଆଡେ! ଆଉକାଳେ କିଏ ନେଇଯିବ ତେଣୁ ସେ ସେଦିନ ସଞ୍ଜ ହେଉ ନ ହେଉଣୁ ଭାଲୁ ହଜାଇଥିବା ସୁନା ମୋହର ଜାଗାରେ ଆସି ହାଜର। ଚାରିଆଡକୁ ଆଖି ବୁଲାଇଲା। କେହି କୁଆଡ଼େ ନାହାନ୍ତି ଦେଖି ଏଥର ସେ ସୁନାମୋହର ପଡିଥିବା ଜାଗାଟିକୁ ଖୋଜିବାକୁ ଆରମ୍ଭ କରିଦେଲା। ତା' ଟାଣୁଆ ଓ ମୁନିଆଁ ଶିଙ୍ଗରେ ମାଟି ତାଡିବାକୁ ଲାଗିଲା। ତା' ଭିତରୁ ସୁନାମୋହରକୁ ଖୋଜି ଚାଲିଲା। ହେଲେ ମୋହର ମିଳୁ ନ ଥାଏ। ଗାତ ତେଣେ

ବଡ଼ ହୋଇ ଚାଲିଥାଏ। ବହୁତ ସମୟ ଯାଏଁ ମାଟି ଖୋଳିଖୋଳି ହରିଣ ନାକେଦମ୍ ହୋଇଗଲା ପଛକେ ସୁନାମୋହର ମିଳିଲା ନାହିଁ। ଭାରି ବିରକ୍ତ ହୋଇପଡ଼ିଲା ସେ। ରାଗରେ ଗରଗର ହୋଇ ସେଇଠୁ ଚାଲିଗଲା।

ସେଇଠୁ ଖଣ୍ଡେ ଦୂରରେ ଗୋଟିଏ ବୁଦା ଆଢୁଆଳରେ ବସି ଜହ୍ନ ଆଲୁଅରେ ଭାଲୁ ଏସବୁ କାଣ୍ଡ ଦେଖୁଥାଏ। ହରିଣ ଗାତଟିଏ ଖୋଳି ଦେଇଥିବାର ଦେଖି ତା' ଖୁସି କହିଲେ ନ ସରେ। ହରିଣ ଯେମିତି ସେଇଠୁ ଯାଇଛି ଭାଲୁ ଏକାଡିଆଁକେ ଆସି ଗାତ ପାଖରେ ହାଜର। ଚଟ୍‌କିନା ଗାତ ଭିତରକୁ ଡିଆଁଟିଏ ମାରି ଆରାମ୍‌ରେ ଶୋଇପଡ଼ିଲା। ଓଃ... କି ଆରାମ! କେତେ ଉଷୁମ ନ ଲାଗୁଛି ସତରେ! ଏଥର ଶୀତଦିନଟା ବେଶ୍ ଆରାମରେ କଟିଯିବ।



ଗଛଡାଳରେ ବସି ପେଚାଟିଏ ସବୁକଥା ଦେଖୁଥାଏ। ସେ ନିଜର କୌତୂହଳକୁ ଦମନ କରି ନ ପାରି ଭାଲୁକୁ କହିଲା, "ହଇହେ ଭାଇନା! ସତରେ କ'ଣ ତୁମର ସୁନା ମୋହରତକ ଏଇ ମାଟିତଳେ ପୋତି ହୋଇଯାଇଥିଲା କି?"

ହୋଃ... ହୋଃ... ହସି ଭାଲୁ ଉତ୍ତରଦେଲା, ସୁନାମୋହର କାହିଁକି ହୁଅନ୍ତା ମ! ଶୀତଦିନେ ମୋର ରହିବା ପାଇଁ ଗାତଟିଏ ଦରକାର ଥିଲା। ତେଣୁ ଏମିତି ବୁଦ୍ଧି କରିଥିଲି ନା! ତା' ନ ହେଲେ ସୁନାମୋହର କିଏ ଆଉ ମୁଁ କିଏ?

□□

ଲେଖକଙ୍କ ଇ-ମେଲ ଠିକଣା:
sangramprusty2012@gmail.com

PROZOSYS
TECHNOLOGIES PVT. LTD.

+91 9777060101
Call us now!

DESIGN, DEVELOPMENT & MARKETING SERVICES

*Contact for :*

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com




ପୁସ୍ତକ ସମୀକ୍ଷା

# ବନ୍ଦୀ ପ୍ରେମିକ

ଲେଖକ: ଅକ୍ଷୟ ମହାନ୍ତି
ପ୍ରକାଶକ: ନବଲିପି ପ୍ରକାଶ ଧାରା, ଭୁବନେଶ୍ୱର
ପୃଷ୍ଠା: ୧୩୬ ମୂଲ୍ୟ: ଟ.୧୨୧

ଏହା ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ କଲମରୁ ରୂପନେଇଥିବା ଏକ ଗଳ୍ପ ସମାହାର, ଯାହାର ପ୍ରଥମ ସଂସ୍କରଣଟି ପ୍ରକାଶିତ ହୋଇଛି ୨୦୨୨ ମସିହାରେ। 'ପ୍ରଥମ ସଂସ୍କରଣ ?' ଏହା ଦୃଷ୍ଟିରେ ପଡନ୍ତେ ଆମେ ଟିକିଏ ବିସ୍ମିତ ହେଲୁ। ଆମ ଭାଷାର ବିଶିଷ୍ଟ କଥାଶିଳ୍ପୀ ଅକ୍ଷୟ ମହାନ୍ତିଙ୍କର, ହଁ, ସେହି ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କର, ଯାହାଙ୍କର ଲେଖକୀୟ ଚେହେରାଟି ହୁଏତ ଅନେକଙ୍କୁ ଅଗୋଚର, ଏହି ଗଳ୍ପ ସଂକଳନଟି ତେବେ କ'ଣ ଏ ଯାବତ ଅପ୍ରକାଶିତ ଥିଲା ? ଉତ୍ସୁକତା ମେଣ୍ଟାଇବା ପାଇଁ ପୁସ୍ତକଟିର ପ୍ରକାଶକଙ୍କ ସହ ଯୋଗାଯୋଗ କଲୁ। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସୁପୁତ୍ର ମିତ୍ରଭାନୁ ବାବୁଙ୍କୁ ମଧ୍ୟ ଫୋନ୍ ଦ୍ୱାରା ପଚାରିଲୁ ଯେ ୨୦୨୨ ମସିହାରେ ଅକ୍ଷୟ ମହାନ୍ତିଙ୍କର ଏଭଳି ଏକ ଗଳ୍ପ ସଂକଳନ ପ୍ରଥମ ସଂସ୍କରଣ ଭାବରେ ପ୍ରକାଶ ପାଇବାର ହେତୁ କ'ଣ !

ଯାହା ଜ୍ଞାତ ହେଲୁ ତାହେଲା ଯେ 'ଅକ୍ଷୟ ମହାନ୍ତିଙ୍କ ଗଳ୍ପ ସମଗ୍ର' ଦୀର୍ଘ କଳେବରଟିଏ ନେଇ ପ୍ରଥମେ ପ୍ରକାଶ ପାଇଥିଲା ୨୦୧୮ ମସିହାରେ। ଏହାର ଅନ୍ତରାଳରେ ଅକ୍ଷୟଙ୍କ କିଛି ଶୁଭେଚ୍ଛୁ ଓ ପ୍ରଶଂସକଙ୍କର ଆର୍ଥିକ ପ୍ରୋତ୍ସାହନ ମଧ୍ୟ ରହିଥିଲା, ଯେଉଁ କାରଣରୁ ସେହି ସଂକଳନଟିର ମୂଲ୍ୟ ଯଥେଷ୍ଟ କମ୍ ରଖିବା ସମ୍ଭବ ହୋଇପାରିଥିଲା। କିନ୍ତୁ ୨୦୨୧ ମସିହା ବେଳକୁ ଯେତେବେଳେ ମିତ୍ରଭାନୁ ମହାଶୟ ଏହାର ଦ୍ୱିତୀୟ ସଂସ୍କରଣଟି ପ୍ରକାଶ କଲେ, ସେତେବେଳକୁ ସେଭଳି କିଛି ପ୍ରୋତ୍ସାହନ ନଥିଲା। ଫଳରେ ତାଙ୍କ ପକ୍ଷରେ ୯୨୫ ପୃଷ୍ଠାର ଏହି ପୃଥୁଳକାୟ ବହିଟିର ମୂଲ୍ୟ ଏକ ହଜାର ଟଙ୍କା ରଖିବା ଅନିର୍ବାର୍ଯ୍ୟ ହୋଇପଡିଲା। ପରିଣାମ ସ୍ୱରୂପ, ଅକ୍ଷୟ-ଅନୁରାଗୀ ପାଠକଙ୍କ ନିକଟରେ ଏହି ସଂକଳନଟି ସହଜରେ ପହଞ୍ଚି ପାରିଲାନାହିଁ। ଏହାର ସମାଧାନ କରିବାକୁ ଯାଇ 'ଅକ୍ଷୟ ମହାନ୍ତି ଗଳ୍ପ ସଂକଳନ'ର ମୂଳ ସଂସ୍କରଣରୁ କିଛି ଚୟନିତ ଗଳ୍ପକୁ ଅପେକ୍ଷାକୃତ କମ ପୃଷ୍ଠାର ଏକ ପୁସ୍ତକ ଆକାରରେ ପ୍ରକାଶ କରି ତାହାକୁ ପାଠକମାନଙ୍କ ନିକଟରେ ପହଞ୍ଚାଇବାର ନିଷ୍ପତ୍ତି ନିଆଗଲା। ଏହାର ଫଳଶ୍ରୁତି ହେଉଛି ଆମର ଏହି ଆଲୋଚ୍ୟ ସଂକଳନ 'ବନ୍ଦୀ ପ୍ରେମିକ'। ଏହି ନୂତନ ଶୀର୍ଷକ ଆଧାରରେ ପ୍ରକାଶିତ ପୁସ୍ତକଟିକୁ ଏଣୁ ଏହାର ପ୍ରଥମ ସଂସ୍କରଣ ଭାବରେ ପରିବେଷଣ କରାଯାଇଛି।

ଅକ୍ଷୟ ମହାନ୍ତିଙ୍କ ୧୪ଟି ସୁନିର୍ବାଚିତ ଗଳ୍ପକୁ ନେଇ ସଂକଳନଟି ରୂପାୟିତ ହୋଇଛି। ନିଜ ଗୀତର କୁହୁକରେ ଅସୁମାରୀ ଶ୍ରୋତାଙ୍କ ହୃଦୟ ଜିଣିବାର ସାମର୍ଥ୍ୟ ରଖୁଥିବା ଅକ୍ଷୟଙ୍କ କଲମ ମଧ୍ୟ ଯେ ସମରୂପରେ ସୃଜନ ପ୍ରବଣ, ଏହା ସହଜରେ ହୃଦୟଙ୍ଗମ କରିହୁଏ ଏହି ଗଳ୍ପଗୁଡିକୁ ପାଠ କଲେ।

ଅକ୍ଷୟଙ୍କ କଥାବସ୍ତୁ ଆପେକ୍ଷିକ ଗତିରେ ଓ ସ୍ୱାଭାବିକ ରୀତିରେ ଆଗକୁ ବଢୁଥାଏ, ଯହିଁରେ ଭାଷାଗତ ଆଡମ୍ବର ବା ଅନାବଶ୍ୟକ ବର୍ଣ୍ଣନା-ବହୁଳତାର ଚିହ୍ନବର୍ଣ୍ଣ ପ୍ରାୟତଃ ମିଳେନାହିଁ। ଯେମିତି,

*ମୋର ବୟସ ସେତେବେଳେ କୃଷ୍ଣଚୂଡା। ଆଉ କୃଷ୍ଣଚୂଡା ଖୋଜେ ଗୋଟେ ଚାହାଣି, ଯେଉଁ ଆଖିର ମାଲିକାଣୀ କହୁଥିବ – 'ଏ ମା', କେତେ ସୁନ୍ଦର ହେଇଛି ଏ କୃଷ୍ଣଚୂଡା। ଇଚ୍ଛାହଉଛି ସବୁ ଫୁଲ ତୋଳିନେବାକୁ। ସେମିତି ଗୋଟେ ଝିଅ କୃଷ୍ଣା ହଠାତ୍ ହୋଇଗଲା ମୋ'ବୟସର କେତୋଟି ଲୋହିତ ତାରିଖ।*

ସେହି କୃଷ୍ଣଚୂଡା ପରାୟ ଏହି ଗଳ୍ପସବୁ। ପାଠକର ମନ ହୁଏତ ଉଚ୍ଚାଟ ହେବ ସବୁଗୁଡିକ ତୋଳିନେବାକୁ।

***– ନିହାର ଶତପଥୀ***

# ସାହିତ୍ୟ ସମାଚାର

## ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ପାଇଁ ଦୁଇଜଣ ଓଡ଼ିଆ ଲେଖକ ମନୋନୀତ




କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୦୨୨ ମସିହା ପାଇଁ 'ବାଳ ସାହିତ୍ୟ ପୁରସ୍କାର' ତଥା 'ଯୁବ ଲେଖକ ପୁରସ୍କାର'ର ଘୋଷଣା କରାଯାଇଛି। ଏଥିପାଇଁ ଓଡ଼ିଶାରୁ ଦୁଇଜଣ ମନୋନୀତ ହୋଇଛନ୍ତି। ଶିଶୁ ସାହିତ୍ୟିକ ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ନିଜ ଦ୍ୱାରା ରଚିତ 'କୋଳାହଳ ନା ହଳାହଳ' ପୁସ୍ତକ ପାଇଁ ବାଳ ସାହିତ୍ୟ ପୁରସ୍କାର ହେତୁ ମନୋନୀତ ହୋଇଥିବା ବେଳେ ଶ୍ରୀ ଦିଲ୍ଲୀପ ବେହେରା ତାଙ୍କର 'ଲଣ୍ଡନ' ପୁସ୍ତକ ପାଇଁ ଯୁବଲେଖକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

ବାଳ ସାହିତ୍ୟ ପୁରସ୍କାର ପାଇଁ ଦେଶର ବିଭିନ୍ନ ରାଜ୍ୟର ୨୨ ଜଣ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୨୦୧୬ ରୁ ୨୦୨୦ ମସିହା ମଧ୍ୟରେ ପ୍ରକାଶିତ ଶିଶୁ ସାହିତ୍ୟ ପୁସ୍ତକକୁ ଏଥିପାଇଁ ବିଚାରକୁ ନିଆଯାଇଥିଲା।

ସେହିପରି ଯୁବଲେଖକ ପୁରସ୍କାର ପାଇଁ ୨୩ ଜଣ ଲେଖକଙ୍କୁ ମନୋନୀତ କରାଯାଇଛି। କେବଳ ମରାଠି ଭାଷାକୁ ଛାଡି ଅନ୍ୟ ସମସ୍ତ ଭାଷା ପାଇଁ ଏହି ପୁରସ୍କାର ଘୋଷିତ ହୋଇଛି।

ଏହି ପୁରସ୍କାର ଦ୍ୱୟର ବିଜେତାମାନଙ୍କୁ ଏକାଡେମୀ ପକ୍ଷରୁ ଏକ ତାମ୍ରଫଳକ ସହ ପଚାଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାରଗୁଡିକ ପ୍ରଦତ୍ତ ହେବ।

## ମହାକାବ୍ୟର ଅଧ୍ୟୟନ ହେତୁ 'ବୁକ୍ ଅଫ୍ ରେକର୍ଡ୍‌ସ୍'ରେ ସ୍ଥାନ ପାଇଲେ ଓଡ଼ିଆ ଲେଖକ




ବିଶିଷ୍ଟ ଓଡ଼ିଆ ଲେଖକ ତଥା ଗବେଷକ ପ୍ରଫେସର ଉଦୟନାଥ ସାହୁ ତିନିଗୋଟି ଭାଷାରେ ମହାଭାରତ ଏବଂ ଶ୍ରୀମଦ୍ ଭାଗବତ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ପାଇଁ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସ୍ – ୨୦୨୨'ରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। 'ବୁକ୍ ଅଫ୍ ରେକର୍ଡ୍‌ସ୍' ସଂସ୍ଥାର ଭିଏତନାମ ସ୍ଥିତ ହୋ-ଚି-ମିନ୍ ସହରରେ ଥିବା ମୁଖ୍ୟାଳୟରୁ ସେପଟେମ୍ବର ୮ ତାରିଖ ଦିନ ଏହି ସନ୍ଦର୍ଭରେ ତାଙ୍କୁ ଏକ ଫଳକ ଓ ମାନପତ୍ର ପ୍ରାପ୍ତ ହୋଇଛି। ଏହି ସ୍ୱୀକୃତି ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ସାହିତ୍ୟିକ। ପ୍ରଫେସର ସାହୁ ବର୍ତ୍ତମାନ ନୂଆଦିଲ୍ଲୀର ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର 'ଆଦିକବି ସାରଳା ଦାସ ଚେଆର୍'ର ପ୍ରଫେସର ପଦରେ ଅଧିଷ୍ଠିତ ଅଛନ୍ତି।

ଓଡ଼ିଆ, ବଂଗଳା ଓ ଅସମୀୟା ଭାଷାରେ ରଚିତ ମହାଭାରତ ଓ ଭାଗବତ ଆଦି ମହାକାବ୍ୟର ତାତ୍ତ୍ୱିକ ଅଧ୍ୟୟନରେ ତାଙ୍କର ଦୀର୍ଘକାଳୀନ ଅନୁଭବ ରହିଛି। ତାଙ୍କ ଦ୍ୱାରା ରଚିତ ଗ୍ରନ୍ଥଗୁଡିକ ମଧ୍ୟରେ 'ପୂର୍ବ ଭାରତୀୟ ମହାଭାରତ', 'ସାରଳା ମହାଭାରତ ସୃଷ୍ଟିର ଭୂମି ପର୍ବ', 'ପୂର୍ବ ଭାରତୀୟ ମହାଭାରତରେ ନୀତି, ଭକ୍ତି ଓ ଜାତୀୟ ସଂହତି', ତଥା ଇଂରାଜୀରେ 'ରିଫ୍ଲେକ୍ସନସ୍ ଅନ୍ ଦି ଗ୍ରେଟ୍ ଇଣ୍ଡିଆ ଏପିକ୍ ମହାଭାରତ ଇନ୍ ଓଡିଶା, ବେଙ୍ଗଲ୍ ଏଣ୍ଡ ଆସାମ୍' ଦେଶ ତଥା ବିଦେଶର ସାହିତ୍ୟ-ଗବେଷଣା ମହଲରେ ବହୁଚର୍ଚ୍ଚିତ।

## ଶେଷ ପୃଷ୍ଠା



# ଅଜହଲ୍ଲିଙ୍ଗ *

"ପଦାଘାତାଦଶୋକଂ ବିକଶତି।"

ସାହିତ୍ୟ ଦର୍ପଣରେ ଏହି ପଦଟି ଲେଖା ଅଛି। ଲୋକାଚାରରେ କଥିତ ଯେ ଯୁବତୀ ମାନଙ୍କ ପଦାଘାତରେ ବହୁ ଉପକାରୀ ଅଶୋକ ବୃକ୍ଷରେ ହଳଦିଆ ଫୁଲ ଧରେ। ଏଇ ଅଶୋକ କଳିକାକୁ ନେଇ କିଏ ସଂସାର ବନ୍ଧନରୁ ମୁକ୍ତ ହୁଏ ତ କିଏ ବନ୍ଧୁତାର ପବିତ୍ର ବନ୍ଧନରେ ବାନ୍ଧି ହୁଏ। ଏହାର ଦର୍ଶନରେ କାହାର ସନ୍ତାନ ବିୟୋଗର ଶୋକ ଦୂର ହୁଏ ତ କେହି ସନ୍ତାନ ପ୍ରାପ୍ତ ହୁଏ। ଏଇ ଶାରଦୀୟ ଋତୁରେ ସେଇ ପବିତ୍ର ବୃକ୍ଷ ଅଶୋକର କଥା ମାଧ୍ୟମରେ ସାହିତ୍ୟ ସଂସାରର ସମସ୍ତ ଅକ୍ଷରମୁଖଙ୍କୁ ମୋର ଅନୁଳାପ ଜାରି ରଖିବି। ଏଇ ଉଲାଖ ଦେବାର ପ୍ରକୃତି ହିଁ ଏଇ ଅକିଞ୍ଚନକୁ ଭାବବୋଧର ଉତ୍ତୁପ ସହ ଏହି ସାହିତ୍ୟ ସାଗରରେ ଆପଣଙ୍କ ସହ ମିଳନ କରାଇ ପାରିଛି।

ଶବ୍ଦଧ୍ୱନି ବୁଝିବା ଦିନରୁ; ଚିନ୍ତା, ଚେତନା,ଦେଶ, ଧର୍ମ, ବୟସ, ଭାଷା, ସମାଜ, ସଂସ୍କୃତି, ଲିଙ୍ଗ, ପ୍ରଭୃତିକୁ ଆପଣା ଅଙ୍କପାଳିରେ ଶ୍ରଦ୍ଧା ଓ ସ୍ନେହ ଦେଇ ଆସୁଥିବା ଅଜହଲ୍ଲିଙ୍ଗ-ସାହିତ୍ୟ ମୋ ପାଇଁ ଏକ ଦିବ୍ୟତ୍ୱର ଧ୍ରୁବକ ରହି ଆସିଛି। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ; ଏକମାତ୍ର ସାହିତ୍ୟ ହିଁ ସମସ୍ତଙ୍କୁ ଏକତ୍ର କରି ପୃଥିବୀରେ ନେଇ ଆସିଛି ମୁକ୍ତ, ଶକ୍ତ ଓ ସତ୍ୟର ଏକ ସ୍ୱର୍ଗୀୟ ମଞ୍ଚ। ମାନବିକତାର ମହୋତ୍ସବରେ ସାହିତ୍ୟ ହିଁ ଅନ୍ଧତାମିସ୍ର ମାନବ ନିମନ୍ତେ ଦେଦୀପ୍ୟମାନ ଜ୍ୟୋତିଶିଖା।

କବିପ୍ରସିଦ୍ଧି ଅଛି ଯେ; ପୃଥିବୀର ପ୍ରଥମ ସାହିତ୍ୟ ଶ୍ଳୋକ ଏହି ମତେ ଆଦିକବିଙ୍କ ମୁଖନିଃସୃତ ହୋଇଥିଲା

"ମା ନିଷାଦ ! ପ୍ରତିଷ୍ଠାଂ ତ୍ୱଂ ଅଗମଃ ଶାଶ୍ୱତୀଃ ସମାଃ ।

ଯତ୍ କ୍ରୌଞ୍ଚମିଥୁନାତ୍ ଏକଂ ଅବଧୀଃ କାମମୋହିତମ୍ ।।"

କ୍ରୌଞ୍ଚଯୁଗଳର ନିଧନରେ ନିଷାଦକୁ କ୍ରୋଧ ପରବଶ ହୋଇ ଆତ୍ମସନ୍ତୁଳନ ହରାଇ ଏହା କହିଥିବାରୁ ସେ ଅତ୍ୟନ୍ତ ବିଚଳିତ ହୋଇଥିଲେ। ଉପରୋକ୍ତ ପଦ ତାଙ୍କ ମନ-ପ୍ରାଣ-ଆତ୍ମାକୁ ବ୍ୟଥିତ କରିଦେଉଥିଲା। ବ୍ରହ୍ମା ଆସି ତାଙ୍କୁ ବୁଝାଇ କହିଥିଲେ ଯେ ନିଜ ଅଜାଣତରେ ବାଲ୍ମିକୀ କିଭଳି ପୃଥିବୀର ଆଦିକବି ହୋଇ ସାରିଛନ୍ତି। ହେଲେ, କ୍ରୋଧ ଓ ବ୍ୟଥାରୁ ଉତ୍ପନ୍ନ ହୋଇଥିବା ଏହି କବିତାକୁ ନେଇ ସେ ସନ୍ତୁଷ୍ଟ ହୋଇପାରୁନଥିଲେ। ଏହି ପଦକୁ ସାହିତ୍ୟ ପଦବାଚ୍ୟ କହି ସାହିତ୍ୟର ଅପମାନ କରିବାକୁ ସେ ସଙ୍କୋଚବୋଧ କରୁଥିଲେ। ବ୍ରହ୍ମା ତାଙ୍କୁ ଶବ୍ଦବ୍ରହ୍ମର ଦିବ୍ୟତ୍ୱ ବୁଝାଇ ତାଙ୍କୁ ସେହି ଶ୍ଳୋକର ଅନୁଳାପ କରିବାକୁ କହିଥିଲେ। ସେହି ଶ୍ଳୋକର ମୁହୁର୍ଭାଷଣ କରି ସେ ବୁଝି ପାଇଲେ ଯେ; ସେହି ଶ୍ଳୋକର ଏକ ଦିବ୍ୟ ଅର୍ଥ ମଧ୍ୟ ପ୍ରକାଶ ହେଉଛି। ତାହା ହେଲା;

"ହେ ଶ୍ରୀନିବାସ, ଆପଣ ମଦମତ୍ତରେ ମତୁଆଳ ରହିଥିବା ରାକ୍ଷସକୁଳକୁ ବିନାଶ କରିଛନ୍ତି ଏଣୁ ଆପଣଙ୍କ ଯଶ ଯୁଗଯୁଗ ଧରି ରହିଥିବ।"

ଆପଣା ସାହିତ୍ୟ ଶ୍ଳୋକର ଏଇ ଦିବ୍ୟବୋଧ ପାଇବା ପରେ ହିଁ, ବାଲ୍ମିକୀ ଅଷ୍ଟାକ୍ଷରାବୃତ୍ତି ଅନୁଷ୍ଟୁପ ଛନ୍ଦରେ ୨୪୦୦୦ ପଦ ବିଶିଷ୍ଟ ମହାକାବ୍ୟ ରାମାୟଣ ରଚନା କରି ବସିଥିଲେ। ଏହା ହିଁ ସାହିତ୍ୟର ପ୍ରେରଣାବୋଧ ଓ ଶବ୍ଦବ୍ରହ୍ମର ଦିବ୍ୟ ପଥ ପ୍ରଦର୍ଶକ ଶକ୍ତି। ଏହି ଅବବୋଧ ଯଦି ଗ୍ରନ୍ଥକର୍ତ୍ତାସମଗ୍ରଙ୍କ ହୃଦୟରେ ଜାଗରିତ ହେବେ ତେବେ ପାଠକକୁଳଙ୍କୁ ଶବ୍ଦରସରେ ପରିପୂର୍ଣ୍ଣ ସାହିତ୍ୟ ସଦାସର୍ବଦା ପ୍ରାପ୍ତ ହେଉଥିବ।

ଶାରଦୀୟ ମହୋତ୍ସବର ଏଇ ପବିତ୍ର ଋତୁରେ ସମସ୍ତ ଷଡ଼୍‌ଦର୍ଶୀଙ୍କ ଏହା ହିଁ ଲକ୍ଷ୍ୟ ହେଉ। ସାହିତ୍ୟ ସଂସାରର ଜୟଯାତ୍ରା ଜାରୀ ରହୁ। ଅସ୍ତୁ।

-ପ୍ରଭୂ

***ଅଜହଲ୍ଲିଙ୍ଗ** : ଯେଉଁ ବିଶେଷ୍ୟ ବା ବିଶେଷଣ ଶବ୍ଦ ଭିନ୍ନ ଭିନ୍ନ ଲିଙ୍ଗର ବିଶେଷ୍ୟ ସଙ୍ଗେ ଯୁକ୍ତ ହେଲେ ମଧ୍ୟ ଆପଣାର ଆକାରକୁ ପରିତ୍ୟାଗ କରେ ନାହିଁ।

RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited

tour and travels

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...

- Personalise Exp.
- World Class Exp.
- Save Money
- Safety and Security
- Save Time
- One Stop Shoping
- Peace of Mind
- Travel Documents
- Customer Supporting
- Expert Advice





## Services Offered

• Air Ticketing (Pre Purchased Rate/Group Fare/Coupon Fare) • Hotel Booking • Corporate Booking • Car Rental • MICE • Visa Assistance • Sightseeing • Destination Wedding • Honeymoon Holidays • International Tour Package • Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598


## Jugaad Corner





Jugaad Corner deals with supplies of raw bases for art and craft purposes for artists and Crafters PAN India.





www.jugaadcorner.com
www.facebook.com/jugaadcorner
www.instagram.com/jugaadcorner



We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy